ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଫେରିବେ ବିରାଟ କୋହଲି ! |୭



ମହମ୍ମଦ ସାମିଙ୍କ ପାଇଁ ଖୋଲିଲା ପ୍ରତ୍ୟାବର୍ତ୍ତନର ଦ୍ୱାର |୭


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୦ Vol. 22 No-110 20 JULY 2025 SUNDAY, BHUBANESWAR ରବିବାର, ୨୦ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




**ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ**

DADLS - 39

OIPR 15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର




କଟକ(ଭାସ୍କର ନ୍ୟୁଜ): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ କାର୍ଯ୍ୟାଳୟରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ ସଂପର୍କିତ ସଚେତନତା ଓ ତା'ର ନ୍ୟାୟିକ ପ୍ରତିକାର ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷା ମଧୁମିତା ପାତ୍ର ସ୍ୱାଗତ ଅଭିଭାଷଣ ଦେବା ସହ ମହିଳାମାନେ ତାଙ୍କର ଅଧିକାର ପ୍ରତି ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ । ଓଡ଼ିଶା ହାଇକୋର୍ଟର ଅଧିବକ୍ତା ସୁଜାତା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୌନ ଉତ୍ପୀଡନର ବିଭିନ୍ନ କାରଣ ଓ ନ୍ୟାୟିକ ନିରାକରଣ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ଉପାଧକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ଗୃହବିଜ୍ଞାନ ବିଭାଗର ମୁଖ୍ୟଡଃ ବିନିତା ନନ୍ଦ, ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ସାଦିଆ ଆଲାମ ପ୍ରମୁଖ ମହିଳାମାନଙ୍କର ପ୍ରତି ହେଉଥିବା ଉତ୍ପୀଡ଼ନର ବିଭିନ୍ନ ଦିଗ ସଂପର୍କରେ ଅଭିଭାଷଣ ରଖିଥିଲେ ।



## ବାଲେଶ୍ୱର ପରେ ବଲଙ୍ଗା ଘଟଣାରେ ସାରା ରାଜ୍ୟ ସ୍ତବ୍ଧ

# ପୁଣି ରାଜ୍ୟ ରାଜନୀତି ସରଗରମ, ସବୁଠି ହଲ୍ଲାବୋଲ

## ମହିଳା କମିଶନର କାର୍ଯ୍ୟାଳୟ ଆଗରେ ମହିଳା ବିଜେଡିର ଧାରଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେକରିବା ସହ ନିର୍ଯାତନା ଓ ଦୁଷ୍କର୍ମ ହାର ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ରାଜ୍ୟରେ ବିଜେପି ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏପର୍ଯ୍ୟନ୍ତ ବି ପୂରଣ ହୋଇପାରିଲା ନାହିଁ। ଏହାର ପ୍ରତିବାଦରେ ଶନିବାର ସକାଳ ୧୧ଟାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଣ୍ଟା କାଳ ଗଣଧାରଣା ଦିଆଯାଇଥିଲା । ଯଦି ସରକାର ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ପୂରଣ ନକରନ୍ତି ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହ ଘେରାଉ କରିବ ବୋଲି ଚେତାବନୀ ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନହେବାରୁ ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ବିଜୁ ମହିଳା ଜନତା ଦଳର ଧାରଣାରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କସ୍ତୁରୀ ମହାପାତ୍ର, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରଂଜିତା ସାହୁ, ମୁଖପାତ୍ର ଇପ୍ସିତା ସାହୁ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ ।





> ସେଦିନ ଥିଲା ଶନିବାର ଆଜି ବି ଶନିବାର । ଏହି ଦିନରେ ଦୁଇ ଦୁଇଟି ଲୋମହର୍ଷଣକାରୀ ଘଟଣା ରାଜ୍ୟରେ ଘଟିଯାଇଛି । ପ୍ରଥମେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଓ ପରେ ବଲଙ୍ଗାରେ ଜଣେ ନାବାଳିକାଙ୍କୁ ଅତି ନିର୍ମମ ଭାବେ ଦୁର୍ବୃତ୍ତମାନେ ଜାଳିଦେବା ଉଦ୍ୟମ କରିବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି । ଏହି ଘଟଣାକୁ ନେଇ ଏବେ ପୁଣି ରାଜ୍ୟ ରାଜନୀତି ସରଗରମ ହେଉଥିବା ବେଳେ ବିରୋଧୀ ଶାସକ ଦଳକୁ ଘେରିବା ଆରମ୍ଭ କରିଦେଇଛନ୍ତି । ସୌମ୍ୟାଶ୍ରୀଙ୍କ ଘଟଣା ମନରୁ ନ ଲିଭୁଣୁ ବଲଙ୍ଗାରେ ଜଣେ ନାବାଳିକାଙ୍କ ପ୍ରତି ଏପରି ଅମାନବୀୟ କାଣ୍ଡ ଘଟିବାକୁନେଇ ରାଜରାସ୍ତାକୁ ବିରୋଧୀମାନେ ଓହ୍ଲାଇ ହଲ୍ଲାବୋଲ କରିବା ସହ ଆନ୍ଦୋଳନ କରିଛନ୍ତି ।

## ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ମହିଳା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗୋଟିକ ପରେ ଗୋଟିଏ ହୃଦୟ ବିଦାରକ ଘଟଣାରେ ଛାତ୍ରୀମାନେ ନିଆଁରେ ପୋଡିବା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି । 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ବିଜେପି ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠାରୁ ଅସୁରକ୍ଷିତ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ଏଫ୍.ଏମ୍. କଲେଜ ଆଗରେ ନିଜକୁ ଜାଳିଦେଲେ । ସୌମ୍ୟାଶ୍ରୀଙ୍କ ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡାର ବଲଙ୍ଗା ଠାରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଆଁରେ ପୋଡି ମାରିଦେବା ପାଇଁ ଉଦ୍ୟମ କରିଥିଲେ । ପିଡ଼ିତା ଛାତ୍ରୀ ଜଣଙ୍କ ୭୨ ଭାଗ ପୋଡିଯାଇଥିବାବେଳେ ଏମ୍ସରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି । ଏହି ପ୍ରସଙ୍ଗରେ ଶନିବାର ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷି ବାହିନିପତିଙ୍କ ନେତୃତ୍ୱରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବାସ ଭବନ ଘେରାଉ କରାଯାଇଥିଲା । ମୀନାକ୍ଷି ବାହିନିପତିଙ୍କ ନେତୃତ୍ୱରେ ଏକ ମହିଳା ଦଳ ଯାଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ । ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିଗିଡି ଯାଇଥିବାବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି । ନିଜେ ରାଜ୍ୟ ସରକାର ଏକ ଅଧାଦେଶରେ ସନ୍ଧ୍ୟା ୫ ଟା ପରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନେ ନ ରହିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତ୍ୟୟମାନ ହୁଏ ଯେ ରାଜ୍ୟ ସରକାର ନାରୀକୁ ସୁରକ୍ଷା ଦେବା ପାଇଁ ଅସମର୍ଥ । ଏଭଳି ସରକାର ଶାସନ ଗାଦିରେ ବସିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀମତୀ ବାହିନିପତି କହିଛନ୍ତି ।



### ବଲଙ୍ଗାର ପୀଡିତା ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଲଙ୍ଗାର ପୀଡିତା ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ବଲଙ୍ଗା ଥାନା ଅଞ୍ଚଳରେ ଘଟିଥିବା ଅଘଟଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆହତ ନାବାଳିକାଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରଣ କରାଯାଇଛି । ପୀଡ଼ିତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି । ଏ ସମ୍ପର୍କରେ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ପରାମର୍ଶ ଦେଇଛି । ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛି ।

### ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ନେତୃବର୍ଗ ଶନିବାର ନିମାପଡା ପୀଡ଼ିତାର ପରିବାରଙ୍କୁ ଏମ୍ସ ଡାକ୍ତରଖାନାରେ ସାକ୍ଷାତ କରିଥିଲେ । ନିମାପଡା ନାବାଳିକାକୁ ଦୁର୍ବୃତମାନେ ଜିଅନ୍ତା ପୋଡିବା ପ୍ରସଙ୍ଗରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସରକାରୀ ବାସଭବନ ଘେରଉ କରିଥିଲା । 'ମହିଳାଙ୍କୁ ନ୍ୟାୟ ଦିଅ', 'ମହିଳା ଅତ୍ୟାଚର ବନ୍ଦ କର' ଓ 'ପ୍ରଭାତୀ ପରିଡ଼ା ଇସ୍ତଫା ଦିଅ' ସ୍ଲୋଗାନ ଯୁବ କଂଗ୍ରେସ କର୍ମକର୍ତାମାନେ ପ୍ରଭାତି ପରିଡାଙ୍କ ଫାଟକ ପାଖରେ ବସି ଦେଇଥିଲେ । ପୋଲିସ ସମସ୍ତ ଯୁବ କଂଗ୍ରେସ କର୍ମୀଙ୍କୁ ଘଟଣାସ୍ଥଳରେ ଗିରଫ କରିଥିଲା । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ନାରୀ ସୁରକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଫମ୍ପା ଭାଷଣ ମାରୁଛନ୍ତି । କାରଣ ତାଙ୍କ ନିର୍ବାଚନ ମଣ୍ଡଳୀରେ ମହିଳା ଅସୁରକ୍ଷିତ । ନିମାପଡା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବଲଙ୍ଗା ଥାନା ଅଧିନରେ କିଛି ଦୁର୍ବୃତ୍ତ ଜଣେ ନାବାଳିକାକୁ ପେଟ୍ରୋଲ ଢ଼ାଳି ପୋଡ଼ି ଦେଇଛନ୍ତି । ନାବାଳିକା ଏମ୍ସରେ ଭର୍ତ୍ତି ହୋଇଛି । ସରକାର ନାବାଳିକାର ପରିବାରକୁ ଦୁଇ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ଦାବି କରିବା ସହ ଅପରାଧିଙ୍କୁ ତୁରନ୍ତ ଗିରଫ କରି ଦୁଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବି କରିଛି ।

### ବଲଙ୍ଗା ପୀଡ଼ିତାଙ୍କୁ ୧ କୋଟି ଟଙ୍କା କ୍ଷତିପୂରଣ ଦିଆଯାଉ: ସିପିଆଇ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ନିମାପଡ଼ା ନିର୍ବଚନମଣ୍ଡଳୀର ବଲଙ୍ଗା ଥାନା ଅନ୍ତର୍ଗତ ବାଇଆବର ଗ୍ରାମର ଏକ ନାବାଳିକା ଝିଅକୁ କେତେକ ଦୁର୍ବୃତ ଉଠାଇନେଇ ନଦୀବନ୍ଧ ତଳେ ତା' ଉପରେ ପେଟ୍ରୋଲ ଢ଼ାଳି ଝିଅଟିକୁ ମାରିବା ପାଇଁ ନିଆଁରେ ପୋଡ଼ିଦେବା ଘଟଣାକୁ ସିପିଆଇ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଝିଅଟି ବର୍ତ୍ତମାନ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନଗ୍ଗୋ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜୟନ୍ତ ଦାସ, ଏଆଇଏସ୍ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଏମ୍ସ ହସ୍ପିଟାଲ ଗସ୍ତ କରି ଝିଅଟିର ପରିବାରବର୍ଗ ସହିତ ଆଲୋଚନା କରି ଆଶ୍ୱାସନା ଦେଇଥିଲେ । ଝିଅକୁ ଦେଖାକରିବା ପାଇଁ ପ୍ରତିନିଧିଦଳଙ୍କୁ ପୋଲିସ ବାରଣ କରିଥିଲେ । ବାଲେଶ୍ୱର ଘଟଣା ପରେ ବଲଙ୍ଗା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି । ତୁରନ୍ତ ପୀଡ଼ିତାଙ୍କୁ ୧ କୋଟି ଟଙ୍କା କ୍ଷତିପୂରଣ, ଅପରାଧରେ ସଂପୃକ୍ତଥିବା ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବା, ପୀଡ଼ିତାକୁ ନ୍ୟାୟ ପ୍ରଦାନ କରିବା ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଏଥିପାଇଁ ସଂପୂର୍ଣ୍ଣ ଦାୟୀ ହୋଇଥିବାରୁ ନୈତିକତା ଦୃଷ୍ଟିରୁ ସେ ତୁରନ୍ତ ଇସ୍ତଫା ଦେବାପାଇଁ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଦାବି କରିଛନ୍ତି ।

### ରାଜ୍ୟରେ ମହିଳା ଓ ଛାତ୍ରୀ ଅସୁରକ୍ଷିତ ହୋଇଥିବାର ସଦ୍ୟତମ ନମୁନା: ବିଜେଡ଼ି


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଛାତ୍ରୀ ଆତ୍ମହୁତି ଘଟଣାକୁ ଏକ ସପ୍ତାହ ନପୂରୁଣୁ ଶନିବାର ପିପିଲି ନିକଟବର୍ତ୍ତୀ ବଲଙ୍ଗାଠାରେ ଜଣେ ନାବାଳିକାକୁ ତିନିଜଣ ଦୁର୍ବୃତକିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ ହୋଇଛି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ହୋଇ ପଡ଼ିଥିବା ସ୍ପଷ୍ଟ ହେଉଛି ବୋଲି ବିଜୁ ଜନତା ଦଳ କହିଛି । ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଟୁକୁନି ସାହୁ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷୀଛନ୍ତି । ଟୁକୁନି ସାହୁ କହିଥିଲେ, ରାଜଧାନୀଠାରୁ ମାତ୍ର ୫୦ କିମି ଦୂର ଓ ବଲଙ୍ଗା ଥାନାଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାକୁ ରାସ୍ତାରୁ ଉଠାଇ ନେଇ ତିନିଜଣ ଦୁର୍ବୃତ୍ତ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି । ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମହୁତି ଘଟଣା ଲୋକଲୋଚନକୁ ଆସିଥିବା ବେଳେ, ଆଜି ଶନିବାରରେ, ବଲାଙ୍ଗା ଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି । ଏହା ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ସଦ୍ୟତମ ନମୁନା ।

## ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଶନିବାର ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ ସୁବିଧାରେ ପରିଣତ କରିବାର ଦୃଷ୍ଟିକୋଣକୁ ସ୍ପଷ୍ଟତା ପ୍ରଦାନ କରିବା ଦିଗରେ ଅଗ୍ରଗତି କରୁଛି । ସେ ଏହା ମଧ କହିଥିଲେ ଯେ 'ଅମୃତ ଭାରତ ଷ୍ଟେସନ ଯୋଜନା'ରେ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି । ରେଳଷ୍ଟେସନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ୍ ରୋଡ୍ ଏବଂ ଷ୍ଟେସନ ଯାଉଥିବା ଯାତ୍ରୀ ଏବଂ ଷ୍ଟେସନ୍ରୁ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କ ସହିତ ନିରକ୍ଷଣ ସମୟରେ ଉପସ୍ଥିତ ଥିଲେ ।

### ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ଉପରେ କର୍ମଶାଳା

## 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଭୁବନେଶ୍ୱରର ଖାରବେଳ ଭବନରେ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ବିଷୟବସ୍ତୁ ଉପରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଅଧିବେଶନରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢୀ ଅଧକ୍ଷତା କରିଥିଲେ ଏବଂ ଭିଜନ ଡକ୍ୟୁମେଣ୍ଟର ରଣନୈତିକ ଜ୍ଞାନ ଅଂଶୀଦାର ମ୍ୟାକକିନସେ ଆଣ୍ଡ କମ୍ପାନୀର ବିଶେଷଜ୍ଞ ସହଯୋଗ କରିଥିଲେ । ଏହି କର୍ମଶାଳାର ଲକ୍ଷ୍ୟ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟ ସହିତ ଓଡ଼ିଶାର ବିକାଶମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ବିଷୟରେ ଦୁଇ ବିଭାଗ ତରଫରୁ ଆଲୋଚନା ହୋଇଥିଲା । 'ଭିଜନ ୨୦୩୬ ଏବଂ ୨୦୪୭' ଛଅଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ - ପ୍ରଥମେ ଲୋକ, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ପାଇଁ ସମୃଦ୍ଧି, ଐତିହ୍ୟ, ପ୍ରଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି, ଏବଂ ଲୋକ-କେନ୍ଦ୍ରିକ ଶାସନ । ଏକ ପ୍ରମୁଖ ଆକର୍ଷଣ ଥିଲା '୩୬ ପାଇଁ ୩୬' ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଦକ୍ଷତା, କୃଷି ଏବଂ ଜଳବାୟୁ ଭଳି କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା । ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଉଭୟ ବିଭାଗକୁ ନିର୍ଦ୍ଦିଷ୍ଟ ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ ପ୍ରଦାନ କରାଯାଇଛି ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

## ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ହେବ ଦୁଇ ଦିନିଆ ଶିବିର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାନବାଧିକାର ଉଲ୍ଲଂଘନ ଅଭିଯୋଗ ମାମଲାର ଶୁଣାଣି ପାଇଁ ଭାରତର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ୨୧-୨୨ ଜୁଲାଇ ୨୦୨୫ରେ ଭୁବନେଶ୍ୱରରେ ଏକ ଦୁଇ ଦିନିଆ ଶିବିର ଆୟୋଜନ କରାଯାଉଛି । ଏନଏଚଆରସିର ଅଧ୍ୟକ୍ଷ, ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ସଦସ୍ୟ ଜଷ୍ଟିସ୍ (ଡ.) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଜୟା ଭାରତୀ ସାୟାନି ଏବଂ ପ୍ରିୟଙ୍କ କାନୁନଗୋ ଜୁଲାଇ ୨୧ ସକାଳ ୧୦ଟାରୁ ରାଜ୍ୟ ଅତିଥି ଭବନରେ ମାମଲାଗୁଡ଼ିକର ଶୁଣାଣି କରିବେ । ଏନ୍‌ଏଚ୍‌ଆର୍‌ସିର ମହାସଚିବ ଭାରତ ଲାଲ, ରେଜିଷ୍ଟ୍ରାର (ଆଇନ) ଜୋଗିନ୍ଦର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଶିବିର ବୈଠକ ଏବଂ ଖୋଲା ଶୁଣାଣିରେ ଯୋଗଦେବେ । କମିଶନ ମାନବାଧିକାରର ପ୍ରୋତ୍ସାହନ ଏବଂ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରିବା ପାଇଁ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ରାଜ୍ୟର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଏକ ବୈଠକ କରିବେ । ୨୨ ଜୁଲାଇ, ୨୦୨୫ ରେ, କମିଶନ ନାଗରିକ ସମାଜ ସଂଗଠନ, ଏନଜିଓ ଏବଂ ମାନବାଧିକାର ରକ୍ଷାକାରୀ(ଏଚଆରଡି) ପ୍ରତିନିଧିମାନଙ୍କ ସହିତ ଏକ ବୈଠକ କରିବେ । ଏହା ପରେ ଶିବିରର ଫଳାଫଳ ଉପରେ ଗଣମାଧମକୁ ସୂଚନା ଦିଆଯିବ ।

## ସିଏମସି ଦୁର୍ନୀତି ପ୍ରସଙ୍ଗରେ କଂଗ୍ରେସର ଭିଜିଲାନ୍ସ ତଦନ୍ତ ଦାବି



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବହୁ ଅନିୟମିତତା ଏବଂ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆଜି କଟକ ନଗର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦୁର୍ନୀତିର ତଦନ୍ତ ପାଇଁ ଦାବି କରାଯାଇଛି । ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବହୁ ଅନିୟମିତତା ରହିଛି । ୧୫୪.୨୯ଲକ୍ଷ ଟଙ୍କାର ଉନ୍ନୟନ କାର୍ଯ୍ୟକୁ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଛି । ଏହି ଟେଣ୍ଡର ପ୍ରକ୍ରିୟାରେ ବହୁ ଅନିୟମିତତା ରହିଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିରୁ ୮୩କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟକୁ ଠିକାଦାର ଅର୍ଥ ପ୍ରଦାନ କରାଯାଇଛି । ଏପରିକି ଉନ୍ନୟନ କାର୍ଯ୍ୟ ନହୋଇ କେବଳ କାଗଜ କଲମରେ ଏହାକୁ ଦର୍ଶାଇ ଠିକାଦାରକୁ ଅର୍ଥ ଦିଆଯାଇଛି । ତେଣୁ ଏହି ଅର୍ଥ କାହା ନିର୍ଦ୍ଦେଶରେ ଦିଆଯାଇଛି ଏହାର ତଦନ୍ତ ହେବ ଆବଶ୍ୟକ ଉନ୍ନୟନ କାର୍ଯ୍ୟ କରାନଯାଇ କିପରି ଠିକାଦାରକୁ ଅର୍ଥ ଦିଆଗଲା, ସେ ସଂପର୍କରେ ତଦନ୍ତର ଆବଶ୍ୟକତା ରହିଛି । ସିଏମସିର ଏକ ବରିଷ୍ଠ ଯନ୍ତ୍ରୀ ଏବଂ ଅଧିକାରୀମାନେ ଏହି ଅର୍ଥ କାରବାରରେ ସଂପୃକ୍ତି ଥିବା ନେଇ କଂଗ୍ରେସ ପକ୍ଷରୁ ପ୍ରଦତ୍ତ ସ୍ମାରକ ପତ୍ରରେ ଅଭିଯୋଗ କରାଯାଇଛି । ତେଣୁ ଭିଜିଲାନ୍ସ ପକ୍ଷରୁ ସିଏମସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନିୟମିତତା ଏବଂ ଦୁର୍ନୀତି ସଂପର୍କରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ କର୍ପୋରେଟର ସନ୍ତୋଷ ଭୋଳ, ଆର୍ଯ୍ୟବୀର ଲେଙ୍କା, ଭିପି ଚକ୍ରବର୍ତ୍ତୀ ପ୍ରମୁଖ କଂଗ୍ରେସ ପ୍ରତିନିଧି ଦଳ ଭିଜିଲାନ୍ସ ପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

### ଅବସରପ୍ରାପ୍ତ ପୋଲିସ ଅଫିସର ଦୀନବନ୍ଧୁ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଫିସର ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଜି ପୁରୀ ସ୍ଥିତ ନିଜ ବାସଭବନ ରାଜେନ୍ଦ୍ର ଏନ୍‌କ୍ଲେଭରେ ପାଳିତ ହେବ । ପୁରୀରେ ହେବାକୁ ଥିବା ପ୍ରଥମ ଶ୍ରାଦ୍ଧବାର୍ଷିକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଅମରଆତ୍ମା ପ୍ରତି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ସ୍ୱର୍ଗତ ସାହୁ ଜଣେ ମେଳାପି, ପରୋପକାରୀ ଓ କର୍ତ୍ତବ୍ୟନିଷ୍ଠ ଅଫିସର ଭାବେ କାର୍ଯ୍ୟ କରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଯାଇଛନ୍ତି । ଏଥିପାଇଁ ସେ ସବୁଦିନ ଅମର ହୋଇ ରହିବେ ବୋଲି ଯୁବ ଆଇନଜୀବୀ ବିଶ୍ୱଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ପ୍ରଦକ୍ଷିଣା ଅନୁଷ୍ଠାନର ଷଷ୍ଠତମ ବାର୍ଷିକ ଉତ୍ସବ

## ଓଡ଼ିଶୀ ନୃତ୍ୟର ଅପୂର୍ବ ସମ୍ଭାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଏକ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପ୍ରଦକ୍ଷିଣା ସ୍କୁଲ ଅଫ ଓଡ଼ିଶୀ ଡ୍ୟାନ୍ସ ଅନୁଷ୍ଠାନର ୬ତମ ବାର୍ଷିକ ଉତ୍ସବ ୨୦୨୫ (ଓଡ଼ିଶୀ ନୃତ୍ୟର ଏକ ସନ୍ଧ୍ୟା) ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଆୟୋଜନ କରିଥିଲା ଯେଉଁଥିରେ ଓଡ଼ିଶୀ ନୃତ୍ୟର ଅପୂର୍ବ ସମ୍ଭାର ଦେଖିବାକୁ ମିଳିଥିଲା । ପ୍ରାରମ୍ଭରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନାତଥା ଆର୍ଟ ଭିଜନର ପ୍ରତିଷ୍ଠାତା ଡକ୍ଟର ଇଲିଆନା ସିତାରିଷ୍ଟି, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ବିଶାରଦ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡକ୍ଟର ଅରୁଣା ମହାନ୍ତି, ଏବିଆଇଟି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପରିଚାଳନା ଟ୍ରଷ୍ଟି ଇଂ.ସତ୍ୟଦର୍ଶୀ ମିଶ୍ର, ଏବିଆଇଟି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପରିଚାଳନା ଟ୍ରଷ୍ଟି ଇଂ. ପାୟଲ ମହାପାତ୍ର, ପ୍ରଦକ୍ଷିଣାର ପରାମର୍ଶଦାତା ତଥା ଟ୍ରଷ୍ଟି ଗୁରୁ ରତିକାନ୍ତ ମହାପାତ୍ର ଏବଂ ପ୍ରଦକ୍ଷିଣାର ନିର୍ଦ୍ଦେଶକ ଅଂଶୁମାନ ମିଶ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ପ୍ରଥମ ଓଡ଼ିଶୀ ପରିବେଷଣରେ ଥିଲା ପାରମ୍ପାରିକ ରଚନାରେ ପ୍ରସ୍ତୁତ ଗଜାନନ ସ୍ତୁତି ଯାହା ତାଳ ଖେମାଟରେ ନିବନ୍ଧ ଥିଲା ଏବଂ ଯାହାର ସଙ୍ଗୀତ ସଂଯୋଜନା ବିନାୟକ ନେଟକେ ଓ ନୃତ୍ୟ ସଂଯୋଜନା ଅଂଶୁମାନ ମିଶ୍ର କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ବଟୁ ଯାହା ରାଗ ମୋହନା, ତାଳ ଏକତାଳିରେ ନିବନ୍ଧ ଥିଲା, ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ସଂଯୋଜନା ସହିତ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ପ୍ରସ୍ତୁତ ଏହି ନୃତ୍ୟକୁ ପରିବେଷଣ କରାଯାଇଥିଲା । ପରେ ପରିବେଷିତ ହୋଇଥିଲା ରାଗଆରବି ଓ ତାଳଜତିରେ ସୁଯୋଜିତ ଆହେ ନୀଳ ଶୈଳ ଉପସ୍ଥାପନା ହୋଇଥିଲା । ଏହି ଉତ୍ସବଟିକୁ ପ୍ରଦକ୍ଷିଣାର ନିର୍ଦ୍ଦେଶକ ଅଂଶୁମାନ ମିଶ୍ର ସଂଯୋଜନା କରିଥିଲେ ।



# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ସୁଟର |୬

ODISHA BHASKAR
ଯାହା ଆପଣଙ୍କ କଥା କହେ

ଶ୍ରୀଜଗନ୍ନାଥଙ୍କ ନବକଳେବର ଦେଖିଲେ |୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୦ Vol. 22 No-110 20 JULY 2025 SUNDAY, BHUBANESWAR ରବିବାର, ୨୦ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଏଫଏମ୍ ପିଡ଼ିତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ

ବାଲେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୂର୍ବ ଘୋଷଣା ଅନୁଯାୟୀ ଶନିବାର ପୀଡ଼ିତାଙ୍କ ପିତାମାତାଙ୍କୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ପୀଡ଼ିତାଙ୍କ ଘରକୁ ଯାଇ ଏହି ଚେକ୍ ପ୍ରଦାନ କରିଛନ୍ତି। ଏଥିସହ ବାଲେଶ୍ୱର ଜିଲ୍ଲାପାଳ ମଧ୍ୟ ୨୫ ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦେଇଛନ୍ତି।

### ପୁଣି ବଢ଼ିଲା ସୁନାଦର

ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ପୁଣି ଚିନ୍ତା ବଢାଇଲା ସୁନାଦର। ଲକ୍ଷେ ଟଙ୍କା ଟପିଲା ସୁନା ଦାମ୍। ଶନିବାର ୨୪ କ୍ୟାରେଟ୍ ୧୦ଗ୍ରାମ ସୁନା ଦାମ ୧ଲକ୍ଷ ୪୦ ଟଙ୍କା ରହିଥିବାବେଳେ ଶୁକ୍ରବାର ଏହା ରହିଥିଲା ୯୯,୩୮୦ ଟଙ୍କା। ଫଳରେ ୨୪ ଘଣ୍ଟା ମଧ୍ୟରେ ୬୬୦ଟଙ୍କା ବୃଦ୍ଧି ଘଟିଛି। ସେହିପରି ୨୨ କ୍ୟାରେଡ ୧୦ଗ୍ରାମ ସୁନାଦର ୯୧,୭୦୦ଟଙ୍କା ଥିବା ସୂଚନା ମିଳିଛି।


### ନାଳରେ ବୁଡ଼ି ମା-ପୁଅ ମୃତ

କନ୍ଧମାଳ,୧୯।୭(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ପସରା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନାଳରେ ବୁଡ଼ିଯାଇ ଜଣେ ମହିଳା ଓ ତାଙ୍କ ପାଞ୍ଚବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଏ ନେଇ ଚକାପାଦ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ନେଇ କୌଣସି ସୂଚନା ମିଳିନଥିବାବେଳେ ପୋଲିସ ତଦନ୍ତ ଚଳାଇଛି।

ସେନ୍ସେକ୍ସ: ୮୧,୭୫୭.୭୩
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୧୮।୭।୨୦୨୫ ର ମତାମତ

କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ବାରମ୍ବାର ଘଟୁଥିବା ମହିଳା ନିର୍ଯାତନା ଘଟଣାରେ ରୋକ୍ ଲାଗି ପାରିବ କି ?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ଅଶୁଭ ଶନିବାର: ବାଲେଶ୍ୱରରୁ ବଳଙ୍ଗା

# ନାବାଳିକାକୁ ଜାଳିଦେଲେ





- ଏମ୍ସ ବର୍ଣ୍ଣ ୟୁନିଟରେ ଭର୍ତ୍ତିହେଲେ ପୀଡ଼ିତା
- ଶରୀରର ୭୫% ପୋଡ଼ିଯାଇଥିବା ସୂଚନା
- ଅବସ୍ଥା ଗୁରୁତର ରହିଛି: ଏମ୍ସ ନିର୍ଦ୍ଦେଶକ
- ୧୪ଜଣିଆ ଡାକ୍ତରୀ ଟିମ୍‌ର ଚିକିତ୍ସା
- ତଦନ୍ତ ପାଇଁ ୨ଟି ଟିମ୍ ଗଠନ କଲା ପୋଲିସ
- ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ
- ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ: ମନମୋହନ
- ସରକାର ଗମ୍ଭୀରତାର ସହ ନେଇଛନ୍ତି: ଧର୍ମେନ୍ଦ୍ର
- ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ଏମ୍ସରେ ପ୍ରବଳ ଉତ୍ତେଜନା, ୧୬୩ଧାରା ଲାଗୁ
- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବୃଦ୍ଧି
- ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ ବିରୋଧୀଦଳ ନେତା

ପୁରୀ/ନିମାପଡ଼ା/ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ମନରୁ ଲିଭିନି ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣା। ପୁଣି ଘଟିଲା ଆଉ ଏକ ଲୋମହର୍ଷଣକାରୀ କାଣ୍ଡ। ସମାନ ବାର... ଶନିବାର। ନ୍ୟାୟ ମାଗି ମାଗି ଥକି ପଡ଼ିଥିବା ଛାତ୍ରୀଟିଏ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ କରିଥିଲା ଆତ୍ମଦାହ। ଠିକ୍ ୮ ଦିନ ପରେ ସେହିଭଳି ଏକ ଅଘଟଣ ଘଟିଛି ପୁରୀଜିଲ୍ଲା ବଳଙ୍ଗା ଥାନା ବାୟାବର ଗାଁରେ। ଯେଉଁଠି ଜଣେ ନାବାଳିକାକୁ ୩ ଦୁର୍ବୃତ୍ତ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ନାବାଳିକା ଜଣଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇ ବର୍ଣ୍ଣ ୟୁନିଟ୍‌ର

### ଦରକାର ପଡ଼ିଲେ ଦିଲ୍ଲୀକୁ ଏୟାରଲିଫ୍ଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ବଳଙ୍ଗା ଥାନା ବାୟାବର ଗାଁରେ ଜଣେ ୧୫ ବର୍ଷର ନାବାଳିକାକୁ ୩ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ିଦେବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏମ୍ସରେ ପୀଡ଼ିତାଙ୍କ ଚିକିତ୍ସା ଜାରି ରହିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି। ବର୍ତ୍ତମାନ ପୀଡ଼ିତା କଥାବାର୍ତ୍ତା କରୁଛନ୍ତି ଓ ତାଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଯଦି ଆବଶ୍ୟକ ପଡ଼େ ତେବେ ତାଙ୍କୁ ଦିଲ୍ଲୀ ଏୟାରଲିଫ୍ଟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଆଇସିୟୁରେ ଅକ୍ସିଜେନ ସପୋର୍ଟରେ ରଖାଯାଇଛି। ତାଙ୍କ ଶରୀରର ୭୫ ଭାଗ ପୋଡ଼ି ଯାଇଥିବା ଏମ୍ସ ନିର୍ଦ୍ଦେଶକ କହିଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ଆସନ୍ତା ୭୨ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିର୍ଦ୍ଦେଶକ କହିବା ସହ ପୀଡ଼ିତାଙ୍କ ରକ୍ତଚାପ କମ ରହିଛି ଓ ସେ କଥାବାର୍ତ୍ତା କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ନାବାଳିକା ଜଣକ ଶନିବାର ସକାଳେ ସାଙ୍ଗଙ୍କ ଘରକୁ ଯାଉଥିବାବେଳେ ୩ଜଣ ଦୁର୍ବୃତ୍ତ ତାଙ୍କ ମୁହଁରେ କପଡ଼ା ବାନ୍ଧି ନଦୀ ପଠାରେ କିରୋସିନି ଢାଳି ନିଆଁ ଲଗାଇ • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ'



- ଛାତ୍ରୀଙ୍କୁ ବର୍ଷକୁ ୨ଥର ଦିଆଯିବ ପ୍ରଶିକ୍ଷଣ
- ଖୋଲାଯିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
- କଲେଜ, ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ସ୍ଥାୟୀ କେନ୍ଦ୍ର
- କାର୍ଯ୍ୟକାରୀ ହେବ ଶକ୍ତିଶ୍ରୀ ମୋବାଇଲ ଆପ୍

ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୂତି ଘଟଣା ପରେ ରାଜ୍ୟ ସରକାର ଆକ୍ସନମୋଡ୍‌କୁ ଆସିଛନ୍ତି। ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବଡ଼ ଘୋଷଣା କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଏହା କାର୍ଯ୍ୟ କରିବ। ଏଥିପାଇଁ ଏକ ୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ଏଥିସହ ଶକ୍ତିଶ୍ରୀ ମୋବାଇଲ ଆପ୍ ମଧ୍ୟ କାର୍ଯ୍ୟ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି। ଯଦି ଛାତ୍ରୀମାନେ କେତେବେଳେ ଅସୁବିଧାରେ ପଡ଼ନ୍ତି ସେମାନେ ନାମ ଗୋପନ ରଖି ପଞ୍ଜିକୃତ କରିପାରିବେ। ଶିକ୍ଷାନୁଷ୍ଠାନରେ ସୁରକ୍ଷାପାଇଁ ଏହି କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଆଠସୂତ୍ରୀ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଚେତାବନୀ

# ଉପଯୁକ୍ତ କୋର୍ଟ ସ୍ଥାପନ ନ କଲେ ଜାମିନ୍ ଦେବୁ



ନୂଆଦିଲ୍ଲୀ,୧୯।୭: ସ୍ୱତନ୍ତ୍ର ଆଇନ ଅଧୀନରେ ଥିବା ମାମଲାଗୁଡ଼ିକ ପାଇଁ ଉପଯୁକ୍ତ କୋର୍ଟ ସ୍ଥାପନ କରାଯାଇ ନଥିବାରୁ ସୁପ୍ରିମକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏଥିସହ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କୁ ମଧ୍ୟ ତୀବ୍ର ଭର୍ତ୍ସନା କରିଛନ୍ତି। ଯଦି ଏପରି ଚାଲୁରହେ ତେବେ ଉପରୋକ୍ତ ଆଇନର ଅଭିଯୁକ୍ତମାନଙ୍କୁ ଜାମିନ ମଞ୍ଜୁର କରିବାକୁ ଅଦାଲତ ବାଧ୍ୟ ହେବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏନଆଇଏ ଆଇନ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଆଇନ ଅଧୀନରେ ମାମଲାଗୁଡ଼ିକର ଦ୍ରୁତ ବିଚାର ପାଇଁ ସରକାର ଯଦି ଆବଶ୍ୟକ ଭିତ୍ତିଭୂମି ସହ ସ୍ୱତନ୍ତ୍ର କୋର୍ଟ ସ୍ଥାପନରେ ବିଫଳ ହୁଅନ୍ତି, ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଚାର ଶେଷ କରିବା ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା ରହିବ ନାହିଁ। ଫଳରେ ଅଦାଲତଗୁଡ଼ିକ ଅଭିଯୁକ୍ତମାନଙ୍କୁ ଜାମିନରେ ଛାଡିବା ପାଇଁ ସବୁବେଳେ ବାଧ୍ୟ ହେବେ। ବର୍ତ୍ତମାନ ରହିଥିବା ଅଦାଲତଗୁଡ଼ିକୁ ସ୍ୱତନ୍ତ୍ର ଅଦାଲତ ଭାବେ ନାମିତ କରିବା ପାଇଁ ସେଗୁଡ଼ିକୁ ବିଶ୍ୱାସଯୋଗ୍ୟ କରିବା ନିମନ୍ତେ ହାଇକୋର୍ଟଗୁଡ଼ିକୁ ବାଧ୍ୟ କରିବାକୁ ପଡ଼ିବ ବୋଲି କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସିଲିସିଟର ଜେନେରାଲ ଖଣ୍ଡପୀଠକୁ କହିଥିଲେ। ଏନଆଇଏ ଏବଂ ଅନ୍ୟ ସ୍ୱତନ୍ତ୍ର ଆଇନର ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ଦିଗରେ କୌଣସି ପ୍ରଭାବୀ ପଦକ୍ଷେପ ନିଆଯାଇ ନାହିଁ। ସ୍ୱତନ୍ତ୍ର କୋର୍ଟ ଖୋଲିବା ନିମନ୍ତେ ଉଚ୍ଚ ନ୍ୟାୟିକ ସେବା ଅଧିକାରୀ, କର୍ମଚାରୀ ପଦବୀ ସୃଷ୍ଟି କରିବା, କୋର୍ଟରୁମ୍ ଏବଂ ମୌଳିକ ସୁବିଧାର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠଙ୍କ ନିର୍ଦ୍ଦେଶର ବିପରୀତରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ବର୍ତ୍ତମାନର ଅଦାଲତଗୁଡ଼ିକୁ ଏନଆଇଏ ଆଇନ ଅଧୀନରେ ସ୍ୱତନ୍ତ୍ର କୋର୍ଟ ଭାବେ ନାମିତ କରାଗଲେ • ପୃଷ୍ଠା ୫ ଦେଖନ୍ତୁ

## ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଏନଡିଡିବି ଏବଂ ଓମ୍‌ଫେଡ ମଧ୍ୟରେ ଚୁକ୍ତିନାମା

# ଶ୍ୱେତ ବିପ୍ଲବର କର୍ଣ୍ଣଧାର ଓମ୍‌ଫେଡ: ମୁଖ୍ୟମନ୍ତ୍ରୀ

- ଓମ୍‌ଫେଡ୍ କର୍ମଚାରୀଙ୍କ ପାଇଁ ୬୨ କ୍ୱାର୍ଟର ଉଦ୍‌ଘାଟିତ
- ପ୍ରଦାନ କରାଗଲା ୨୨ଟି ନୂତନ ଦୁଗ୍ଧ ଟ୍ୟାଙ୍କର
- ଚାଷୀଙ୍କୁ ସ୍ୱାବଲମ୍ବୀ ପାଇଁ ଓମ୍‌ଫେଡ ସାଜିଛି ଡ୍ରାଇଭିଂ ଫୋର୍ସ
- ରାଜ୍ୟର ଗୋ-ଅର୍ଥନୀତି ହେବ ସମୃଦ୍ଧ



ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ଓଡ଼ିଶାରେ ଶ୍ୱେତ ବିପ୍ଲବର କର୍ଣ୍ଣଧାର ହେଉଛି ଓମ୍‌ଫେଡ୍। ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଓମଫେଡ ସାଜିଛି ଡ୍ରାଇଭିଂ ଫୋର୍ସ। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ।ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର ଗୋ ଅର୍ଥନୀତିକୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଠାରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ (ଏନ୍.ଡି.ଡି.ବି) ଏବଂ ଓମ୍‌ଫେଡ ମଧ୍ୟରେ ଅନୁଷ୍ଠିତ ଚୁକ୍ତିନାମା ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଓମ୍‌ଫେଡ୍ ସହିତ ଏହି ଚୁକ୍ତିନାମା ଜରିଆରେ ନେସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ଓଡିଶାର ଦୁଗ୍ଧ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗାଈ ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏମିତି ଘଟଣା ଘଟି ଚାଲୁଥିବ
ଏମିତି ତଦନ୍ତ ହେବ,
'ଫଲୋଅପ' କଣ ହେଲା କି ନହେଲା
କିଛି ଜଣା ନ ପଡ଼ିବ ?
ଦିଶୁଥିବ ଧୋବ ଧୋବ,
ଦେଖିଲାବେଳକୁ ସବୁ କଳା କଳା
ରାଜନୀତି ଚାଲୁଥିବ !!

## ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣା

# ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ବୟାନ ରେକର୍ଡ



ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଗତ ଜୁନ୍ ୨୯ ତାରିଖରେ ଦଳା ଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣାରେ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଠାରୁ ଘଟଣା ସଂପର୍କରେ ବୟାନ ଗ୍ରହଣ କରିଛନ୍ତି । ଏ ସଂପର୍କରେ ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ଦାୟିତ୍ୱରେ ଥିବା ୫ ଜଣ ବରିଷ୍ଠ ପୁଲିସ୍ ଅଧିକାରୀ ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟଠାରେ ଉନ୍ନୟନ କମିଶନରଙ୍କ ଶୁଣାଣି ପରିପ୍ରେକ୍ଷୀରେ ସାକ୍ଷାତ କରିଥିଲେ । ସେମାନଙ୍କ ଠାରୁ ବୟାନ ରେକର୍ଡଭୁକ୍ତ କରାଯାଇଛି । ସେହିପରି ଉନ୍ନୟନ କମିଶନର ମଧ ରାଜ୍ୟ ପ୍ରଶାସନର ଆଉ କେତେକ ବରିଷ୍ଠ ବେସାମରିକ (ସିଭିଲ) ଓ ପୋଲିସ ଅଧିକାରୀଙ୍କ ଠାରୁ ବୟାନ ଶୁଣିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ ଯେ ମହାପ୍ରଭୁଙ୍କ ଘୋଷଯାତ୍ରା ପରଦିନ ଗୁଣ୍ଡିଚାମନ୍ଦିର ନିକଟରେ ଦଳାଚକଟା ହୋଇଥିଲା। ଏହି ଘଟଣା ସେତେବେଳେ ଭକ୍ତଙ୍କ ମହଲରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା।

## ଆଇଆଇଟି ପାଲକ୍କଡରେ ସମାବର୍ତ୍ତନ ସମାରୋହରେ ଧର୍ମେନ୍ଦ୍ର

# ବିଶ୍ୱମାନର ଭିତ୍ତିଭୂମି ସୃଷ୍ଟିପାଇଁ ଆହ୍ୱାନ




ପାଲକ୍କଡ,୧୯।୭: ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଭାରତର ଅଗାଢ଼ ବିଶ୍ୱାସ ଅଛି । ସେମାନେ କେବଳ ଇଞ୍ଜିନିୟରିଂ ସ୍ନାତକ ନୁହଁନ୍ତି ବରଂ ବୁଦ୍ଧିଜୀବୀ ସହ ଅନେକ ଗୁଣର ଅଧିକାରୀ ବୋଲି ଶନିବାର କେରଳ ସ୍ଥିତ ଆଇଆଇଟି ପାଲକ୍କଡର ସପ୍ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସମାବର୍ତ୍ତନ ସମାରୋହରେ ଡିଗ୍ରୀ ଏବଂ ପଦକ ପାଇଥିବା ସ୍ନାତକଧାରୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ଏହି ଅନୁଷ୍ଠାନରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଜୀବନରେ ନୂଆ ବୃତ୍ତିଗତ ଅଧ୍ୟାୟ ଆରମ୍ଭ କରୁଛନ୍ତି । ଆଇଆଇଟି ପାଲକ୍କଡର ଆବେଗ ସହ ସେମାନେ ୨୦୪୭ରେ ବିକଶିତ ଭାରତର କଳ୍ପନାକୁ ଆଗେଇ ନେବା ଦିଗରେ ଯୋଗଦାନ ରଖିବା ଦରକାର । ସେ ଆହୁରି କହିଛନ୍ତି, ୧୦ ବର୍ଷରୁ କମ୍ ସମୟ ମଧ୍ୟରେ ଆଇଆଇଟି ପାଲ୍ଲକଡ ଶିକ୍ଷାଗତ ଉତ୍କର୍ଷତା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଏକ ଗତିଶୀଳ କେନ୍ଦ୍ରରେ ପରିଣତ ହୋଇଛି, ଯାହା • ପୃଷ୍ଠା ୫ ଦେଖନ୍ତୁ

## ଅଧିକାରୀଙ୍କୁ ରାଜସ୍ୱମନ୍ତ୍ରୀଙ୍କ ଚେତାବନୀ

# ବେଆଇନ କାମ କଲେ ବର୍ତ୍ତିବନି



ଭୁବନେଶ୍ୱର,୧୯।୭(ଭାସ୍କର ନ୍ୟୁଜ): ରାଜସ୍ୱ ଅଧିକାରୀଙ୍କୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ କଡ଼ା ଚେତାବନୀ। ବେଆଇନ କାମ କଲେ ଏ ସରକାରରେ କେହି ବର୍ତ୍ତି ପାରିବେନି। ଏ ସରକାରରେ ପଛ ଭୁଲ ପାଇଁ ଅବସର ପରେ ବି ପ୍ରୋସିଡିଂ କରାଯାଉଛି। ଲୋକେ ସେବା ପାଇଁ ଆସୁଛନ୍ତି। ସେମାନଙ୍କୁ ଠିକ୍ ସମୟରେ ଉଚିତ ସେବା ଯୋଗାଇଦେବା ଅଧିକାରୀମାନଙ୍କ କର୍ତ୍ତବ୍ୟ। ନିଜକୁ ବଡ଼ ନ ଭାବି ଜଣେ ଭଲ ଅଧିକାରୀଭାବେ ପ୍ରତିପାଦିତ କରିବା ଆବଶ୍ୟକ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ସେ କହିଥିଲେ ଯେ ଗୋଟିଏ ବର୍ଷରେ ୩୦୦ରୁ ଅଧିକ ଘର ରେଜିଷ୍ଟ୍ରେସନ ହୋଇଛି। ନିଜ ଅଞ୍ଚଳ ଏବଂ ଜିଲ୍ଲା ବାହାରକୁ ଯାଇ

### ଦିନିକିଆ ନିବନ୍ଧନ ଅଧିକାରୀଙ୍କ ସମ୍ମିଳନୀ

ଅଧିକାରୀ ରେଜିଷ୍ଟ୍ରେସନ କରିଛନ୍ତି। ଯଦି ବିଭାଗ ପାଖରେ ଠିକ୍ ସମୟରେ ତଥ୍ୟ ପହଞ୍ଚି ନଥାନ୍ତା, ତାହାହେଲେ ଅଧିକାରୀମାନେ ପାକିସ୍ତାନ ବାହାରକୁ ଯାଇ ଲାହୋରରେ ମଧ୍ୟ ରେଜିଷ୍ଟ୍ରେସନ କରି ଦେଇଥାନ୍ତେ। ମୃତକଙ୍କୁ ଜୀବିତ କରିପାରିବାର ଶକ୍ତି କେବଳ ଭଗବାନଙ୍କ ନିକଟରେ ରହିଛି। କିନ୍ତୁ • ପୃଷ୍ଠା ୫ ଦେଖନ୍ତୁ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



# ଏନ୍‌ଏସ୍‌ଇ, ଚିତ୍ରା ଏବଂ ପରଂବ୍ରହ୍ମ ସିଦ୍ଧପୁରୁଷ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ହିମାଳୟରେ ବିଚରଣ କରୁଥିବା ଅଦୃଶ୍ୟ 'ପରମହଂସ ସିଦ୍ଧପୁରୁଷ'ଙ୍କର ସିଦ୍ଧିର ଆଙ୍ଗୁଠିଆରରେ ନେସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍(ଏନ୍.ଏସ୍.ଇ.)। ଅଦ୍ଭୁତ ଲାଗୁଥିଲେ ମଧ ଏମିତି ଘଟିଛି ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲିଖିତ। କଥାଟି ଭାରତର ଗୋଟିଏ ବଡ଼ସଂସ୍ଥାର ମୁଖ୍ୟଙ୍କର କଥା। ଭାନୁମତୀ ପେଡ଼ି ଖୋଲିଲା ପରି ଦେଶରେ ଗୋଟିଏ ପରେ ଗୋଟିଏ ବଡ଼ ଅର୍ଥନୈତିକ ଠକେଇ ଲୋକଲୋଚନକୁ ଆସୁଛି। ଏମିତି ଗୋଟିଏ ଠକେଇର ରଙ୍ଗମଞ୍ଚରେ ମୁଖ୍ୟଭୂମିକାରେ ଥିଲେ ନେସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ଏବଂ ଏହାର ପୂର୍ବତନ ମୁଖ୍ୟ ଚିତ୍ରା ରାମକୃଷ୍ଣ। ଚିତ୍ରା ରାମକୃଷ୍ଣ ୨୦୧୩ ମସିହା ଏପ୍ରିଲ ମାସରୁ ୨୦୧୬ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ଏନ୍.ଏସ୍.ଇ.ର ପରିଚଳନା ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ସେହି ସମୟରେ ତାଙ୍କ ଦ୍ୱାରା କରାଯାଇଥିବା ଅନେକ ଆର୍ଥିକ ଓ ପରିଚାଳନାଗତ ଅନିୟମିତତାର ତଦନ୍ତ କରି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (Securities and Exchange Board of India- SEBI – ସେବି) ୧୯୦ ପୃଷ୍ଠା ସମ୍ବଳିତ ରିପୋର୍ଟରେ ଯାହା ଦର୍ଶାଇଥିଲେ ତାହା କୌଣସି କାଳ୍ପନିକ ସିନେମା ଠାରୁ କମ୍ ନୁହେଁ।

ନେସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ଭାରତର ବୃହତ୍ତମ ଏବଂ ପୃଥିବୀର ଚତୁର୍ଥ ବୃହତ୍ତମ ଷ୍ଟକ୍ ଏକ୍ସଚେଞ୍ଜ୍। ଏହାର କାରବାରର ପରିମାଣ ୩.୩ ଟ୍ରିଲିଅନ ଯାହା ଭାରତର ମୋଟ ଘରୋଇ ଉତ୍ପାଦ ସହିତ ସମାନ। ୧୯୯୨ ମସିହାରେ ଷ୍ଟକ୍ ଦଲାଲ୍ ହର୍ଷଦ ମେହେଟାକୃତ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ୩୦୦୦୦ କୋଟି ଟଙ୍କାର ଦୁର୍ନୀତି ଦେଶର ଅର୍ଥନୀତିକୁ ଦୋହଲେଇ ଦେଇଥିଲା, ଏକପ୍ରକାର ଖୋଳ କରି ଦେଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ହର୍ଷଦ ମେହେଟା କାଣ୍ଡ ଏକଚାଟିଆ ଷ୍ଟକ୍ କାରବାରର ଅଧିକାର ରଖିଥିବା ଦେଶର ଏକମାତ୍ର ଷ୍ଟକ୍ ଏକ୍ସଚେଞ୍ଜ୍ – ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ଚାଲିଥିବା ଅନିୟମିତତା ଏବଂ ବ୍ୟାଙ୍କ୍ ଏବଂ ଦଲାଲ୍‌ଙ୍କ ଭିତରେ ଥିବା ଅସାଧୁମେଣ୍ଟ ଉପରୁ ପରଦା ହଟେଇଥିଲା। ସେଆର୍ ବଜାରରେ ସ୍ୱଚ୍ଛତା ଆଣି ସାଧାରଣ ନିବେଶକଙ୍କର କଷ୍ଟଅର୍ଜିତ ଧନର ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୧୯୯୨ ମସିହାରେ ଗଠିତ ନେସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ କମ୍ପାନୀ ଲିମିଟେଡ୍ ୧୯୯୪ ମସିହାରୁ କାର୍ଯ୍ୟକ୍ଷମ ହେଲା। ପାଞ୍ଚଜଣ ପ୍ରତିଷ୍ଠାତା ସଦସ୍ୟ ଭିତରୁ ଚିତ୍ରା ଜଣେ ଥିଲେ।

୨୦୧୫ ମସିହାରେ ଜଣେ ଅଜ୍ଞାତ ସୂଚନାଦାତାଙ୍କ ଠାରୁ ଏନ୍.ଏସ୍.ଇ.ରେ କୋ – ଲୋକେସନ୍ ଅନିୟମିତତା ଅଭିଯୋଗ ପାଇବା ପରେ ସେବି ନିଜର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ଚିତ୍ରାଙ୍କ ବିରୁଦ୍ଧରେ ତଦନ୍ତ କରିବା ବେଳେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ପରି ହିମାଳୟରେ ଥିବା ଜଣେ ସିଦ୍ଧପୁରୁଷଙ୍କ ପାଖରେ ପହଞ୍ଚିଥିଲା। ତିନୋଟି ବେଦର ନାମର ସମାହାରରେ ପ୍ରସ୍ତୁତ rigyajursama@outlook.com ଇ- ମେଲ୍ ଠିକଣାରେ ଚିତ୍ରାଙ୍କ ଲାପ୍‌ଟପ୍‌ରୁ ନିୟମିତ ଚିଠି ଯାଉଥିଲା। ହିମାଳୟରେ ବାସ କରିଥିବା ଜଣେ ଲୋକ କିପରି ଚିତ୍ରାଙ୍କୁ ଜାଣିଲେ ଏବଂ କିପରି ଓ କାହିଁକି ଇ-ମେଲ୍ ଖୋଲି ଷ୍ଟକ୍ ଏକ୍ସଚେଞ୍ଜ୍‌ର ସବୁକଥା ଜାଣି ତାକୁ ନିୟନ୍ତ୍ରଣ କରିଥିଲେ ଏ ପ୍ରଶ୍ନର ଉତ୍ତରରେ ଚିତ୍ରାଙ୍କର ଯାହା ଉତ୍ତର ଥିଲା ତାହା ଅତ୍ୟନ୍ତ ବିସ୍ମୟକର। ନିଜ କାର୍ଯ୍ୟକାଳ ଭିତରେ ଚିତ୍ରା ନିଜ ପଦବୀର ବିଶ୍ୱସନୀୟତା ଭଙ୍ଗ କରି, ସମସ୍ତ ନୈତିକତାକୁ ପଦଦଳିତ କରି ଏକ୍ସଚେଞ୍ଜ୍‌ର ବିତ୍ତୀୟ ଏବଂ କାରବାର ସମ୍ବନ୍ଧୀୟ ଯୋଜନା, ପରିଦୃଶ୍ୟ ଲାଭାଂଶ, ବିତ୍ତୀୟ ଫଳାଫଳ ଇତ୍ୟାଦି ଛୋଟରୁ ବଡ଼ ସମସ୍ତ ଗୋପନୀୟ ତଥ୍ୟ ଜଣେ 'ଅଦୃଶ୍ୟ ସିଦ୍ଧପୁରୁଷ'ଙ୍କୁ ଜଣାଉଥିଲେ, ତାଙ୍କର ନିର୍ଦ୍ଦେଶରେ ସମସ୍ତ ନିଯୁକ୍ତି ପ୍ରଦାନ କରିଥିଲେ, କିଏ କେଉଁ ଦାୟିତ୍ୱରେ ରହିବେ ତାହା ସିଦ୍ଧପୁରୁଷଙ୍କ ଇଚ୍ଛାରେ ହେଉଥିଲା- ଇ-ମେଲ୍ ମାଧ୍ୟମରେ। ଏସବୁର ଅର୍ଥ ଏତେବଡ଼ ସଂସ୍ଥାର ମୁଖ୍ୟ ଭାବରେ ଚିତ୍ରା କେବଳ ଗୋଟିଏ ରବର୍‌ଷ୍ଟାମ୍ପ ଥିଲେ। ଏକ୍ସଚେଞ୍ଜ୍‌ର ପ୍ରକୃତ ପରିଚାଳନା ଦୂରରୁ ଅନ୍ୟଜଣେ କରୁଥିଲେ। ଚିତ୍ରାଙ୍କ ସୂଚନା ମୁତାବକ ସେ କୌଣସି ସାଧାରଣ ଲୋକ ନ ଥିଲେ। ସେ ହିମାଳୟରେ ବାସ କରୁଥିବା ଜଣେ ସର୍ବଜ୍ଞ ସିଦ୍ଧପୁରୁଷ ଯାହାଙ୍କୁ ଚିତ୍ରା 'ଶିରୋମଣି' ଭାବରେ ସମ୍ବୋଧନ କରୁଥିଲେ।

**ମୁଦ୍ରା କାହାଣୀ**

ହିମାଳୟରେ ରହି ସେ ଅଦୃଶ୍ୟ ସିଦ୍ଧପୁରୁଷ କିପରି ନିୟମିତ ଚିତ୍ରାଙ୍କ ସହିତ ଯୋଗାଯୋଗ କରୁଥିଲେ – ସେବିଙ୍କର ଏ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷିତା, ପ୍ରଥମ ଶ୍ରେଣୀର ଚାଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଫୋର୍ବସ୍ ପତ୍ରିକା ଦ୍ୱାରା ପୃଥିବୀର ଅନ୍ୟତମ ଶକ୍ତିଶାଳୀ ମହିଳା ରୂପେ ପରିଗଣିତ ଚିତ୍ରା ରାମକୃଷ୍ଣ ଯାହା ଉତ୍ତର ଦେଲେ ତାହା କେବଳ ହାସ୍ୟପ୍ରଦ ନୁହେଁ ହାସ୍ୟାସ୍ପଦ ମଧ୍ୟ। ତାଙ୍କର ଉତ୍ତର ଥିଲା- 'ସେ ଯେତିକି ଜାଣନ୍ତି, ସମ୍ବାଦପ୍ରେରକ ଜଣେ ପରମହଂସ ସିଦ୍ଧପୁରୁଷ। ତାଙ୍କର ଅଲୌକିକଶକ୍ତି ବଳରେ ସେ ଯେକୌଣସି କାମ କରିପାରନ୍ତି। ସେଥିପାଇଁ ତାଙ୍କର ସଶରୀର ପ୍ରକଟ ହେବାର ଆବଶ୍ୟକତା ନାହିଁ। ତାଙ୍କ ସହିତ କୋଡ଼ିଏବର୍ଷ ପୂର୍ବେ ଗଙ୍ଗାତୀରରେ ଭେଟ ହୋଇଥିଲା।' ଅବଶ୍ୟ କେଉଁଜାଗାରେ ଭେଟ ହୋଇଥିଲା ଚିତ୍ରା କହି ନ ଥିଲେ। ସେହି ଅଦୃଶ୍ୟ ସିଦ୍ଧପୁରୁଷଙ୍କ ଇଚ୍ଛା ଏବଂ ଦୟାରୁ ବ୍ୟକ୍ତିଗତ ଏବଂ ଦାପ୍ତରିକ ବିଷୟ ନେଇ ମାର୍ଗଦର୍ଶନ ପାଇଁ ତାଙ୍କ ସହିତ ଚିତ୍ରାଙ୍କର ସମ୍ପର୍କ ରହିଥିଲା। ସିଦ୍ଧପୁରୁଷଙ୍କ ଉପଦେଶ- 'ମୁଁ ସେଠାରେ ଥିଲେ ଏପରି କରି ଥାଆନ୍ତି' ଅନୁସାରେ ଚିତ୍ରା କାମ କରୁଥିଲେ।

ସିଦ୍ଧପୁରୁଷଙ୍କ ଉପଦେଶ କ୍ରମେ ଏନ୍.ଏସ୍.ଇ.ରେ ହୋଇଥିବା ବେନିୟମ ନିଯୁକ୍ତି ପାଇଥିବା ଲୋକଙ୍କ ଭିତରେ ଥିଲେ ଆନନ୍ଦ ସୁବ୍ରମଣିଅନ୍। ବାଲ୍‌ମୋର୍ ଆଣ୍ଡ ଲରୀରେ କାମ କରୁଥିବା ସୁବ୍ରମଣିଅନ୍‌ଙ୍କର ଷ୍ଟକ୍ ଏକ୍ସଚେଞ୍ଜ୍ ବିଷୟରେ ଆଦୌ ଜ୍ଞାନ ଓ ଅଭିଜ୍ଞତା ନ ଥିବା ସତ୍ତ୍ୱେ ତାଙ୍କୁ ଚିତ୍ରାଙ୍କର ରଣନୈତିକ ଉପଦେଷ୍ଟା ଭାବରେ ବାର୍ଷିକ ୧.୬୮ କୋଟି ଦରମାରେ ରଖାଗଲା। ଅଳ୍ପଦିନରେ ପଦୋନ୍ନତି ସହ ତାଙ୍କର ଦରମା ୪.୨୧ କୋଟି ଟଙ୍କାକୁ ବୃଦ୍ଧି କରାଗଲା। ସପ୍ତାହରେ ତାଙ୍କ ପାଇଁ ଧାର୍ଯ୍ୟ ପାଞ୍ଚଦିନ କାର୍ଯ୍ୟଦିବସରୁ ସେ ମାତ୍ର ଦୁଇଦିନ ଆସିଲେ ଚଳିବ ବୋଲି କୁହାଗଲା। ତଦନ୍ତ ରିପୋର୍ଟ ଅନୁସାରେ ଆନନ୍ଦ ସୁବ୍ରମଣିଅନ୍‌ଙ୍କ ନିଯୁକ୍ତିରେ ସମସ୍ତ ନିୟମ ଉଲ୍ଲଂଘନ କରାଯାଇ ଥିଲା। ସେନ୍‌ସେକ୍ସ ବୋର୍ଡ୍‌ର ଅନୁମତି ନିଆଯାଇ ନଥିଲା କିମ୍ବା ବୋର୍ଡ୍ ଦ୍ୱାରା ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ମିଳି ନଥିଲା।

କେବଳ ଆନନ୍ଦ ସୁବ୍ରମଣିଅନ୍ ନୁହନ୍ତି। ତାଙ୍କ ପତ୍ନୀ ସୁନୀତା ସୁବ୍ରମଣିଅନ୍‌ଙ୍କୁ ମଧ ଏନ୍.ଏସ୍.ଇ. ଦ୍ୱାରା ଅନୁଗୃହୀତ କରାଯାଇଥିଲା। ୨୦୧୩ ମସିହା ଏପ୍ରିଲ୍ ମାସ ୧ ତାରିଖରୁ ତାଙ୍କୁ ଏନ୍.ଏସ୍.ଇ.ର ଚେନ୍ନାଇ କେନ୍ଦ୍ରୀୟ କାର୍ଯ୍ୟାଳୟରେ ବାର୍ଷିକ ଷାଠିଏଲକ୍ଷ ଟଙ୍କାରେ ଅସ୍ଥାୟୀ ନିଯୁକ୍ତି ଦିଆ ଯାଇଥିଲା। ଦରମା ବଢ଼ିବଢ଼ି ୧.୧୫ କୋଟିରେ ପହଞ୍ଚିଥିଲା। ୨୦୧୬ ମସିହା ଏପ୍ରିଲ୍ ୧ ତାରିଖରୁ ତାଙ୍କର ଚୁକ୍ତି ନବୀକରଣ କରାଯାଇ ଦରମା ୧.୩୩ କୋଟି ଟଙ୍କା ହୋଇଥିଲା। ୨୦୧୬ ମସିହାରେ ଦୁର୍ନୀତି ବାବଦରେ ଖବର ଆସିବା ପରେ ସେ ଚାକିରି ଛାଡ଼ିଦେଲେ। ଚିତ୍ରା ଦରମା ବାବଦରେ ଚୌରାଳିଶ କୋଟି ଟଙ୍କା ନେଇ ଇସ୍ତଫା ଦେଇ ଚାଲିଗଲେ। ବିନାପ୍ରଶ୍ନରେ ଏନ୍.ଏସ୍.ଇ. ତାଙ୍କର ଇସ୍ତଫା ଗ୍ରହଣ କରିନେଲେ।

ଏହା ବ୍ୟତୀତ ଚିତ୍ରାଙ୍କ ସମୟରେ ସବୁଠାରୁ ବଡ଼ ଯେଉଁ ଅନିୟମିତତା ଏକ୍ସଚେଞ୍ଜ୍‌କୁ ଦଶହଜାର କୋଟି ଟଙ୍କାର କ୍ଷତି ପହଞ୍ଚାଇଥିଲା ତାହା ହେଉଛି ୨୦୧୨ ରୁ ୨୦୧୪ ମସିହା ଭିତରେ ହୋଇଥିବା କୋ-ଲୋକେସନ୍ ଦୁର୍ନୀତି। ଷ୍ଟକ୍ ଏକ୍ସଚେଞ୍ଜ୍‌ରେ କୋ-ଲୋକେସନ୍ ହେଉଛି ଏକପ୍ରକାରର ସୁବିଧା ଯେଉଁଥିରେ କେତେକ ଦଲାଲ୍‌ଙ୍କର ସର୍ଭର୍‌କୁ ଏକ୍ସଚେଞ୍ଜ୍‌ର ସର୍ଭର୍‌ର ଅତି ପାଖରେ ରଖିବାର ଅନୁମତି ଦିଆଯାଏ। ଏହାକୁ ହାଏ ଫ୍ରିକ୍ୱେନ୍ସି ଆକ୍ଟିଭ୍ ଟ୍ରେଡିଙ୍ଗ୍ କୁହାଯାଏ। ଏକ୍ସଚେଞ୍ଜ୍‌ର ସର୍ଭର୍‌କୁ ଆକ୍ସେସ୍ କରି ଦଲାଲ୍‌ମାନେ ସେଆର୍‌ର ମୂଲ୍ୟ ଓ ପରିମାଣ ପରି ମହତ୍ତ୍ୱପୂର୍ଣ୍ଣ ଡେଟା ସାଧାରଣ ଲୋକ ଏବଂ ଅନ୍ୟ ଦଲାଲ୍‌ଙ୍କ ଆଗରୁ ଜାଣିପାରନ୍ତି। ଲାଟେନ୍ସି (ଅର୍ଡର୍ ରଖିବା ଏବଂ ତାକୁ କାର୍ଯ୍ୟକାରୀ କରିବାର ସମୟରେ ଥିବା ବ୍ୟବଧାନ) ଅଧିକ ଥିବାରୁ ଆଗୁଆ ଟ୍ରେଡିଙ୍ଗ୍ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ଲାଭବାନ ହୁଅନ୍ତି ଯାହାଦ୍ୱାରା ଅନ୍ୟ ଷ୍ଟକ୍‌ବେପାରୀ, ସାଧାରଣ ନିବେଶକ ଏବଂ ଷ୍ଟକ୍ ଏକ୍ସଚେଞ୍ଜ୍ କ୍ଷତି ସହିଥାଆନ୍ତି।

ମନି ଲାଇଫ୍ ନାମକ ସମ୍ବାଦପତ୍ର ଏହି ଦୁର୍ନୀତି ବିଷୟରେ ପ୍ରଥମେ ସମ୍ବାଦ ପ୍ରକାଶ କରିଥିଲା। ତଦନ୍ତ ହେବ କ'ଣ ଓଲଟା ତା' ବିରୁଦ୍ଧରେ ଶହେକୋଟି ଟଙ୍କାର ମାନହାନି ମକଦ୍ଦମା ରୁଜୁ କରା ଯାଇଥିଲା। ୨୦୧୭ ମସିହାରେ ଦୁର୍ନୀତି ବିରୁଦ୍ଧରେ ସାମ୍ବାଦିକ ଶାନ୍ତନୁ ଗୁହା ରାୟ ଜନସ୍ୱାର୍ଥ ମାମଲା ରୁଜୁ କଲେ। ଡେଲୋଏଟ୍ ସଂସ୍ଥା ତଦନ୍ତ କରି ଦୁର୍ନୀତି ହୋଇଥିବା ପ୍ରମାଣ କରିଥିଲେ। ଅର୍ନେଷ୍ଟ୍ ଆଣ୍ଡ୍ ୟଙ୍ଗ୍ ତାଙ୍କ ଫରେନ୍ସିକ୍ ରିପୋର୍ଟରେ ଆନନ୍ଦ ସୁବ୍ରମଣିଅନ୍ ହିଁ ହିମାଳୟର ସିଦ୍ଧପୁରୁଷ ବୋଲି ଦର୍ଶାଇଥିଲେ କାରଣ ତାଙ୍କ ଲାପ୍‌ଟପ୍‌ରୁ ଅନେକ ତଥ୍ୟ ମିଳିଥିଲା। କଥିତ ସିଦ୍ଧପୁରୁଷଙ୍କ ପାଖରୁ ସମ୍ବାଦ ଆସିବା ପରେ ସୁବ୍ରମଣିଅନ୍ ତାକୁ ଏଡିଟ୍ କରୁଥିଲେ। ଏହା ବ୍ୟତୀତ ସୁବ୍ରମଣିଅନ୍ ଏବଂ ସିଦ୍ଧପୁରୁଷଙ୍କ ଲେଖାର ଶୈଳୀ ଏବଂ ଶବ୍ଦପ୍ରୟୋଗ ଏକପ୍ରକାରର ଥିଲା। ଏହାକୁ ଉଭୟ ଚିତ୍ରା ଏବଂ ସେବି ଦୃଢ଼ ଭାବରେ ଖଣ୍ଡନ କରିଥିଲେ ମଧ ଆନନ୍ଦ ସୁବ୍ରମଣିଅନ୍ ଯେ ସେହି ସିଦ୍ଧପୁରୁଷ ବୋଲି ପ୍ରମାଣିତ ହୋଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ କିଛିଲୋକଙ୍କ ବିରୁଦ୍ଧରେଏଫ୍. ଆଇ. ଆର୍ ରୁଜୁ କଲେ। ଚାରିଦିନ ଧରି ଆନନ୍ଦ ସୁବ୍ରମଣିଅନ୍‌ଙ୍କୁ ଜେରା କଲା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ନିଶ୍ଚିତ କଲେ ଯେ ସୁବ୍ରମଣିଅନ୍ ହିଁ ହିମାଳୟର ସିଦ୍ଧପୁରୁଷ। କାରଣ ସେହି ଅଜ୍ଞାତ ଇ-ମେଲ୍‌ରୁ ତାଙ୍କ ଇ-ମେଲ୍‌କୁ ଅନେକ ସମ୍ବାଦ ଆସିଛି ଯାହାର ସ୍କ୍ରିନ୍ ସଟ୍ ବ୍ୟୁରୋ ନେଇଥିଲେ। ଆନନ୍ଦ ସୁବ୍ରମଣିଅନ୍ ନିଜେ ସେହି ଅଜ୍ଞାତ ଇ-ମେଲ୍ ଖୋଲିଥିଲେ। ସୁବ୍ରମଣିଅନ୍ ଗିରଫ ହେଲେ।

୨୦୧୬ ମସିହା ଠାରୁ ଏ ପର୍ଯ୍ୟନ୍ତ ଦୀର୍ଘସମୟ ଅତିକ୍ରାନ୍ତ ହୋଇଗଲାଣି। ଚିତ୍ରାଙ୍କ ସହିତ ଅନ୍ୟମାନଙ୍କର ଲାପ୍‌ଟପ୍ ଏବଂ ଅନ୍ୟ ବୈଦ୍ୟୁତିକ ଉପକରଣଗୁଡ଼ିକୁ ଇ-ଓ୍ୱେଷ୍ଟ ହିସାବରେ ନଷ୍ଟ କରି ଦିଆଯାଇଛି। ଏସବୁ ଅନିୟମିତତା ପାଇଁ ଦୀର୍ଘ ଛ'/ସାତ ବର୍ଷ ପରେ ସେବି ଚିତ୍ରାଙ୍କୁ ତିନି କୋଟି, ଏକ୍ସଚେଞ୍ଜ୍‌ର ପୂର୍ବ ମୁଖ୍ୟ ରବି ନାୟାର ଏବଂ ଆନନ୍ଦ ସୁବ୍ରମଣିଅନ୍‌ଙ୍କୁ ଦୁଇ କୋଟି ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଥିଲେ ଯାହା ଅପରାଧ ଏବଂ ଏକ୍ସଚେଞ୍ଜ୍‌ର କ୍ଷତି ତୁଳନାରେ ନଗଣ୍ୟ। ଉଭୟ ସେବି ଏବଂ ଏକ୍ସଚେଞ୍ଜ୍ ବୋର୍ଡ୍ ଭୂମିକା ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଯଥାକ୍ରମେ ନିୟନ୍ତ୍ରକ ଏବଂ ପରିଚାଳକ ହିସାବରେ ସେମାନେ କିଛି ଜାଣି ପାରିଲେନି। ଅନ୍ୟ ସବୁ ଆର୍ଥିକ ବା ପରିଚାଳନାଗତ ଦୁର୍ନୀତି ମାମଲା ପରି ଚିତ୍ରାଙ୍କ ବିରୁଦ୍ଧରେ ମଧ ଫୌଜଦାରୀ ମାମଲା ରୁଜୁ ହେଲାନି। ଲୋକେ ମଧ ଘଟଣାକୁ ଭୁଲି ଗଲେଣି।

# ସାଧବବୋହୂ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଭଗବାନଙ୍କର ଏକ ସୁନ୍ଦର ସୃଷ୍ଟି ସାଧବ ବୋହୂ । ଆଦ୍ୟ ମୌସୁମୀର ପ୍ରଥମ ବାରିଧାରା ମାଟିକୁ ସ୍ପର୍ଶ କରିବା ପରେ ନରମ ମାଟିର ସବୁଜ ଘାସ ଗାଲିଚା ଉପରେ ସାଧବ ବୋହୂର ଲାଲ୍ ଭେଲଭେଟ୍‌ର ଆସ୍ତରଣ ଖେଳିଯାଏ। ତା'ର ଲାଲ୍ ପାଟ ପିନ୍ଧା ଦେହଟି ଖୁବ୍ ସୁନ୍ଦର ଓ ନରମ। ତେଣୁ ଭକ୍ତ କବି ମଧୁସୂଦନ ରାଓ ଲେଖିଥିଲେ- ଶ୍ୟାମଳ ଦୁର୍ବାଦଳେ ଶୋଭିତ ମହୀ, ସାଧବ ବୋହୂ ତଥି ପରେ ଶୋଭଇ। ଓଡ଼ିଆ ଲୋକଗୀତରେ ବି କୁହାଯାଏ- ନାଲି ଟୁକୁ ଟୁକୁ ସାଧବ ବୋହୂ, ମେଘ ବରଷାରେ କୁଆଡ଼େ ଯାଉ। ସାଧବ ଘରର ବୋହୂ ସହ ଏହି କ୍ଷୁଦ୍ର କୀଟକୁ ତୁଳନା କରାଯାଇଛି। ଅତୀତରେ ସମୁଦ୍ର ବାଣିଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା ସାଧବମାନେ ବିଦେଶରୁ ବସ୍ତ୍ର ଓ ଅଳଙ୍କାର ଆଣି ନିଜ ସ୍ତ୍ରୀମାନଙ୍କୁ ସୁନ୍ଦର ପରିପାଟୀରେ ସଜାଉଥିଲେ। ଲାଲ୍ ପାଟ ପିନ୍ଧି ସେମାନେ ବୋଇତ ବନ୍ଦାଣ କରୁଥିଲେ। ତେଣୁ ସାଧବ ବୋହୂର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଏପରି ନାମକରଣ କରାଯାଇଥିବା ମନେହୁଏ।

ପୃଥିବୀ ପୃଷ୍ଠର ସବୁଠୁ କୋମଳ ଜୀବ ଏହି ସାଧବ ବୋହୂ ଭିନ୍ନ ଭିନ୍ନ ନାମରେ ପରିଚିତ। କେତେକ ଏହାକୁ ପାଟ ପୋକ କହୁଥିବା ବେଳେ କେଉଁଠି ବୀର ବାହୁଡ଼ି, କେଉଁଠି ରାନୀ କ୍ରିଡା, ସ୍କାଲେଡ ଫ୍ଲାଏ ତ କେଉଁଠି ରେନ ବଗ କୁହାଯାଏ। ତେବେ ଏହାର ଇଂରାଜୀ ନାମ ଭେଲ୍ଭେଟ୍ ମାଇଟ। ବୈଜ୍ଞାନିକ ଭାଷାରେ ଏହାକୁ ଡାଇନୋଥ୍ରମିୟମ୍ କୁହାଯାଏ। ଏହାର ଶରୀରର ଆକାର ଲମ୍ବାଳିଆ ଓ ଗୋଲାକାର। ବର୍ଷା ଦିନକୁ ଛାଡିଦେଲେ ବର୍ଷର ଅନ୍ୟ ସମୟରେ ସାଧବବୋହୂକୁ ଦେଖିବାକୁ ମିଳେ ନାହିଁ। ମାଟିରୁ ଜନ୍ମ ନେଇ କିଛିଦିନ ସମସ୍ତଙ୍କୁ ଆକର୍ଷଣ କରି ମାଟିରେ ହିଁ ଲୀନ ହୋଇଥାଏ ଏହି ପ୍ରାଣୀ। ମୃତ ସାଧବ ବୋହୂର ଶରୀରର ଜୀବାସ୍ମ ଲାର୍ଭାରେ ପରିଣତ ହୋଇ ମାଟିରେ ବର୍ଷେ ପର୍ଯ୍ୟନ୍ତ ପଡି ରହେ। ମୌସୁମୀ ବାୟୁର ସ୍ପର୍ଶରେ ଏହି ଲାର୍ଭାରୁ ଅଣ୍ଡା ସୃଷ୍ଟି ହୁଏ। ଅଣ୍ଡା ସୃଷ୍ଟି ହେବାର ଦୁଇ ସପ୍ତାହ ପରେ ସେହି ଅଣ୍ଡାରୁ ସାଧବ ବୋହୂ ଜନ୍ମ ନିଏ। ସବୁଜ ଘାସପତ୍ର ଓ ଉଇକୁ ସାଧବବୋହୂ ଆହାର କରେ। ପୃଥିବୀର ବରଫାବୃତ୍ତ ଅଞ୍ଚଳକୁ ଛାଡି ଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ପ୍ରାୟ ସାଧବବୋହୂ ଦେଖାଯାନ୍ତି ।

ସୁଖ ଓ ସମୃଦ୍ଧିର ପ୍ରତୀକ ଭାବରେ ସାଧବ ବୋହୂକୁ ଗହଣ କରାଯାଏ। ସାଧବ ବୋହୂ ଦେଖା ଦେଲେ ସେବର୍ଷ ଭଲ ବର୍ଷା ହେବାର ସୂଚନା ଦିଏ ବୋଲି ଚାଷୀଭାଇଙ୍କ ବିଶ୍ୱାସ ରହିଛି। ଯଦି କାହା ଧାନ ବିଲ ହୁଡାରେ ବହୁଳ ଭାବରେ ସାଧବବୋହୂ ଦୃଶ୍ୟମାନ ହେଲେ ତେବେ ମା' ଲକ୍ଷ୍ମୀଙ୍କ କୃପାରୁ ଅଧିକ ଧାନ ତା କ୍ଷେତରେ ଉତ୍ପନ୍ନ ହେବ ବୋଲି ଚାଷୀ ଆଶା କରେ। ସଧବା ଧରଣୀର ସିନ୍ଦୁର ଟୋପା ଭାବରେ ସାଧବ ବୋହୂକୁ ବର୍ଣ୍ଣନା କରାଯାଏ। ଶରୀରଟି ଲାଲ ରଙ୍ଗ ହୋଇଥିବାରୁ କୌଣସି ଜୀବ ସାଧବ ବୋହୂକୁ ଆକ୍ରମଣ କରନ୍ତି ନାହିଁ। ତେବେ ଓଡିଆ ସାହିତ୍ୟ ଓ ପରମ୍ପରା ସହିତ ସାଧବ ବୋହୂର ରହିଛି ଭାବଗତ ସମ୍ପର୍କ। କବିତା, ଗଳ୍ପ, ଉପନ୍ୟାସରେ କେଉଁଠି ସାଧବ ବୋହୂ ସାଜିଛି ନାୟିକା ତ କେଉଁଠି ଅଲୀଅଳି ରାଜ ଜେମା। ସାଧବ ବୋହୂର ରୂପଲାବଣ୍ୟ କବିର କଳ୍ପନା ଓ ଗାଳ୍ପିକର ଭାବନାକୁ ଆନ୍ଦୋଳିତ କରେ। ସାଧବ ବୋହୂକୁ ନେଇ ଅନେକ ଚଳଚ୍ଚିତ୍ର ଗୀତ ମନଛୁଆଁ।

ସାଧବ ବୋହୂ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ। ଏହାର ଶରୀରରେ ଔଷଧୀୟ ଗୁଣ ଭରି ରହିଛି। ମୃତ ସାଧବ ବୋହୂକୁ ଖରାରେ ଶୁଖାଇ ଛତିଶଗଡ଼ ରାଜ୍ୟର ଲୋକେ ଏକ ତେଲ ପ୍ରସ୍ତୁତ କରନ୍ତି। ପକ୍ଷାଘାତ ରୋଗୀଙ୍କ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ଭାବରେ ସେମାନେ ବ୍ୟବହାର କରନ୍ତି। ତେବେ ପହିଲି ଆଷାଢରେ ଦେଖାଯାଉଥିବା ସାଧବ ବୋହୂର ଗାଲିଚା ଏବେ ଆଉ ଦେଖିବାକୁ ମିଳୁନି। ପରିବେଶ ପ୍ରଦୂଷଣ ଓ କଂକ୍ରିଟର ଜଙ୍ଗଲ ଭିତରେ ବିଲୁପ୍ତିର ଦ୍ୱାର ଦେଶକୁ ଚାଲିଯାଇଛି ଏହି ନିରୀହ କୀଟଟି। ବିଲବାଡିରେ ବହୁଳ ଭାବରେ କୀଟନାଶକ ଔଷଧ ଓ ରାସାୟନିକ ସାର ବ୍ୟବହାର ଓ ଅମ୍ଳ ବର୍ଷା ସାଧବବୋହୂର ବିନାଶର ମୁଖ୍ୟ କାରଣ। ପ୍ରକୃତିର ଏହି ଅନୁପମ ସୃଷ୍ଟିଟି ମାନବିକ କାରଣ ଯୋଗୁଁ ସତ୍ତା ହରାଇ ବସିଛି।


# ଯୋଗ୍ୟତା ଓ ପରିଚାଳନା ପାରଦର୍ଶିତା ନିଗମ ଓ ବୋର୍ଡ଼ର ନିଯୁକ୍ତିରେ ମାନଦଣ୍ଡ ହେଉ

ସୁଧାକର ପଣ୍ଡା
ପୂର୍ବତନ କୁଳପତି
ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ

ଓଡ଼ିଶା ବିଜେପିର ନୂତନ ସଭାପତି ନିର୍ବାଚନ ପରେ ନିଗମ ଓ ବୋର୍ଡ଼ ର ଅଧ୍ୟକ୍ଷ ନିଯୁକ୍ତି ର ଚର୍ଚ୍ଚା ସଂପ୍ରତି ଜୋର୍ ଧରିଛି। ବିଜେପି ଦଳର ଆଶାୟୀମାନେ ବିଭିନ୍ନ ସ୍ତରରେ ସୁପାରିଶ କରିବା ସମୟରେ ଜନମନରେ ଏକ ବିରାଟ ଆଶଙ୍କା ସୃଷ୍ଟି ହୋଇଛି। ଓଡିଶା ସରକାରଙ୍କ ଅଧୀନରେ ଶତାଧିକ ବୋର୍ଡ଼ ଓ ନିଗମର ପଦ ପଦବୀ ରହିଛି। ଏହି ବୋର୍ଡ଼ ଓ ନିଗମମାନେ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ ବୋଲି ମାନ୍ୟବର ରାଜ୍ୟପାଳ ଏହି ବର୍ଷ ଫେବୃଆରୀ ମାସରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରକାଶ କରିବା ସହିତ ଅନେକ ନିଗମ କ୍ଷତିରେ ଚାଲିବା ତଥା ଏହିସବୁ ନିଗମ ତାଙ୍କର ବାର୍ଷିକ ଅଧିବେଶନ ଓ ବାର୍ଷିକ ବିବରଣୀ ଠିକ୍ ସମୟରେ ଉପସ୍ଥାପିତ ନକରିବା ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ବୋଲି ସମସ୍ତ ଅଧିକାରୀଙ୍କୁ ସତର୍କ କରିଛନ୍ତି। ଏହି ନିଗମ ଓ ବୋର୍ଡ଼ମାନଙ୍କୁ ସୂଚାରୁରୂପେ ଚଳାଇବା ପାଇଁ ପରିଚାଳନା କ୍ଷେତ୍ରରେ ବୃତ୍ତିଗତ ବ୍ୟକ୍ତିଙ୍କ ନିଯୁକ୍ତିକୁ ସେ ପ୍ରାଧାନ୍ୟ ଦେଇଛନ୍ତି। ଏପରିକି ରାଜ୍ୟପାଳ ମହୋଦୟ ଏ ସମସ୍ତ ନିଗମକୁ ଷ୍ଟକ୍‌ଏକ୍ସଚେଞ୍ଜରେ ପଞ୍ଜିକରଣ ପାଇଁ ପରାମର୍ଶ ଦେଇଛନ୍ତି । ଯଦି ନିଗମ ତଥା ବୋର୍ଡ଼ମାନଙ୍କର କାର୍ଯ୍ୟକାରିତା ଠିକ୍ ଭାବରେ ଚାଲିନାହିଁ ତେବେ ପରିଚାଳନାରେ ପାରଦର୍ଶିତା ଆଣିବା ଓ ଉର୍ନତ ବୃତ୍ତିଗତ ଅଧିକାରୀ ନିଯୁକ୍ତି କରିବାର ଆବଶ୍ୟକତା ଏହି ପରିପେକ୍ଷୀ ରହିଅଛି। ନିର୍ବାଚନରେ ହାରିଯାଇଥିବା ଓ କୁଟ ରାଜନୀତିରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେବା ଭାଜପାର ସ୍ୱଚ୍ଛ ଭାବମୂର୍ତ୍ତୀ ତଥା ଏହାର ପରିବର୍ତ୍ତନ ମନ୍ତ୍ର ଉପରେ ଏକ ବିରାଟ ପ୍ରଶ୍ନବାଚୀ ଉଠିଛି । ନିର୍ବାଚନ ସମୟରେ ବିଜେପିର ସବୁଠୁ ବଡ ସଂକଳ୍ପ ଥିଲା, ବିଜେଡି ସରକାରଙ୍କର ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା। ଭାଜପା ସରକାର ଆସିବା ପରେ ଅନେକ ନିଗମ ତଥା ବୋର୍ଡ଼ର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ତୁରନ୍ତ ବରଖାସ୍ତ କରାଯାଇଥିଲା । ସେ ସମୟରେ ବିଜେପି ସରକାର କାରଣ ଦର୍ଶାଇଥିଲେ ଯେ, ଏ ସମସ୍ତ ନିଯୁକ୍ତି ରାଜନୈତିକ ଲୋକମାନଙ୍କୁ ଥଇଥାନ କରିବା ପାଇଁ କରାଯାଇଥିଲା ଓ ସେମାନଙ୍କର ଅପାରଗତା ପାଇଁ ସେମାନଙ୍କୁ ବରଖାସ୍ତ କରାଯାଇଛି। ଏ ପରିସ୍ଥିତିରେ ବର୍ତ୍ତମାନର ଭାଜପା ସରକାର ଯଦି କେବଳ ରାଜନୈତିକ ଲୋକମାନଙ୍କୁ ଥଇଥାନ କରିବା ପାଇଁ ନିଗମ ଓ ବୋର୍ଡ଼ରେ ନିଯୁକ୍ତିକୁ ଅପବ୍ୟବହାର କରନ୍ତି, ତେବେ ଲୋକମାନଙ୍କ ମଧ୍ୟରେ ଆଶଙ୍କା ସହିତ ଅସନ୍ତୋଷ ବ୍ୟାପକ ହେବାର ଅନେକ ସମ୍ଭାବନା ଅଛି ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ବର୍ତ୍ତମାନ ଆଲୋଚନା ହେଉଛି ଭାଜପାର ପରିବର୍ତ୍ତନ ନାରା ନିଗମ ଓ ବୋର୍ଡ଼ ନିଯୁକ୍ତିରେ ବଳବତ୍ତର ରହିବ ନା ସଂକୀର୍ଣ୍ଣ ରାଜନୀତିର ଚାପରେ ଏହା ଦୁର୍ବଳ ହୋଇପଡିବ। ପୂର୍ବର ଅବ୍ୟବସ୍ଥାକୁ ବର୍ତ୍ତମାନର ବ୍ୟବସ୍ଥା ଭାବରେ ମାନି ନେବ। ବିଭିନ୍ନ ସାମାଜିକ ଗଣମାଧ୍ୟମ ସୋସିଆଲ୍ ମିଡିଆରେ ଯେଉଁସବୁ ପ୍ରଶ୍ନ ଉଠୁଛି ତାହାର ସଠିକ ଉତ୍ତର ହେଲା – ଯୋଗ୍ୟତା ଓ ପରିଚାଳନା ପାରଦର୍ଶିତା ନିଗମ ଓ ବୋର୍ଡ଼ରେ ନିଯୁକ୍ତିର ସ୍ୱଚ୍ଛ ମାନଦଣ୍ଡ ହେଉ।

ନିଯୁକ୍ତିରେ ସ୍ୱଚ୍ଛତା ଓ ପାରଦର୍ଶିତା ବିଜେପିର ଭାବମୂର୍ତ୍ତିକୁ ସୁଦୃଢ କରିବା ସଂଗେ ସଂଗେ ମୋଦୀଙ୍କ ଗ୍ୟାରେଣ୍ଟି ଉପରେ ଅତୁଟ ବିଶ୍ୱାସ ସୃଷ୍ଟି କରିବ, ଯାହାକି ଆଗାମୀ ପଞ୍ଚାୟତ ନିର୍ବାଚନରେ ଅନେକ ପ୍ରଭାବ ପକାଇବ ଓ ଅନ୍ୟପକ୍ଷରେ ପୂର୍ବ ସରକାରର ଥଇଥାନ ରାଜନୀତିକୁ ଆପଣାଇଲେ ଭାଜପାର ପାରଦର୍ଶିତା ଓ ରାଷ୍ଟ୍ରବାଦୀ ଦମ୍ଭୋକ୍ତି ଧୂଳିସାତ ହେବ। ପୂର୍ବ ସରକାର ଓ ବର୍ତ୍ତମାନର ଭାଜପା ସରକାରଙ୍କ ମଧ୍ୟରେ କୌଣସି ନୀତିଗତ ପାର୍ଥକ୍ୟ ରହିବ ନାହିଁ। ଏ ସମସ୍ତ ନିଯୁକ୍ତିରେ ଏକ ନୀତିଗତ ନିଷ୍ପତ୍ତି ଭାଜପା ସରକାର ପାଇଁ ଏକ ଅଗ୍ନି ପରୀକ୍ଷା ସଦୃଶ ହେବ।

# ବିକଶିତ ଭାରତ ନିର୍ମାଣରେ ମହିଳା ଏବଂ ଜନଜାତିଙ୍କର ଦକ୍ଷତା ବିକାଶ



ଡା. ଅନ୍ତର୍ଜିତା ନାୟକ
ମୋ : ୬୩୭୦୯୦୫୯୪୭

ବିକଶିତ ଭାରତର ନିର୍ମାଣରେ ଦକ୍ଷତା ବିକାଶ, କେବଳ ଏକ ଉପକରଣ ନୁହେଁ, ବରଂ ଏହା ଏକ ଭୂତଳସ୍ତର ପରିବର୍ତ୍ତନ ପରି। ଏହା ହେଉଛି ଏକ ଶାନ୍ତ ବିପ୍ଳବ, ଯେଉଁଥିରେ, ଭାରତର ସବୁଠାରୁ କମ୍ ବ୍ୟବହୃତ ଶକ୍ତି, ଯଥା ଏହାର ଜନଜାତି ସମ୍ପ୍ରଦାୟ ଏବଂ ମହିଳାମାନେ, ଯାହାଙ୍କର ସମ୍ଭାବନାକୁ ଉନ୍ମୁକ୍ତ କରି, ଏକ ନୂତନ ରାଷ୍ଟ୍ରର ନିର୍ମାଣ କରାଯାଇପାରିବ। ଯେତେବେଳେ ଏହି ଦୁଇ ଶକ୍ତି ଉଦୀୟମାନ ହେବେ- ହିତାଧିକାରୀ ଭାବରେ ନୁହେଁ, ବରଂ ପରିବର୍ତ୍ତନର ବିଶ୍ୱକର୍ମା ଭାବରେ, ସେତେବେଳେ ବିକାଶ, ମୋଟ ଘରୋଇ ଉତ୍ପାଦ ଠାରୁ ଅଧିକ ହୋଇଯିବ ଓ ଭାରତ ବିକାଶରୁ ବିକଶିତ ପଥରେ ଆଗେଇ ଚାଲିବ। ଦକ୍ଷତା ବିକାଶର ମୂଳ ଅର୍ଥ ଯେ କେବଳ ରୋଜଗାରକ୍ଷମ କରାଇବା, ତାହା ନୁହେଁ, ବରଂ ରୋଜଗାର ପ୍ରଦାନକାରୀ ଭାବେ ଗଠନ କରିବାରେ ନିହିତ। ଏହା ହେଉଛି, ନାଗରିକମାନଙ୍କୁ, ଏକ ଦ୍ରୁତଗତିରେ ବିକଶିତ ହେଉଥିବା ସାମାଜିକ-ଆର୍ଥିକ ପରିଦୃଶ୍ୟରେ ବିଦ୍ୟମାନ କରାଇବା, ନେତୃତ୍ୱ ନେବା ଏବଂ ଆର୍ଥିକ ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳ କରାଇବା ନିମନ୍ତେ ପ୍ରସ୍ତୁତ କରାଇବା । ଜନଜାତି ଏବଂ ମହିଳାମାନଙ୍କ ପାଇଁ, ଦକ୍ଷତା ବିକାଶ କେବଳ ଦାରିଦ୍ର୍ୟରୁ ଗୋଟିଏ ପାହାଚ ଉପରେ ନୁହେଁ, ବରଂ ଏହା ମର୍ଯ୍ୟାଦା, ସ୍ୱାବଲମ୍ବୀ ଏବଂ ନବସୃଜନତା ପାଇଁ ଏକ ସେତୁ । ଭାରତ ହେଉଛି ସମୃଦ୍ଧ ପରମ୍ପରା ଓ ନୂତନ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଏକ ଅଭିନବ ମିଶ୍ରଣ । ଯେତେବେଳେ ବିଶ୍ୱ କୃତ୍ରିମ ବୁଦ୍ଧିମତା, ସବୁଜ ଶକ୍ତି ଏବଂ ଡିଜିଟାଲ ଅର୍ଥବ୍ୟବସ୍ଥା ଆଡକୁ ଦୌଡୁଛି, ସେତେବେଳେ ଭାରତର ଗାଁ, ଜଙ୍ଗଲ ଓ ଜନଜାତିଙ୍କ ମଧ୍ୟରେ ଏକ ଅନାବିଷ୍କୃତ ପ୍ରତିଭାର ନେତୃତ୍ୱ ନିହିତ। ଜନଜାତି ଏବଂ ମହିଳା ଜନସଂଖ୍ୟାକୁ ଦକ୍ଷ କରିବାର ଅର୍ଥ ସେମାନଙ୍କୁ ସେମାନଙ୍କ ମୂଳରୁ ଦୂରେଇ ନେବା ନୁହେଁ, ବରଂ ଏହାର ମୂଳ ଅର୍ଥ ହେଉଛି, ଆମର ଅନନ୍ୟ ପରମ୍ପରାକୁ ଡିଜିଟାଇଜେସନ୍ କରିବା, ଉଦ୍ୟୋଗୀ ଗ୍ରାମୀଣତାକୁ ସଶକ୍ତ କରିବା ଏବଂ ସ୍ଥାନୀୟ ବୁଦ୍ଧିମତ୍ତାକୁ ବିଶ୍ୱ ବଜାରରେ ଉପସ୍ଥାପନ କରାଇବା ।

ଆମର ଜନଜାତି ସମ୍ପ୍ରଦାୟ ହେଉଛନ୍ତି ସଂସ୍କୃତି ଏବଂ ଜୈବ ବିବିଧତାର ରକ୍ଷକ। ଯଦି ସେମାନଙ୍କୁ ଜଳବାୟୁ ସମସ୍ୟା ସମାଧାନର ସୂତ୍ର, ସବୁଜ ପର୍ଯ୍ୟଟନର ଆବାହକ ଏବଂ ଜୈବ-ଅର୍ଥନୀତି ଉଦ୍ୟୋଗୀ ଭାବରେ ଗଢ଼ାଯାଇ ପାରିବ, ତେବେ ବିକଶିତ ଭାରତର କର୍ଣ୍ଣଧାର ହୋଇପାରିବେ ଆମ ଜନଜାତି ଜନସଂଖ୍ୟା, ଯେଉଁଥିରେ ମୁଖ୍ୟ ଭୂମିକାରେ ରହିବେ ଦେଶର ମହିଳାମାନେ । ଉଦାହରଣ ସ୍ୱରୂପ, ଜଙ୍ଗଲରେ ବାସ କରୁଥିବା ବା ଆଭ୍ୟନ୍ତରୀଣ ଅଞ୍ଚଳରେ ବାସ କରୁଥିବା ଜନଜାତି ମହିଳାଙ୍କୁ ଯଦି ଡ୍ରୋନ୍ ମ୍ୟାପିଂରେ ତାଲିମ୍ ଦିଆଯିବ, ଜଙ୍ଗଲ ଆଚ୍ଛାଦନ ସଂରକ୍ଷଣ କିମ୍ବା ହାତୀ ଗତିବିଧି ଉପରେ ନଜର ରଖିବା ପାଇଁ କୃତ୍ରିମ ବୁଦ୍ଧିମତାର ଶିକ୍ଷଣ ଓ ପ୍ରଶିକ୍ଷଣ ଦିଆଯିବ, ବାଉଁଶ ଇଞ୍ଜିନିୟରିଂରେ କୌଶଳ ପ୍ରଦାନ କରାଯିବ, ପଣସ ଅର୍ଥନୀତିରେ ଦକ୍ଷତା ପ୍ରଦାନ କରାଯିବ, ସ୍ୱଦେଶୀ ସୌନ୍ଦର୍ଯ୍ୟ ସହିତ ତିଆରି ହୋଇଥିବା ପରିବେଶ ଅନୁକୂଳ ଆସବାବପତ୍ର ରପ୍ତାନି କରିବା ପାଇଁ ସାହାଯ୍ୟ ଓ ସୁଯୋଗ ପ୍ରଦାନ କରାଯିବ, ବିଲୁପ୍ତିର ଦ୍ୱାରଦେଶରେ ଥିବା ପାରମ୍ପାରିକ ମଞ୍ଜିଗୁଡ଼ିକର ରକ୍ଷଣ ଓ ସଂରକ୍ଷଣ ନିମନ୍ତେ ଅତ୍ୟାଧୁନିକ ତାଲିମ୍ ଓ ସୁବିଧା ଯୋଗାଇଦିଆଯିବ, ବିଶ୍ୱ ଦରବାରରେ ଭାରତର ସମୃଦ୍ଧ ପାରମ୍ପାରିକ ଜ୍ଞାନ ବ୍ୟବସ୍ଥାକୁ ଉପସ୍ଥାପନ କରିବାକୁ ବାଟ ଦେଖାଇ ଦିଆଯିବ, ତେବେ ନିଶ୍ଚିନ୍ତ ଭାବରେ, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ, ଦକ୍ଷତା ପ୍ରଦାନ ଓ ଦକ୍ଷତା ବିକାଶ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ସ୍ଥାନୀୟ ଭାଷାରେ ଶିକ୍ଷା, ଡିଜିଟାଲ ସୁବିଧା ଏବଂ ପ୍ରଶିକ୍ଷଣର ସଠିକ ମିଶ୍ରଣ ଦ୍ୱାରା ଜନଜାତି ମହିଳାମାନେ ଜଳବାୟୁ ନମନୀୟତା, ସ୍ଥାୟୀ କୃଷି, କାରିଗର ଉତ୍ପାଦନ ଏବଂ ଐତିହ୍ୟ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେଇପାରିବେ। ତାହା ସହିତ, ଜଣେ ମହିଳାଙ୍କୁ ସଶକ୍ତ କରିବା ଅର୍ଥ ଏକ ପରିସଂସ୍ଥାକୁ ସଶକ୍ତ କରିବା ସହିତ ସମାନ। ମହିଳାମାନେ ହେଲେ ବଳ ଗୁଣକ (Force Multipliers) । ତଥାପି, ଗ୍ରାମାଞ୍ଚଳ ଏବଂ ଜନଜାତି ଅଞ୍ଚଳର ଲକ୍ଷ ଲକ୍ଷ ଭାରତୀୟ ମହିଳା, ଆଜି ମଧ ଆର୍ଥିକ ଇଞ୍ଜିନର ବାହାରେ ରହିଛନ୍ତି । ଏହାର ମାନେ ନୁହେଁ ଯେ, ସେମାନେ ଦକ୍ଷ ନୁହନ୍ତି, ବା କୁଶଳୀ ନୁହନ୍ତି । ଅସୁବିଧା କେବଳ ଏତିକି ରହୁଛି ଯେ, ଆମେ ମହିଳାମାନଙ୍କ ପାଖରେ ଥିବା ସଠିକ୍ ସମ୍ଭାବନାକୁ ଚିହ୍ନି ପାରୁନାହାନ୍ତି, କି ତାହାକୁ ସଠିକ୍ ଦିଗ ଦେଇ ପାରୁନାହାନ୍ତି । ଜନଜାତି ଓ ଗ୍ରାମାଞ୍ଚଳ ମହିଳାମାନଙ୍କ ଉପରେ କରିଥିବା ମୋର ଏକ ଗବେଷଣାରୁ ଏହା ଜଣାପଡ଼ିଛି ଯେ, ମହିଳାମାନଙ୍କର କୌଶଳ ବିକାଶ ନିମନ୍ତେ ଜନଜାତି ବା ଗ୍ରାମାଞ୍ଚଳରେ ଦକ୍ଷତା ବିକାଶ କେନ୍ଦ୍ର ତ ଖୋଲା ଯାଇଛି, ହେଲେ ତାହା ମହିଳାମାନଙ୍କ ପହଞ୍ଚରୁ ଦୂରରେ ରହୁଛି । କେନ୍ଦ୍ରକୁ ଯିବା ରାସ୍ତା ପ୍ରାୟତଃ ସୁଗମ ବା ସୁରକ୍ଷିତ ନଥାଏ। ଯେଉଁ ସମୟର କେନ୍ଦ୍ର ଖୋଲା ରହୁଛି, ସେଇ ସମୟରେ ଘରର ସମସ୍ତ କାମ ସାରି, ଘର ଲୋକଙ୍କ କଥା ବୁଝି, କେନ୍ଦ୍ର ଆସିବା ମହିଳାମାନଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ସାଧାରଣତଃ, ମହିଳାମାନେ ଖରାବେଳେ ଟିକିଏ ସମୟ ନିଜ ଲାଗି ବାହାର କରିପାରନ୍ତି। ହେଲେ ସେଇ ସମୟରେ କେନ୍ଦ୍ର ବନ୍ଦ ହୋଇଯାଇଥାଏ। ଯେଉଁ କ୍ଷେତ୍ରରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆହେଉଛି, ତାହା ମହିଳାମାନଙ୍କ ରୁଚି ବାହାରେ ରହୁଛି, ବା ସମୟ ଅନୁକୂଳ ହେଉ ନାହିଁ। ଯେପରିକି, ମହିଳାମାନଙ୍କୁ ତାଲିମ୍ ଦେବା ମାନେ ଆମେ ପ୍ରାୟତଃ ସିଲେଇ ଶିଖାଇବା, ଧୂପ ତିଆରି କରିବା ନ ହେଲେ ଛତୁ କି କୁକୁଡ଼ା ଚାଷ ମଧ୍ୟରେ ସୀମିତ କରିଦେଉଛନ୍ତି। ହେଲେ, ଗାଁ ଗହଳିରେ ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ ଭଲ କଣ୍ଢେଇ ତିଆରି କରିପାରନ୍ତି, ଭଲ ଚାଷ କରିପାରନ୍ତି, ଲୁଗା ବୁଣି ପାରନ୍ତି, ମାଟିରେ ଅନେକ ଜିନିଷ ତିଆରି କରିପାରନ୍ତି, ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳର ମହିଳାମାନେ ଭିନ୍ନ ଭିନ୍ନ ଶୁଖୁଆ କରିପାରନ୍ତି ଓ ଏମିତି ଅନେକ ରୁଚି ମଧ ଥାଏ ଯାହାକୁ ମହିଳାମାନେ ଅର୍ଥ, ସୁବିଧା, ସହଯୋଗ ଓ ସମୟ ଅଭାବରୁ କରି ପାରନ୍ତି ନାହିଁ । ଏହି ଦିଗରେ, କୌଶଳ ବିକାଶର ପ୍ରମୁଖ ଲକ୍ଷ୍ୟ ହେବା ଦରକାର ଯେ, ମହିଳାମାନେ କରୁଥିବା କାର୍ଯ୍ୟରେ ନବୀକରଣ ଆଣିବା। ପ୍ରଯୁକ୍ତିବିଦ୍ୟାକୁ ସେମାନଙ୍କ ରୁଚି କ୍ଷେତ୍ରରେ ସମନ୍ୱିତ କରିବା। ଯେପରି, କୃତ୍ରିମ ବୁଦ୍ଧିମତା ପରିଚାଳିତ କୃଷି, ପ୍ରାକୃତିକ ଓ ଜୈବିକ ଫୁଲ ଓ ମହୁ ଚାଷ, ଜୈବିକ ସାର ଉତ୍ପାଦନ, ସ୍ମାର୍ଟଫୋନ୍ ଚଳଚ୍ଚିତ୍ର ନିର୍ମାଣ, କିମ୍ବା ଇକୋ-ଫ୍ୟାସନ୍ ଡିଜାଇନିଂ ବା ପାରମ୍ପାରିକ ତଥା ପରିବେଶ ଅନୁକୂଳ ଖେଳନା ତିଆରିରେ ତାଲିମ୍ ଦେବା ଦ୍ୱାରା, ବିକଶିତ ଭାରତ ଉପଲକ୍ଷେ କୁଶଳୀ ଓ ଦକ୍ଷ ସେନା ନିର୍ମାଣ କରାଯାଇପାରିବ । ଧୀରେ ଧୀରେ ଏହା ପରିଲକ୍ଷିତ ହେଲାଣି ଯେ, ବିଶ୍ୱ ଇ-କମର୍ସ ପ୍ଲାଟଫର୍ମରେ ହସ୍ତନିର୍ମିତ ସାମଗ୍ରୀ ବିକ୍ରି କରୁଥିବା କ୍ଷୁଦ୍ର ଉଦ୍ୟୋଗୀଙ୍କ ଠାରୁ ଆରମ୍ଭ କରି ନିଜ ଗାଁର ବିଦ୍ୟୁତକରଣ କରୁଥିବା ସୌର ଇଞ୍ଜିନିୟର ପର୍ଯ୍ୟନ୍ତ, କୁଶଳୀ ମହିଳାମାନେ କେବଳ ନିଜର ସ୍ୱର୍ଣ୍ଣିମ ପରିଚୟ ସୃଷ୍ଟି କରୁନାହାନ୍ତି, ବରଂ ନିଜ ଆଖପାଖର ମହିଳାମାନଙ୍କ ପାଇଁ ପ୍ରେରଣା ମଧ ପାଲଟିଛନ୍ତି। ଲକ୍ଷ୍ୟ କେବଳ ଏତିକି ଯେ, ଯାହା ଆଜି ହାତରେ ଗଣି ହେଉଛି, ତାହାକୁ ଆକାଶର ତାରା ସମାନ କରିବାର ଅଛି।

ବିକଶିତ ଭାରତ ଉଦ୍ଦେଶ୍ୟରେ ଦରକାର ବୈଷୟିକ ଜ୍ଞାନ ତଥା ସଂସ୍କୃତି ଆଧାରିତ କୌଶଳ ଢାଞ୍ଚା, ନା କି କୌଣସି ଅନୁକରଣ ପ୍ରଶିକ୍ଷଣ ଢାଞ୍ଚା। ଆମକୁ "ପ୍ରାସଙ୍ଗିକ କୌଶଳ"ର ଆବଶ୍ୟକତା ରହିଛି, ଯାହାର ମୂଳଦୁଆ ସ୍ଥାନୀୟ ଜ୍ଞାନ ଉପରେ ଆଧାରିତ, ଯାହା ବୈଶ୍ୱିକ ଉପକରଣ ଦ୍ୱାରା ପରିଚାଳିତ। ଉଦାହରଣ ସ୍ୱରୂପ- ଜନଜାତି ଉପଭାଷାଗୁଡ଼ିକ ପାଇଁ ପ୍ରସ୍ତୁତ ହୋଇଥିବା କୃତ୍ରିମ ବୁଦ୍ଧିମତା ପରିଚାଳିତ ସ୍ଥାନୀୟ ଭାଷା ଶିକ୍ଷଣ ଆପ୍, ପ୍ରାମାଣିକତା ଏବଂ ନିରପେକ୍ଷ ବାଣିଜ୍ୟ ସୁନିଶ୍ଚିତ କରୁଥିବା ଜନଜାତି ହସ୍ତଶିଳ୍ପ ପାଇଁ ବ୍ଲକ୍ ଚେନ୍ ସକ୍ଷମ ସାର୍ଟିଫିକେଟ୍ ପ୍ରଦାନ, ମୋବାଇଲ ସ୍କିଲ୍ ଲ୍ୟାବ୍, ଯାହା କୋଡିଂ, ଡିଜିଟାଲ୍ ମାର୍କେଟିଂ ଏବଂ ନବୀକରଣଯୋଗ୍ୟ ଦକ୍ଷତା ପ୍ରଦାନକୁ ଦୂରଦୂରାନ୍ତ ଗ୍ରାମଗୁଡ଼ିକର ମହିଳାମାନଙ୍କ ନିକଟରେ ପହଞ୍ଚାଇ ପାରୁଥିବ । ଆମେ ଯେତେବେଳେ ଆମ ଜନଜାତି ବା ଦେଶର ମହିଳାମାନଙ୍କୁ କୌଶଳ ପ୍ରଦାନ କରୁ, ସେତେବେଳେ ଆମେ ଏକ ବିକଶିତ ରାଷ୍ଟ୍ର ନିର୍ମାଣ କରୁ, ଯାହା ପାଶ୍ଚାତ୍ୟର ନକଲ ନୁହେଁ, ବରଂ ବିଶ୍ୱ ପାଇଁ ଏକ ଆଦର୍ଶ, ଯେଉଁଠାରେ ବିକାଶ ହୁଏ ସମାବେଶୀ, ସ୍ୱଦେଶୀ ଏବଂ ଅଭିନବ । ଜନଜାତି ଏବଂ ମହିଳାମାନଙ୍କୁ ଦକ୍ଷ କରିବା ଏକ ରଣନୀତି । ଏହା ହେଉଛି ସ୍ଥାୟୀ, ନ୍ୟାୟସଙ୍ଗତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଅଭିବୃଦ୍ଧିର ଇଞ୍ଜିନ । ଯଦି ୨୦୪୭ ମସିହା ସୁଦ୍ଧା ଭାରତକୁ ପ୍ରକୃତରେ ବିକଶିତ କରିବାର ଅଛି ଓ "ସବକା ସାଥ୍, ସବ୍‌କା ବିକାଶ", "ସବକା ବିଶ୍ୱାସ, ସବକା ପ୍ରୟାସ" ହାସଲ କରିବାର ଅଛି, ତେବେ ଯେଉଁ ହାତ ପରିବା କାଟୁଛି, ମସଲା ବାଟୁଛି, ଗୋବର ଗୋଟାଉଛି, ଘସି ପାରୁଛି, ଧାନ କାଟୁଛି, ପିଲାଙ୍କୁ ବଡ କରୁଛି, ଘର ସମ୍ଭାଳୁଛି, ବା କହିବାକୁ ଗଲେ ରାଷ୍ଟ୍ର ନିର୍ମାଣରେ ଏକ ଅଦୃଶ୍ୟ ଅବଦାନକାରୀ ଭାବରେ କାର୍ଯ୍ୟ କରୁଛି, ସେଇ ହାତକୁ ନବସୃଜନର ଉପକରଣ ମଧ ଧରିବାର ଅଛି। ଧରିବାର ଅଛି କଲମ, ଲାପଟପ୍, ଆର୍ଥିକ ଉପକରଣ ଏବଂ ନେତୃତ୍ୱର ଭୂମିକା। ହାତକୁ ନେବାର ଅଛି ସଂପୂର୍ଣ୍ଣ ଏକ ବ୍ୟବସ୍ଥା ନିର୍ମାଣ କରିବାର ଗୁରୁଦାୟିତ୍ୱ। ଆସନ୍ତୁ ଏପରି ଏକ ଭାରତର ପରିକଳ୍ପନା କରିବା ଯେଉଁଠାରେ ମହିଳାମାନେ ଆତ୍ମବିଶ୍ୱାସର ସହ କୃତ୍ରିମ ବୁଦ୍ଧିମତା ପରିଚାଳନା କରିପାରୁଥିବେ, ମହିଳାମାନେ ସ୍ୱନିର୍ମିତ ଉତ୍ପାଦ ରପ୍ତାନୀ କରିପାରୁଥିବେ, ସମବାୟ ସମିତିର ନେତୃତ୍ୱ ନେଇପାରୁଥିବେ, ଯେଉଁଠି ଦକ୍ଷତା ପ୍ରଦାନ ଓ କୁଶଳୀ ସେନା ନିର୍ମାଣ କରିବାରେ ସ୍କିଲ୍ ଇଣ୍ଡିଆ ଅଭିଯାନ ଜୀବିକା ନିର୍ମାଣ କରିବା ସହିତ ସଂସ୍କୃତିକୁ ସଂରକ୍ଷିତ କରିବା ଦିଗରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବ। ଆମ ଜନଜାତି ଓ ମହିଳାମାନଙ୍କର ଅଦୃଶ୍ୟ ଯୋଗଦାନ ଏବଂ ଦୃଶ୍ୟମାନ ନେତୃତ୍ୱ ମଧ୍ୟରେ ଦକ୍ଷତା ବିକାଶ ହେଉଛି ଏକ ସେତୁ। ସେଇ ସେତୁ ଯେତେ ସୁଦୃଢ଼ ହେବ, ସେତେ ଗତିବିଧିରେ ଦେଶ ପ୍ରକୃତ ବିକାଶ ଦିଗରେ ଅଗ୍ରସର ହେବ, ଯେଉଁଥିରେ ଚାଳକ ଆସନରେ ଥିବେ ଦେଶର ଜନଜାତି ଓ ମହିଳାମାନେ।



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ଅଞ୍ଚଳରେ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ଯାଉଥିଲେ ହେଲେ ରୋଗୀ ହୋଇ ଫେରିଲେ। ଯାତ୍ରୀବାହି ଅଟୋ ଓଲଟି ଚାରିଜଣ ଆହାତ ହୋଇଛନ୍ତି। ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଝରପାରି ଗ୍ରାମ ନିକଟରେ। ଯାତ୍ରୀବାହି ଅଟୋ ଦୁର୍ଘଟଣାରେ ଗାଙ୍ଗପୁର ଗ୍ରାମର ୫୫ ବର୍ଷୀୟା ଶିଶୁଳା ପ୍ରଧାନ, ୨୮ ବର୍ଷୀୟ ମୁନା ସ୍ୱାଇଁ, ୨୫ ବର୍ଷୀୟା ସୁନିତା ସ୍ୱାଇଁ, ୨୨ବର୍ଷୀୟ ରାକେଶ ପାଲାଡୁ ଆହାତ ହୋଇଛନ୍ତି। ସୂଚନା ଅନୁସାରେ ଶିଶୁଳାଙ୍କୁ ଗୋଟିଏ ଯାତ୍ରୀବାହି ଅଟୋରେ ସମ୍ପର୍କୀୟମାନେ ମିଶି ଝରପାରି ଅସ୍ଥି ଚିକିତ୍ସକଙ୍କ ପାଖକୁ ଚିକିତ୍ସା ନିମନ୍ତେ ନେବାବେଳେ ଝରପାରି ଗ୍ରାମ ନିକଟରେ ଯାତ୍ରୀ ବହି ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଅଟୋରେ ବସିଥିବା ସମସ୍ତ ଚାରି ଯାତ୍ରୀ ଆହାତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଧାରକରୀ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ସମସ୍ତଙ୍କ ଚିକିତ୍ସା ହୋଇଥିବା ବେଳେ କେଉଁ କାରଣ ଯୋଗୁଁ ଅଟୋଟି ଦୁର୍ଘଟଣା ଗ୍ରସ୍ତ ହେଲା ତାହାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।



# ଗଣେଶ ପୂଜାରେ ଶୋଭା ପାଇବ ଅଯୋଧ୍ୟା ରାମ ମନ୍ଦିର



ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନରେ ଦ୍ୱିତୀୟ ଦଶହରା ଓ ଗଣପର୍ବର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗଣେଶ ପୂଜାରେ ଚଳିତ ବର୍ଷ ପ୍ରଭୁ ଶ୍ରୀରାମ ଲାଲାଙ୍କ ଅବିକଳ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିର ଶୋଭା ପାଇବ। ରୟାଲିୟନ୍ସ କ୍ଲବ ୨୦୧୨ ବ୍ୟାଚର ବାର ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନ ହାଇସ୍କୁଲ ପଡିଆରେ କାଠ, ବାଉଁଶ ଏବଂ ପ୍ଲାଏରେ ଅବିକଳ ଶ୍ରୀରାମ ମନ୍ଦିର ନିର୍ମାଣ କରାଯିବ। ଏଥିପାଇଁ ଶନିବାର ସକାଳ ଶୁଭ ମୁହୂର୍ତ୍ତରେ କ୍ଲବ ସଭାପତି ପିଣ୍ଟୁ ଦାସଙ୍କ ପୌରହିତ୍ୟରେ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ମଳ ଚନ୍ଦ୍ର ପୋଥାଳ, ଲିଙ୍ଗରାଜ ସାହୁ, ସିଲୁ ନାୟକ, ଗୁଲସନ୍ କୁମାର ରାଉତ, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗତ ବର୍ଷ ଗଣେଶ ପୂଜାରେ ଡାଜଲିଙ୍ଗ କ୍ଲବ ତରଫରୁ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ମନ୍ଦିର ନିର୍ମାଣ ଓ ମହାପ୍ରଭୁଙ୍କ ଗଜାନନ ବେଶ କରାଯାଇଥିଲା, ଯାହାକି ସାରା ରାଜ୍ୟରେ ଚର୍ଚ୍ଚିତ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଅଯୋଧ୍ୟା ଶ୍ରୀରାମ ମନ୍ଦିର ରାଜ୍ୟରେ ଚର୍ଚ୍ଚାର ପରିସରଭୁକ୍ତ ହେବ ବୋଲି ରୟାଲିୟନ୍ସ କ୍ଲବ ସଦସ୍ୟ ଆଶ ରଖିଛନ୍ତି।

## ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ

ବାମରା, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ଜୁଲାଇ ପ୍ରଥମ ସପ୍ତାହରୁ ଲଗାଣ ବର୍ଷା ହେବା ଫଳରେ ଖରିଫ ଧାନ ଫସଲ ବହୁ ମାତ୍ରାରେ ନଷ୍ଟ ହେବା ସହ ଜମିର ହିଡ ଭାଙ୍ଗି ବାଲିଚର ହୋଇଯାଇଛି। ଜମି ଗୁଡିକ ବାଲିଚର ହେବା ଫଳରେ ଧାନତଳି ରୁଆ ବାଧା ସୃଷ୍ଟି ହୋଇଛି। ଧାନ ଗଜା ହୋଇ ନଷ୍ଟ ହେବା ଫଳରେ ଚାଷୀ ପୁଣି ଥରେ ଧାନ ତଳି ପକାଇବାକୁ ବାଧ ହୋଇଛନ୍ତି। କିନ୍ତୁ, ପ୍ରାୟ ଏକମାସ ବ୍ୟାପି ପ୍ରତିଦିନ ବର୍ଷା ଯୋଗୁଁ ଧାନ ଚାଷ ବହୁଳ ଭାବେ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ପ୍ରଶାସନ (କୃଷି ବିଭାଗ ଓ ରାଜସ୍ୱ ବିଭାଗ) ସଠିକ୍ ଭାବେ କ୍ଷୟକ୍ଷତିର ଆକଳନ କରି ବାମରା ବ୍ଲକ୍‌କୁ ବନ୍ୟା ବିପର୍ଯ୍ୟୟ ଅଞ୍ଚଳ ଭାବେ ଘୋଷଣା କରାଯିବା ଓ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ଦୁର୍ଘଟଣାରେ କଟିଲା ମହିଳାଙ୍କ ଗୋଡ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଛତିଆ କଲେଜ ସମ୍ମୁଖରେ ଏକ ହାଇୱା ଧକ୍କାରେ ସ୍ଥାନୀୟ ଅଞ୍ଚଳରେ ଜଣେ ମହିଳାଙ୍କ ଗୋଡ ଛିଣ୍ଡିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଛତିଆ ପଞ୍ଚାୟତର ଇଚ୍ଛାନଗର ପାଟଣା ଗ୍ରାମର ସରସ୍ୱତୀ ପାଗଳ କଲେଜ ଛକରେ ଏକ ଚା ଦୋକାନ କରିଥିଲେ କ୍ଷ ଦୋକାନ ପାଇଁ ରାଜପଥ ଅପର ପାର୍ଶ୍ୱରୁ ପାଣି ନେଇ ଦୋକାନକୁ ଆସୁଥିବା ବେଳେ କଟକ ପଟୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ହାଇୱା ଗାଡି ମହିଳାଙ୍କୁ ଧକ୍କା ଦେଇଥିଲା। ଗାଡିର ଚକ ତାଙ୍କ ଗୋଡ ଉପରେ ଚଢି କିଛି ବାଟ ଘୋଷାରି ନେଇଥିଲା ଫଳରେ ଶରିରରୁ ଗୋଡ ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନ ନିଆଯାଇଥିଲା। ଘଟଣାସ୍ଥଳରୁ ଗାଡି ଛାଡି ଚାଳକ ଫେରାର ହୋଇଯାଇଥିଲା। ଛତିଆ ବିଟ୍ ହାଉସ୍ ପୋଲିସ ଗାଡି ଟି କୁ ଜବତ କରିଥିଲା। ପ୍ରକାଶ ଥାଉକି ୨୦୨୩ ମସିହାରେ ଉକ୍ତ ସ୍ଥାନରେ ମହିଳାଙ୍କ ସ୍ୱାମୀ ମଧ୍ୟ ଗାଡି ଧକ୍କାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ମୃତ ସ୍ୱାମୀ, ସ୍ତ୍ରୀ'ଙ୍କ ପିଲାମାନେ ଏବେ ବେସାହାରା ହୋଇପଡିଛନ୍ତି।

# ଯୋଡ଼ା ଟାଟାଷ୍ଟିଲ ହସ୍ପିଟାଲରେ ଗଳା କାଟି ମହିଳା ରୋଗୀଙ୍କ ଆତ୍ମହତ୍ୟା

୦ ଘଟଣାର ତଦନ୍ତ ଚାଲିଛି : ବଡବିଲ ଏସଡ଼ିପିଓ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ ଯୋଡ଼ା ଟାଟାଷ୍ଟିଲ ହସ୍ପିଟାଲରେ ଗଳା କାଟି ରୋଗୀଙ୍କ ଆତ୍ମହତ୍ୟା ଅଭିଯୋଗ ହୋଇଛି। ମୃତକ ଯୋଡ଼ା ୭ ନଂ ୱାର୍ଡ଼ ଉଲ୍ଲିହଟିଂ ସହିଦନଗର ଅଞ୍ଚଳର ସଞ୍ଜୟ ମୁଣ୍ଡାଙ୍କ ସ୍ତ୍ରୀ ବାଲମା ମୁଣ୍ଡା (୪୨)। ଗୋଡ଼ରେ କାଚ ଫୁଟି ସଂକ୍ରମଣ ଜନିତ ସମସ୍ୟା ଯୋଗୁଁ ୧୦ ତାରିଖରେ ଟାଟା ହସ୍ପିଟାଲର ଫିମେଲ ୱାର୍ଡ଼ର ବେଡ ନଂ ୪ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଝିଅ ଆଟେଣ୍ଡାଣ୍ଟ ଭାବରେ ରହିଥିଲେ। ଗତ ବିଳମ୍ବିତ ରାତିରେ ଝିଅ ଶୋଇଥିବା ବେଳେ ସେ ନିଜର ଗଳା କାଟି ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ଏହି ଘଟଣା ପରେ ଟାଟା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ଆସିଛି ସଙ୍ଗୀନ ଅଭିଯୋଗ। ଘଟଣାକୁ ଲୁଚାଇବା ପାଇଁ ପୋଲିସକୁ ନ ଜଣାଇ ଶନିବାର ସକାଳ ପ୍ରାୟ ୬ ଟା ୨୦ରେ ମୃତଦେହକୁ ତାଙ୍କ ଘରକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଟାଟାଷ୍ଟିଲ ହସ୍ପିଟାଲରେ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ବାଲମାଙ୍କ ସ୍ୱାମୀ ସଞ୍ଜୟ ମୁଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ତାଙ୍କ ପତ୍ନୀ ବାଲମା ୬/୭ ମାସ ଧରି ଗୋଡ଼ରେ କାଚ ମାଡ଼ିଥିବାରୁ ଏହା କ୍ରମଶଃ ସେପଟିକ ହୋଇଯାଇଥିଲା। ଏଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସକାଳୁ ବାଲମାଙ୍କ ପାଖରେ ଥିବା ତାଙ୍କ ଝିଅ ରାତି ପ୍ରାୟ ୩ଟା ବେଳେ ତାଙ୍କ ବାପାଙ୍କୁ ଫୋନ କରି ମା'ଙ୍କ ମୃତ୍ୟୁ ସମ୍ପର୍କିତ ଖବର ଦେଇଥିଲେ। ମୃତ୍ୟୁରକାରଣ ସମ୍ପର୍କରେ ସ୍ୱାମୀ ସଞ୍ଜୟ କହିଛନ୍ତି ଯେ, ନିଜ ବେକକୁ କାଟି ବାଲମା ମୃତ୍ୟୁବରଣ କରିଛନ୍ତି। ପରେ ବାଲମାଙ୍କ ମୃତଦେହକୁ ସଞ୍ଜୟକୁ ନେଇ ଯିବା ପାଇଁ ଡାକ୍ତର ପରାମର୍ଶ ଦେଲେ ବୋଲି ସଞ୍ଜୟ କହିଛନ୍ତି। ଅନ୍ୟପକ୍ଷରେ ସଞ୍ଜୟଙ୍କ ବନ୍ଧୁ ହିରାଲାଲ ନନ୍ଦ କହିଛନ୍ତି ଯେ, ପ୍ରାରମ୍ଭିକ ଚିକିତ୍ସାରେ ଡାକ୍ତର ରୋଗୀ ବଲମାଙ୍କ ରକ୍ତ ଆବଶ୍ୟକତା ବିଷୟରେ କହିଥିଲେ ଏବଂ ଏକ ଔଷଧ ଆଣିବାକୁ ପରାମର୍ଶ ଦେଇଥିଲେ। ଔଷଧର ମୂଲ୍ୟ ଏବଂ ଚିକିତ୍ସାରେ ଅଧିକ ଖର୍ଚ୍ଚ ହେବା ହେତୁ ସ୍ଥାନୀୟ କାଉନସିଲର ବିଶ୍ୱ ପ୍ରତାପ ବେହେରାଙ୍କୁ ଯୋଗାଯୋଗ କରି ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ। ହେଲେ ଶୁକ୍ରବାର ଅଚାନକ ରୋଗୀ ବାଲମାଙ୍କ ମୃତ୍ୟୁ ଓ ବେକ କଟିବାର ଚିହ୍ନ ପ୍ରଚୁର ମାତ୍ରାରେ ରକ୍ତସ୍ରାବ ହେତୁ ମୃତ୍ୟୁ ଘଟଣା ସେମାନଙ୍କୁ ସନ୍ଦେହରେ ରଖିଥିବା ନନ୍ଦ ପ୍ରକାଶ କରିଛନ୍ତି। ତେଣେ ୭ନମ୍ବର୍ ୱାର୍ଡ ସହିଦନଗର କାଉନସିଲର ବିଶ୍ୱ ପ୍ରତାପ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବଲମାଙ୍କ ସ୍ୱାମୀ ସଞ୍ଜୟ ତାଙ୍କ ନିକଟକୁ ଆସି ଟାଟାଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ୧୩ ହଜାର ଟଙ୍କା ଆବଶ୍ୟକ ଥିବା ନେଇ ଜଣାଇଥିଲେ। ତେବେ ବେହେରା ତାଙ୍କୁ କହିଥିଲେ ଯେ, ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ରାସନ କାର୍ଡ, ଆଧାର କାର୍ଡ ନେଇ ହସ୍ପିଟାଲରେ ଦେଖାଇଲେ ଚିକିତ୍ସା ହୋଇପାରିବ ବୋଲି କହିଥିଲେ। ଶୁକ୍ରବାର ସକାଳୁ ରୋଗୀ ଗଳା କାଟି ମରିଯାଇଥିବା ସମ୍ପର୍କରେ ସେ ଖବର ପାଇଥିଲେ। ଘଟଣା ଘଟିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ତୁରନ୍ତ ମୃତଦେହକୁ ତାଙ୍କ ଘରକୁ ପଠାଇ ଦେଇଥିଲେ। ବଲମାଙ୍କ ଅସ୍ୱାଭାବିକ ମୃତ୍ୟୁ ଖବର ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଥାନାରେ ମଧ୍ୟ ଜଣାଇ ନ ଥିଲେ। ମୃତ୍ୟୁର କାରଣ ନେଇ ସନ୍ଦେହ ଉପୁଜିବାରୁ ଏ ସଂକ୍ରାନ୍ତରେ ପୋଲିସକୁ କାଉନସିଲର ଅବଗତ କରାଇଥିଲେ। ଘଟଣାସ୍ଥଳରେ ଯୋଡା ଜନସାଧାରଣ ପହଞ୍ଚି ଥିବାରୁ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପୋଲିସ ହସ୍ପିଟାଲରେ ପହଞ୍ଚି ବଲମା ଥିବା ବେଡର ସରଜମିନ ତଦନ୍ତ କରି ଦେଖିବାକୁ ପାଇଥିଲା ଯେ, ରକ୍ତାକ୍ତ ଚାଦର, ବେଡସିଟ, ତକିଆ ସେ ସ୍ଥାନରେ ନଥିଲା। ଏପରିକି ମୃତଦେହ ବାହାର କରିବା ପରେ ରକ୍ତ ଦାଗ ସବୁ ସଫା କରିବା ସହ ବେଡକୁ ମଧ୍ୟ ଧୋଇ ଦିଆଯାଇଛି। ଘଟଣା ପ୍ରଘଟ ହେବାପରେ ଟାଟାଷ୍ଟିଲ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି। ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି। ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଆଇଆଇସି ସୁଶାନ୍ତ କୁମାର ପ୍ରଧାନ, ବାମେବାରୀ ଆଇଆଇସି ଯୋସକେତନ ଭୋଇ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଟାଟାଷ୍ଟିଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ସୁଚିଶ୍ମିତା ଦାସଙ୍କ ସହିତ ଆଲୋଚନା କରି ରାତି କାଳୀନ ଡ୍ୟୁଟିରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ବିଭିନ୍ନ ଦିଗକୁ ଆଧାର କରି ପୋଲିସ ଏହାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚମ୍ପୁଆ ଉପଜିଲ୍ଲାପାଳ ପରିଡ଼ା କହିଛନ୍ତି। କେଉଁ ପରିସ୍ଥିତିରେ ପୋଲିସକୁ ନ ଜାଣଇ ମୃତଦେହ ପଠାଗଲା ସେନେଇ ମଧ୍ୟ ତଦନ୍ତ କରାଯିବ ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଟାଟା ଷ୍ଟିଲ ହସ୍ପିଟାଲ ମୁଖ୍ୟ ଡାକ୍ତର ସୁଚିଶ୍ମିତା ଦାସ ଏ ନେଇ ମୁହଁ ଖୋଲି ନ ଥିଲେ। ଏ ନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଯୋଡା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

### ଛୁରା ମାଡରେ ୨ ନାବାଳକ ଗୁରୁତର

# ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଚାନ୍ଦପୁର ଗ୍ରାମର ଜନୈକ ଦୃର୍ବୃତ୍ତର ଛୁରା ମାଡରେ ସେହି ଗ୍ରାମର ୨ ନାବାଳକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଏହି ଗ୍ରାମର ଏନ ମାରାଣ୍ଡିଙ୍କ ପୁଅ ଓମପ୍ରକାଶ ୧୨ ଜେକି ରେଳବାଇ କଲୋନୀରେ ରହୁଛନ୍ତି। ଅନ୍ୟଜଣେ ହେଲେ ମନୋଜ ନାୟକଙ୍କ ପୁଅ ଆକାଶ ୧୪ ଉଭୟ ନିକଟସ୍ଥ ସ୍କୁଲରେ ପାଠ ପଢୁଛନ୍ତି। ଛୁରା ମାଡରେ ଓମପ୍ରକାଶଙ୍କ ପେଟରେ ଗଭୀର ଆଘାତ ଲାଗିଥିବା ବେଳେ ଆକାଶଙ୍କ ବେକରେ ଆଘାତ ଲାଗି ଗୁରୁତର ହାଇପଡ଼ିଛନ୍ତି। ୨ନାବାଳକଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ରେଫର କରାଯାଇଛି। ଓମପ୍ରକାଶ ଓ ଆକାଶ ନିକଟସ୍ଥ ଦୋକାନରୁ କୁରୁକୁରେ ନେଇ ଫେରୁଥିବା ବେଳେ ହଟାତ୍ ଉକ୍ତ ଗ୍ରାମର ବଟକୃଷ୍ଣ ଦାସଙ୍କ ପୁଅ ନିତ୍ୟାନନ୍ଦ ଓରଫ ବଳିଆ ଏକ ଛୁରୀରେ ୨ ନାବାଳକଙ୍କୁ ଆକ୍ରମଣ କରିଥିଲା। ଗ୍ରାମବାସୀ ପାଟି କରିବାରୁ ବଳିଆ ସେଠାରୁ ଫେରାର ହୋଇଯାଉଥିବା ସମୟରେ ଗ୍ରାମବାସୀ ଗୋଡାଇ ଗୋଡାଇ ବିଲ ମଧ୍ୟରୁ ତାକୁ ଧରିବାକୁ ସକ୍ଷମ ହୋଇଥିଲେ। ପରେ ପୋଲିସ ପହଞ୍ଚି ବଳିଆକୁ ଗିରଫ କରିବା ସହ ତା ପାଖରୁ ଏକ ଧାରୁଆ ଛୁରୀ ଜବତ କରିଥିଲା। ସୂଚନାଯୋଗ୍ୟ କି ନିତ୍ୟାନନ୍ଦ ଓରଫ ବଳିଆ ଗତ ୨୦୧୯ମସିହାରେ ନିଜ ମା'କୁ ନିଶାଦ୍ରବ୍ୟ ସେବନ ପାଇଁ ଟଙ୍କା ମାଗି ନିରାଶ ହେବାରୁ ଏକ ଛୁରୀରେ ନିଜ ମାକୁ ଅତି ବିଭତ୍ସ ଭାବେ ହତ୍ୟା କରିଥିଲା। ଗତ ଦେଢମାସ ତଳେ ଜେଲରୁ ଫେରି ପୁରୀ ସ୍ଥିତ ଏକ ହୋଟେଲରେ କାମ କରୁଥିଲା। ସେଠାରୁ ଚାଲିଆସି ଗତ ୪ ଦିନ ହେଲା ନିଜ ପୈତୃକ ଘରେ ରହୁଥିଲା। ରିପୋର୍ଟ ଲେଖାହେବ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମନସା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ଦିନ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାରାଦୀପ ମହାବିଦ୍ୟାଳୟ ପରିସରରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଶତାଧିକ ରକ୍ତ ଦାତା ଏହି ଜୀବନ ରକ୍ଷାକାରୀ କାର୍ଯ୍ୟରେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଏଚ୍.ଏସ୍.ରାଉତ, ମୁଖ୍ୟ ଯନ୍ତ୍ରି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର, କଟକ ସହିତ ମିଳିତ ଭାବରେ ଆୟୋଜିତ ଏହି ଶିବିରର ଲକ୍ଷ୍ୟ ଦେଶରେ ରକ୍ତର ଚିରସ୍ଥାୟୀ ଆବଶ୍ୟକତା କୁ ପୂରଣ କରିବା ଏବଂ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତି ପାଇଁ ସୁସ୍ଥ ଷ୍ଟକ୍ ସୁନିଶ୍ଚିତ କରିବା। ଏହି ଶିବିରରେ ଅଭିଜ୍ଞ ଡାକ୍ତର ଏବଂ ଚିକିତ୍ସା ଦଳ ରକ୍ତଦାନ ପ୍ରକ୍ରିୟାକୁ ସତର୍କତାର ସହ ତଦାରଖ କରିଥିଲେ। ରକ୍ତଦାନ ପୂର୍ବରୁ ସମସ୍ତ ରକ୍ତଦାତାଙ୍କ ରକ୍ତଚାପ, ହିମୋଗ୍ଲୋବିନ ସ୍ତର ଏବଂ ଓଜନ ଯାଞ୍ଚ ସମେତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦାତାଙ୍କ ଦାନଶୀଳତାକୁ ସ୍ୱୀକାର କରିବା ଏବଂ ପ୍ରଶଂସା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମନସା ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ସଦସ୍ୟ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି ଯେ ପାରାଦୀପର ଜନ ସାଧାରଣଙ୍କ ଉତ୍ସାହର ସହ ଅଂଶ ଗ୍ରହଣରେ ଆମେ ଅତ୍ୟନ୍ତ କୃତଜ୍ଞ। ତେବେ ଏହି ଶିବିରରୁ ସର୍ବମୋଟ ୯୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ମାନସା ଚାରିଟେବୁଲ ଟ୍ରଷ୍ଟର ସମସ୍ତ ସ୍ୱେଚ୍ଛାସେବୀ, ଚିକିତ୍ସା କର୍ମଚାରୀ ଏବଂ ସହାୟକ ସଂଗଠନ ଦ୍ୱାରା ଏହି ଶିବିର ସଫଳତାର ସହ ପରିଚାଳିତ ହୋଇଥିଲା। ମାନସା ଚାରିଟେବୁଲ ଟ୍ରଷ୍ଟ ବିଭିନ୍ନ ମାନବିକ ପଦକ୍ଷେପ ମାଧ୍ୟମରେ ସମାଜର ସେବା କରିବାକୁ ପ୍ରତିବଦ୍ଧ ଏବଂ ଭବିଷ୍ୟତରେ ଏପରି ଅଧିକ ଜୀବନ ରକ୍ଷାକାରୀ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଦିନ ଦ୍ୱିପ୍ରହରରେ ମହିଳାଙ୍କ ଠାରୁ ଲୁଟ୍

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଡୁବୁରୀ ବାଇପାସ୍ ନିକଟରୁ ଜଣେ ମହିଳାଙ୍କ ନିକଟରୁ ଦୃର୍ବୃତ୍ତମାନେ ଭ୍ୟାନିଟ ଛଡାଇ ନେଇଛନ୍ତି। ଖବରରୁ ପ୍ରକାଶ ଛତିଆ ଛେଦା ଗ୍ରାମର ଅନିତା ଦାସ ଓ ଅମିତାଭ ବାରିକ୍ ଏକ ସ୍କୁଟିରେ ଚଣ୍ଡିଖୋଲ ଛକ ଆସୁଥିବା ସମୟରେ ଚଣ୍ଡିଖୋଲ ଡୁବୁରୀ ବାଇପାସ୍ ନିକଟରେ ୫.୩୦ ସମୟରେ ଏକ ପଲ୍ସର୍ ବାଇକ୍‌ରେ ତିନିଜଣ ଦୁର୍ବୃତ୍ତ ଆସି ଅନିତାଙ୍କ ନିକଟରୁ ଭ୍ୟାନିଟ ବ୍ୟାଗ୍‌ଟି ଛଡାଇ ନେଇ ଦୁବୁରୀ ଆଡେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଭ୍ୟାନିଟ୍‌ରେ ଏକ ମୋବାଇଲ ଫୋନ୍, ୧୫ଶହରୁ ଊର୍ଦ୍ଧ୍ୱ ଟଙ୍କା, ଏଟିଏମ୍ କାର୍ଡ ସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିଲା। ଏ ସମ୍ପର୍କରେ ଅନିତା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ଜୋରଦାର ପ୍ରୟାସ ଚାଲୁ ରଖିଛି। ଦିନରେ ଓ ରାତିରେ ଏହି ଦୁଇଟି ଜାତୀୟ ରାଜପଥରେ ପେଟ୍ରୋଲିଂକୁ ଜୋରଦାର କରିବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟୁତ୍ କର୍ମଚାରୀଙ୍କ ନାମରେ ଥାନାରେ ମାମଲା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଦ୍ୟୁତ୍ କର୍ମଚାରୀ ଜଣେ ବ୍ୟକ୍ତିଙ୍କ ଘରେ ପଶି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ବିଦ୍ୟୁତ୍ କାଟି ଦେବା ଘଟଣାକୁ ନେଇ ଘରେ ଥିବା ବରିଷ୍ଠ ନାଗରିକଙ୍କର ଶରୀର ଅସୁସ୍ଥ ହେବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସା ହେଉଛନ୍ତି। ଏ ସମ୍ପର୍କରେ ବୃଦ୍ଧଙ୍କ ବୋହୂ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ରଏଡ୍ ବଜାର ଗ୍ରାମର ନସିମା ପରବିନ ଅଭିଯୋଗ କରିଛନ୍ତି ଗତ ୧୬ ତାରିଖରେ ଜଣେ ବିଦ୍ୟୁତ୍ କର୍ମଚାରୀ ଘରେ ପଶି ବିଦ୍ୟୁତ୍ କାଟିବାକୁ କହିଥିଲେ। ମାତ୍ର ଘରେ ଥିବା ବରିଷ୍ଠ ନାଗରିକ କ'ଣ ପାଇଁ ବିଦ୍ୟୁତ୍ କଟା ହେବ, ପ୍ରତି ମାସରେ ବିଲ୍ ପୈଠ କରୁଛୁ ବୋଲି କହିଥିଲେ। ହଠାତ୍ ବିଦ୍ୟୁତ୍ କର୍ମଚାରୀ କ୍ରୋଧାନ୍ୱିତ ହୋଇ ଗାଳିଗୁଲଜ କରି ବିଦ୍ୟୁତ୍ କାଟି ଦେଇଥିଲେ। ନସିମାଙ୍କ ଶ୍ୱଶୁର ଗୁରୁତର ହୋଇପଡ଼ିବାରୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୃଦ୍ଧ ଚିକିତ୍ସା ହେଉଛନ୍ତି। ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ ଚାକିରୀ କରୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀଙ୍କ ଦବଙ୍ଗଗିରିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି।

## ଚୋରି ବାଇକ୍ ଜବତ ୨ଗିରଫ, ୨ଫେରାର

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ଥାନା ଅନ୍ତର୍ଗତ ବିଭିନ୍ନ ଇଲାକାରୁ ଚୋରି ହୋଇଥିବା ମୋଟର ସାଇକେଲ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଆସିକା ପୋଲିସ। ଗତ ୧୮ ତାରିଖ ରାତିରେ ଆସିକା ପୁଡୁଗେଶ୍ୱର ପଲ୍ଲୀ ଛକ ଋଷିକୂଲ୍ୟା ବ୍ରିଜ ତଳୁ ଅନ୍ଧାରର ସୁଯୋଗ ନେଇ କୋଟିନଡ଼ା ଥାନା ଅନ୍ତର୍ଗତ ବାବନପୁର ତଳିସାହିର ରତ୍ନାକର ବାଡ଼ତ୍ୟାଙ୍କ ଦୁଇପୁଅ ଉତ୍ତମ ବାଡ଼ତ୍ୟା, ରାଜା ବାଡ଼ତ୍ୟା ବାଇକ୍ ଦୁଇଟି ଚୋରାଇ ନେଉଥିଲା ବେଳେ କାଳଷଣ୍ଢପୁର ଠାରେ ଗ୍ରାମର କେତେକ ଯୁବକଙ୍କ ହାତରେ ଧାରା ପଡ଼ିଥିଲେ। ଏହି ଚୋର ଦୁଇଜଣଙ୍କୁ ସ୍ଥାନୀୟ ଲୋକ କାବୁ କରି ଚୋରି ଗାଡି ବିଷୟରେ ପଚାରିବା ସହ ମାଡମାରି ଆସିକା ପୋଲିସକୁ ହସ୍ତାନ୍ତର କରିଥିଲେ। ଆସିକା ପୋଲିସ ଦୁଇ ଚୋରଙ୍କ ଠାରୁ ତିନୋଟି ବାଇକ୍ ସହ ଦୁଇଜଣଙ୍କୁ ଗିରଫ କରିବା ସହ ଆସିକା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚୋରି ଘଟଣାରେ ମୁଖ୍ୟ ମାଷ୍ଟମାଇଣ୍ଡ ଶୁଭମ ବାରିକ, ସୁମିତ ବାଡ଼ତ୍ୟା ଫେରାର ହୋଇଯାଇଛନ୍ତି। ଅନୁସନ୍ଧାନରୁ ଜଣା ଯାଇଛି ଯେ ଦୀର୍ଘଦିନ ଧରି ଆସିକା ତଥା ଏହାର ଆଖ ପାଖ ଅଞ୍ଚଳରୁ ଏକ ବାଇକ୍ ଚୋରି ଗ୍ୟାଙ୍ଗ ଅନେକ ବାଇକ୍ ଚୋରି କରୁଛନ୍ତି।

## ପଡୋଶୀଙ୍କ ଟାଙ୍ଗିଆ ମାଡ଼ରେ ପଡୋଶୀ ଆହତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକର ବିରିଗୁଡା ଗ୍ରାମରେ ଶୁକ୍ରବାର ରାତି ପୁଅର ଟାଙ୍ଗିଆ ଚୋଟରେ ବାପା ଗୁରୁତର ହୋଇଥିବା ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଆଜି ପୁଣି ଏକ ଘଟଣା ଘଟିଛି। ବୁର୍ଜା ପଞ୍ଚାୟତର ବନ୍ଦିକାର ଗ୍ରାମ ଠାରେ ଆଜି ସନ୍ଧ୍ୟାରେ କାମୁଡି ମିଣିଆକା ତାଙ୍କ ପଡୋଶୀ ଭମର ମିଣିଆକାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଛି। ଆହତ ଅବସ୍ଥାରେ ଭମରଙ୍କୁ ଲକ୍ଷ୍ମୀପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ତାଙ୍କର ଡାହାଣ ପଟ ଅଣ୍ଟା ଉପରେ ଆଘାତ ହୋଇଥିବା ବେଳେ ପାଞ୍ଚଟି ଟିଚ ପଡିଛି। ବର୍ତ୍ତମାନ ସିଏ ସୁସ୍ଥ ଥିବାବେଳେ ପୋଲିସ ଆକ୍ରମଣକାରି କାମୁଡି ମିଣିଆକାକୁ ଅଟକ ରଖିଥିବା ଜଣାପଡିଛି। ଏନେଇ ଭମରଙ୍କୁ ଆକ୍ରମଣ ବିଷୟରେ ପଚାରିବାରୁ ସିଏ କ'ଣ ପାଇଁ ଟାଙ୍ଗିଆରେ ମାରିଲା ମୁଁ କିଛି ଜାଣିନି ବୋଲି ପ୍ରକାଶ କରିଛନ୍ତି।

## ଘଟଣାକୁ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ନାବାଳିକା ଛାତ୍ରୀଙ୍କୁ ଆକ୍ରମଣ ଘଟଣା ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ତରଫରୁ ଏକ୍ସ ମାଧ୍ୟମରେ ଏସ୍‌ପିଙ୍କୁ ସୂଚନା ମିଳିଛି। ଏଫଏମ କଲେଜ ଛାତ୍ରୀ ନ୍ୟାୟ ପାଇଁ ଲଢ଼ି ଲଢ଼ି ଶେଷରେ ମୃତ୍ୟୁବରଣ କଲେ। ମୃତ୍ୟୁ ପରେ ସାରା ରାଜ୍ୟରେ ବିଦ୍ରୋହ ବହ୍ନି କୁହୁଳୁଥିବା ବେଳେ ବଳଙ୍ଗା ଥାନା ଅଞ୍ଚଳରେ ଶନିବାର ଦିନ ନାବାଳିକା ଜଣକୁ ଦୁର୍ବୃତ୍ତ ଆକ୍ରମଣ ଅନ୍ୟ ପଟେ ଦୀର୍ଘ ୧୦ ଦିନ ହେବ ନ୍ୟାୟ ପାଇଁ ଦୌଡୁଛି ଅସ୍ତରଙ୍ଗ ଥାନାକୁ ନାବାଳିକା ଛାତ୍ରୀ ଓ ତାର ମା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଜନ ଗହଳି ପୂର୍ଣ୍ଣ ସ୍ଥାନରେ ପ୍ରଶାସନ ତରଫରୁ ଲାଗିନାହିଁ ସିସି କ୍ୟାମେରା। ଯାହାଫଳରେ ଅସ୍ତରଙ୍ଗ ଅଞ୍ଚଳରେ ଆଇନି ଶୃଙ୍ଖଳା ବିପର୍ଯ୍ୟସ୍ତ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୧୦ଜୁଲାଇ ଗୁରୁବାର ଦିନ ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଛି ଦୂରରେ ଟ୍ୟୁସନରୁ ଫେରୁଥିବା ୧୩ ବର୍ଷୀୟ ଛାତ୍ରୀକୁ ଦିନ ଦ୍ୱିପ୍ରହରରେ କଳା ମୁଖା ପିନ୍ଧା ଯୁବକ ଆକ୍ରମଣ କରିବା ସହ ଟେକି ନେଇ ପାର୍କ ନିକଟରେ ଜୀବନରୁ ମାରିବାକୁ ଉଦ୍ୟମ କରିଥିଲେ। ଆଦ୍ୟାବିଧି ୧୦ଦିନ ବିତିଥିଲେ ମଧ୍ୟ ପୋଲିସ ହାତ ଖାଲି। ପୋଲିସ ଅଭିଯୋଗ କୁ ଭିତ୍ତିକରି ମାମଲା ରୁଜୁ କରିବା ସହ ଯାହା ବିଶେଷସୂତ୍ରରୁ ଜଣାପଡିଛି ସ୍ଥାନୀୟ ଅଞ୍ଚଳ କିଛି ବ୍ୟବସାୟୀଙ୍କ ସିସିଟିଭି ଯାଞ୍ଚ କରିଥିବା ବେଳେ ତଦନ୍ତକୁ ସେତେ ମାତ୍ରାରେ ଗୁରୁତର ନେଉନଥିବାରୁ ଏ ପର୍ଯ୍ୟନ୍ତ କଳା ମୁଖା ଧାରୀ କଳା ପଲସର ଆସି ଆତଙ୍କ ସୃଷ୍ଟି କରିଥିବା ଯୁବକ ଧରା ପଡ଼ିନାହାନ୍ତି। ଅନ୍ୟ ପଟେ ନ୍ୟାୟ ପାଇବା ପାଇଁ ୧୦ ଦିନ ମଧ୍ୟରେ ବାରମ୍ବାର ନାବାଳିକା ଛାତ୍ରୀ ଓ ତାର ମା ବାରମ୍ବାର ଅସ୍ତରଙ୍ଗ ଥାନାରେ ଦ୍ୱାରସ୍ତ ହୋଇଥିବା ବେଳେ ଶେଷରେ ଶୁକ୍ରବାର ମଧ୍ୟାହ୍ନ ସମୟରେ କିଛି ଘଣ୍ଟା ପାଇଁ ଥାନା ସାମ୍ନାରେ ବସିଥିଲେ। ଅନ୍ୟପଟେ ଅସ୍ତରଙ୍ଗ ଥାନାର ତଦନ୍ତକାରୀ ଅଧିକାରିଣୀ ନାବାଳିକାଙ୍କ ପରିବାର ସଦସ୍ୟଙ୍କ ଫୋନ ନମ୍ବର ନେବା ସହ ତଦନ୍ତ କୁ ଦ୍ରୁତତର କରି ତଦନ୍ତ ଜାରୀ ରଖିଛନ୍ତି। ଅନ୍ୟପଟେ ଖବର ପ୍ରସାରଣ ପରେ ସ୍ଥାନୀୟ ଅଞ୍ଚଳ ସମାଜସେବୀ ଏକ୍ସ ମାଧ୍ୟମରେ ଜଣାଇଥିଲେ ଯାହା କି ଗୃହ ବିଭାଗ ତରଫରୁ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ତରଫରୁ କଡା ସୁରକ୍ଷା ବନ୍ଦୋବସ୍ତ କରିବା ସହ କଳା ମୁଖାଧାରୀ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଆକ୍ରମଣ ମାମଲାରେ ଦୁଇଜଣଙ୍କୁ ଅର୍ଥ ଦଣ୍ଡ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଗଁଦିଆ ଥାନା ଅନ୍ତର୍ଗତ ଆଡିଣ୍ଡା ଗ୍ରାମରେ ଘଟିଥିବା ଏକ ଆକ୍ରମଣ ମାମଲାର ରାୟ ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ପ୍ରକାଶ ପାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଅଞ୍ଜୁ ସାହୁ ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ ୨୦୧୩ ମସିହା ନଭେମ୍ବର ୧୬ ତାରିଖ ଦିନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆଡିଣ୍ଡା ଗ୍ରାମର ପାଣ୍ଡବ ପ୍ରଧାନଙ୍କୁ ସେହି ଗ୍ରାମର ବୁଲୁ ପ୍ରଧାନ ଏବଂ ତା'ର ଭାଇ ଚୁଟୁଲି ପ୍ରଧାନ ଏକ କାଠ ଠେଙ୍ଗାରେ ମାଡମାରି ରକ୍ତାକ୍ତ କରିଥିଲେ। ଏନେଇ ଗଁଦିଆ ଥାନାରେ ମାମଲା ରୁଜୁ ହୋଇଥିଲା ଏବଂ ଉକ୍ତ ମାମଲାଟି ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ବିଚାରାଧୀନ ଥିଲା। ସମୁଦାୟ ୧୦ଜଣ ସାକ୍ଷୀ, ୬ ଗୋଟି ଦସ୍ତାବିଜ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରମାଣ ଆଧାରରେ ଅଭିଯୁକ୍ତ ଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ପ୍ରତ୍ୟେକଙ୍କୁ ୮୦୦ ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟ ଏକ ମାସ କାରାଦଣ୍ଡ ଭୋଗିବାକୁ ମଧ୍ୟ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ତରଫରୁ ଉକ୍ତ ମାମଲାଟିକୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷା ପ୍ରସାଦ ରଣା ସହଯୋଗ କରିଥିଲେ।

## ସାମ୍ବାଦିକଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ୱେବ୍ ଚେନାଲ ସାମ୍ବାଦିକ ଚିନ୍ତାକାଏଲୁ ନରେଶ କୁମାରଙ୍କୁ ହତ୍ୟା ଘଟଣାରେ ପୋଲିସକୁ ବଡ଼ ସଫଳତା ମିଳିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି ମାଲକାନଗିରି ପୋଲିସ। ସେମାନେ ହେଲେ ମୋଟୁ ଥାନା ଅନ୍ତର୍ଗତ ଏମଭି ୭୫ ଗ୍ରାମର ସୁକୁମାର ରାୟ ଓ ଏମପିଭି ୮୨ ଗ୍ରାମର କନକନ ଜୋରଦାର। ପୋଲିସର ସ୍ୱତନ୍ତ୍ର ଟିମ ଦୁଇ ହତ୍ୟାକାରିଙ୍କୁ ହାଇଦ୍ରାବାଦରୁ ଗିରଫ କରିଥିବା ନେଇ ସୂଚନା ଦେଇଛନ୍ତି ମାଲକାନଗିରି ଏସପି ବିନୋଦ ପାଟିଲ। ମୁରଲିଗୁଡା ଜଙ୍ଗଲ ରାସ୍ତାରେ ସିଏଚ ନରେଶ ଓ ଅନ୍ୟ କିଛି ସାମ୍ବାଦିକ ଏକ କାରରେ ଯାଉଥିବା ବେଳେ ଦୁଇଟି ବାଇକ୍‌ରେ ୫ ଜଣ ଦୁର୍ବୃତ୍ତ ଆସି ହଟାତ ଆକ୍ରମଣ କରିଥିଲେ। ଖଣ୍ଡା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଥିବା ବେଳେ ସିଏଚ ନରେଶଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ନରେଶଙ୍କୁ ପ୍ରଥମେ ମୋଟୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଆଯାଇଥିଲା। ସଠାରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ମେଡିକାଲ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ସାମ୍ବାଦିକଙ୍କ କାରକୁ ଦୁର୍ବୃତ୍ତମାନେ ନେଇଯାଇ ଥିଲେ। ପରଦିନ ଦୁର୍ବୃତ୍ତମାନେ ଏମଭି ୭୯ ଥାନା ନିକଟ ଏକ ଜଙ୍ଗଲ ରାସ୍ତାରେ କାରକୁ ଛାଡି ଚାଲି ଯାଇଥିଲେ। ପୋଲିସ କାରକୁ ଜବତ କରିଥିବା ସୂଚନା ଦେଇଛନ୍ତି।

## ୱେଲ୍‌ନେସ୍ ସେଣ୍ଟରର ତାଲା ଭାଙ୍ଗି ଚୋରି



ଜଳେଶ୍ୱର, (ଭାସ୍କର ନ୍ୟୁଜ): ବର୍ଦ୍ଧନା ସ୍ଥିତ ୱେଲନେସ ସେଣ୍ଟରର ଚାବୀ କାଟି ନଗଦ ଟଙ୍କା, ଲାପଟପ ଓ ଏଚପି କମ୍ପାନୀର ହାରଡିସ୍କ ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡକ୍ଟ ଚୋରି ହୋଇଥିବା ଥାନାରେ ଅଭିଯୋଗ। ସୂଚନା ଅନୁଯାଇ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଦ୍ଧନା ଗ୍ରାମର ଅଦ୍ୱୈତ୍ୟ ବାବାଜୀ ମଠ ଓ ଜଳେଶ୍ୱର ପଶ୍ଚିମବାର୍ଡ଼ ଆରଡି ରାସ୍ତା ପାଖରେ ଥିବା ଉକ୍ତ ବର୍ଦ୍ଧନା ଗ୍ରାମର କୃତିବାସ ଜେନାଙ୍କ ଘରର ପ୍ରଥମ ମହଲା କୋଠରୀକୁ ଗୌରୀବେଲଦା ଗ୍ରାମର କାର୍ତ୍ତିକ ଜେନା ସ୍ୱାସ୍ଥ୍ୟ ୱେଲନେସ ସେଣ୍ଟର କରିବା ପାଇଁ ଭଡ଼ା ସୂତ୍ରରେ ନେଇଥିଲେ। ଉକ୍ତ ୱେଲନେସ ସେଣ୍ଟରକୁ ପ୍ରତ୍ୟେକ ଦିନ ବହୁ ଲୋକ ଆସି ଯୋଗ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡାକ୍ଟ ଖାଇ ସୁସ୍ଥ ହୋଇଥାନ୍ତି। ଗତ କାଲି କେହି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆସି ଘରର ପ୍ରଥମ ମହଲା ମୁଖ୍ୟ ଫାଟକରେ ଲାଗିଥିବା ଦୁଇଟି ତାଲା ଓ ଭିତର କୋଠରୀର ଗୋଟିଏ ତାଲା କଟର ସାହାଯ୍ୟରେ ଭାଙ୍ଗି କୋଠରୀରେ ଥିବା ଲାପଟପ, ଏଚପି କମ୍ପାନୀର ହାରଡିସ୍କ, ଟେବୁଲରେ ଥିବା ଡ୍ରୟାର ଭିତରୁ ନଗଦ ୧୪ ହଜାର ୨ଶହ ଟଙ୍କା ଚୋରି କରି ନେଇ ଯାଇଛନ୍ତି ଏବଂ କାନ୍ଥରେ ଲାଗିଥିବା ଫେନ ଖୋଲି ନେଇ ତଳେ ପକାଇବା ସହିତ କିଛି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡାକ୍ଟ ନେଇ ସେଠାରେ ମଦମାଂସ ଖାଇଥିବା ଅଭିଯୋଗକାରୀ ଦେଖିବାକୁ ପାଇଥିଲେ। ପରେ କାର୍ତ୍ତିକ ଜେନା ନାମ୍ପୋ ଫାଣ୍ଡିରେ ଚୋରୀ ହୋଇଥିବା ବିଷୟରେ ଏକ ଲିଖିତ ଅଭିଯୋଗ କରିଥିଲେ। ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି ଆଜି ଅପରାହ୍ନରେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଘଟଣା ତଦନ୍ତ କରିଥିବା ଜଣା ପଡ଼ିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଟାଙ୍ଗୀ-ଚୌଦ୍ୱାର(ଭାସ୍କରନ୍ୟୁଜ୍):ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମ ସମ୍ମୁଖରେ ଦୀର୍ଘ ୭ଦିନ ଧରି ଚାଲିଥିବା ଭାଗବତ ସପ୍ତାହ, ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ପ୍ରତ୍ୟହ ଗୁରୁପୂଜା, ଦେବାଦେବୀ ଅର୍ଚ୍ଚନା, ସଦ୍‌ଗୁରୁ ଶ୍ରମଦ୍ ଭାଗବତ ପାରାୟଣ ଓ ଘୃତାହୂତି ଆଦି ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧାରାବାହିକ ପ୍ରବଚକ ତଥା ବୈକୁଣ୍ଠନାଥ କୃପାପାତ୍ର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ଓ କୁନି ପ୍ରବଚକ କେଶବାନନ୍ଦ ଦାସ ପ୍ରତି ସଂଧରେ ପ୍ରବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ କଥା ଶ୍ରବଣ ସହିତ ବିଭୁକୃପା ଲାଭ କରିଥିଲେ । ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତିର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରଉପାଧକ୍ଷ ଶୁଭେନ୍ଦୁ ସାମଲ, ସଂଯୋଜକ ସନ୍ତୋଷ ଧର, ଶରତ ଚନ୍ଦ୍ର ଖୁଣ୍ଟିଆ, ବିମଲ କୁମାର ବେଉରା, ରାଜକିଶୋର ସାମନ୍ତ, ବିଜୟ ଅରିସଲ, ତପନ ରାଉତ, କାହ୍ନୁ ଚରଣ ମହାନ୍ତି, ଦିବାକର ପଟ୍ଟନାୟକ, ରାଜେନ୍ଦ୍ର ପ୍ରଧାନ, ସଚ୍ଚିତାନନ୍ଦ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଙ୍ଗନୱାଡ଼ି କେନ୍ଦ୍ର ଛାତ୍ରଛାତ୍ରୀଙ୍କ ପୋଷାକ ବଣ୍ଟନ ଦାୟିତ୍ୱକୁ ନେଇ ଅଭିଯୋଗ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ଅଙ୍ଗନୱାଡ଼ି ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପ୍ରଦାନ ୨୦୨୫/୨୬ ବର୍ଷ ପାଇଁ ଶିଶୁ ପୋଷାକ କାର୍ଯ୍ୟକ୍ରମରେ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ପାଇଁ ୨ ସେଟ୍ ଲେଖାଏଁ ପୋଷାକ ବଣ୍ଟନ ନିମନ୍ତେ ଏସ୍‌ଏଚଜି/ଏମଏସଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ପୁଅ ପିଲାଙ୍କ ପୋଷାକ ପ୍ରତି ବ୍ଲୁ ରଙ୍ଗର ପ୍ୟାଣ୍ଟ ଓ ପିଙ୍କ ରଙ୍ଗର ସାର୍ଟ ମୂଲ୍ୟ ୧୦୦ ଟଙ୍କା ଓ ଝିଅ ପିଲାଙ୍କ ପୋଷାକର ରଙ୍ଗ ପିଙ୍କ ରଙ୍ଗର ସାର୍ଟ ଓ ବିଭାଜିତ ପୋଷାକର ରଙ୍ଗ ବ୍ଲୁ ରଙ୍ଗ ଯାହାର ମୂଲ୍ୟ ୧୫୦ ଅଟେ । ଜଳେଶ୍ୱର ବ୍ଲକରେ ପ୍ରାକ ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୬୯୫୬ ଅଟେ ।ଏହି ସବୁ ଡ୍ରେସ ଯୋଗାଇବା ପାଇଁ ଜଳେଶ୍ୱର ଅଞ୍ଚଳରେ କେତେକ ଏସଏଚଜି/ ଏମଏସଇ ଆବେଦନ କରି ଅଛନ୍ତି । ଯାହାକୁ ନେଇ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ଜଳେଶ୍ୱର ଶାଖା କର୍ମୀମାନେଏହାକୁ ବିରୋଧ କରିଛନ୍ତି । ସେମାନଙ୍କ କହିବା କଥା ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲିଟି ରେ ମୋଟ ୩୮୦ ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୬୯୫୬ ଜଣ ପିଲା ଅଛନ୍ତି । ଅଳ୍ପ ସଂଖ୍ୟକ ଏସଏଚଜି/ଏମଏସଇ କେବେବି ଠିକ ସମୟସୀମା ମଧ୍ୟରେ ବଣ୍ଟନ କରି ପାରିବେ ନାହିଁ ଏବଂ ବିଗତ ବର୍ଷ ମାନଙ୍କରେ ସେମାନେ ପୋଷାକ ବଣ୍ଟନ କରି ପାରିନାହାନ୍ତି, ଏହାର ନଜିର ମଧ୍ୟ ଅଛି । ଯଦି ବି ବିଳମ୍ବରେ ବଣ୍ଟନ କରିଛନ୍ତି, ତାହା ନିମ୍ନମାନର ହୋଇଥିବା ବେଳେ ମାପ ପଟେ ନାହିଁ । ଯାହାକି ପିଲାମାନେ ପିନ୍ଧି ପାରନ୍ତି ନାହିଁ ।ତାହାର ପରିଣାମ ସ୍ୱରୂପ ପିଲାର ଅଭିଭାବକ ମାନେ ଅଙ୍ଗନୱାଡ଼ି କର୍ମୀ ଉପରେ ରାଗ ଶୁଝିଥାଆନ୍ତି । ତାପରେ ଅଳ୍ପ ସମୟ ସୀମା ମାଧ୍ୟରେ ସେମାନେ ୨୮୦ କେନ୍ଦ୍ରକୁ ଯାଇ କେବେବି ପିଲାଙ୍କ ମାପ ଆଣି ପୋଷାକ ଯୋଗାଇ ପାରିବେ ନାହିଁ ।ଏସଏଚଜି/ଏମଏସଇକୁ ପୋଷାକ ବଣ୍ଟନ ପାଇଁ ଅନୁମତି ନ ଦେଇ ଅଙ୍ଗନୱାଡ଼ି କର୍ମୀଙ୍କ ଯୁଗ୍ମ ଖାତାକୁ ଅର୍ଥ ପ୍ରଦାନ କଲେ ପିଲାମାନେ ସଠିକ ପୋଷାକ ପାଇ ପାରିବେ ବୋଲି ଆଜି ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ଜଳେଶ୍ୱର ଶାଖା ପକ୍ଷରୁ ସଂଘର ସଭାପତି ଲକ୍ଷ୍ମୀପ୍ରିୟା ଦାସ, ସମ୍ପାଦିକା ମମତା ଦାସ ମହାପାତ୍ର, ସଭ୍ୟା ତୃପ୍ତିରାଣୀ ମହାନ୍ତି, ସୁଜାତା ବାରିକ, ପ୍ରଭାସିନୀ ଗିରି, ମଞ୍ଜୁଲତା ପ୍ରମାଣିକ, କୁନ୍ତଳା ପାତ୍ର, କଣ୍ଟନା ଦେ, ଶୁଚିସ୍ମିତା ଖଣ୍ଡା, ଆଜମେରି ବିବି, ଝରଣା ସାହୁ, ମିନତି ଦତ୍ତ, ସ୍ୱପ୍ନା ସାମଲ, ସ୍ୱର୍ଣ୍ଣଲତା ପ୍ରଧାନ, ଚମ୍ପାବତୀ ନାଗ ସୁଚିତ୍ରା ଆଶ, ସ୍ୱାଗତିକା ଜେନା ଦୀପାନିତା ପଟ୍ଟନାୟକ, ଫୁଲ ସୋରେନ ପ୍ରମୁଖ ସଂଘର କର୍ମକର୍ତ୍ତା ଜଳେଶ୍ୱର ସିଡିପିଓ ମିନତି ସିଂଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ସିଡିପିଓ ଉପରସ୍ଥ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ଉଚିତ ପଦକ୍ଷେପ ନେବେ ବୋଲି ସଂଘକୁ ପ୍ରତିଶ୍ରୁତି ଦେଇଥିଲେ ।

# ଆଳି ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଆଳି(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ ତା'ର ଶାଖା କାଣୀ ନଦୀରେ ପ୍ରଥମ ବନ୍ୟା ଜଳ ଆସିବା ଯୋଗୁଁ ବ୍ଲକର ଶତାଧିକ ଗ୍ରାମ ଜଳବନ୍ଦୀ ହୋଇଛି । ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଏବିଡିଓ ସ୍ମୃତ ବେହେରା, ବ୍ଲକ୍ ସହକାରୀ ଯନ୍ତ୍ରୀ ପ୍ରଭାତ ପରିଡ଼ା, ମିହିର ଦାସ, ୧ ନଂ, ଜୋନ ଜିଲ୍ଲା ପରିଷଦ ପ୍ରତିନିଧି କେଦାରନାଥ ବେହେରା, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଜ୍ୟୋତିରଞ୍ଜନ ଭଣ୍ଡାରୀ, ସୁବ୍ରତ ଦାଶ ପ୍ରମୁଖ ଆଳି ବ୍ଲକ ଧୋଇଆଞ୍ଚଳର ୧୦ ପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକ ବନ୍ୟା ଜଳରେ ବୁଡି ରହିଥିବା ବେଳେ ବ୍ରାହ୍ମଣୀ ନଦୀ କୂଳରେ ଥିବା ଗ୍ରାମଗୁଡ଼ିକ ମଧ୍ୟ ବନ୍ୟାଜଳ ଘେରରେ ରହିଛି । ଧୋଇଆଞ୍ଚଳର ସଂସିଧା, ମଙ୍ଗରାଜପୁର, ଠାକୁରପାଟଣା, ପେଟପଡ଼ା, ଏରଡଙ୍ଗ, ପାଳିମି, ତିମିରିପୋଳ ପଞ୍ଚାୟତ ଗସ୍ତ କରି ବନ୍ୟା ପରିସ୍ଥିତି ସମୀକ୍ଷା କରିଥିଲେ । ଉକ୍ତ ପଞ୍ଚାୟତ ଗୁଡ଼ିକରେ ଗତ ଆଠ ଦିନ ହେବ ଯେଉଁ ପରିମାଣର ବନ୍ୟା ଜଳ ବଢ଼ିଥିଲା ତାହା ଆଜି ସନ୍ଧ୍ୟା ସୁଦ୍ଧା ଆହୁରି ବୃଦ୍ଧି ପାଇଛି । ଫଳରେ ଲୋକେ ଘରୁ ପଦାକୁ ବାହାରି ପାରୁ ନଥିବା ବେଳେ ଗୃହପାଳିତ ପଶୁ ଗୁହାଳରେ ବନ୍ଧା ହୋଇ ରହିଛନ୍ତି । ସେହିପରି ବ୍ରାହ୍ମଣୀ ନଦୀ କଣ୍ଠାଳରେ ପତ୍ରପୁର, ନରେନ୍ଦ୍ରପୁର, ମାଣିକପାଟଣା, ଏକମାଣିଆ, ଦଶିପୁର, ସାହୁପଡ଼ା, ବିଜୟନଗର, ଇଛାପୁର, ଦିନିଆରୀ, ଜମୁଦଣ୍ଡା, ତଅଁଳାଡିହା, ପଦନିପାଳ ଅଞ୍ଚଳର ଲୋକମାନେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି । ଖରଖରୀ, ନାଟରା ରେ ସୃଷ୍ଟି ହୋଇଥିବା ଘଳିଆକୁ ବାଲି ବସ୍ତା ପକାଇ ବନ୍ଦ କରାଯାଇଥିବାବେଳେ ହଦୁଆ ନିକଟରେ ଦୁର୍ବଳ ନଦୀବନ୍ଧକୁ ଅଞ୍ଚଳବାସୀ ଦିନରାତି ଜଗି ରହିଛନ୍ତି ।

# ୪ ଦଫା ଦାବିପତ୍ର ଦେଲା ସିଆର୍‌ପି ସିଏମ୍ ସଂଘ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି ସିଏମ୍ କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଥିଲେ । ଦୀର୍ଘ ୧୦ ମାସର ଦରମା ପାଇ ନଥିବାରୁ ସଂଘ ତରଫରୁ ଲିଖିତ ଅଭିଯୋଗ ଜଣାଇଥିଲେ ଓ ବିଭାଗୀୟ ସଚିବଙ୍କୁ ବାରମ୍ବାର ଦେଖା କରିବାରୁ ସମସ୍ତ ସିଆର୍‌ପି ସିଏମ୍ ମାନଙ୍କୁ ବକେୟା ଦରମା ମିଳିଥିଲା । ସିଆରପି ସିଏମ କର୍ମଚାରୀମାନଙ୍କୁ ମାସକୁ ଛଅ ହଜାର ଏକଶହ ଟଙ୍କା ହିସାବରେ ୧୦ ମାସର ଚଳେୟା ଟଙ୍କା ପ୍ରଦାନ କରାଯାଇଥିଲା ଏହା ମଧ୍ୟ ସ୍ୱାଗତ ଯୋଗ୍ୟ । ବର୍ତ୍ତମାନ ସିଆର୍‌ପି ସିଏମ୍ ମାନଙ୍କୁ ମାସିକ ଦରମା ପ୍ରଦାନ ବାବଦରେ କାର୍ଯ୍ୟ ଅନୁଯାୟୀ ଇନସେନଟିଭ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଚିଠି କରାଯାଇଅଛି । ପାଇ ଆସୁଥିବା ପାରିଶ୍ରମିକ ଅର୍ଥ କମିଯିବା ଫଳରେ କାର୍ଯ୍ୟରତ ସିଆର୍‌ପି ସିଏମ୍‌ଙ୍କର ମନରେ ଘୋର ଅସନ୍ତୋଷ ଦେଖାଦେଇଛି । ଭାରତୀୟ ମଜୁଦର ସଂଘ ଦ୍ୱାରା ପରିଚାଳିତ ସିଆର୍‌ପି ସିଏମ୍ ଆସୋସିଏସନ ତରଫରୁ ୪ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ସିଆର୍‌ପି ସିଏମ୍ ମାନଙ୍କ ପାଇଁ ଇନସେଟିଭକୁ ବନ୍ଦ କରାଯାଇ ମାସିକ ବେତନ ଦଶ ହଜାର ଟଙ୍କା ପ୍ରଦାନ କରିବା, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟ୍ୟାବ୍ ମେସିନ ପ୍ରଦାନ, ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ କରିଆରେ ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଦାବି କରାଯାଇଛି ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖା ବୈଠକ

ଡେରାବିଶ (ଭାସ୍କର ନ୍ୟୁଜ୍) : ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମଜୀଉଙ୍କ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧିରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବରେ ଯୋଗଦେଇ ନିର୍ମାଣ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀ ତ୍ରିପାଠୀ କହିଥିଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ମହିଳା ନିର୍ମାଣ ଶ୍ରମିକମାନଙ୍କୁ କାହିଁକି ପରିଚୟ ପତ୍ର ପ୍ରଦାନ କରାଯାଉନାହିଁ ? ତାହାର ସଠିକ ଉତ୍ତର କୌଣସି ସରକାରୀ ଅଧିକାରୀଙ୍କ ପାଖରେ ନାହିଁ । ଆଜକୁ ଚାରି ପାଞ୍ଚ ବର୍ଷ ହେବ ଜିଲ୍ଲା ଶ୍ରମ ଅଧିକାରୀ ଏବଂ ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କ ସହିତ ସଂଘ କର୍ମକର୍ତ୍ତାମାନେ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ କେବଳ ସେମାନେ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ଏଥିସହିତ ଶ୍ରମିକମାନଙ୍କର ଅନ୍ୟ ବିଭିନ୍ନ ଅନୁଦାନ ମଧ୍ୟ ଜିଲ୍ଲାର ଶ୍ରମିକ ମାନଙ୍କୁ ସଠିକ ଭାବେ ମିଳୁନାହିଁ । ଯାହା ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଧିରେ ଧିରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି । ତେଣୁ ପୁଣିଥରେ ସଂଘ କର୍ମକର୍ତ୍ତାମାନେ ଶାନ୍ତି ଶୃଙ୍ଖଳାର ସହିତ ଆଲୋଚନା କରି ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତି କରାଯାଇଥିଲା । ଶ୍ରୀ ତ୍ରିପାଠୀଙ୍କ ସହିତ ସହମତ ହୋଇ ଅନିରୁଦ୍ଧ ପୃଷ୍ଟି, ଚନ୍ଦ୍ରମଣି ପ୍ରଧାନ, ରଞ୍ଜନ ମହାନ୍ତି, ମୃତ୍ୟୁଞ୍ଜୟ ଘଡ଼େଇ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ହୃଷିକେଶ ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକ ଶେଷରେ ହରିହର ମହାଳି ଧନ୍ୟବାଦ ଅର୍ପଣ କରିଥିଲେ ।



# ବନ୍ୟାସ୍ଥିତି ସଂପର୍କରେ ବିଜେଡ଼ିର ଆଲୋଚନା




ଆଳି (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବିଜୁ ଜନତା ଦଳ ପକ୍ଷରୁ ଆଜି ଆଳି ବ୍ଲକ ରେ ବର୍ତ୍ତମାନର ବନ୍ୟା ସ୍ଥିତି ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସଭାପତିତ୍ୱରେ ଆଳି ବହୁମୁଖୀ ଆଶ୍ରୟସ୍ଥଳୀ ଠାରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ବିଧାୟକ ଶ୍ରୀ ଦେବ ଗତକାଲି ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକ ପରିଦର୍ଶନ ରେ ଯାଇ ନିଜର ଅନୁଭୂତି ବଖାଣିଥିଲେ । ବନ୍ୟା ଦ୍ୱାରା ପ୍ରଭାବିତ ଧୋଇଆଞ୍ଚଳ ୧୦ ପଞ୍ଚାୟତ ର ୪୨ ହଜାର ରୁ ଊର୍ଦ୍ଧ୍ୱଲୋକ ବନ୍ୟା ଯୋଗୁଁ ଆଜିକୁ ୬ ଦିନ ହେବ ଜଳବନ୍ଦୀ ହୋଇ ରେ କାଳାତିପାତ କରୁଛନ୍ତି । ଏଭଳି ଜଟିଳ ପରିସ୍ଥିତି ରେ ପ୍ରଶାସନ ର ଉଦାସୀନତା ଓ ତତ୍ପରତା ନ ଦେଖାଇବା ସମସ୍ତଙ୍କୁ ବିଚଳିତ କରାଇଛି ବୋଲି ବିଧାୟକ ମତ ବ୍ୟକ୍ତ କରିଛନ୍ତି । ଦୁଇଦିନ ତଳେ ବିଧାୟକ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସହ ବନ୍ୟା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିବାବେଳେ ଆଗକୁ ଅମାବାସ୍ୟା ହେତୁ ନଦୀରୁ ଜଳ ନିଷ୍କାସନ ନ ହେବା ନେଇ ସେ ଅବଗତ କରାଇଥିଲେ । ବିଶେଷ ଭାବରେ ଆଳି ମାନପୁର, ଗୋବିନ୍ଦପୁର, ମଧୁବନ, ଅର୍ଗଳ, ଠାକୁର ପାଟଣା, ପେଟପଡା, କେତୁଆପାଳ, ମଦନଗିରି, କୁସୁମୀ ଜୁଆଣିଆ ଓ ବାରମାଣିଆ ଆଦି ଅଞ୍ଚଳ ରେ ବନ୍ୟା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଫଳରେ ଜଳ ନ କମିବ ଫଳରେ ଆଗାମୀ ଦିନରେ ବନ୍ୟା ପ୍ରପୀଡ଼ିତ ଲୋକମାନେ ଖାଦ୍ୟ, ପାନୀୟରେ ଅସୁବିଧା ଭୋଗ କରିବା ସହ ଗୋରୁ ଗାଈ ମାନଙ୍କ ପାଇଁ ଗୋ ଖାଦ୍ୟର ଘୋର ଅଭାବ ଦେଖିବାକୁ ମିଳିଛି । ଆଜିକୁ ୬ ଦିନ ହେବ ଧୋଇଆଞ୍ଚଳବାସୀ ବନ୍ୟା ରେ ପ୍ରଭାବିତ ହୋଇଥିଲେ ମଧ୍ୟ ଏଯାବତ ଆଳି ପ୍ରଶାସନ ପକ୍ଷ ରୁ ବନ୍ୟା ପରିଚାଳନା ଟିମ ପ୍ରସ୍ତୁତ ହୋଇ ନ ଥିବା କୁ ନେଇ ଶ୍ରୀ ଦେବ ନିନ୍ଦା କରିଛନ୍ତି । ଏଥି ସହିତ ସରକାରୀ ସ୍ତରରେ ଆଳି କୁ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଶ୍ରୀ ଦେବଙ୍କ ସହ ଆଳି ବିଜେଡ଼ି ପକ୍ଷରୁ ଆଳି ସମିତି ସଭ୍ୟ ଅଧକ୍ଷ ମନୋରଞ୍ଜନ ସାମଲ, ୩ ନଂ ଜୋନ ଜିଲ୍ଲା ପରିଷଦ ତଥା କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି, ଯୁବନେତା କୃଷ୍ଣଚନ୍ଦ୍ର ପରିଡ଼ା, ସୁବ୍ରତ ଦାଶ, ମନୋଜ ମହାନ୍ତି, ବିକ୍ରାନ୍ତ ପଣ୍ଡା ପ୍ରମୁଖ ଆଜିର ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି ।

# ବସ୍ ଉପରେ ପଡ଼ିଲା ବରଗଛ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଗତ ମାସକ ତଳେ କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ଖାରିକଣା ସାହିକୁ ଯିବା ରାସ୍ତାରେ ଥିବା ଏକ ବିରାଟକାୟ ତେନ୍ତୁଳି ଗଛ ଲଗାଣ ବର୍ଷା ଯୋଗୁଁ ମୂଳରୁ ଉପୁଡି ପଡ଼ିଥିବା ବେଳେ ଆଜି ପୁଣି ଚାନ୍ଦିନୀ ଛକ ଠାରେ ଥିବା ଏକ ବହୁ ବର୍ଷର ପୁରୁଣା କାଳିଆ ବରଗଛ ଉପୁଡି ପଡିଛି । ଏଥିରେ ଏକ ଯାତ୍ରୀବାହୀ ବସ୍ ସହ ଏକ ମଟର ସାଇକଲ ନଷ୍ଟ ହୋଇଥିବା ଜଣାପଡିଛି । ବସ୍‌ରେ ବସିଥିବା ପାସେଞ୍ଜର ଗଛ ପଡିବା ଦେଖି ଧାଇଁ ପଳେଇବାରୁ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ଫଳରେ ବିଜୁଳି ତାର ଛିଣ୍ଡିବା ସହ କିଛି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥଲା । ଏନେଇ ବହୁ ସମୟ ଧରି ବିଜୁଳି ସରବରାହ ବନ୍ଦ ଥିବା ବେଳେ ତଳ ଗୁମାଣ୍ଡି ରାସ୍ତା ଅବରୋଧ ହୋଇ ଚଳପ୍ରଚଳରେ ବାଧା ଉପୁଜିଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଚାରାରୋପଣ କଲେ ପ୍ରକୃତି ବନ୍ଧୁଙ୍କ ସହ ତହସିଲଦାର

ବାଙ୍କୀ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲାର ବାଙ୍କୀ ତହସିଲ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟ ଓ ତହସିଲ କାର୍ଯ୍ୟାଳୟର ପ୍ରକୃତିପ୍ରେମୀ ନାଜିର ପ୍ରଦୀପ କୁମାର ଜେନା ମିଳିତ ଭାବେ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଯୋଗଦାନ କରି ପରିବେଶକୁ ସୁସ୍ଥ, ସୁନ୍ଦର, ସବୁଜ ରଖିବା ପାଇଁ ହେଲେ ବୃକ୍ଷ ରୋପଣ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ତେଣୁ ଏଭଳି ମହତ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ଉଚିତ । ପ୍ରକୃତି ବନ୍ଧୁ ଶ୍ରୀ ପାଇକରାୟ ନିଜେ ଯତ୍ନ ସହକାରେ ବଢାଇଥିବା ଥିବା ବୃକ୍ଷକୁ ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ । ତହସିଲଦାର ଶ୍ରୀ ନାୟକଙ୍କ ସହିତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପ୍ରକୃତି ପ୍ରେମୀ ମାନେ କାର୍ଯ୍ୟାଳୟ ପରିସରରେ ମିଳିତ ଭାବେ ବୃକ୍ଷ ରୋପଣ କରିଥିଲେ । ଏହି ମହତ କାର୍ଯ୍ୟରେ ଶିଶୁଆର ପ୍ରକୃତି ପ୍ରେମୀ ଶଶି ଭୂଷଣ ତ୍ରିପାଠୀ ଓ ନରଗାଙ୍ଗର ପ୍ରକୃତି ପ୍ରେମୀ ଦିଗ୍ ବିଜୟ ସ୍ୱାଇଁଙ୍କ ସହିତ ଅତିରିକ୍ତ ତହସିଲଦାର ସୋନମ ପ୍ରିୟଦର୍ଶନୀ, ବିଭାଗୀୟ ଅଧିକାରୀ ଗିରିଜା ଶଙ୍କର ସିଂ, ବରିଷ୍ଠ ରାଜସ୍ୱ ସହାୟକ ସତ୍ୟ ରଞ୍ଜନ ପ୍ରଧାନ, କନିଷ୍ଠ ରାଜସ୍ୱ ସହାୟକ ଅନ୍ନଦା ପ୍ରସାଦ ମହାପାତ୍ର, ସିଦ୍ଧେଶ୍ୱର ସାହୁ, ସରୋଜିନୀ ପଣ୍ଡା, ଦୀପ୍ତିମୟୀ ରାଉତ, ସଚିନ ସାଗର ସମ୍ପଦ ଓ କେଲୁଚରଣ ରଣା ପ୍ରଭୃତି ଉପସ୍ଥିତ ଥିଲେ । ଏହି ମହତ କାର୍ଯ୍ୟକର୍ମକୁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ପରିବେଶବିତ୍ ମାନେ ଉଚ୍ଚ ପ୍ରଶଂସା କରିଥିଲେ ।

## ବ୍ଲକସ୍ତରୀୟ ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷକ ତାଲିମ ଉଦ୍‌ଯାପିତ

ଚିକିଟି(ଭାସ୍କର ନ୍ୟୁଜ୍) : ବିଦ୍ୟାଳୟରେ ପାଠ ପଢୁଥିବା ବିଭିନ୍ନ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ତଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଚିକିଟିଙ୍କ ମିଳିତ ଆନୁକୂଲ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ନିଷ୍ଠା ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ବନ୍ଧୀୟ ପଞ୍ଚ ଦିବସୀୟ ତାଲିମର ଦ୍ୱିତୀୟ ଓ ଶେଷ ପର୍ଯ୍ୟାୟ ଚିକିଟି ବ୍ଲକ୍ ଅନ୍ତର୍ଗତ ରାଜକବି ରାଧାମୋହନ ବିଦ୍ୟାପୀଠରେ ଚଳିତ ମାସ ୧୪ତାରିଖରୁ ୧୮ତାରିଖ ଯାଏଁ ଅନୁଷ୍ଠିତ ହୋଇଯାଇଛି । ବିବିଧତାପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ, ସମସ୍ତ ଏକୋଇପ୍ରକାର ଦିବ୍ୟାଙ୍ଗତା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷାଗତ ବ୍ୟବସ୍ଥା, ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସାର୍ବଜନୀନ ଶିକ୍ଷଣ ଢାଞ୍ଚା, ଭାଷା ଓ ପରିବେଶ, ଗଣିତ ଓ ବିଜ୍ଞାନ, ଶାରୀରିକ ଓ ଅନୁକୂଳିତ ଶିକ୍ଷା, ବ୍ୟକ୍ତିଗତ ଶୈକ୍ଷିକ ଯୋଜନା ପ୍ରସ୍ତୁତି, ଗୃହ ଭିତ୍ତିକ ଶିକ୍ଷାଦାନ, ପ୍ରଶସ୍ତ ଆପ୍ ଆଦି ବିଷୟରେ ବିଶଦ ଆଲୋଚନା କରାଯାଇ ସକ୍ରିୟାତ୍ମକ ତାଲିମ ପ୍ରଦାନ କରାଯାଇଥିଲା । ଚିକିଟି ବ୍ଲକର ପିତାତଳି, ଗୋବିନ୍ଦ ନଗର, ଗିରିଶୋଲା, ସୁନପୁର, ଝାଟିପଦର କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀ ମୋଟ ୪୮ ଜଣ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରକାଶ ଥାଉ କି ଚଳିତ ମାସ ୭ ତାରିଖରୁ ୧୧ ତାରିଖ ଯାଏଁ ପ୍ରଥମ ପର୍ଯ୍ୟାୟ ତାଲିମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମୋଟ ୪୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ । ବ୍ଲକ୍ ସ୍ତରୀୟ ସମ୍ବଳ ଶିକ୍ଷକ ବଦ୍ରିନାଥ ପଣ୍ଡା, ନରସିଂହ ପତି, ବୈଶାଳୀ ବେରିହା, ସୁଜାତା ପାଣିଗ୍ରାହୀ ଓ ତାରା ପ୍ରସାଦ ପ୍ରଧାନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷଣର ଅନ୍ତିମ ଦିବସରେ ପ୍ରତ୍ୟେକ ଶିକ୍ଷକ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପୁସ୍ତିକା ପ୍ରଦାନ କରାଯାଇଥିଲା । ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପନ୍ନଗ ଭୂଷଣ ମାଝୀ, ଏ.ବି.ଇ.ଓ ତଥା ବି.ଆର୍.ସି.ସି ଶ୍ରୀ ତ୍ରିନାଥ ମଲ୍ଲିକ, ପୂର୍ବତନ ଏ.ବି.ଇ.ଓ ତଥା ବି.ଆର୍.ସି.ସି ଶ୍ରୀ ନିଗମାନନ୍ଦ ପଣ୍ଡା ଓ ରାଜକବି ରାଧାମୋହନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି ତାଲିମ କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାର ମାନଦଣ୍ଡକୁ ଉନ୍ନତି କରିବା, ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ଶିକ୍ଷାଦାନ ଦେବା ବିଷୟରେ ବି.ଆର୍.ସି.ସି ଶ୍ରୀ ମଲ୍ଲିକ ବୁଝାଇ କହିଥିଲେ । ପ୍ରଶିକ୍ଷଣର ଉଦ୍ଦେଶ୍ୟ, ଲକ୍ଷ୍ୟ ବିଦ୍ୟାଳୟ ସ୍ତରରେ ସମସ୍ତ ପ୍ରକାର ଶିକ୍ଷାର୍ଥୀଙ୍କ ପାଇଁ କିପରି ଉପଯୋଗୀ ହୋଇ ପାରିବ, ସେ ବିଷୟରେ ବୁଝାଇ କହିବା ସହିତ ସାର୍ବଜନୀନ ଶିକ୍ଷଣ ଢାଞ୍ଚା ଶ୍ରେଣୀକକ୍ଷରେ ଯେପରି ବାସ୍ତବ ପ୍ରୟୋଗ ହୋଇ ପାରିବ, ସେ ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ମାଝୀ ଆଲୋକପାତ କରିଥିଲେ । ସମସ୍ତ ସି.ଆର୍.ସି.ସି ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଚିକିଟିଙ୍କ ପୂର୍ଣ୍ଣ ସହଯୋଗରେ ତାଲିମ କାର୍ଯ୍ୟ ସୁଚାରୁରୂପେ ସଂପାଦନ ହୋଇଥିଲା । ବ୍ଲକ୍ ସମ୍ବଳ ଶିକ୍ଷକ ତାରା ପ୍ରସାଦ ପ୍ରଧାନ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ ।



# ଦିବ୍ୟାଙ୍ଗ ଯୁବତୀଙ୍କ ଫେକ୍ ଭିଡିଓ ଭାଇରାଲ୍

## ଅଭିଯୋଗର ୭ ମାସ ପରେ ବି ପୋଲିସର ହାତଖାଲି

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଡିପ୍ ଫେକ ଜାଲ୍‌ରେ ଦିବ୍ୟାଙ୍ଗ ଯୁବତୀ । ୨ ବର୍ଷ ଧରି ଭାଇରାଲ ଫଟୋ ଭିଡିଓ ଯନ୍ତ୍ରଣାରେ ଜଣେ ଦିବ୍ୟାଙ୍ଗ ଶିକ୍ଷିତ ଯୁବତୀ । ଘର ପରିବାରରେ ହଟହଟା ହୋଇ ସାହସ ଜୁଟାଇ ଥାନାକୁ ଗଲେ ଯୁବତୀ । ତେବେ ମାମଲା ରୁଜୁ ହୋଇ ସାଢେ ୭ ମାସ ବିତି ଯାଇଥିଲେ ହେଁ ପୁଲିସ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ଓ ଇତିମଧ୍ୟରେ ପୀଡ଼ିତା ଝିଅ ସହ ପୀଡ଼ିତାଙ୍କ ପରିବାରର ସମସ୍ତ ମହିଳା, ଝିଅଙ୍କ ଏଡିଟ୍ କରାଯାଥିବା ଫଟୋ ଭିଡିଓ ଭାଇରାଲ କରି ଚାଲିଛି ଅଭିଯୁକ୍ତ ଯୁବକ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଥାନା ଅଞ୍ଚଳର ଏହି ଘଟଣା । କୋରୁକୋଣ୍ଡା ସଦର ଥାନା ଅଞ୍ଚଳର ଜଣେ ୬୫ ପ୍ରତିଶତ ଦିବ୍ୟାଙ୍ଗ ଝିଅଙ୍କ ସହ ଫୋନ ଯୋଗେ ସମ୍ପର୍କ ସ୍ଥାପନ କରିଥିଲା କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ଗାଁର ଜଣେ ଯୁବକ । ଯୁବକଙ୍କ ନାଁ ଶ୍ରୀକାନ୍ତ ଜେନା ଓରଫ ସିପୁନ ଜେନା ବୋଲି ପୀଡ଼ିତା କହୁଛନ୍ତି । ଯୁବତୀଙ୍କୁ ଏଡିଟେଡ୍ ଅଶ୍ଳୀଳ ଫୋଟୋ ଭାଇରଲ କରିବା ଧମକ ଦେଇ ତାଙ୍କୁ ଦେଖା କରିବାକୁ ବାଧ କରୁଥିଲେ ଅଭିଯୁକ୍ତ । ତେବେ ଯୁବତୀ ବାରଣ କରିବାରୁ ତାଙ୍କର ଗୋଟିଏ ପରେ ଗୋଟିଏ ଫଟୋ ଭିଡିଓ ଭାଇରାଲ କରିବାକୁ ଲାଗିଥିଲା ଅଭିଯୁକ୍ତ । ବାରମ୍ବାର ଫୋନ ବଦଳାଇ ପରିବାର ଲୋକଙ୍କୁ ଧମକଚମକ ଦେବା ସହ ପରିବାର ସଦସ୍ୟାଙ୍କ ଫୋଟୋ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ କରି ଚାଲିଛି ଅଭିଯୁକ୍ତ । ତେବେ ଏହି ଘଟଣାକୁ ନେଇ ଗତ ଜାନୁଆରୀ ୨ ତାରିଖରେ ପୀଡ଼ିତା ମାଲକାନଗିରି ସଦର ଥାନା ରେ ମାମଲା ରୁଜୁ କରିଥିଲେ । ବିଏନଏସର ଧାରା ୩୫୧(୨) (୪), ୬୬(ଇ), ୬୭, ୬୭ (ଏ)ରେ ମାମଲା ରୁଜୁ ହୋଇଥିଲା । ହେଲେ ସାଢେ ୭ ମାସଧରି ପୁଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ ତାହାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖୋଦ ମାଲକାନଗିରି ସଦର ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ଏହି ଘଟଣାର ତଦନ୍ତ ଭାର ନେଇ ଥିବା ବେଳେ ପୁଲିସ କିନ୍ତୁ ଏ ଯାଏଁ ନିରବ ଥିବା ଅଭିଯୋଗ ହୋଇଛି । ତେବେ ଏ ନେଇ କୋରୁକୋଣ୍ଡା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଅଭିଯୁକ୍ତ ଜଣଙ୍କ ବାରମ୍ବାର ଫୋନ ଓ ସିମ ବଦଳେଇବାରୁ ତାଙ୍କୁ ଧରିବା ପାଇଁ ଏକ ଟିମ ଗଠନ କରାଯାଇଛି ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ।



## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ


# ଶୁଳିଆପଦା ଡିଗ୍ରୀ ମହାବିଦ୍ୟାଳୟରେ ଶହେ ଚାରାରୋପଣ

ଶୁଳିଆପଦା(ଭାସ୍କର ନ୍ୟୁଜ) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଶୁଳିଆପଦା ଡିଗ୍ରୀ କଲେଜ ଏନଏସଏସ, ନାରାୟଣ ସେବା ଟ୍ରଷ୍ଟ, ଧରିତ୍ରି ବଚାଅ ଅଭିଯାନ ଓ ସମ୍ବାଦ ସାହିତ୍ୟ ଘର, ଶୁଳିଆପଦାର ମିଳିତ ସହଯୋଗରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ, ଶୁଳିଆପଦା ପରିସରରେ, ବଉଳ, ପିଜୁଳି, ମେହଗାନି, କାଜୁ, କମଳା ପ୍ରଭୃତି ଶହେ ଚାରା ରୋପଣ କରାଯାଇଛି । ମହାବିଦ୍ୟାଳୟର ଅଧକ୍ଷ କିଶୋର କୁମାର ଗିରିଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧର୍ମପୁରାର ଅଧକ୍ଷ ଶୋଭାକର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ସେବା ଟ୍ରଷ୍ଟର ଅଧକ୍ଷ ଡଃ. ନିରୋଜ କୁମାର ପୁଥାଳ, ସେଭ୍ ଆର୍ଥ ମିସନର ଜିଲ୍ଲା ସଭାପତି ତାପସ କୁମାର ବେହେରା, ଏନଏସଏସ ପ୍ରୋଗ୍ରାମ ଅଫିସର ଡା. ସୁଧାଂଶୁ ସେଠି, ସମାଜସେବୀ, କବି ତଥା ଶୁଳିଆପଦା ସମ୍ବାଦ ସାହାଯ୍ୟ ଘରର ସଦସ୍ୟ ଅଜମ୍ବର ପୁଷ୍ଟି, ଚିତ୍ତରଞ୍ଜନ ସ୍ୱାଇଁ, ମା' ଲକ୍ଷ୍ମୀ ଫାଉଣ୍ଡେସନ୍‌ର ଅଧକ୍ଷ ଦିଲ୍ଲୀପ କୁମାର ତୁଙ୍ଗ, ନାରାୟଣ ସେବା ଟ୍ରଷ୍ଟର ସଦସ୍ୟ ବୈଦ୍ୟନାଥ ମୁର୍ମୁ, ଶୁଳିଆପଦା ସମ୍ବାଦ ସାହାଯ୍ୟ ଘରର ବ୍ଲକ୍ ସଂଯୋଜକ ଗୌରାଙ୍ଗ ଚରଣ ଗିରି, ସାମ୍ବାଦିକ ସମିର କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଗଛ ଲଗେଇବାର ଉଦ୍ଦେଶ୍ୟ ଓ ମାନବ ସମାଜ ପାଇଁ ବୃକ୍ଷର ଉପକାରିତା ବାବଦରେ ବକ୍ତବ୍ୟ ରଖିଥିଲେ । ସଭାକାର୍ଯ୍ୟ ସମାପ୍ତ ପରେ ଅତିଥି ଓ ଛାତ୍ରଛାତ୍ରୀ ମାନେ ଚାରା ରୋପଣ କରିଥିଲେ । କଲେଜର କର୍ମଚାରୀ ମାନେ ସହଯୋଗ କରିଥିଲେ ।



## କଣିହାଁ ପାଇଁ ଗୌରବ ଆଣିଲେ ସଲେଜା

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ୍ ବିଜିଗୋଳ ପଞ୍ଚାୟତ ରଙ୍ଗବେଡା ଗ୍ରାମର ସ୍ୱର୍ଗତ କୈଳାସ ଚନ୍ଦ୍ର ସାହୁଙ୍କ ସାନ ଝିଅ ସଲେଜା ସାହୁ(୨୬) କଣିହାଁ ପାଇଁ ଗୌରବ ଆଣିଛନ୍ତି । ସ୍ନାତକୋତ୍ତର (ବିଜ୍ଞାନ), ବିଶ୍ଳେଷଣାତ୍ମକ ରସାୟନ ବିଜ୍ଞାନରେ ତାଙ୍କୁ ଏହି ସମ୍ମାନଜନକ ଉପାଧି ମିଳିଛି । ବିଶେଷ କରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନୁମୋଦିତ ପାଠ୍ୟକ୍ରମ ସମାପନପୂର୍ବକ ୨୦୨୩ ମସିହା ଅପ୍ରେଲ



ମାସରେ ଅନୁଷ୍ଠିତ ସ୍ନାତକୋତ୍ତର (ବିଜ୍ଞାନ) ପରୀକ୍ଷାରେ ଗ୍ରେଡ୍ ଏ+ ସହ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସଲେଜଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ସଲେଜା ଏହି ଉପାଧି ଗ୍ରହଣ କରିଛନ୍ତି । ଭୁବନେଶ୍ୱର ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବରେ ଗତକାଲି ସଲେଜାଙ୍କୁ ଏହି ଉପାଧି ମିଳିଛି । ବିଭିନ୍ନ ସାମାଜିକ ଅନୁଷ୍ଠାନ, ସମାଜିକକର୍ମୀ, ବୁଦ୍ଧିଜୀବୀ, ଶିକ୍ଷାବିତମାନଙ୍କ ପକ୍ଷରୁ ସଲେଜାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏ ନେଇ ସମଗ୍ର କଣିହାଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ) : ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଆପାଦକାଳୀନ ଆତ୍ମରକ୍ଷା ନିରାପତ୍ତା କୌଶଳ ଶିକ୍ଷା ଶନିବାର ପ୍ରଦାନ କରାଯାଇଛି । ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ଅନୁରୋଧ କ୍ରମେ ଅଗ୍ନିଶମ ଅଧିକାରୀ ସୌରଭ ରାଉତଙ୍କ ନେତୃତ୍ୱରେ ଆଗ୍ନିକ ମୈତ୍ରେୟ ରଞ୍ଜନ ପଣ୍ଡା, ସରୋଜ ନାୟକ, ତ୍ରିଲୋଚ ମହାପାତ୍ର ପ୍ରମୁଖ ଅଗ୍ନିକାଣ୍ଡ, ସର୍ପଦଂଶନ, ବନ୍ୟା, ବାତ୍ୟା, ବଜ୍ରପାତ, ଜଳରେ ବୁଡ଼ିଯିବା ଭଳି ଆପାଦକାଳୀନ ପରିସ୍ଥିତିରେ ଆଶୁ ସୁରକ୍ଷା କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା ସହ ପ୍ରତ୍ୟକ୍ଷରେ ପ୍ରଦର୍ଶନ କରିଥିଲେ । ଶିକ୍ଷୟତ୍ରୀ ତପଜା ସାହୁ, ବିଷ୍ଣୁପ୍ରିୟା ଜେନା, ରୂପାଲି ଅପରାଜିତା ପଟ୍ଟନାୟକ, ବର୍ଷାରାଣୀ ପଲକ, ଗଙ୍ଗାଧର ଦଳେଇ, ମାସନ କୁମାର ସାହୁ, ନରେନ୍ଦ୍ର ନାୟକ, ଉର୍ମିଳା ନାୟକ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ସାହୁ, ମନ୍ଦୋଦରୀ ସାହୁ, ସୁଜାତା ଦାସ, ଚନ୍ଦ୍ରଶେଖର ପାତ୍ର, ଲମ୍ବୋଦର ଜେନାଙ୍କ ସହ ଛାତ୍ରଛାତ୍ରୀମାନେ କୌଶଳ ଶିକ୍ଷା କରିଥିଲେ ।

# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ



⇨ ଠିକାଦାରଙ୍କ ଉପରେ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ନାହିଁ

⇨ ବଡ଼ ବଡ଼ ହମ୍ପସ୍ ଓ ଡାଇଭରସନ୍ ଯୋଗୁ ବଢ଼ୁଛି ଦୁର୍ଘଟଣା

ଡେରାବିଶ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଏବେ ଚାରି ଥାକିଆ ବିଶିଷ୍ଟ ରାସ୍ତାରେ ପରିଣତ ହେଉଛି । ଏହି ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଜଣକ ମନମୁଖି ରାସ୍ତା ନିର୍ମାଣ କରୁଥିବା ଓ ଠିକାଦାରଙ୍କ କାର୍ଯ୍ୟକଳାପ ଉପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କଙ୍କ କୌଣସି ନିୟନ୍ତ୍ରଣ ନଥିବା ନେଇ କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହପାତ୍ରଙ୍କ କହିବା ଅନୁଯାୟୀ ଚଣ୍ଡିଖୋଲ-ପାରାଦ୍ୱୀପ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାଦାର ଜଣକ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ମନମୁଖି ଭାବେ ରାଜପଥ ନିର୍ମାଣ କରୁଛନ୍ତି । ଏପରିକି ଏହି ଜାତୀୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ପଂଚୁପାଣ୍ଡବ ଠାରୁ ଅଁଳାବାଙ୍କ ଛକ ପର୍ଯ୍ୟନ୍ତ ଠିକାଦାର ମନଇଚ୍ଛା ଭାବେ ଯେଉଁଠି ନାହିଁ ସେଠି ରାସ୍ତାକୁ ବନ୍ଦ କରି ଡାଇଭର୍ସନ ନିର୍ମାଣ କରୁଛନ୍ତି । ଏଥିସହିତ ବହୁ ସ୍ଥାନରେ ମନମୁଖି ଭାବେ ବହୁତ ବଡ଼ ବଡ଼ ହମ୍ପସ୍ ନିର୍ମାଣ କରାଯାଉଛି । ଡାଇଭରସନ ପୂର୍ବରୁ ରାସ୍ତାରେ ଗାଡ଼ି ଚାଳକମାନଙ୍କ ନିମନ୍ତେ ଯଥେଷ୍ଟ ସୂଚନା ମଧ୍ୟ ଦିଆଯାଉନାହିଁ ଓ ଡାଇଭର୍ସନ ରାସ୍ତାଟିକୁ ମଧ୍ୟ ସଠିକ ଭାବରେ ମଧ୍ୟ ନିର୍ମାଣ କରାଯାଉନାହିଁ । ଯେଉଁଥିପାଇଁ ଏହା ଜାତୀୟ ରାଜପଥ ନୁହେଁ ମୃତ୍ୟୁ ପଥ ପାଲଟିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଅଧିକାଂଶ ସମୟରେ ଏହି ଡାଇଭର୍ସନ ପାଇଁ ବହୁ ଦୁର୍ଘଟଣା ଘଟି ଧନଜୀବନ ହାନୀହେଉଛି । ଗାଡ଼ି ଗୁଡ଼ିକ ଠିକାଦାରଙ୍କ ଦ୍ୱାରା ରାତାରାତି ରାସ୍ତାରେ ଡାଇଭର୍ସନର ସ୍ଥାନ ପରିବର୍ତ୍ତନ ହୋଇଯାଉଥିବାରୁ ଏହାକୁ ହଠାତ୍ ନଜାଣି ପାରି ପରସ୍ପର ମଧ୍ୟରେ ବାଡ଼େଇ ହୋଇ ଯାଉଥିବା ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି । ଏହି ରାଜପଥର ଛତା ଛକରେ ଠାରେ ଠିକା ସଂସ୍ଥା ପକ୍ଷରୁ ଦୁଇଟି ରାସ୍ତାକୁ ବନ୍ଦ କରି ମାତ୍ର ଗୋଟିଏ ରାସ୍ତା ଖୋଲଯାଇଛି ଯେଉଁଥିରେ ଉଭୟ ପଟୁ ଗାଡ଼ି ଯିବ ଓ ଆସିବ । ଏହି ଛକଟି ଏକ ବ୍ୟସ୍ତବହୁଳ ଛକ ହୋଇଥିବାରୁ ମାତ୍ର ଗୋଟିଏ ରାସ୍ତାରେ ଯାନବାହାନ ଗୁଡ଼ିକ ଯିବା ଆସିବା କରିବାରେ ବହୁତ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି । ଏପରିକି ଏହି ରାସ୍ତା ନିର୍ମାଣର ଡିପିଆର (ଡିଟେଲ ପ୍ରେଜେକ୍ଟ ରିପୋର୍ଟ) ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ମାନେ ଅବଗତ ନଥିବାରୁ ଏହି ରାସ୍ତାର ଡିଜାଇନ୍, ଏହା କେଉଁ ସାମଗ୍ରୀରେ ନିର୍ମାଣ କରାଯିବ ତାହା ମଧ୍ୟ ସାଧାରଣ ଲୋକ ଅବଗତ ନାହାଁନ୍ତି । ଠିକାଦାର ଜଣକ ରାସ୍ତା ନିର୍ମାଣ କରିବା ପାଇଁ ପାଉଁଶ ବଦଳରେ ଡେରାବିଶ ବ୍ଲକ ଅଂଚଳରେ ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ କରି ରାସ୍ତା ନିର୍ମାଣ କରୁଥିଲା । ଏ ସମ୍ପର୍କରେ ଶ୍ରୀ ମହାପାତ୍ର ବାରମ୍ବାର ଅଭିଯୋଗ କରିବା ପରେ ଜାତୀୟ ରାଜପଥ ନିର୍ମାଣରେ ଠିକାଦାର ପାଉଁଶ ବ୍ୟବହାର କରୁଛନ୍ତି । ଏଥିସହିତ ଠିକାଦର ଏହି ରାସ୍ତା ନିର୍ମାଣରେ କାର୍ଯ୍ୟରେ ଲଗାଇଥିବା ଶ୍ରମିକ ଓ ଏହି ରାଜପଥରେ ଯାତାୟତ କରୁଥିବା ଲୋକମାନଙ୍କର ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦେଉନାହିଁ । ଏ ସମ୍ପର୍କରେ ଜାତୀୟ ରାଜପଥ କତୃପକ୍ଷ ଜାଣି ଅଜଣା ସାଜୁଛନ୍ତି । ସେତେଯେପରି ଏହି ଠିକାଦାରଙ୍କ ଉପରେ ରାଜପଥ କର୍ତ୍ତୃପକ୍ଷଙ୍କ କୌଣସି ନିୟନ୍ତ୍ରଣ ନାହିଁ । ତେଣୁ ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଠିକାଦାରଙ୍କ ମନମୁଖି କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି ।

# ଥମୁନି ୩୫ ଟିକିଆ ହାତୀପଲଙ୍କ ଆତଙ୍କ

## ଚିନ୍ତାରେ ଚାଷୀ, ଜନ ଜୀବନ ଅସ୍ତବ୍ୟସ୍ତ



ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ତିଖାଳି ସଂରକ୍ଷିତ ମୁରିବାହାଲ ରେଞ୍ଜ ଜଙ୍ଗଲରେ ୩୫ ଟିକିଆ ବଣୁଆ ହାତୀ ଆତଙ୍କ ଦେଖିବାକୁ ମିଳିଛି । ସନ୍ଧ୍ୟା ହେଲେ ଚାଷଜମିରେ ପଶି ଚାଷ ନଷ୍ଟ କରୁଥିବା ବେଳେ ଅଞ୍ଚଳ ଅନ୍ଧାର ପାଲଟି ଥିବା ଦେଖିବାକୁ ମିଳୁଛି । ହାତୀ ପଲ ମୁରିବାହାଲ ଅଞ୍ଚଳର ଅନେକ ଗ୍ରାମରେ ଧାନ, ପନି ପରିବା, କଦଳୀ ଚାଷ ଅନେକ ଚାଷ କିଆରୀକୁ ପଶି ଚାଷ ନଷ୍ଟଭ୍ରଷ୍ଟ କରିବାରେ ଲାଗିଛନ୍ତି । ମୁରିବାହାଲ ଅଞ୍ଚଳରେ ଦୀର୍ଘ ଆଠ ମାସ ହେଲା ଆସି ଚାଷୀ ମାନଙ୍କ ଚାଷ ନଷ୍ଟ କରୁଥିବା ବେଳେ ଆଜି ଗୁଡିଘାଟ ପଞ୍ଚାୟତ ବାରବନ୍ଧ (ରାନିସିଲେଟ) ଗ୍ରାମର ଚାଷ ଜମି ମାନଙ୍କରେ ପଶି ଧାନ ପଳା, କପା ଚାଷ ଚୁରମାର କରିଦେଇଛି । ହାତୀ ପଲ ମୁରିବାହାଲ ରେଞ୍ଜ କର୍ଲାପିଟା, ଡ଼ଙ୍ଗାବାଞ୍ଜି, ପେରୁଆମାଳ, ବାରବନ୍ଧ, ସୁକୁନିପଦର, ରାନିସିଲେଟ, ବେହେରାଖାଇ, କୁଟୁନିଝରଣ ସହ ଅନେକ ଅଞ୍ଚଳରେ ବୁଲି ବୁଲି ଚାଷ ଫସଲ ନଷ୍ଟ କରିଚାଲିଥିବାରୁ ଅଞ୍ଚଳର ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ମୁରିବାହାଲ ରେଞ୍ଜରେ ୫ ଟି ସେକ୍ସନ ଥିବା ବେଳେ ୧୬ ଟି ବିଟ୍ ଅଛି ହେଲେ ବନ ବିଭାଗ କିଛି ପଦକ୍ଷେପ ନେଉନଥିବା ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ବନ ଖଣ୍ଡ ଅଧିକାରୀ ଶିବପ୍ରସାଦ ନାୟକଙ୍କୁ ପଚାରିବାରୁ ଦୀର୍ଘଦିନ ଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ରହିଛୁ । ଯେଉଁ ଚାଷୀ ମାନଙ୍କ ଚାଷ କ୍ଷତି ହେଇଚି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ । ହାତୀ ପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବର୍ଷା ଋତୁ ଚାଲିଥିବାରୁ ଡ୍ରୋନରେ ଟ୍ରାକ କରି ହେଉନାହିଁ ବୋଲି ପ୍ରକାଶ କରିଛନ୍ତି । ହାତୀ ପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଛି, ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି । ଶୀଘ୍ର ପଦକ୍ଷେପ ନେଇ ହାତୀ ପଲଙ୍କୁ ଅନ୍ୟ ପଟେ ଘଉଡ଼ାଇ ଚାଷୀ ମାନଙ୍କ କ୍ଷତି ପୂରଣ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ଅଞ୍ଚଳରେ ଦାବି ହେଉଛି ।

# ମହିଳାଙ୍କୁ ହାତୀ ଆକ୍ରମଣ ଘଟଣା ମାନୁନି ବନ ବିଭାଗ

ବେଲପଡା (ଭାସ୍କର ନ୍ୟୁଜ୍) : ମହିଳାଙ୍କୁ ହାତୀ ଆକ୍ରମଣ ଘଟଣାକୁ ନେଇ ଏବେ ଦ୍ୱିମତ ପ୍ରକାଶ ପାଇଛି । କିଏ ସତ କହୁଛି କିଛି ବୁଝାପଡୁନାହିଁ । କାରଣ ଆହତ ମହିଳା ଜଣଙ୍କୁ ହାତୀ ଶୁଣ୍ଢରେ ଟେକି ନେଇ କାଚାଡି ଦେବାରୁ ସେ ଗୁରୁତର ଆହତ ହୋଇପଡ଼ିଥିବା କଥା ପ୍ରତିକ୍ରିୟା ଦେଉଥିବା ବେଳେ ବନ ବିଭାଗ କିନ୍ତୁ ଏହାକୁ ଗ୍ରହଣ କରିନାହିଁ । ପାଟଣାଗଡ଼ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତର ଦେଇ କହିଛନ୍ତି ଯେ ଆପଣ ଟିକେ ଭାବୁନ ଆଜ୍ଞା, ହାତୀ ଯଦି ଆକ୍ରମଣ କଲା ବେଳେ ଆରୁ ଅମର ମୁନୁଷ ଜୀବନ ରହିବା ତେଲ ହାତୀ କେତେ ବଳ ନି ଜାଣି ବୋଲି ହାତୀ ଆକ୍ରମଣ ଘଟଣାକୁ ଗ୍ରହଣ କରି ପାରୁନାହାନ୍ତି । ଅନ୍ୟପଟେ ଘଟଣା ଦିନ ସାଙ୍ଗରେ ଥିବା ମହିଳାମାନେ ମଧ୍ୟ ସମାନ କଥା କହୁଛନ୍ତି ଯେ ହାତୀ ପାଇଁ ଶାନ୍ତି ଆହତ ହୋଇଛି । ଆମେ ସମସ୍ତେ ହାତୀକୁ ଦେଖିଛୁ ଭୟରେ ଥରହର ହେଉଥିବା ସାଙ୍ଗରେ ଥିବା ମହିଳା କହିଛନ୍ତି । ତେବେ ରେଞ୍ଜର କ'ଣ ପାଇଁ ଏମିତି କଥା କହୁଛନ୍ତି କିଛି ବୁଝାପଡୁନାହିଁ । ପ୍ରାପ୍ତ ସୂଚନା ମତେ କତରଲଗା ଗାଁର ଶାନ୍ତି ନାଏକ ନିଜ ପରିବାର ସହ ସଇଁତଲା ବ୍ଲକ ଗୁଦୁରାମୁଣ୍ଡା ଗାଁର ପତ୍ରଫଡିରେ କେନ୍ଦୁପତ୍ର ବାନ୍ଧିବା କାମ କରୁଥିଲେ । ଗତ ବୁଧବାର ଦିନ ଭୋର ସକାଳୁ ଶାନ୍ତି ଅନ୍ୟ ତିନିଜଣ ମହିଳାଙ୍କ ସହ ମିଶିକି ନିକଟସ୍ଥ ନାଳକୁ ଗାଧେଇବା ପାଇଁ ଯାଇଥିଲେ । ଆଡିବନ୍ଧରେ ଶାନ୍ତି ଥିବାବେଳେ ପଛପଟୁ ଏକ ଜଙ୍ଗଲୀ ହାତୀ ଆସି ଶୁଣ୍ଢରେ ଟାଣି ବାହାରେ କଚାଡି ଦେଇଥିଲା । ଏହା ଦେଖି ସାଥିରେ ଥିବା ମହିଳାମାନେ ଚିତ୍କାର କରି ଭୟରେ ପାଣି ଭିତରକୁ ପଶି ଯାଇଥିଲେ । ପରେ ହାତୀ ସେଠାରୁ ଜଙ୍ଗଲ ଭିତରକୁ ଚାଲି ଯାଇଥିଲା । ଗୁରୁତର ଅବସ୍ଥାରେ ପଡ଼ିଥିବା ଶାନ୍ତିଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା ଆଣିଥିଲେ । ବେକ ଓ ଛାତିରେ ଯନ୍ତ୍ରଣା ସହ ଶରୀରର କିଛି ସ୍ଥାନରେ ଖଣ୍ଡିଆ ହୋଇଥିବାରୁ ସେ ବର୍ତ୍ତମାନ ପାଟଣାଗଡ଼ରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପଟେ ରୋଗୀଙ୍କ ସମ୍ପର୍କୀୟ କିଶୋର ନାଏକ ବନ ବିଭାଗ କେବଳ ଫଟୋ ଉଠାଇ ଦେଇ ପାଖ ମାଡୁନ ଥିବା ଅଭିଯୋଗ ଆଣୁଛନ୍ତି । ତେବେ ରେଞ୍ଜର କ'ଣ ପାଇଁ ହାତୀ ଆକ୍ରମଣ ଘଟଣାକୁ ଲୁଚାଇବାକୁ ଚାହୁଁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଅଞ୍ଚଳ ରେ ଦାବି ହେଉଛି । କିଛି ମାସ ହେବ କିରିବାଞ୍ଜି ଜଙ୍ଗଲରେ ୧୩ ଟିକିଆ ହାତୀପଲ ରହି ଆସୁଛନ୍ତି । ବିଭିନ୍ନ ସମୟରେ ଚାଷୀ ବ୍ୟାପକ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି । ମାସ ମାସ ଧରି ଅଞ୍ଚଳରେ ହାତୀପଲ ଘୂରି ବୁଲୁଥିଲେ ହିଁ ବନ ବିଭାଗ କିଛି ପଦକ୍ଷେପ ନେଉନାହିଁ । କେବେଳ ଘଣ୍ଟା ଘଣ୍ଟା ଧରି ଅଞ୍ଚଳରେ ବିଜୁଳି କାଟି ଦେଇ ନିଜ କାମ ସାରିଦେଉଥିବା ଲୋକ ଅଭିଯୋଗ କରୁଛନ୍ତି ।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କୁ ଅଧ୍ୟକ୍ଷଙ୍କ ମାନସିକ ନିର୍ଯାତନା ଅଭିଯୋଗ

# ୪ ମାସ ପରେ ବିଇଓଙ୍କ ଏତଲାରେ କାର୍ଯ୍ୟାନୁଷ୍ଠାନ

### ଅବହେଳାକୁ ନେଇ ଉଠିଲା ପ୍ରଶ୍ନ ?

ବଡ଼ଚଣା,(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଜଣେ ନାବାଳିକାକୁ ମାନସିକ ନିର୍ଯାତନା ଦେଇଥିବା ନେଇ ତା'ର ବାପା ୪ ମାସ ପୂର୍ବରୁ ସମସ୍ତ ଫୋର୍ମରେ ଅଭିଯୋଗ କରିଥିଲେ ମଧ୍ୟ କାହିଁକି ଏହା ଉପରେ କୌଣସି ପଦକ୍ଷେପ ନିଆଗଲା ନାହିଁ ବୋଲି ଏଠାରେ ପ୍ରଶ୍ନ ଉଠୁଛି । ତେବେ ୪ ମାସ ପରେ ବିଇଓଙ୍କ ଏତଲା ପରେ ବଡ଼ଚଣା ପୋଲିସ ଅଧ୍ୟକ୍ଷଙ୍କୁ ତାଙ୍କ ଘରୁ ଉଠାଇଲା ଏବଂ ନାବାଳିକାର ପରିବାର ଲୋକେ ଏବେ ଥାନାରେ ଲିଖିତ ଅଭିଯୋଗ କରିବାକୁ ଭୟ କରୁଛନ୍ତି । ତେବେ ବଡ଼ଚଣା ପୋଲିସ ଅଧ୍ୟକ୍ଷଙ୍କୁ ଥାନାରେ ୨୪ ଘଣ୍ଟା ଅଟକ ରଖି ପଚରାଉଚରା କରିବା ପରେ ଥାନା କେସ୍ ନମ୍ବର ୨୩୨/୨୫ ମାମଲା ରୁଜୁ କରି ତଦନ୍ତ କରିବା ପରେ ବ୍ୟକ୍ତିଗତ ଭାବେ ୪୧ରେ ଜାମିନରେ ଛାଡ଼ି ଦିଆଯାଇଛି । ସୌମ୍ୟାଶ୍ରୀ ପରେ କେଉଁଝର ଜିଲ୍ଲା ଏବଂ ଆଜି ପୁରୀ ଜିଲ୍ଲା ଗୋପ କଲେଜରେ ଛାତ୍ରୀଙ୍କ ପ୍ରତି ହୋଇଥିବା ଅସଦାଚରଣ ପରେ ସମଗ୍ର ରାଜ୍ୟରେ ଏହାକୁ ନେଇ ରାଜନୀତି ବେଶ ସରଗରମ ହେଉଥିବା ବେଳେ ଏଠାରେ ନାବାଳିକାର ପରିବାର ପୂର୍ବରୁ ବିଇଓ, ଜିଲ୍ଲା ଶିକ୍ଷା ଅଧିକାର, ଜିଲ୍ଲାପାଳ ନିକଟରେ କରିଥିବା ଅଭିଯୋଗ କୁଆଡେ ଗଲା ବୋଲି ଆଲୋଚନା ହେଉଛି । ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଘଟିଥିବା ଘଟଣାକୁ ନେଇ ପ୍ରଶାସନ ତରବରିଆ ଭାବେ ଅଧ୍ୟକ୍ଷଙ୍କୁ କୋରାପୁଟ ବଦଳି କରିବା ଏବଂ ଅଧ୍ୟକ୍ଷଙ୍କ ବିରୋଧରେ ଏକ କେସ୍ କରି ତାଙ୍କୁ ଜାମିନରେ ଛାଡିବା ଘଟଣାକୁ ନେଇ ଜନସାଧାରଣଙ୍କ ଭରସା ତୁଟିଯାଉଛି ବୋଲି ଏଠାରେ ବେଶ୍ ଆଲୋଚନା ହେଉଛି । ସୂଚନା ଅନୁସାରେ ବଡ଼ଚଣା ବ୍ଲକର ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଝିଅ ବଡ଼ଚଣା ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିଲେ । ପ୍ରକାଶ ଥାଉକି ଚଳିତ ବର୍ଷ ମାର୍ଚ୍ଚ ୨୮ ତାରିଖରେ ସମ୍ପୃକ୍ତ ଛାତ୍ରୀଙ୍କ ଅଭିଭାବକ ଯାଜପୁର ଏସ୍‌ପି, ଜିଲ୍ଲାପାଳ ଓ ଶିକ୍ଷାମନ୍ତ୍ରୀଙ୍କୁ ତାଙ୍କ ଝିଅ ପ୍ରତି ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ଖରାପ ବ୍ୟବହାର କରିଥିବା ଲିଖିତ ଅଭିଯୋଗ କରିଥିଲେ । ତେବେ ଏହି ଅଭିଯୋଗକୁ ନେଇ ଶିକ୍ଷା ଅଧିକାରୀ, ଶିକ୍ଷାମନ୍ତ୍ରୀ କୌଣସି ସଫଳ ରାସ୍ତା ବାହାର କରିନଥିଲେ । ତେବେ କୌଣସି କାରଣରୁ ବଡ଼ଚଣା ପୋଲିସ ପାଖରେ ସମ୍ପୃକ୍ତ ନାବାଳିକାକୁ ନେଇ ଅଭିଯୋଗ ଆସିବାରୁ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଥାନା ଅଧିକାରୀ ମଧୁସ୍ମିତା ବେହେରା ଗୁରୁବାର ରାତିରୁ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଏମ୍ ଏସ୍ ପାର୍ଥସାରଥୀଙ୍କୁ ତାଙ୍କ ନିଜ ଘର ଧର୍ମଶାଳା ଥାନା ଭଗବାନପୁର ଗାଁରୁ ଉଠାଇ ଆଣିଥିଲେ । ୪ ମାସ ହେବ ସମ୍ପୃକ୍ତ ନାବାଳିକାର ବାପା ଓ ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିଲା ହେଲେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ପରେ ଏହି ଘଟଣାକୁ ଅତି ଗୁରୁତର ଭାବେ ନେଇ ପୋଲିସ ଅଧ୍ୟକ୍ଷଙ୍କୁ ଘରୁ ଉଠାଇ ଆଣିଥିଲେ । ଯାହା ଜଣାପଡୁଛି ଶିକ୍ଷା ବିଭାଗ ଦ୍ୱାରା ଅଭିଯୋଗ ହେବାରୁ ବଡ଼ଚଣା ପୋଲିସ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଆଣି ଥାନାରେ ୨୪ ଘଣ୍ଟା ଅଟକ ରଖିଲା ପରେ ଶୁକ୍ରବାର ରାତିରେ ଛାଡିଥିଲେ ଏବଂ ଶନିବାର ଥାନାରେ ହାଜର ହେବାକୁ କହିଥିଲେ । ସମ୍ପୃକ୍ତ ଅଧ୍ୟକ୍ଷ ଶନିବାର ଥାନାକୁ ଆସିବା ପରେ ବହୁ ସମୟ ଅପେକ୍ଷା କରିବା ପରେ ଫେରି ଯାଇଥିବା ଜଣାପଡିଛି । ତେବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଘଟଣାକୁ ନେଇ ପ୍ରଶାସନ ଏପରି ପଦକ୍ଷେପ ନେଲା ବୋଲି ଏଠାରେ ଆଲୋଚନା ହେଉଛି ।

# ମରାମତି ହେଲା ମୁକୁନ୍ଦପୁର-ବରୁଣ୍ଡେଇ ରାସ୍ତା



'ଓଡ଼ିଶା ଭାସ୍କର'ର ପ୍ରଭାବ

କୋରେଇ (ଭାସ୍କର ନ୍ୟୁଜ୍) : ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ଥିବା ମୁକୁନ୍ଦପୁର ଠାରୁ ବରୁଣ୍ଡେଇ ରାସ୍ତାର କାମ ନୂଆ କରି ହୋଇଥିବା ବେଳେ ମାତ୍ର ୨ ମାସରେ ରାସ୍ତା ପୁରା ନଷ୍ଟ ହୋଇଯାଇଛି । ଏହାକୁ ଏକ ସମ୍ବେଦନଶୀଳ ଖବର ଭାବେ 'ଓଡ଼ିଶା ଭାସ୍କର' ପ୍ରକାଶ କରିଥିଲା । ଖବର ପ୍ରକାଶ ପରେ ତତ୍କ୍ଷଣାତ୍ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିଛି, ରାସ୍ତାର ମରାମତି କରାଯାଉଛି । କିନ୍ତୁ ସେତେବେଳେ ରାସ୍ତାକାମ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଶୁଚିସ୍ମିତା ମିଶ୍ର ଯେକି କାମ ବେଳେ କାମ ପାଖକୁ ବିଲକୁଲ ନଆସି ଆଖି ବୁଜିଦେଇ ବିଲ୍ କରିଥିଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି । ଦୁଃଖର ବିଷୟ ଯନ୍ତ୍ରୀ ଜଣକ ଅଭିଯୋଗ ଶୁଣିବା ତ ଦୂରର କଥା, ସେ କେବେ କାହା ଫୋନ ଉଠାନ୍ତି ନାହିଁ, ପଚାରିଲେ କହନ୍ତି ଆମେ କଣ କାହା ଫୋନ ଉଠାଇବାକୁ ବାଧ ! ଅନ୍ୟପକ୍ଷରେ ଯେଉଁ ଠିକାଦାର ଏଭଳି ନିମ୍ନମାନର କାମ କରିଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସେ ବର୍ତ୍ତମାନ ବିଭାଗର ଗେହ୍ଲା ପୁଅ ହୋଇ ଚାରିଆଡେ କାମ କରୁଛନ୍ତି । ଏମିତିକି ଶୁଣିବାକୁ ମିଳୁଛି ଠିକାଦାରଙ୍କ ସୁବିଧା ଅନୁସାରେ କୁଆଡ଼େ ବିଭାଗରୁ କେଉଁ ଯନ୍ତ୍ରୀ ବଦଳି ହେବେ, କିଏ ନୂଆ ଆସିବେ ତାହା ନିର୍ଣ୍ଣୟ କରାଯାଉଛି । ଏମିତିକି ବର୍ତ୍ତମାନ ବିଭାଗଟି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଥଇଥାନ କେନ୍ଦ୍ର ସାଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି । କାରଣ ଗତ ଗୋଟିଏ ବର୍ଷରେ ଅଫିସର ମାନେ ଚକ୍ରାନ୍ତ କରି ବଡ଼ ବଡ଼ କାମ ଗୁଡ଼ିକୁ ଟେଣ୍ଡର ନକରି ଭାଗ ଭାଗ କରି କିଛି ଅନାମଧେୟ ପେଟି ଠିକାଦାରଙ୍କ ହାତରେ କରାଇ ମନଇଚ୍ଛା ବିଲ୍ କରାଉଥିବା ଅଭିଯୋଗ ହେଉଛି । ଏମିତିକି କାମ କରୁ କରୁ ଗୋଟିଏ ମାସ ଭିତରେ ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳୁଛି । ବିନା ଟେଣ୍ଡର ବିନା ସୂଚନା ଫଳକ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖି ପୂର୍ତ୍ତ ବିଭାଗ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଦେଖିବାକୁ ମିଳୁଛି । ବିଭଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରି ଜାଲି ଠିକାଦାର ମାନଙ୍କୁ କଳା ତାଲିକା ଭୁକ୍ତ କରିବା ସହିତ ଦୁର୍ନୀତି ଗ୍ରସ୍ତ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ଥାନା ନଳବଣ୍ଟା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ନଳବଣ୍ଟା ଗ୍ରାମର ୬୫ ବର୍ଷୀୟ କାଳୁ ଚରଣ ନାହାକ ବୋଲି ଜଣାପଡିଛି । ସୂଚନା ଅନୁସାରେ କାଳୁଚରଣ ପ୍ରତ୍ୟେକ ଦିନ ପରି ଆଜି ମଧ୍ୟ ଋଷିକୁଲ୍ୟା ନଦୀପଠାକୁ ଛେଳି ଚରେଇବାକୁ ଯାଇଥିବା ସମୟରେ ତାଙ୍କୁ ଗୋଟିଏ ବିଷାକ୍ତ ସାପ କାମୁଡ଼ି ଥିଲା । ସାପ କାମୁଡା ଫଳରେ କାଳୁ ଚରଣ ନଦୀପଠାରେ ପଡ଼ି ଛଟପଟ ହେଉଥିବା ସମୟରେ ପାଖ ଖେଳ ପଡିଆରେ ଖେଳିବାକୁ ଯାଇଥିବା କିଛି ପିଲା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଦେଖିବାକୁ ମିଳିଛି । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି ।

# ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ଡାକ୍ତର ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର

ରଘୁନାଥପୁର (ଭାସ୍କରନ୍ୟୁଜ) ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ଗୋଷ୍ଠୀ ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ଡାକ୍ତର ପଦବୀ ପୂରଣ ନିମନ୍ତେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ବେହେରା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ସିଏଚ୍ ବିଲ୍‌ଡିଂ, ଲାବ ଟେକ୍ନିସିଆନ ସହ ବିଲ୍‌ଡିଂ, ଗଭୀର ନଳକୂପ ଖନନ ସହ ମେଡିସିନ, ସର୍ଜରୀ ଓ ଗାଇନିଜ ସ୍ପେଶିଆଲିଟି ନିଯୁକ୍ତି, ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଜଣ ଡାକ୍ତର ନିଯୁକ୍ତି ଓ ନୂତନ ବିଲ୍ଡିଙ୍ଗ ନିର୍ମାଣକୁ ତ୍ୱରାନିତ କରିବା, ଜଇପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ସହ ଦିବାରାତ୍ରି ଡାକ୍ତର ବ୍ୟବସ୍ଥା, ତରିକୁନ୍ଦ ସ୍ୱାସ୍ଥ୍ୟକେନ୍ଦ୍ରର ନୂଆ ବିଲ୍‌ଡିଂ ନିର୍ମାଣ ସହ ସମ୍ମୁଖରେ ଥିବା ଜଳାଶୟକୁ ପୋତାଯିବା, ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଡାକ୍ତର ଓ ବାଗଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଡାକ୍ତର ପଦବୀ ପୂରଣ ପାଇଁ ବେହେରା ପତ୍ରରେ ଉଲ୍ଲେଖ କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଏ ସମ୍ପର୍କରେ ଅବଗତ ହୋଇ ଏମ୍‌ଡି ଏନ୍‌ଆର୍‌ଏଚ୍‌ଏମ୍‌ଙ୍କ ପାଖକୁ ପତ୍ରଟିକୁ ପଠାଇଥିବାର ଜଣାପଡିଛି ।

# ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ବାଣ୍ଟିଲେ ବିଧାୟକ




ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଛତ୍ରପୁର ନିକଟ ଟାକିରିଆ ବ୍ରହ୍ମପୁର ଠାରେ ଶନିବାର ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡ଼ିଶା ଏବଂ ସିଫ୍‌ନେଟଙ୍କ ମିଳିତ ଅନୁକୂଲ୍ୟରେ ମତ୍ସ୍ୟଜୀବୀଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ସହ ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ । ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ ମାଛଧରା ପୋତ ପରିଚାଳନା ନିମନ୍ତେ ବ୍ୟବହୃତ ଯୋଗାଯୋଗ ଓ ନୌଚାଳନା ଉପକରଣ ଆଦି ଦକ୍ଷତା ପ୍ରଶିକ୍ଷଣ ଶିବିର ଗତ ଦୁଇଦିନ ଧରି ଆୟୋଜିତ ହୋଇଆସିଥିବା ବେଳେ ଆଜି ଶେଷ ଦିନରେ ବିଧାୟକଙ୍କ ଦ୍ୱାରା ଉପସ୍ଥିତ ମତ୍ସ୍ୟଜୀବୀ ମାନଙ୍କୁ ଜୀବନ ରକ୍ଷାକାରୀ ଉପକରଣ ଲାଇଫ୍ ଜ୍ୟାକେଟ୍ ଏବଂ ଲାଇଫ ବୟ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଉପ ମତ୍ସ୍ୟନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ଏଥିସହ ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବି ଜେ ସାହୁ, ଗଞ୍ଜାମ ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ) ସୁବ୍ରତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିବା ସହ ପୂଜା ରାଣୀ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ କୁଞ୍ଜ ବିହାରୀ ଦାଶ, ସହକାରୀ ମତ୍ସ୍ୟ ଅଧିକାରୀ, ସୋନାପୁର, ବିଶ୍ୱଭୂଷଣ ଜେନା, ସହକାରୀ ମତ୍ସ୍ୟ ଅଧିକାରୀ, ଗଞ୍ଜାମ ଓ ଜେଏଫଟିଏ ଗୀତାରାଣୀ ନାୟକଙ୍କ ସମେତ ସାଗରମିତ୍ର ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସିଫ୍‌ନେଟ୍ ବିଶାଖାପାଟଣାରୁ ଆସିଥିବା ଟେକ୍ନିସିଆନମାନେ ବୈଜ୍ଞାନିକ ପ୍ରଣାଳୀରେ ମାଛ ଧରିବା ନିମନ୍ତେ ବିଭିନ୍ନ ଉପକରଣର ବ୍ୟବହାର ଓ ଏହାର ସୁଫଳ ଉପରେ ପ୍ରୟଗୀ ଠାରୁ ପାତି ସୋନାପୁର ପର୍ଯ୍ୟନ୍ତ ଭାଗ ନେଇଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ଅବଗତ କରାଇଥିଲେ ।

# ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ମହାବିନାୟକ ମନ୍ଦିର ଓ ଛତିଆ ବଟ ଦର୍ଶନ


ବଡ଼ଚଣା (ଭାସ୍କର ନ୍ୟୁଜ୍) : ଓଡିଶା ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ତାଙ୍କ ଧର୍ମପତ୍ନୀ ମହାବିନାୟକ ମନ୍ଦିର ଓ ଛତିଆ ବଟ ଦର୍ଶନ କରିଥିବା ଜଣାଯାଇଛି । ପ୍ରଥମେ ମୁଖ୍ୟ ବିଚାରପତି ଶ୍ରୀ ଟଣ୍ଡନ ଆସି ଛତିଆରେ ପହଞ୍ଚି ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବ ପରିଚିତ ଛତିଆ ବଟରେ ପ୍ରତିଷ୍ଠା ପାଇଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ ଏବଂ ପରେ ସେ ବଡ଼ଚଣା ବ୍ଲକ ପାଞ୍ଚଦେବାତା ପୀଠ ପ୍ରଭୁ ମହାବିନାୟକ ମନ୍ଦିର ଦର୍ଶନ କରିଥିଲେ । ସେଠାରେ ପୂଜାର୍ଚ୍ଚନା କରି ପ୍ରଭୁକୃପା ଲାଭ କରିଥିଲେ । ତାଙ୍କ ସହିତ ଉଚ୍ଚ ନ୍ୟାୟଳୟର ଅଶାନ୍ତ ଦାସ, ଅମୃତରଞ୍ଜନ ନନ୍ଦ, ଅତିରିକ୍ତ ଜିଲା ଦୌରାଜଜ ଗୋପବନ୍ଧୁ ଗଡ଼ନାୟକ, ଯାଜପୁର ଜିଲ୍ଲାପାଳ, ଏସ୍‌ପି ସାମିଲ ଥିଲେ । ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ସୁରେନ୍ଦ୍ର ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ ଦାଶ, ସରକାରୀ ଆଇନଜୀବୀ ଦେବରାଜ ବେହେରା, ରାମଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସ୍ୱାଗତ କରିଥିଲେ । ଏହି ଅବସରରେ ମହାବିନାୟକ ଟ୍ରଷ୍ଟି ଧନେଶ୍ୱର ସାମଲ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ରାଶିଫଳ

ରବିବାର, ୨୦ ଜୁଲାଇ ୨୦୨୫



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ,, ଯାହା ସମାଜରେ ସମ୍ମାନ ବୃଦ୍ଧି କରିବ । ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ ।



**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ । ବିବାହିତ ଜୀବନ ଭଲ ହେବ । ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ।




**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ । ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ । କାର୍ଯ୍ୟରେ ଅଳ୍ପ ସମୟ ରହିପାରେ ।




**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ । ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ ।




**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ । ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ । ପିକନିକ୍ କିମ୍ବା ଅନ୍ୟ କୌଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ ।



**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।




**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ । ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ । ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ । ବିବାହିତ ଜୀବନ ମଧ୍ୟ ସୁଖୀ ହେବ ।




**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ । ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।




**ଧନୁ :** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ । ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ । ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଇଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ । ବୌଦ୍ଧିକ ଏବଂ ଲେଖା କାର୍ଯ୍ୟରେ ସକ୍ରିୟ ହୋଇପାରେ ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ । ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ । ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ । ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ । ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ): ଭଞ୍ଜନଗର ମଣ୍ଡଳ ଦେବୋତ୍ତର ନିରୀକ୍ଷକ ଙ୍କ ବୌଦ୍ଧ ଜିଲ୍ଲା ଗ୍ରସ୍ତ । ଆଜି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀ ଜଗନ୍ନାଥ ମହାପ୍ରଭୁ ପୁରୁଷୋତ୍ତମ ଦିବ୍ୟଧାମ ଠିକିଆପୋର ଚାରିଛକକୁ ଅଚାନକ ପରିଦର୍ଶନରେ ଭଞ୍ଜନଗର ମଣ୍ଡଳ ଦେବୋତ୍ତର ନିରୀକ୍ଷକ ଶ୍ରୀଯୁକ୍ତ ହିତେନ୍ଦ୍ରନାଥ ଦାସ ପହଞ୍ଚିଥିଲେ । ମନ୍ଦିର ପରିବେଶ , ଶାନ୍ତି ଶୃଙ୍ଖଳା , ମହାପ୍ରଭୁଙ୍କ ନୀତିକାନ୍ତି ,ପୂଜାପାଠ ମନ୍ଦିର ପରିଚାଳନା ଆଦି ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ । ମନ୍ଦିର ପରିବେଶ ଓ ଠାକୁରଙ୍କୁ ଦର୍ଶନ କରି ଶ୍ରୀକ୍ଷେତ୍ର ପୁରୀର ଅନୁଭବ ସାଉଣ୍ଟିଥିଲେ ଓ ଆନନ୍ଦବିଭୋର ହୋଇଯାଇଥିଲେ । ପୁଣି ଆଗାମୀ ଦିନରେ ଆସିବାକୁ କହିଥିଲେ ଓ ମନ୍ଦିରର ସର୍ବାଙ୍ଗୀନ ଉନ୍ନତିକଳ୍ପେ ସମସ୍ତେ ଏକ ମନପ୍ରାଣ ହୋଇ ପ୍ରଭୁଙ୍କ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜଗନ୍ନାଥ ମନ୍ଦିର ଦୀର୍ଘ ୧୧ବର୍ଷ ଧରି ଦେବୋତ୍ତର ବିଭାଗରେ ୨୩-ଔ-ଇଭଏ ନାମରେ ପଞ୍ଜିକୃତ ହୋଇଛି,ଏଣୁ ମନ୍ଦିର ନ୍ୟାସମଣ୍ଡଳୀ ତରଫରୁ ବୌଦ୍ଧ ଜିଲ୍ଲା ଦେବୋତ୍ତର ମଠ ଓ ମନ୍ଦିର ତାଲିକାରେ ସ୍ଥାନିତ କରିବାକୁ ବୌଦ୍ଧ ଉପଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇବାକୁ ଅନୁରୋଧ କରାଯାଇଥିଲା । ପରିଦର୍ଶନ ସମୟରେ ନ୍ୟାସ ମଣ୍ଡଳୀର ଟ୍ରଷ୍ଟି ଶ୍ରୀ କୃଷ୍ଣଚନ୍ଦ୍ର ମଲ୍ଲିକ , ଅର୍ଜୁନ କହଁର,ସିକନ ନାୟକ ,ସୁରେଶ ବେହେରାଙ୍କ ସହିତ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀ ବାମଦେବ ଦାଶ ଓ ପୂଜକ ନାରାୟଣ ନନ୍ଦ ଉପସ୍ଥିତ ଥିଲେ ।

# ପୌର ପ୍ରଶାସନ ପକ୍ଷରୁ ଖାଦ୍ୟର ମାନ ଓ ସ୍ୱଚ୍ଛତାକୁ ନେଇ ଯାଞ୍ଚ

## ହୋଟେଲ ସିଲ୍, ୩୫ହଜାର ଟଙ୍କା ଜରିମାନା




କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ପୌର ପ୍ରଶାସନ ପକ୍ଷରୁ ସହରରେ ଗତ କିଛି ଦିନ ହେଲା ହୋଟେଲ ଗୁଡିକରେ ଖାଦ୍ୟର ମାନ ଓ ସ୍ୱଚ୍ଛତାକୁ ନେଇ ଯାଂଚ ଚାଲିଛି । ଏହି ଯାଞ୍ଚରେ ନାମିଦାମୀ ହୋଟେଲ ବି ବାଦ ପଡିନି । ହୋଟେଲ ଗୁଡିକରେ ଅଚାନକ ଚଢଉ କରାଯାଉଛି । ନିୟମିତ ଚଢଉ ସହ ଜରିମାନା ଆଦାୟ ମଧ୍ୟ କରାଯାଉଛି । କୋରାପୁଟ ପୌର ପରିଷଦର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସହରର କିଛି ନାମିଦାମୀ ହୋଟେଲରେ ଚଢଉ କରି ମୋଟା ଅଙ୍କର ଜରିମାନା ପକାଯାଉଛି । କୋରାପୁଟ ଆଲିସାନ ହୋଟେଲରେ ଖାଦ୍ୟର ମାନ ଯାଞ୍ଚ କରିବା ସହ ସ୍ୱଚ୍ଛତା ନେଇ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ହୋଟେଲରେ ବାସି ଖାଦ୍ୟ, ରଙ୍ଗର ବ୍ୟବହାର ଏବଂ ସ୍ୱଚ୍ଛତାକୁ ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା । ପୂର୍ବରୁ ଏହି ହୋଟେଲରେ ଏଭଳି ଅବ୍ୟବସ୍ଥା ଦେଖିବା ସହ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତଥାପି ଏଥିରେ ସୁଧାର ନକରିବାରୁ ଉକ୍ତ ହୋଟେଲକୁ ଦୁଇ ଦିନ ପାଇଁ ସିଲ୍ କରିବା ସହ ଜରିମାନା ପକାଯାଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ସହରର ବିଭିନ୍ନ ହୋଟେଲରେ ଚଢାଉ କରାଯାଇ ୩୫ହଜାର ଟଙ୍କା ଜରିମାନା ପକାଯାଇଥିବା ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ବିଭାଗ ଆସିଷ୍ଟାଣ୍ଡ ତ୍ରିଲୋଚନ ବେନ୍ୟା, ମ୍ୟୁନସିପାଲଟି ସାନିଟାଇଜେସନ ଏକ୍ସପୋର୍ଟ ସୁପ୍ରଭା ମଲ୍ଲିକ, ସାନିଟାଇଜେସନ ଇନ୍ସପେକ୍ଟର ଭରତ ହାଲବାଙ୍କ ସହ ପୌର କର୍ମଚାରୀ ଉପସ୍ଥିତ ଥିଲେ ।

### ଆଦିବାସୀ ଭାଇଭଉଣୀଙ୍କ ଗହଣରେ ଜନ୍ମଦିନ ପାଳନ କଲେ ବିଧାୟକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଡକ୍ଟର ବାଞ୍ଜୋରୀ ଗ୍ରାମ ଠାରେ ଆଦିବାସୀ ଭାଇଭଉଣୀଙ୍କ ଗହଣରେ ଆଡମ୍ବର ସହିତ ଜନ୍ମଦିନ ପାଳନ କଲେ ପାରଳା ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ।ଏଥିରେ ବିଧାୟକ ପ୍ରଥମେ ଗ୍ରାମରେ ପହଞ୍ଚି ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବାପରେ ଚର୍ଚ୍ଚ ଯାଇ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଶୀର୍ବାଦ ନେଲେ ଶେଷରେ ଗ୍ରାମରେ ଥିବା ବିଦ୍ୟାଳୟ ପରିଦର୍ଶନ କରି କୁନି କୁନି ପିଲାମାନଙ୍କ ସହିତ କେକ୍ କାଟି ଜନ୍ମଦିନ ପାଳନ କଲେ । ଏଥିରେ ବିଧାୟକ ଏକ ବିରାଟ ଭୋଜିର ଆୟୋଜନ କରିବାସହ ଗ୍ରାମବାସୀଙ୍କ ସହ ଭୋଜିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ନାୟକ, ଗୋଷାଣୀ ବ୍ଲକ ଅଧକ୍ଷ ଏନ. ବୀର ରାଜୁ, ପୌରପରିଷଦ ଉପାଦକ୍ଷ ଲେଙ୍କା ମଧୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା,ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ,ବରିଷ୍ଠ ନେତା ଗଜପତି ରାଓ, କାଶୀନଗର ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ସମସ୍ତ ସରପଞ୍ଚ ସମିତି ଏବଂ ସମସ୍ତ କାଉନସିଲର ପ୍ରମୁଖ ଯୋଗଦେଇ ମାନ୍ୟବର ବିଧାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଶୁଭକାମନା ଜଣେଇଥିଲେ।

# ପୂର୍ତ୍ତ ବିଭାଗର ଡ୍ରେନେଜ୍ ପ୍ଲେଟ୍ ଫାଟିବା ଘଟଣାକୁ ନେଇ ଅସନ୍ତୋଷ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ୩ମାସ ମଧରେ ପୂର୍ତ୍ତ ବିଭାଗର ଡ୍ରେନେଜ ପ୍ଲେଟ ଫାଟିବା କୁନେଇ କୋଷାଗୁମୁଡା ର ସମିତି ସଭ୍ୟ ଆଣିଲେ

## ପୁନର୍ବାର ନିର୍ମାଣ ଦାବି



ଅଭିଯୋଗ । ଅତି ନିମ୍ନ ମାନର କାର୍ଯ୍ୟ ସମ୍ପାଦନ କରି ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ କାର୍ଯ୍ୟ ଶେଷ ହୋଇଛି। ଯାହାଫଳରେ ମାତ୍ର ୩ମାସ ମଧରେ ଡ୍ରେନେଜର ପ୍ଲେଟ ତଥା ଘୋଡଣି ଫାଟି ମରଣଯନ୍ତା ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ମହକୁମାରୁ ରାଜୋଡା ଯାଇଥିବା ନବ ନିର୍ମିତ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାକଡରେ ହୋଇଥିବା ଡ୍ରେନେଜର ପ୍ଲେଟ ଫାଟିବା ଘଟଣା । ସାନ ପିଲା, ଗାଈ ଗୋରୁ, ବୃଦ୍ଧ ଲୋକ, ଯାନବାହନ ପାଇଁ ବିପଦ ସଂକୁଳ ଭାବରେ ରହିଛି । ସତରେ ଗୋଟେ ଦୁର୍ଘଟଣା ପାଇଁ ଯେମିତି ଜଗି ରହିଛି । ଏହି ଘଟଣାକୁନେଇ କୋଷାଗୁମୁଡା ସଦର ମହକୁମାର ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ ରୋକଠୋକ ନୂତନ ଭାବେ ପୁନର୍ବାର ଫାଟିଥିବା ଡ୍ରେନେଜ ପ୍ଲେଟକୁ ନିର୍ମାଣ କରିବା ପାଇଁ ଦାବୀ କରିଛନ୍ତି ପୂର୍ତ୍ତ ବିଭାଗ କୁ ତାହା ସହ କିଭଳି ରାସ୍ତା ସମ୍ପ୍ରସାରଣ କରିବା ବେଳେ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଣ୍ଟ କୁ ନ କାଡି ରାସ୍ତା ଉପରେ ରଖି ବିଦ୍ୟୁତ ଖୁଣ୍ଟ ପଛରେ ଡ୍ରେନେଜ ନିର୍ମାଣ କାର୍ଯ୍ୟ ସମ୍ପାଦନ ନିମ୍ନ ମାନର କରି ଶେଷ କରିଛନ୍ତି ବୋଲି କହିଛନ୍ତି । ତୁରନ୍ତ ବିଭାଗ ଓ ଠିକାଦାର ମିଶି ସଠିକ ଭାବରେ ପୁନର୍ବାର କାର୍ଯ୍ୟଟିକୁ ନକରିଲେ, ଉଚ୍ଚ ବିଭାଗର ଦୃଷ୍ଟି ଆକର୍ଷଣ କରିବୁ ବୋଲି ଚେତାବନୀ ଦେଇଛନ୍ତି । ଏହି ଘଟଣା କୁନେଇ କୋଷାଗୁମୁଡା ଅଞ୍ଚଳବାସୀ ମଧ ଅଭିଯୋଗ କରିଛନ୍ତି କି କିଭଳି ବିଭାଗ ଯନ୍ତ୍ରୀ ଓ ଠିକାଦାର ନିମ୍ନମାନର କାର୍ଯ୍ୟ ତରବରିଆ ଭାବେ କରିଛନ୍ତି, ତାହାକୁ ପୁନର୍ବାର ଠିକ ଭାବରେ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି । ଏହାକୁ ନେଇ ପୂର୍ତ୍ତ ବିଭାଗର କାର୍ଯ୍ୟ କରୁଥିବା ଠିକାସଂସ୍ଥାର କର୍ମଚାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ପଚାରି ବୁଝିବାରୁ ସେ କହିଛନ୍ତି କି ନବରଙ୍ଗପୁର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପଚାରି ସଠିକ ତଥ୍ୟ ସଂଗ୍ରହ କର ଏହା ଉପରେ ମୁଁ କିଛି କହିପାରିବି ନାହିଁ । ତେବେ ଜାଣିବାକୁ ପାଇଲୁ କି ପୂର୍ବରୁ ଥିବା କନିଷ୍ଠ ଯନ୍ତ୍ରୀ ବଦଳି ହୋଇଥିବା ବେଳେ ନୂତନ ଯନ୍ତ୍ରୀ ଜଣେ କାର୍ଯ୍ୟ ଗ୍ରହଣ କରିବେ । ତେବେ ବର୍ତ୍ତମାନ ଫାଟିବା ଡ୍ରେନେଜ ପ୍ଲେଟରେ ଦୁର୍ଘଟଣା ପରେ କଣ ବିଭାଗ ସଚେତନ ହେବ କି ବୋଲି ସାଧାରଣ ରେ ଏକ ପ୍ରଶ୍ନବାଚ ସୃଷ୍ଟି ହୋଇଛି ।

## ନିଖୋଜ ଯୁବକ ଉଦ୍ଧାର

ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲାର ବାଲିମେଳା ଜଳଭଣ୍ଡାରରେ ବୁଡ଼ି ନିଖୋଜ ଥିବା ଯୁବକ ଉଦ୍ଧାର ହୋଇଛି। ଦେଶୀ ଡ଼ଙ୍ଗା ସାହାଯ୍ୟରେ ନଦୀରେ ମାଛ ଜାଲ ପକାଇ ଫେରୁଥିବା ବେଳେ ଘଟିଛି ଅଘଟଣ। ନିଖୋଜ ଯୁବକ ହେଲେ ତଳପଦର ଗ୍ରାମର ରାମଚନ୍ଦ୍ର ପାଙ୍ଗି (୨୭)। ଡ଼ାଇକ-୩ ନଦୀରେ ଏକ ଦେଶୀ ଡଙ୍ଗାରେ ନାକାମାମୁଡ଼ିରୁ ତାଳପଦରକୁ ୫ ଜଣ ଯାତ୍ରା କରୁଥିଲେ। ଏହି ସମୟରେ ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡଙ୍ଗାରେ ଥିବା ୫ ଜଣଙ୍କ ମଧ୍ୟରୁ ୪ଜଣ ପହଁରି ପହଁରି ସୁରକ୍ଷିତ ଭାବେ କଣ୍ଟାଳରେ ପହଞ୍ଚିଥିବା ବେଳେ ରାମଚନ୍ଦ୍ର ପାଙ୍ଗି ନିଖୋଜ ହୋଇଯାଇଥିଲେ। ଘଟଣାଟି ଗତକାଲି ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା, ସନ୍ଧ୍ୟା ହୋଇ ଯିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରିନଥିଲା କୋରକୁଣ୍ଡା ଅଗ୍ନିଶମ ବିଭାଗ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଆଜି ତାଙ୍କର ମୃତ ଦେହକୁ ଉଦ୍ଧାର କରାଯାଇଥିବା ଜଣାଯାଇଛି।

# ୩ ଲୁଟେରା ଗିରଫ



କନ୍ଧମାଳ(ଭାସ୍କର ନ୍ୟୁଜ୍): ଶୁକ୍ରବାର ବିଭିନ୍ନ ସ୍ଥାନରେ ଘନ ଘନ ଚଢାଉ କରି ମନମୁଣ୍ଡା ପୋଲିସ ୩ ଜଣ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁସାରେ ଗତ ୧୬ ତାରିଖ ରାତି ୧୦ଟା ସମୟରେ ମନମୁଣ୍ଡା ଥାନା ସାନ ଡୁଙ୍ଗୁରିପଲି ଗ୍ରାମର ରଞ୍ଜିତ ମିଶ୍ର ଓ ରାଜକିଶୋର ଗରିଆ ନିଜ କାମ ସାରି ମନମୁଣ୍ଡାରୁ ନିଜ ଘରକୁ ଫେରୁଥିଲେ। ମନମୁଣ୍ଡା ବାଇପାସ ଯୋଗିପଦର୍ ଛକ ନିକଟରେ ୩ ଜଣ ଲୁଟେରା ରଞ୍ଜିତ ଓ ରାଜକିଶୋରଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ନେଇ ଗତ ୧୭ ତାରିଖ ରାତି ୯ଟାରେ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ମାତ୍ରେ ମନମୁଣ୍ଡା ବିଭିନ୍ନ ସ୍ଥାନରେ ଘନ ଘନ ଚଢାଉ କରି ସନ୍ଦିଗ୍ଧଙ୍କୁ ପଚରା ଉଚରା କରି ଶେଷରେ ଡାଙ୍ଗମୁଣ୍ଡା ଗ୍ରାମର ରାଧାକାନ୍ତ ଜଗଦଲା(୩୦) ଏବଂ ମନମୁଣ୍ଡା କୁଡସାହିର ଦୁଇ ଭାଇ ଭୋଲାଶଙ୍କର ମିର୍ଦ୍ଧା(୨୪) ଓ ରୁଦ୍ର ମିର୍ଦ୍ଧା (୧୯) କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ବୌଦ୍ଧ ସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ରିଜର୍ଭ ପଡ଼ିଆରେ ପୋଲିସ କର୍ମଚାରୀଙ୍କ ମକ୍ଡ୍ରିଲ୍



ନୂଆପଡ଼ା (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ପୋଲିସ ରିଜର୍ଭ ପଡ଼ିଆରେ ପୋଲିସ କର୍ମଚାରୀଙ୍କ ମକ୍ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଅଛି। ଏହି ମକ୍ଡ୍ରିଲରେ ନୂଆପଡ଼ା ଏସପି ଜିଆର ରାଘବେନ୍ଦ୍ର ଯୋଗ ଦେଇ ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତି ରେ ପୋଲିସ କର୍ମୀ ମାନେ କିପରି ଶାନ୍ତି ଅବଲମ୍ବନ୍ କରି ମୁକାବିଲା କରିବାକୁ ତାଲିମ୍ ଦେଇଥିଲେ। କୌଣସି ପରିସ୍ଥିତି ଆସିଲେ ମଧ ବିଚଳିତ ନ ହୋଇ ନିଜକୁ ଶାନ୍ତ ଓ ନିର୍ମଳ ଭାବରେ ରହିବାକୁ ଆହ୍ୱାନ କରିଥିଲେ। ବିଶେଷ କରି ଶାନ୍ତି ଶୃଙ୍ଖଳା ପରିସ୍ଥିତିରେ ସାବଧାନ ରୂପେ ନିଜ ଦାୟିତ୍ୱ ସମ୍ପାଦନ କରିବା ସହ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଆହ୍ୱାନ କରିଥିଲେ। ପ୍ରଥମରୁ ନିଜ ସ୍ଥିତ ପୋଜିସନ୍‌ରେ ଆସି ଅନ୍ୟ କର୍ମୀଙ୍କ ଗତିବିଧିକୁ ଅନୁଧ୍ୟାନ କରି ସ୍ଥିତି ସ୍ୱାଭାବିକ କରିବାକୁ ସଂଘବଦ୍ଧ ରୂପେ ଆଗକୁ ବଢିବା ବିଭିନ୍ନ ଉପାୟ ଉପରେ ଆଲୋକପାତ କରିଥିଲେ।

## ବଣିକ ସଂଘର ନୂତନ କର୍ମକର୍ତ୍ତା ଗଠନ

ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ବଣିକ ସଂଘ ତରଫରୁ ନୂତନ କର୍ମକର୍ତ୍ତା ଗଠନ ହୋଇଯାଇଛି। ଏହି ଅବସରରେ ସନ୍ତୋଷ ମହାପାତ୍ରଙ୍କୁ ସଭାପତି ଭାବେ, ରାଜେଶ ପଟନାୟକ, ଯୋଗିନ୍ଦର ଶ୍ରୀବାସ୍ତବ, ପିୟୁଷ ମଣ୍ଡଳ, ଓ ଗଙ୍ଗାରାଜୁଙ୍କୁ ଉପସଭାପତି ଭାବେ, ଦେବବ୍ରତ ବିଶ୍ୱାସଙ୍କୁ ଜେନେରାଲ ସେକ୍ରେଟାରୀ



ଭାବେ, ରାଜେଶ ସିଂ ଓ ଶଙ୍କର ବାଛର୍ଙ୍କୁ ସେକ୍ରେଟାରୀ ଭାବେ ଦିନେଶ କରଙ୍କୁ କୋଷାଧକ୍ଷ ଭାବେ ଅଜୟ କୁମାର ଦାସ, ସୁବ୍ରତ ସହା, ଭାସ୍କର ଦଣ୍ଡସେନା, ବିଶୁ ସିଲ୍, ଓ ରଞ୍ଜିତ ପାଣିଗ୍ରାହୀଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଇଘର ବଜାର ସମସ୍ତ ବ୍ୟବସାୟୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ନବରଙ୍ଗପୁର ଜିଲ୍ଲାର ବୃହତ୍ ବ୍ୟବସାୟିକ କେନ୍ଦ୍ର ସ୍ଥଳ ରୂପେ ପରିଚିତ ରାଇଘର। ବହୁତ ଦିନ ପରେ ବଣିକ ସଂଘ ଗଠନ ପରେ ବ୍ୟବସାୟିକ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

## ଚୋରି ମୋବାଇଲ୍ ଫେରସ୍ତ କାର୍ଯ୍ୟକ୍ରମ

ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ପୋଲିସ ପକ୍ଷରୁ ଚୋରି ହୋଇଥିବା ମୋବାଇଲ୍ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମିଳିଥିବା ଲିଖିତ ଅଭିଯୋଗରୁ ସଫଳତା ସହ ପୋଲିସ




ବିଭାଗ ସ୍ୱତନ୍ତ୍ର ଦଳ ଦ୍ୱାରା ତଦନ୍ତ କରି ୩୪ ଗୋଟି ମୋବାଇଲ୍ ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଏହି ମୋବାଇଲ୍‌କୁ ତାଙ୍କ ମାଲିକ ଙ୍କୁ ଫେରସ୍ତ କରିଛନ୍ତି। ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଜିଆର୍ ରାଘବେନ୍ଦ୍ର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ନିଜ ମୋବାଇଲକୁ ନିଜ ଦାୟିତ୍ୱରେ ରଖିବା ସହ ଆସନ୍ତା ଦିନ ରେ ଏହି ମୋବାଇଲ୍ ଚୋରା ପୀରତି ସତର୍କତା ଅବଲମ୍ବନ କରିବାକୁ ଆହ୍ୱାନ କରିଥିଲେ।

# ଆବାସ ଗୃହରୁ ବଞ୍ଚିତ ସୁମିତ୍ରା

## ଘର ମରାମତି ପାଇଁ ନାହିଁ ସମ୍ବଳ, ସମ୍ପର୍କୀୟ ଘରେ ନେଉଛନ୍ତି ଆଶ୍ରା

କନ୍ଧମାଳ (ଭାସ୍କର ନ୍ୟୁଜ୍): ସରକାର ଗରିବଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଅନେକ ଯୋଜନା ପ୍ରଣୟନ କରି ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ବାସ୍ତବରେ ଅନେକ ଗରିବ ଲୋକ ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି ।ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଦପଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଉଳସିଙ୍ଗା ଗ୍ରାମରେ ।ଗ୍ରାମର ବିଧବା ସୁମିତ୍ରା ପ୍ରଧାନ ନିଜ ପୁଅ ସହ ମାଟି ନଡା ଛପର ଘରେ ରୁହନ୍ତି ।ଚାଷବାସ ସହ ଦିନ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି ।ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ପକ୍କା ଘର ଖଣ୍ଡିଏ ତାଙ୍କ ପାଇଁ ସାତ ସପନ ପରି ମନେ ହୁଏ ।ପରିବାର ଚଳେଇବା ତାଙ୍କ ପାଇଁ କଷ୍ଟକର , ଘର ତିଆରି କଥା ପଚାରେ କିଏ ? ଏମିତିକି ଚାଳ ଛପର ଘର ମଧ ମରାମତି କରିବା ପ୍ରତି ବର୍ଷ ସୁମିତ୍ରା ପକ୍ଷେ ସମ୍ଭବ ହୋଇ ନ ଥାଏ । ସରକାରଙ୍କ ତରଫରୁ ସୁମିତ୍ରାକୁ ବିଧବା ଭତ୍ତା ସହ ରାସନ୍ କାର୍ଡ ଖଣ୍ଡେ



ଦେଇ ପ୍ରଶାସନ ନିଜର କର୍ତ୍ତବ୍ୟ ସାରି ଦେଇଛନ୍ତି । ଅନ୍ୟପଟେ ସୁମିତ୍ରା ରାଜନୈତିକ ବ୍ୟକ୍ତି , ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସରକାରୀ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ତାଙ୍କୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି । ହେଲେ ତାହା ବର୍ତମାନ ସୁଦ୍ଧା ପୂରଣ ହୋଇ ନାହିଁ ।ଘରଟିକୁ ଦେଖିଲେ ଏହା ସରକାରଙ୍କ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଗରିବକୁ ଉପହାସ ପରି ମନେହୁଏ ।ସୁମିତ୍ରା ମାଟି ଚାଳ ଛପର ଘର ମରାମତି କରିବା ସମ୍ଭବ ହେଉ ନ ଥିବା ବେଳେ ଘର ଭାଙ୍ଗି ଯିବାରୁ ତିଲକାମାଲ ଗ୍ରାମରେ ଥିବା ନିଜର ସମ୍ପର୍କୀୟ ଘରେ ଆଶ୍ରୟ ନେଇଛନ୍ତି ।ତାଙ୍କ ନିଜ ଘର ମରାମତି କରୁ ନ ଥିବାରୁ ଘରେ ଅନାବନା ଗଛଲତା ସବୁ ଉଠି ଥିବା ବେଳେ କାନ୍ଥ ସବୁ ଭାଙ୍ଗିବାକୁ ବସିଲାଣି ।ଘରଟି ବର୍ତ୍ତମାନ ବିପଦପର୍ଣ୍ଣ ଅବସ୍ଥାରେ ରହିଛି । ଉପାନ୍ତ ଅଞ୍ଚଳରେ ଥିବା ଏଭଳି ଅନେକ ଗ୍ରାମରେ ଲୋକେ ବିଭିନ୍ନ ସରକାରୀ ଯୋଜନା ରୁ ବଞ୍ଚିତ ଥିବା ଦେଖିବାକୁ ମିଳିଛି ।ଏଠି ନିର୍ବାଚିତ ଜନ ପ୍ରତିନିଧି ଓ ସରକାରୀ ବାବୁଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଧବା ସୁମିତ୍ରାକୁ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବୀ କରିଛନ୍ତି ।

# ଟାଲେଣ୍ଟ ଆୱାର୍ଡ଼ ସିଜନ୍-୨ ପାଇଁ ସବ୍ କମିଟି ବୈଠକ





ରାୟଗଡ଼ା (।ଭାସ୍କରନ୍ୟୁଜ୍): ରାୟଗଡ଼ାର ସାଇପ୍ରିୟା ନଗର ଦ୍ୱିତୀୟ ଲାଇନ୍ ମିନି ପାର୍କ ଠାରେ ରାୟଗଡ଼ା ଟାଲେଣ୍ଟ ଆୱାର୍ଡ଼ ସିଜନ୍ ଦୁଇ ୨୦୨୫ କାର୍ଯ୍ୟକ୍ରମ ଅୟୋଜନ ପାଇଁ ସବ୍‌କମିଟି ବୈଠକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୦ ତାରିଖ ରବିବାର ଦିନ ରାୟଗଡ଼ାର ବିଜୁ ପଟ୍ଟନାୟକ ଅଡିଟୋରିଅମ୍ ଠାରେ ମହାସମାରୋହରେ ଆୟୋଜିତ ପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଛି ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ୩୨୦ ଜଣ କଳାକାର ଏଥିରେ ପଞ୍ଜୀକୃତ ହେଇସାରିଥିବା ବେଳେ ପବ୍ଲିକ ଭୋଟିଂ ମଧ୍ୟ ସରି ଯାଇଛି। ଏହା ପରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ କଳାକାରଙ୍କୁ ମଞ୍ଚରେ ସାର୍ଟିଫିକେଟ ସହ ପୁରସ୍କୃତ କରାଯିବ ଏବଂ ସମାଜରେ ବିଶେଷ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ମଧ କରାଯିବାର ବ୍ୟବସ୍ଥା କରାଯିବ। ଜିଲ୍ଲାର କଳାକାରମାନଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବା ସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯିବାର ମୂଖ୍ୟ ଉଦ୍ଦେଶ୍ୟ ବୋଲି ମା ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ର ମ୍ୟାନେଜିଂ ଟ୍ରଷ୍ଟି ତଥା ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଛା ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅନେକ କଳାକାର ଏବଂ କୋର୍ କମିଟି ନୂତନ ଚୟନ ସବ୍ କମିଟି ସଦସ୍ୟ ଉପସ୍ଥିତ ରହିଥିଲେ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଓଡ଼ିଆପାଲି ପଞ୍ଚାୟତର ପର୍ବତନ ସରପଞ୍ଚ ତପନେଶ୍ୱର୍ ସାହୁ (୮୫) ଙ୍କ ନିଜ ଗାଁ ଭାଲୁଡୁଙ୍ଗୁରି ଘରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ସେ ତିନି ଥର ୱାର୍ଡମେମ୍ବର ଥିବା ବେଳେ ୨୦୦୨ ରୁ ୨୦୦୭ ଯାଏଁ ଓଡ଼ିଆପାଲି ପଞ୍ଚାୟତର ସରପଞ୍ଚ ରହିବା ସହିତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଥିଲେ। ତାଙ୍କ ଶେଷ କୃତ୍ୟ ପାରିବାରିକ ଶ୍ମଶାନରେ ଅନୁଷ୍ଠିତ ହୋଇଥିବା ବେଳେ ବଡ ପୁଅ ପୀତବାସ ମୁଖାଗ୍ନି ଦେଇଥିଲେ। ମଝିଆ ପୁଅ ବବ୍ଲୁ, ସାନ ପୁଅ କାଳିଆ ସମେତ ଝିଅ, ଜ୍ୱାଇଁ,ନାତୁଣୀ, ନାତି, ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ନିଜ ଗାଁ ଓ ପଞ୍ଚାୟତ ରେ ଶୋକ ପ୍ରକାଶ ପାଇଛି। ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ପ୍ରେସ କ୍ଲବ ସଭାପତି ତାପସ ରଞ୍ଜନ ବେହେରା, ଅଭୟ ତ୍ରିପାଠୀ, ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ରାସ୍ତା ଉପରେ ପଡ଼ିଛି ପିଲାଙ୍କ ଆଧାର କାର୍ଡ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଟନେଲ କ୍ୟାମ୍ପ ସଦର ପଞ୍ଚାୟତରେ ରାସ୍ତା ଉପରେ କୁଡ଼କୁଡ଼ ଆଧାର କାର୍ଡ ପଡିଥିବା ଦେଖିବାକୁ ମିଳିଛି। ଏହି ଆଧାର କାର୍ଡ ଗୁଡିକ ଟନେଲ କ୍ୟାମ୍ପ ପଞ୍ଚାୟତର କୁନି କୁନି ପିଲାଙ୍କର ବୋଲି ଜଣାପଡିଛି। ଏ ସମ୍ବନ୍ଧରେ ଗ୍ରାମବାସୀ କହିଛନ୍ତି, ଟନେଲ କ୍ୟାମ୍ପ ପଞ୍ଚାୟତର ଲାମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରିବା ନିମନ୍ତେ ଆଧାର କାର୍ଡର ଆବଶ୍ୟକତା ଥିବାରୁ ସମସ୍ତେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଧାର - କାର୍ଡ ପାଇଁ ଆବେଦନ କରିଥିଲେ । ତେବେ ଶହ ଶହ ଆଧାର କାର୍ଡ ବାଲିମେଳା ଡାକଘରକୁ ଆସିଥିବା ବଳେ ଡାକଘର କର୍ମଚାରୀ ଟନେଲ କ୍ୟାମ୍ପ ସରପଞ୍ଚଙ୍କୁ ସମସ୍ତ ଆଧାର କାର୍ଡ ବାଣ୍ଟିବା ପାଇଁ ପଠାଇ ଦେଇଥିଲେ। ତେବେ ସରପଞ୍ଚ ଏହି ଆଧାର କାର୍ଡ କାହାରିକୁ ନ ବାଣ୍ଟି ରାସ୍ତା ଉପରେ ଫୋପାଡି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଡାକ କର୍ମଚାରୀ ଆଧାର କାର୍ଡ ଆସିଛି ବୋଲି କହି ପଞ୍ଚାୟତର ସମସ୍ତଙ୍କ ଠାରୁ ୫୦ ଟଙ୍କା ଲେଖାଏଁ ଆଦାୟ କରି ନେଇଥିଲେ । ଟଙ୍କା କାହିଁକି ଆଦାୟ କରୁଛନ୍ତି ବୋଲି ଅଭିଭାବକ ମାନେ ପଚାରିବାରୁ ତୁମ ଘରକୁ ଆସି ଆଧାର କାର୍ଡ ଦେଉଛୁ, ତେଣୁ ଆମର ଯିବାଆସିବା ଖର୍ଚ୍ଚ ବାବଦକୁ ଏହି ଟଙ୍କା ନେଉଛୁ ବୋଲି କହିଥିଲେ ଏ ସମ୍ବନ୍ଧରେ ବାଲିମେଳା ଡାକଘର ପୋଷ୍ଟମାଷ୍ଟରଙ୍କୁ ପଚାରିବାରୁ ଆଧାର କାର୍ଡ ଆସିଥିବ କହିଥିଲେ, କିନ୍ତୁ ଏହି ଆଧାର କାର୍ଡ କାହାକୁ ଦିଆଯିବ – କାହା କାହା ନାମରେ ଅଛି ତାହାର ସ୍ୱତନ୍ତ୍ର ତାଲିକା ଆସି ନ ଥିଲା। ତେଣୁ ଏହାକୁ ଆମେ ସ୍ଥାନୀୟ ସରପଞ୍ଚଙ୍କୁ ଦେଇଥିଲୁ ବୋଲି ପ୍ରକାଶ କରିଥିଲେ । ଏଥିସହ ୫୦ଟଙ୍କା ଆଦାୟ କରିବା ମଧ ସ୍ୱୀକାର କରିଥିଲେ ତେବେ କୁନି କୁନି ପିଲାଙ୍କ ଭବିଷ୍ୟତ ସହ ଡାକ ବିଭାଗ କର୍ମଚାରୀ ଖେଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।


# ଅଞ୍ଚଳ ମହାବିଦ୍ୟାଳୟରେ ନିବେଶକ ସଚେତନତା ସେମିନାର




ବରଗଡ(ଭାସ୍କର ନ୍ୟୁଜ୍):ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ସେବୀ (SEBI)ନିୟନ୍ତ୍ରିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ ସିକ୍ୟୁରିଟି ମାର୍କେଟସ୍(NISM) ଆନୁକୂଲ୍ୟରେ ମହାବିଦ୍ୟାଳୟର ଆଇକ୍ୟୁଏସି ଓ ବାଣିଜ୍ୟ ବିଭାଗ ଦ୍ୱାରା 'ଯୁବ ନାଗରିକ ଙ୍କ ସକାଶେ ଆର୍ଥିକ ଶିକ୍ଷା' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଦାଶ ତାଙ୍କ ସ୍ୱାଗତ ଭାଷଣରେ ଆର୍ଥିକ ସମ୍ବଳର ସଦୁପଯୋଗ ନିମିତ୍ତ ବର୍ତ୍ତମାନ ଆମ ସମସ୍ତଙ୍କ ପାଇଁ ଆର୍ଥିକ ସାକ୍ଷରତା ଅତ୍ୟନ୍ତ ଜରୁରୀ ବୋଲି ମନ୍ତବ୍ୟ ରଖିଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ଶ୍ରୀ ନବକୃଷ୍ଣ ମିଶ୍ର ଅତିଥି ପରିଚୟ ସହ ଏହି ସେମିନାରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।ଏହି ଅବସରରେ ଜାତୀୟ ଷ୍ଟକ ବିନିମୟ ଓ ସେବୀ ସ୍ୱୀକୃତ ପ୍ରଶିକ୍ଷକ ଡ. ଜୟ କିଶନ ମେହେର ରିସୋର୍ସ ପର୍ଶନ ଭାବେ ଯୋଗ ଦେଇ ଯୁବ ନାଗରିକ ଙ୍କ ପାଇଁ ଆର୍ଥିକ ସାକ୍ଷରତା ଉପରେ ସନ୍ଦର୍ଭ ଉପସ୍ଥାପନ କରି ଆର୍ଥିକ ଯୋଜନା, ସୁପରିଚାଳନା, ସଙ୍କଟ ପ୍ରବନ୍ଧନ ଇତ୍ୟାଦି ସଫଳ ନିବେଶ ପାଇଁ ଜରୁରୀ ବୋଲି କହିବା ସହ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଇଂରାଜୀ ଅଧ୍ୟାପକ ଯଶୋବନ୍ତ ବାରିକ,ବ୍ରଜ କୁମ୍ଭାର, ଜଗବନ୍ଧୁ ସୁରୁଜାଲ ମଞ୍ଚାସୀନ ଥିଲେ। ପରିଶେଷରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ତାପିନୀ ପଣ୍ଡା,ପ୍ରାଧ୍ୟାପିକା ଝୁନୁ ପରିଡ଼ା, ଡ଼ ସରୋଜ କୁମାର ନାଏକ, ଅଧ୍ୟାପକ ମିଥୁନ ମେହେର, ଅଧ୍ୟାପିକା ଲିପ୍ସା ଚନ୍ଦ୍ରାକର ପ୍ରମୁଖ ଙ୍କ ସହ ବାଣିଜ୍ୟ, ଅର୍ଥନୀତି ଓ ଅନ୍ୟାନ୍ୟ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସିଆର୍‌ପିଙ୍କ ଦାବିପତ୍ର ପ୍ରଦାନ

କୋରାପୁଟ(ଭାସ୍କର ନ୍ୟୁଜ୍): ମିଶନ ଶକ୍ତି ଅଧୀନରେ କାର୍ଯ୍ୟ କରୁଥିବା ସିଆରପିମାନଙ୍କ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଅଲ୍ ଓଡିଶା ସିଆରପି, ସିଏମ୍ ଆସୋସିଏସନର



ଜିଲ୍ଲା ସଭାପତି ସୁବାଗ, ସମ୍ପାଦିକା ତୁଳସୀ ହନ୍ତାଳଙ୍କ ନେତୃତ୍ୱରେ ସମସ୍ତ ସିଆର୍‌ପି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ସିଆର୍‌ପିମାନଙ୍କୁ ପ୍ରଦାନ କରୁଥିବା ଇନସେଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ହଜାର ଟଙ୍କା ପ୍ରଦାନ କରିବା, ଅନ୍‌ଲାଇନ କାର୍ଯ୍ୟ ପାଇଁ ଟ୍ୟାବଲେଟ୍ ପ୍ରଦାନ କରିବା, ସମସ୍ତ କାର୍ଯ୍ୟରତ ସିଆର୍‌ପି ଓ ସିଏମ୍‌ମାନଙ୍କୁ ପରିଚୟ ପତ୍ର ପ୍ରଦାନ ସହ ଅନ୍‌ଲାଇନରେ ଦରମା ପ୍ରଦାନ ଏବଂ ସାମାଜିକ ସୁରକ୍ଷା ପ୍ରଦାନ ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପୁରୀ (ଭାସ୍କର ନ୍ୟୁଜ) : ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁକ୍ରବାର ଅପରାହ୍ନ ସମୟରେ ଗୋଶାଳାରେ ପହଞ୍ଚିବା ସହ ସେଠାରେ ହୋଇଥିବା ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ତଥା ବିଦ୍ୟୁତକରଣକୁ ଉଦଘାଟନ କରିବା ସହ ରାଜ୍ୟରେ ଗୋସମ୍ପଦର ସୁରକ୍ଷା, ଜୈବିକ କୃଷି ଓ କୃଷକ ମାନଙ୍କୁ ପ୍ରଶିକ୍ଷଣ ଦିଗରେ ଗୋଶାଳାର ଭୂମିକା ଉପରେ ଆଲୋକପାତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ,ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଉପସ୍ଥିତ ରହିବା ସହ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ କ୍ଷ ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ପରେ ସନ୍ଧ୍ୟା ସମୟରେ ଉପ ମୁଖ୍ୟମନ୍ତ୍ରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଗୋବର୍ଦ୍ଧନ ପୀଠକୁ ଆସି ଗୋବର୍ଦ୍ଧନ ପୀଠାଧୀଶ୍ୱର ଶ୍ରୀମଦ୍ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଦର୍ଶନ ଓ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ବେଆଇନ କାମ...

ନିବନ୍ଧନ ଅଧିକାରୀମାନେ ମୃତକଙ୍କୁ ଜୀବିତ ଓ ଜୀବିତଙ୍କୁ ମୃତ କରି ଦେଇପାରୁଛନ୍ତି। ଆଧାରକାର୍ଡ ଓ ଫଟୋ ବଦଳାଇ ପାରୁଛନ୍ତି। ୨୦୧୪ରୁ ୨୪ ପାର୍ଟପ୍ଲଟ ବନ୍ଦ ରହିଥିଲା। ଅନେକ ଅଧିକାରୀ ପାର୍ଟପ୍ଲଟ ରେଜିଷ୍ଟ୍ରେସନ କଲେ। କିନ୍ତୁ ୧୦୦ରୁ ୪୦ କଲେ, ୬୦ ରିଜେକ୍ଟ କରିଦେଲେ। ଏଥିରେ ଉଦ୍ଦେଶ୍ୟମୂଳକ ଭାବେ ଅନିୟମିତତା ହୋଇଥିବାରୁ ଅଧିକାରୀଙ୍କ ବିରୋଧରେ ପ୍ରୋସିଡିଂ ଆରମ୍ଭ ହୋଇଛି। ଯଦି ଅଧିକାରୀମାନେ ବେଆଇନ କାମ କରିବେ ଆଉ ଭାବିବେ କେହି ଦେଖୁନାହାନ୍ତି ବୋଲି ତାହା ନିଶ୍ଚିତ ଭୁଲ। ରାଜସ୍ୱ ବିଭାଗ ସବୁକିଛି ନିରୀକ୍ଷଣ କରୁଛି। ନିବନ୍ଧକଙ୍କ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଥିଲେ, ଅଧିକାରୀ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହିବା ଜରୁରି। ଲୋକେ ହେଉଛନ୍ତି ଭିଆଇପି ଓ ଆମ ମାଲିକ। ଆମେ ହେଉଛୁ ସେବକ। ଆଉ ଯୁଗନାହିଁ ବଡ଼ ଅଧିକାରୀ ଭାବେ ନିଜକୁ ଦେଖେଇହେବା। ଜଣେ ଲୋକ ନିଜ କାମ ପାଇଁ ବାରମ୍ବାର ଅଫିସକୁ ନ ଆସୁ। ସରକାରୀ ଅଫିସରେ ସେବା କେମିତି ମିଳୁଛି ଜଣେ ଲୋକ ଯାଇ ଅନ୍ୟକୁ କହୁ ବୋଲି ଶ୍ରୀ ପୂଜାରୀ କହିଥିଲେ।

### ଛାତ୍ରୀଙ୍କ ସୁରକ୍ଷା...

ପଦକ୍ଷେପରେ କଲେଜ ଗୁଡ଼ିକରେ ସୁରକ୍ଷା ସଶକ୍ତିକରଣ କୋଷ ଗଠନ କରାଯିବ, ଯାହା ଛାତ୍ରୀମାନେ ନିଜେ ପରିଚାଳନା କରିବେ। ପ୍ରତି ଶିକ୍ଷାନୁଷ୍ଠାନରେ ୫ଜଣ ମହିଳା ପରାମର୍ଶଦାତା ଶକ୍ତି ଅପାଙ୍କୁ ଜିଲ୍ଲାପାଳ ନିଯୁକ୍ତ କରିବେ। ଉତ୍ପୀଡ଼ନ କିମ୍ବା ମାନସିକ ନିର୍ଯାତନା ସଂପର୍କରେ ରିପୋର୍ଟ କରିବା ପାଇଁ ଏକ ୨୪ ଘଣ୍ଟିଆ ମୋବାଇଲ ଆପ୍ ପ୍ରଚଳନ କରାଯିବ। ଏହି କାର୍ଯ୍ୟକ୍ରମରେ ୬ ଦିନିଆ ମାନସିକ ସ୍ୱାସ୍ଥ୍ୟ, ଶିକ୍ଷା, ମଡ୍ୟୁଲ ଏବଂ ମାନସିକ ସହାୟତା ପାଇଁ ଜାତୀୟ ଟେଲି-ମାନସ ହେଲପଲାଇନ ସହିତ ଲିଙ୍କ୍ ରହିବ। ଏଥିସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସିସିଟିଭି ଲଗାଯିବ। ଏହିସବୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ବାତାବରଣ ସୁନିଶ୍ଚିତ କରାଯିବ। ଏପରିକି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ବୋଲି ଶ୍ରୀ ମାଝୀ କହିଥିଲେ। ସୂଚନାଯୋଗ୍ୟ ଯେ ଗତ ଶନିବାର ଏଫଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ କର୍ତ୍ତୃପକ୍ଷଙ୍କ ମାନସିକ ନିର୍ଯାତନା ସହି ନପାରି ଦେହରେ ନିଆଁ ଲଗାଇ ଆତ୍ମାହୂତି ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ।

### ଶ୍ୱେତ ବିପ୍ଳବର...

ହଜାର ଗାଇ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍.ଡି.ଡି.ବି ସହାୟତାରେ ରାଜ୍ୟରେ ଏକ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ ମାନଙ୍କୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ସମସ୍ତ ସୁବିଧା ଦ୍ୱାରା ରାଜ୍ୟର ଚାଷୀମାନଙ୍କ ଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ। ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି। କିନ୍ତୁ ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀ ମାନଙ୍କ ଆର୍ଥିକ ବିକାଶରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଏବେ ଓମ୍‌ଫେଡ୍ ଉତ୍ପାଦ ଗୁଡିକର ବିବିଧକରଣ କରିବା ସହିତ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନା ପୋଡ, ଆଇସକ୍ରିମ୍, ସୁବାସିତ ଦୁଗ୍ଧ, ମିଠା ଦହି, ପେଡା, ରାବିଡି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି। ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ସହଯୋଗରେ ଓମ୍‌ଫେଡ୍ ପକ୍ଷରୁ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଯୋଜନା ରଖାଯାଇଛି। ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରିପାରିବେ। ଗୋବରରୁ ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷ ଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇ ପାରିବ। ଏହା ଦ୍ୱାରା ରାଜ୍ୟର ଗୋ-ପାଳକମାନେ ଗୋବରରୁ ମଧ୍ୟ ଆୟ କରିପାରିବେ। ଏହାଦ୍ୱାରା ରାଜ୍ୟର ଗୋ - ଅର୍ଥନୀତି ସମୃଦ୍ଧ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ଏବଂ ଲୋକାଭିମୁଖୀ ଯୋଜନା ଫଳରେ ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ ରହିଛି। ଯାହା ବିଶ୍ୱର ହାରାହାରି ଉପଲବ୍ଧତା ଠାରୁ ଢେର ଅଧିକ। ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀ ମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୫ ଲକ୍ଷ ଗୋପାଳକ ଉପକୃତ ହୋଇପାରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ସହାୟତା ପାଇସାରିଲେଣି। ଗାଈଗୋରୁଙ୍କ ସୁରକ୍ଷା ସହ ପରିଚାଳନା ଏବଂ ଚିକିତ୍ସା ପାଇଁ ମଧ୍ୟ ଆମ ସରକାର ଗୋମାତା ଯୋଜନା ଲାଗୁ କରିଛନ୍ତି। ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏସମସ୍ତ ପଦକ୍ଷେପ ରାଜ୍ୟର ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ୍ ଡେରୀ ପ୍ଲାଣ୍ଟର କର୍ମଚାରୀ ମାନଙ୍କ ପାଇଁ ୬୨ଟି କ୍ୱାର୍ଟରର ମଧ୍ୟ ଉଦ୍‌ଘାଟନ କରିବା ସହିତ ସେଠାରେ ନୂତନ ଦୁଗ୍ଧ ଟ୍ୟାଙ୍କର ଏବଂ ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନ ଗୁଡିକର ଉଦଘାଟନ କରଥିଲେ। ଏଥିସହିତ ଓମ୍‌ଫେଡ୍ କେନ୍ଦ୍ର ବୈଠକ ଗୃହ ଠାରେ ବିଭାଗୀୟ ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ ଓ ମୁଖ୍ୟମନ୍ତ୍ରୀ, ସମସ୍ତ ଦୁଗ୍ଧ ଚାଷୀ ମାନଙ୍କ ସହ କଥା ହୋଇ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ, କଟକ, ଭର୍ତ୍ତୃହରି ମହତାବ, ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍.ଡି.ଡି.ବି ଡେରୀ ସର୍ଭିସେସ୍ ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍ ଫେଡ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ, ଓମ୍‌ଫେଡ୍ ର ପରିଚାଳନା ସମିତି ସଦସ୍ୟଗଣ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧକ୍ଷଗଣ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ମାନର...

ଅତ୍ୟନ୍ତ ଆନନ୍ଦର ବିଷୟ । ଆଇଆଇଟି ପାଲକ୍କଡ ଭଳି ନୂତନ ଯୁଗର ପ୍ରତିଷ୍ଠାନ ଏକବିଂଶ ଶତାବ୍ଦୀରେ ଭାରତର ଅଭିବୃଦ୍ଧି କାହାଣୀକୁ ଶକ୍ତି ପ୍ରଦାନ କରିବାରେ ଆଗରେ ଅଛନ୍ତି । ଆମେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛୁ । ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଆମକୁ ଆଗକୁ ବଢ଼ିବାକୁ ହେବ । ବିଶ୍ୱମାନର ଭିତ୍ତିଭୂମି ସୃଷ୍ଟି କରିବାକୁ ପଡିବ । ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ଆତ୍ମନିର୍ଭର ହେବାକୁ ପଡିବ । ଆମର କୃଷି କ୍ଷେତ୍ରକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ କରିବାକୁ ପଡିବ । ସ୍ୱଚ୍ଛ ଉର୍ଜା ଏବଂ ଜଳବାୟୁ କାର୍ଯ୍ୟରେ ବିଶ୍ୱ ନେତୃତ୍ୱ ପ୍ରତିଷ୍ଠା କରିବାକୁ ପଡିବ । ଆମକୁ ଅଧିକ ସମାବେଶୀ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ସୃଷ୍ଟି କରିବାକୁ ପଡିବ । ଏହି ଲକ୍ଷ୍ୟ ଏବଂ ଅନ୍ୟାନ୍ୟ ଜାତୀୟ ପ୍ରାଥମିକତାକୁ ସାକାର କରିବା ପାଇଁ ଆଗରୁ ନେତୃତ୍ୱ ନେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଆଇଆଇଟିର ଛାତ୍ରଛାତ୍ରୀମାନେ ଚତୁର୍ଦ୍ଦଶ ଶତାବ୍ଦୀର ଗଣିତଜ୍ଞ ଏବଂ ଜ୍ୟୋତିର୍ବିଜ୍ଞାନୀ ମାଧବଙ୍କଠାରୁ ପ୍ରେରଣା ନେବା ଦରକାର । ଏହି ପ୍ରେରଣା ନେଇ ସେମାନେ ଆଇଆଇଟିର ଐତିହ୍ୟକୁ ବଢାଇବା ଦରକାର । ଯେମିତିକି ଭାରତ ପାଇଁ ନିର୍ଦ୍ଦିଷ୍ଟ ମଡେଲ ସ୍ଥାପନ କରିବା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ନୂତନ ପଥ ସୃଷ୍ଟି କରିବା ଏବଂ ତାହାର ନେତୃତ୍ୱ ନେବାକୁ ହେବ । ଜାତୀୟ ପ୍ରାଥମିକତା ହାସଲ କରିବା ଏବଂ ଭବିଷ୍ୟତର ମାନଚିତ୍ରକୁ ଚିହ୍ନଟ କରିବା ପାଇଁ ଆଇଆଇଟି ଐତିହ୍ୟର ଆଗକୁ ବଢ଼ାଇବା ଉପରେ ସେ ମତପ୍ରକାଶ କରିଥିଲେ।

### ଉପଯୁକ୍ତ କୋର୍ଟ...

ଏହା ନିର୍ଦ୍ଦେଶନାମାର ଅନୁପାଳନ କରିପାରିବ। ଯଦି ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଏଥିରେ ରାଜିହେବେ ତେବେ ଆମେ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ଆବେଦନକୁ ଖାରଜ କରିଦେବୁ ବୋଲି ଖଣ୍ଡପୀଠ କହିଥିଲେ।

### ନାବାଳିକାକୁ...

ଦେଇଥିଲେ। ପରେ ପୀଡ଼ିତା ଜଣକ ଦୟନୀୟ ଅବସ୍ଥାରେ ନିକଟସ୍ଥ ଜଣଙ୍କ ଘରେ ପଶି ଯାଇଥିଲେ। ସେ ନିଆଁ ଲିଭାଇବା ସହ ତାଙ୍କୁ ନୂଆ ପୋଷାକ ଦେଇ ହସ୍ପିଟାଲ ପଠାଇବାର ବନ୍ଦୋବସ୍ତ କରିଥିଲେ। ବାଲେଶ୍ୱର ପରେ ବଳଙ୍ଗାରେ ଘଟିଥିବା ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୀଡ଼ିତାଙ୍କ ମାଆଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ତାଙ୍କ ଚିକିତ୍ସା ପାଇଁ ଏମ୍ସ ପକ୍ଷରୁ ଏକ ୧୪ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହାର ନେତୃତ୍ୱ ନେଇଛନ୍ତି ଡାକ୍ତର ସଞ୍ଜୟ ଗିରି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ପୁରୀ ପୋଲିସ ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ୬ଜଣ ଲେଖାଏଁ ଅଧିକାରୀ ରହିଛନ୍ତି। ପୋଲିସ ବଳଙ୍ଗା-ହରିପୁର ମୁଖ୍ୟ ରାସ୍ତାରେ ଥିବା ସିସିଟିଭିକୁ ଯାଞ୍ଚ କରିଛି। ପୀଡ଼ିତାଙ୍କ ପରିବାରର ୪ ମୋବାଇଲକୁ ପୋଲିସ ଜବତ କରିଥିବାବେଳେ ସାଙ୍ଗର ଦୁଇଟି ମୋବାଇଲକୁ ମଧ୍ୟ ଜବତ କରିଛି। ଏହି ପୋଡ଼ି ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ପଚରାଉଚୁରା କରାଯାଉଛି। ଅତିରିକ୍ତ ଏସ୍‌ପି କହିଛନ୍ତି ଯେ ସମସ୍ତ ଦିଗକୁ ନେଇ ତଦନ୍ତ ଚାଲୁ ରହିଛି। ପୁରୀ ଏସ୍‌ପି ଓ ଉପଜିଲ୍ଲାପାଳଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଘଟଣାକୁ ନିନ୍ଦା କରିବା ସହ ଏହା ଏକ ଦୁଃଖଦାୟକ ଘଟଣା ବୋଲି କହିଛନ୍ତି। ଏଥିସହ ସରକାର ଏହି ମାମଲାରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ବିରୋଧୀଦଳ ଏହାକୁ ନେଇ ହଲାବୋଲା କରୁଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ସେହିପରି ଏମ୍ସରେ ଅଯଥା ଗହଳି ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏମ୍ସ ବାହାରେ ଏକ ବ୍ୟାରିକେଡ କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, ଏହି ଅଭାବନୀୟ ଘଟଣାରେ ମୁଁ ଦୁଃଖିତ ଓ ମର୍ମାହତ। ଏହାକୁ ସରକାର ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୀଡ଼ିତାଙ୍କ ପରିବାରକୁ ପୁରୀ ଉପଜିଲ୍ଲାପାଳ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବାବେଳେ ନିମାପଡ଼ା ବିଡିଓ ମଧ୍ୟ ୧୫ ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦେଇଛନ୍ତି। ତେବେ ଏହାକୁ ନେଇ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହା କେବଳ ହିଂସା ନୁହେଁ ବରଂ ହୁଗୁଳା ଶାସନକୁ ଦର୍ଶାଉଛି। ଏ ସରକାରରେ ଅପରାଧୀମାନେ ଦଣ୍ଡକୁ ଭୟ କରୁନାହାନ୍ତି। ସରକାରୀ ନିଷ୍କ୍ରିୟତା ପାଇଁ ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ସେ କହିଛନ୍ତି। ସେହିପରି ବଳଙ୍ଗା ଥାନାରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ଘଟଣା ନିନ୍ଦନୀୟ। ଏଥିରେ ଯେଉଁମାନେ ସଂପୃକ୍ତ ଥିବେ ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡରେ ଦଣ୍ଡିତ କରାଯିବ। ତେବେ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାକୁ ନେଇ ଏମ୍ସ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ପରେ କମିଶନରେଟ ପୋଲିସ ବିଏନଏସ୍‌ର ଧାରା ୧୬୩ ଲାଗୁ କରିଛି। ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି।




ଶନିବାର ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ନାଲକୋର ସିଏମ୍‌ଡି ବି.ପି.ସିଂ, ନିର୍ଦ୍ଦେଶକ (ଏଚ୍ଆର୍) ଡକ୍ଟର ଟି.କେ. ପଟ୍ଟନାୟକ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍ ଆଣ୍ଡ ଏ) ଆଶୁତୋଷ ରଥ। ଓଡ଼ିଶାରେ ଶିଳ୍ପର ବିକାଶ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି।

### AFFIDAVIT

By virtue of an affidavit No.3329, dated: 15.07.2025 sworn before the Executive Magistrate, Karanjia, I Abhimanyu Nayak, S/o- Purendra Nayak, resident of village- Madarangajodi, Post- Nedhuapal, Ps- Karanjia, Dist- Mayurbhanja declares that my daughter's actual name is Abhilipsa Nayak which is recorded in her birth certificate, but wrongly recorded as Mousumi Nayak in her Aadhar Card. Mousumi Nayak and Abhilipsa Nayak is same and one person belongs to my daughter. This affidavit is to be produced before concerned authority for proof of my daughter's name as Abhilipsa Nayak for future reference and correction.

**Sd/- Abhimanyu Nayak**

### AFFIDAVIT

By virtue of the affidavit sworn before The Executive Magistrate, Nuapada. On date -14-07-2025, I Vasu Surya Pillai, aged 34 years, S/o Vasu Bhela Pillai, R/o-ward No. 08, Shankarmandir pada , Khariar Road , Ps-Jonk, Dist-Nuapada have chaged my previous name V.S. Joseph Into Vasu Surya Pillai. Henceforth , I shall be known as Vasu Surya Pillai for al purposes.

### AFFIDAVIT

By virtue of an affidavit sworn before the Executive Magistrate, Daringbadi, dated: 15.07.2025, I Brahmanand Pradeep Kumar Lima, Address: village- Chhadakia, Po- Tekangia, via- Daringbadi, Dist- Kandhamal, Odisha, PIN-762104, declare that I have changed my son's name from Aathniel Jay to SB Aayush. Henceforth, he shall be known as SB Aayush for all purposes.

**Sd/- Brahmanand Pradeep Kumar Lima**

---

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
**E-mail ID: rourkelamunicipality@gmail.com**

C-701

No. 8889 Date.18.07.2025

**EOI for Empanelment of Contractors for Repair of BT Road under Rourkela Municipal Corporation for 01 Year.**

Rourkela Municipal Corporation invites expression of interest (EOI) for empanelment of Contractors/Agencies for Minor Civil Work under Rourkela Municipal Corporation for 01 Year. The details of EOI may be seen/ download from www.rmc.nic.in. Any Changes, corrigendum etc. will be updated at the mentioned portal only. For further queries/ comments, please contact to E-mail ID of rourkelamunicipality@gmail.com.

EOIs are to be submitted through sealed cover envelope containing two separate sealed envelopes for Technical and Financial Proposals. The interested Individuals/ Agencies should submit the complete EOI in the sealed cover addressed to Commissioner, Rourkela Municipal Corporation, Uditnagar, Rourkela-769012 (Odisha) super scribing as **"EOI for Empanelment of Contractors for Repair of BT Road under Rourkela Municipal Corporation for 01 Year"** through Speed Post/ Registered Post/Courier or By Hand on or before 01.08.2025 up to **1.00 PM.** The EOI will be opened on the same day at **4.30 PM** in presence of the Applicants who wish to attend. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/ reject any or all the EOIs without assigning any reason thereof.

Sd/-Commissioner
Rourkela Municipal Corporation

OIPR 13131/11/0154/2526

---

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
**AT/PO BARINIPUT, DIST. KORAPUT – 764006, ODISHA**
**PHONE: - (06854)242001, FAX: - (06854)242093, e-mail: sgmel.ukhep@gmail.com**
**CIN: U40101OR1995SGC003963**

CAD-

**TENDER CALL NOTICE NO UKHEP-19/2025-26, DATED. 14/07/2025**

Sealed tenders are invited in TWO PARTs i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers/Authorized dealers/Channel Partners/reputed suppliers having registered sales & services facilities in India for **"Design, Supply, Erection Testing and Commissioning of HVWS (High Velocity water spray) system for 7.5 MVA, Station Transformer of UKHEP on Turnkey basis".**

| Sl No | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Design, Supply, Erection Testing and Commissioning of HVWS (High Velocity water spray) system for 7.5 MVA, Station Transformer of UKHEP on Turnkey basis. | 7080/- (Rs.6,000/-+18% GST) | Rs 20,000/- |

The sale of Tender Paper will be from: **From Dt.19/07/25 to 11:00 Hrs of Dt. 05/08/2025**
The last date & time of receipt of Tender: **Up to 12:00 Hrs of Dt.05/08/2025**
The date and time of opening of Tender: **At 12:30 Hrs ofDt.05/08/2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

Sd/-C&P Head,
Upper Kolab H.E.Project
Bariniput

OIPR 04002/11/0105/2526

---

**GOVERNMENT OF ODISHA,**
**DEPARTMENTOF WATER RESOURCES**
**Office of the Superintending Engineer,**
**Mechanical Division, Bhubaneswar.**
Email Address: smdivisionbbsr@yahoo.com

A-

**e-Procurement Notice- Bid Identification No.- SE/MDB-03/W/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : SE/MDB-03/W/2025-26
5. Estimated Cost : Rs. 5,50,709/-
6. Period of Completion : 20 days.
7. Date & time of availability of bid documents in the Portal : From dt.22.07.2025 (10.00 AM) to dt.31.07.2025(5.30 PM)
8. Last date/ time for receipt of bid In the Portal : dt.31.07.2025 (up to 5.30 PM)
9. Date and Place of opening of Bid : dt.01.08.2025(12.00 Noon onwards in the O/O the undersigned)
10. Name of the Officer inviting bid : Superintending Engineer, Mechanical Division, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-Superintending Engineer,
Mechanical Division,
Bhubaneswar

OIPR 32385/11/0003/2526

---

E-mail : eemijharsuguda@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA.**
**'e' Procurement Notice**
**Bid Identification No. SE MID JSD 02/2025-26**
eemijharsuguda@gmail.com

A-

No. 1890// MID // date.14.07.2025

The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works: Civil Construction work
2. Total No. of works: **06 (Six)Nos.**
3. Estimated Cost: (Detail list of work annexed) Rs.12.47 Lakh to Rs.24.93 Lakh
4. Class of Contractor: As mentioned against work
5. Period of completion: As mentioned against work
6. Date & time of Availability of Bid Document in the Portal: **21.07.2025 to 30.07.2025 during office hours**
7. Last date/Time for receipt of Bid in the Portal: **30.07.2025 during office hours**
8. Date/Time of Opening of Technical Bid: **31.07.2025 at 10.00 AM.** at Office of the S.E., MI Divn. Jharsuguda.
9. Lottery Date : **05.08.2025 at 11.30 A.M.** at O/o the Superintending Engineer M.I. Division, Jharsuguda
10. Name & Address of the Officer Inviting the Bid: Superintending Engineer M.I. Division, Jharsuguda
11. Mode of Payment of Bid Cost & Bid Security: **Online**

Sd/- Superintending Engineer
M.I. Division, Jharsuguda

OIPR 32291/11/0010/2526

---

O-464

*By E_Mail/e-Despatch*
*E_Mail ID : serwcbaripada@gmail.com*
*Ph-No-06792-261343/261344*
*Gangraj, Baripada*

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
***"e" Procurement Notice for Weir on Bridge Work***

**Identification No.- Online Tender- Weir on Bridge N.C.B. No. 383 for 2025-26.**

Letter No. 2942 / Date 19.07.2025 //

1. Name of the work :- Weir on Bridge works in the District of Mayurbhanj
2. Total No. of work :- 03 Nos. (Three)
3. Estimated Cost :- **Rs. 96.34 Lakhs to Rs.152.18 Lakhs** (approximately).
4. Eligible Class of Contractor : - **: As per annexure.**
5. Period of Completion :- **As per annexure.**
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.383 | Dt.23.07.2025 at 11.00 A.M. | Dt.06.08.2025 up to 5.00 P.M. | Dt.05.08.2025 up to 5.00 P.M. | Dt.07.08.2025 at 11.00 A.M. | Will be intimated later |

- **Further details can be seen from the website: www.tendersorissa.gov.in.**
- **Any Corrigendum / Addendum will be displayed in the above e_tender website only.**

Sd/- Er. A.K Naik
Chief Construction Engineer,
R.W. Circle, Baripada.

OIPR 25130/11/0044/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BALASORE**
**e-procurement Notice**

O-456

Bid Identyfication No e-Procurement No. 02/SERW/BLS-II/2025-26

1.Name of the work :- **Building Works**
2.Total no.of works :- **01 (One) No**
3.Estimated Cost :- **As specified in column 3 of Annexure**
4.Class of Contrator :- **As specified in column 7 of Annexure**
5.Time of Completion :- **As specified in column 8 of Annexure**
6. Cost of Tender Paper through online :- **As specified in column 6 of Annexure**
7.Other Details:- :- **As per DTCN**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | 02/ SERW/ BLS-II / 2025-26 | 24.07.2025 at 05.00 P.M. | 04.08.2025 up to 5.00 P.M. | 04.08.2025 up to 3.00 P.M. | 05.08.2025 at 11.00 A.M |

Further details can be seen from the web site www.tendersorissa.gov.in

Sd/- Superintending Engineer
R.W.Division-II, Balasore

OIPR 25052/11/0013/2526

---

**GOVERNMENT OF ODISHA**
**e-Procurement Notice, Angul Municipality office, Angul**
**Bid Identification No.- EO/AGLM-06/ 2025-26**
**Bid Identification No. 2025_ORULB_115727**
**e-mail ID- angulmunicipality@gmail.com**

C-705

No. 2470 Date 18.07.2025

1. Number of Works : 45 (fourty-five) numbers of civil works
2. Approximate estimated cost : Rs.**3.25 to 16.86 lakhs** (excluding GST)
3. Period of completion : 02 & 03 calendar months
4. Date & Time of availability of bid document In the portal : **Dt. 21.07.2025 at 10.00 A.M.**
5. Last date / Time for receipt of bid in the portal : **Dt. 01.08.2025 up to 5.00 P.M.**
6. Date of opening Bid : **Dt. 02.08.2025 at 11.00 A.M.**
7. Name and address of the Office Inviting Bid : **Executive Officer, Angul Municipality, Angul**
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd/-S.P. Tripathy
Executive Officer
Angul Municipality

OIPR 13085/11/0044/2526

---

**OFFICE OF THE MUNICIPAL COUNCIL, JODA**
Phone No:- 06767-272214
E-Mail:- eojodamunicipality@rediffmail.com

No 2122 / Dt 17.07.2025

**'e' –procurement Notice**
**Bid identification No. JM-01/ 2025-26**

C-693

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e www.tendersodisha.gov.in

1. Nature of Work :- Civil Works.
2. No. of Works :- 44 Nos.
3. Estimated Cost :- from Rs.3,38,993/- to Rs.16,95,004/-
4. Bid identification No. :- 2025_ORULB_115623_1 to 2025_ORULB_115623_44
5. Date & time of availability of the Documents in the Portal :- From dt.17.07.2025 at 10.00 A.M. Up to Dt.30.07.2025 at 5.00 PM
6. Last date/time for receipt of Bids in the Portal :- On dt.30.07.2025 up to 5.00 P.M.
7. Bids received on line shall be opened :- On Dt.31.07.2025 at 11.00 AM.
8. Name and address of the Officer Inviting Bid. :- Executive Officer, Joda Municipality

Further, the details can be seen from the e-Procurement Portal:- www.tendersodisha.gov.in.

Sd/- Executive Officer,
Joda Municipality


OIPR 13124/11/0021/2526



ନୂଆଦିଲ୍ଲୀ: ଏକ ଛାଡ଼ପତ୍ର ମାମଲା ଉପରେ ଶୁଣାଣି ବେଳେ ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି । ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି, ଯଦି କୌଣସି ସ୍ତ୍ରୀ ନିଜ ସ୍ୱାମୀଙ୍କୁ ତାଙ୍କ ବନ୍ଧୁ ସାମନାରେ ଅପମାନିତ କରନ୍ତି, ସ୍ୱାମୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ମନା କରନ୍ତି ଓ ପ୍ରକାୟା ପ୍ରୀତିର ମିଛ ଅଭିଯୋଗ ଲଗାନ୍ତି, ତେବେ ତାହା 'କ୍ରୁରତା' ବୋଲି ଧରାଯିବ । ଏହା ହିନ୍ଦୁ ବିବାହ ଅଧିନିୟମ ଅନୁଯାୟୀ ଛାଡ଼ପତ୍ର ପାଇଁ ଏକ ଆଧାର ହୋଇପାରିବ । ନ୍ୟାୟାଧୀଶ ରେବତୀ ମୋହିତେ ଡେରେ ଓ ନ୍ୟାୟାଧୀଶ ଡ.ନୀଲା ଗୋକଲେଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଥିଲେ । ୨୦୧୯ରେ ପୁଣେ ଫ୍ୟାମିଲି କୋର୍ଟ ଦେଇଥିବା ରାୟକୁ ବିରୋଧ କରି ଜଣେ ମହିଳା ଦାଖଲ କରିଥିବା ଆବେଦନ ଉପରେ ହାଇକୋର୍ଟ ଶୁଣାଣି କରିଥିଲେ । ପୁଣେ ଫ୍ୟାମିଲି କୋର୍ଟ ନିଜ ରାୟରେ ସ୍ୱାମୀଙ୍କୁ ଛାଡ଼ପତ୍ର ଲାଗି ଅନୁମତି ଦେଇଥିଲେ । ଦମ୍ପତିଙ୍କ ବିବାହ ୨୦୧୩ ଡିସେମ୍ବରରେ ହୋଇଥିଲା, କିନ୍ତୁ ଗୋଟିଏ ବର୍ଷ ଭିତରେ ହିଁ ମତାନ୍ତର ଯୋଗୁ ଦୁହେଁ ଅଲଗା ହୋଇ ଯାଇଥିଲେ । ୨୦୧୫ ଜୁଲାଇରେ ମହିଳା ନିଜ ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଥିଲେ ।

### ଇତିହାସ ରଚିଲା ଓଡ଼ିଆ ସିନେମା

# 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଦେଖିଲେ ମହାମହିମ



ନୂଆଦିଲ୍ଲୀ: ଓଡିଆ ସିନେମା ପାଇଁ ଗର୍ବ ଏବଂ ଗୌରବର ମୁହୂର୍ତ୍ତ । ମହାମହିମ ଦେଖିଲେ ମହାପ୍ରଭୁଙ୍କ ନବକଳେବରର କାହାଣୀ । ଶ୍ରୀ ଜଗନ୍ନାଥଙ୍କ ନବକଳେବର ନେଇ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଦେଖିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନର କଲଚୁରାଲ ସେଣ୍ଟରରେ ସିନେମା ଦେଖିଲେ ମହାମହିମ । ଏହି ଭକ୍ତିପୂର୍ଣ୍ଣ ଏବଂ ଐତିହାସିକ ଚଳଚ୍ଚିତ୍ରଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ନବକଳେବର ରୀତିନୀତି ଉପରେ ଆଧାରିତ ହୋଇଥିବା ବେଳେ ରାଷ୍ଟ୍ରପତିଙ୍କ ସହ ସିନେମା ଦେଖିଥିଲେ ପୂରା ନବକଳେବର ଟିମ୍ । ଫିଲ୍ମର ନିର୍ଦ୍ଦେଶକଙ୍କ ସହ ଚଳଚ୍ଚିତ୍ରର କଳାକାରମାନେ ଏବଂ ଅନ୍ୟ ସଦସ୍ୟ ସାମିଲ ଥିଲେ । ରଥଯାତ୍ରା ସମୟରେ ବହୁ ପ୍ରତୀକ୍ଷା ଅନ୍ତ ଘଟାଇ ରିଲିଜ ହୋଇଥିଲା ସିନେମା ଶ୍ରୀଜଗନ୍ନାଥଙ୍କ ନବକଳେବର । ଏହି ଅବସରରେ ମହାପ୍ରଭୁଙ୍କ ଲୀଳା ଦେଖିବାର ସୁଯୋଗ ପାଇଥିଲେ ଜଗନ୍ନାଥପ୍ରେମୀ । ତେବେ ଏହି ସିନେମା ଜରିଆରେ ଦାରୁ ବିଗ୍ରହଙ୍କ ବ୍ରହ୍ମ ପରିବର୍ତ୍ତନ ଓ କଳାପାହାଡ଼କୁ ନେଇ ଲିଖିତ ଇତିହାସକୁ ପାଖରୁ ଦେଖିବାକୁ ପାଇଛନ୍ତି ଦର୍ଶକ । ଆଗାମୀ ପିଢ଼ି ନିକଟରେ ଏସବୁକୁ ସନ୍ତକ ଭାବେ ରଖିବାର ଲକ୍ଷ୍ୟ ନେଇ ଏହି ସିନେମା ପ୍ରସ୍ତୁତ ହୋଇଥିବା କହିଛନ୍ତି ପ୍ରଯୋଜିକା ତଥା ନିର୍ଦ୍ଦେଶକ ବିନି ସାମଲ । ସିନେମା ଜରିଆରେ ୧୫୭୫ରେ ହୋଇଥିବା ନବକଳେବର ବାବଦରେ ବିସ୍ତୃତ କଥାବସ୍ତୁ ରହିଛି । ସିନେମାରେ ମଲ୍ଟି ଷ୍ଟାର କାଷ୍ଟ ରହିଛନ୍ତି । ଅଭିନେତା ସିଦ୍ଧାନ୍ତ ମହାପାତ୍ର, କୁନା ତ୍ରିପାଠୀ, ଅଶ୍ରୁମୋଚନ, ଶ୍ରୀତମ ଦାସ, ଜ୍ୟୋତିରଞ୍ଜନ ନାୟକ, ପିଙ୍କି ପ୍ରଧାନ ଶିବାନୀଙ୍କ ସମେତ ଆହୁରି ଅନେକ କଳାକାର କାମ କରିଥିବା ବେଳେ ସିନେମାଟି ଓଡିଶାରେ ବେଶ୍ ପ୍ରଶଂସା ସାଉଁଟୁଛି ।


## 'ସିନ୍ଦୂର'ର ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଛି ଆତଙ୍କୀ ଦେଶ: ଗୁଇନ୍ଦା ବିଭାଗ



ନୂଆଦିଲ୍ଲୀ: ଟିଆରଏଫ୍‌କୁ ଆତଙ୍କବାଦୀ ସଂଗଠନ ଆମେରିକାର ଘୋଷଣା ପରେ କ୍ରୋଧରେ ଜଳୁଛି ଆତଙ୍କୀ ଦେଶ । ଅପରେସନ ସିନ୍ଦୂର ପ୍ରହାରର ବଦଲା ନେବାକୁ ଖୋଜୁଛି ସୁଯୋଗ । ଏହାକୁ ନେଇ ସତର୍କ କରାଇଛି ଭାରତୀୟ ଗୁଇନ୍ଦା ବିଭାଗ । ପିଓକେର ଗିଲ୍‌ଗିଟ-ବାଲ୍‌ଟିସ୍ତାନ ଅଞ୍ଚଳରେ ଜୈସ ମୁଖ୍ୟ ମସୁଦ ଆଝାର ଠାବ ହେବା ପରେ ଆଲର୍ଟରେ ରହିଛି ଭାରତ । ଭାରତ ପାଇଁ ମୋଷ୍ଟ ୱାଣ୍ଟେଡ ଆତଙ୍କୀ ଜୈଶ-ଏ-ମହମ୍ମଦ (ଜେଇଏମ୍) ମୁଖ୍ୟ ମସୁଦ ଆଝାର । ଏବେ ସେ ତାର ଠିକଣା ବଦଳାଇଛି । ମସୁଦର ଗଡ଼ କହିଲେ ବାହାବଲପୁର । କିନ୍ତୁ ସେ ପ୍ରାୟ ୧ ହଜାର କିମି ଦୂରକୁ ଚାଲିଆସିଛି । ତାକୁ ସଦପରା ରୋଡ ସ୍କାର୍ଦ୍ଦୁ ଅଞ୍ଚଳରେ ଦେଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି । ମସୁଦ ପିଓକେରୁ ଭାରତ ବିରୋଧରେ କୌଣସି ବଡ଼ ଆକ୍ରମଣର ଯୋଜନା କରିପାରେ ବୋଲି ମଧ୍ୟ ଆଶଙ୍କା କରାଯାଉଛି । ଭାରତର ଅପରେସନ ସିନ୍ଦୂର ପରେ ପ୍ରତିଶୋଧ ପରାୟଣ ହୋଇ ସେ କୌଣସି ଯୋଜନା କରୁଥାଇପାରେ । ଭାରତୀୟ ଗୁଇନ୍ଦା ଏଜେନ୍ସିଗୁଡ଼ିକ ତା'ର ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି । ଗୁଇନ୍ଦା ସୂଚନା ଅନୁସାରେ, ମସୁଦକୁ ନିକଟରେ ଗିଲ୍‌ଗିଟ-ବାଲ୍‌ଟିସ୍ତାନର ସ୍କାର୍ଦ୍ଦୁ ଅଞ୍ଚଳରେ ଠାବ କରାଯାଇଛି । ସେହି ସ୍ଥାନ ପର୍ଯ୍ୟଟନ ପାଇଁ ମଧ୍ୟ ପ୍ରସିଦ୍ଧ । ସେଠାରେ ସୁନ୍ଦର ହ୍ରଦ ଏବଂ ପ୍ରାକୃତିକ ପାର୍କ ରହିଛି । ସେଠାରେ ଅତିକମ୍‌ରେ ୨ଟି ମସ୍‌ଜିଦ, ମଦ୍ରାସା ସମେତ ଅନେକ ଘରୋଇ ଏବଂ ସରକାରୀ ଗେଷ୍ଟ ହାଉସ ରହିଛି । କୁହାଯାଉଛି ଯେ, ଜାତିସଂଘ ଦ୍ୱାରା ନିଷିଦ୍ଧ ଏକ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟକୁ ଲୁଚାଇବା ଲାଗି ଏହା ପାକିସ୍ତାନର ଏକ ଚାଲ୍ । ପାକିସ୍ତାନରେ ମସୁଦ ଆଝାର ଭଳି ବହୁ ୱାଣ୍ଟେଡ ଆତଙ୍କବାଦୀ ଥିଲେ ମଧ୍ୟ ପାକ୍ ଏହା ମାନୁନାହିଁ । ପାକିସ୍ତାନ ସରକାରଙ୍କ ଛତ୍ରଛାୟାରେ ଆତଙ୍କୀମାନେ ସେଠାରେ ଖୋଲାଖୋଲି ବୁଲୁଛନ୍ତି ଏବଂ ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଭିଆଉଛନ୍ତି । ନିକଟରେ ପାକିସ୍ତାନର ପୂର୍ବତନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ କହିଥିଲେ ଯେ, ମସୁଦ ଆଝାର ପାକିସ୍ତାନରେ ନାହିଁ । ସେ ଆଫଗାନିସ୍ତାନରେ ଥାଇପାରେ । ଯଦି ମସୁଦ ପାକିସ୍ତାନରେ ଅଛି ବୋଲି ଭାରତ କହୁଛି ତେବେ

## ନେପାଳରେ ଟେଲିଗ୍ରାମ୍ ବନ୍ଦ୍

କାଠମାଣ୍ଡୁ: ବଢୁଥିବା ଅନଲାଇନ୍ ଠକେଇ ଏବଂ ମନି ଲଣ୍ଡରିଂର ମୁକାବିଲା କରିବା ପାଇଁ ନେପାଳ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାର ଲୋକପ୍ରିୟ ମେସେଜିଂ ଆପ୍ ଟେଲିଗ୍ରାମକୁ ତୁରନ୍ତ ଅବରୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ବ୍ୟବହାରକାରୀଙ୍କ ସୁରକ୍ଷା ନିମନ୍ତେ



ସରକାରଙ୍କ ପ୍ରୟାସର ଏକ ପଦକ୍ଷେପ ସ୍ୱରୂପ ନେପାଳ ଟେଲିଗ୍ରାମକୁ ନିଷେଧ କରିବା ନିଷ୍ପତ୍ତି ନେଇଛି । ନେପାଳ ଟେଲିକମ୍ୟୁନିକେସନ୍ ଅଥରିଟି (ଏନ୍‌ଟିଏ) ଦ୍ୱାରା ଏନେଇ ଘୋଷଣା କରାଯାଇଛି । ପ୍ଲାଟଫର୍ମ ସହିତ ଜଡ଼ିତ ନକଲି ଚାକିରି ପ୍ରସ୍ତାବ ଏବଂ କ୍ରିପ୍ଟୋ ସ୍କାମ୍ ସମେତ ଆର୍ଥିକ ଠକେଇ ଏବଂ ପ୍ରତାରଣା ବୃଦ୍ଧି ଘଟିଥିବା ରିପୋର୍ଟ ପରେ ଟେଲିଗ୍ରାମକୁ ଅବରୋଧ କରିବା ପାଇଁ ଏନ୍‌ଟିଏର ନିର୍ଦ୍ଦେଶ ଆସିଛି । କର୍ତ୍ତୃପକ୍ଷ ମନି ଲଣ୍ଡରିଂ ଭଳି ଗମ୍ଭୀର ଅପରାଧରେ ଟେଲିଗ୍ରାମର ସମ୍ପୃକ୍ତିକୁ ନିଷେଧ ପାଇଁ ଏକ ପ୍ରାଥମିକ କାରଣ ଭାବରେ ଉଲ୍ଲେଖ କରିଛନ୍ତି । ଏହା ପୂର୍ବରୁ ଭିଏତନାମ ବି ଟେଲିଗ୍ରାମ ଚ୍ୟାନେଲ ମାଧ୍ୟମରେ ପ୍ରସାରିତ ହେଉଥିବା ଖରାପ ସୂଚନା ଏବଂ ରାଷ୍ଟ୍ର ବିରୋଧୀ ଡକ୍ୟୁମେଣ୍ଟ ଉପରେ ଚିନ୍ତା ପ୍ରକାଶ କରି ଆପ୍ ଉପରେ ସମାନ କଟକଣା ଲଗାଇଥିଲା । ନେପାଳରେ ପୂର୍ବରୁ ନଭେମ୍ବର ୨୦୨୩ ରେ ଟିକ୍‌ଟକ୍ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା, ଯାହା ପରେ କମ୍ପାନି ସରକାରୀ ନିୟମ ମାନିବାକୁ ରାଜି ହେବା ପରେ ଅଗଷ୍ଟ ୨୦୨୪ ରେ ହଟାଇ ଦିଆଯାଇଥିଲା ।

## ସ୍ୱାମୀଙ୍କୁ କାନ୍ଧରେ ବସାଇ ପତ୍ନୀଙ୍କ ୧୫୦କିମି କାଉଡିଆ ଯାତ୍ରା




ମୁଜଫରନଗର: ପ୍ରେମ ଆଗରେ ଫିକା ପଡ଼ିଛି ବାଟ । ନା କାଟୁଛି ଖରା ନା ଅଛି ବର୍ଷାରେ ଭିଜିବାର ଡର । ବାଟ ଅନେକ, ହେଲେ ଲକ୍ଷ୍ୟ ଗୋଟିଏ, ତାହା ହେଲା ସ୍ୱାମୀଙ୍କୁ ଗଙ୍ଗାରେ ସ୍ନାନ କରାଇବା । ଆପଣମାନେ ସତ୍ୟଯୁଗର ସାବିତ୍ରୀଙ୍କ କଥା ଶୁଣିଥିବେ, ଯିଏ ନିଜ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଯମରାଜଙ୍କ ସହ ଲଢ଼ିଯାଇଥିଲେ । ହେଲେ ଆଜି ଆମେ ଶ୍ରାବଣର ସାବିତ୍ରୀ ବିଷୟରେ କହିବୁ, ଯିଏ ପକ୍ଷାଘାତର ଶିକାର ହୋଇଥିବା ସ୍ୱାମୀଙ୍କୁ କାନ୍ଧରେ ବୋହି ୧୫୦କିଲୋମିଟର ବୋଲବମ ଯାତ୍ରାରେ ବାହାରିଛନ୍ତି । ଉତ୍ତରପ୍ରଦେଶର ମୁଜଫରନଗରରେ ଦେଖିବାକୁ ମିଳିଛି ଏହି ଅନନ୍ୟ ଘଟଣା । ସ୍ୱାମୀ ତାଙ୍କ ପାଦରେ ଠିଆ ହୁଅନ୍ତୁ ବୋଲି ମାନସିକ ରଖି ଏହି ମହିଳା ଜଣକ ନିଜର ଯାତ୍ରା ଆରମ୍ଭ କରିଛନ୍ତି । ହରିଦ୍ୱାରରୁ ଗଙ୍ଗାଜଳ ନେଇ ସେ ବାହାରିଛନ୍ତି ମୋଦିନଗର । ସ୍ୱାମୀଙ୍କୁ ପିଠିରେ ବସାଇ ଗଙ୍ଗା ଜଳ ସହିତ ସେ ନିଜ ଯାତ୍ରା ଆରମ୍ଭ କରିଛନ୍ତି । ପ୍ରଭୁ ଶିବ ଭକ୍ତ ମହିଳାଙ୍କ ନାମ ଆଶା ଏବଂ ତାଙ୍କ ସ୍ୱାମୀଙ୍କ ନାମ ସଚିନ ବୋଲି ଜଣାଯାଇଛି । ସେମାନେ ବଖରୱା ମୋଦିନଗର ଗାଜିଆବାଦର ବାସିନ୍ଦା । ସଚିନ ୧୩ ବର୍ଷ ଧରି ପାଣି ଉଠାଇ କାଉଡିଆ ଯାତ୍ରା ଯାଉଥିଲେ । କିନ୍ତୁ ଗତବର୍ଷ ମେରୁଦଣ୍ଡ ଅସ୍ତ୍ରୋପଚାର ସମୟରେ ସଚିନ ପକ୍ଷାଘାତର ଶିକାର ହେବାରୁ ନିଜ ପାଦରେ ଚାଲିପାରୁ ନାହାଁନ୍ତି । ତେଣୁ ସେ ଚଳିତ ବର୍ଷ ପାଣି ଉଠାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ । କିନ୍ତୁ ୧୩ବର୍ଷ ହେଲାଣି ଚାଲିଆସିଥିବା ଧାରାକୁ ଭାଙ୍ଗିବା ପରିବର୍ତ୍ତେ ଆଶା ନିଜ ସ୍ୱାମୀଙ୍କୁ ବସାଇ ପାଣି ଉଠାଇବାକୁ ମନସ୍ତ କରିଥିଲେ । ଏହା ପରେ ସେ ନିଜର ୨ ପୁଅଙ୍କୁ ଧରି ହରିଦ୍ୱାରରେ ପହଞ୍ଚିଥିଲେ । ସେଠାରେ ଗଙ୍ଗା ସ୍ନାନ କରି ଏବେ ସେ ମୋଦୀନଗରକୁ ନିଜର ଯାତ୍ରା ଆରମ୍ଭ କରିଛନ୍ତି ।

## ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ସୁଟର ଅଭିନବ ବିନ୍ଦ୍ରାଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ର କ୍ରୀଡ଼ା ପ୍ରତିଭାମାନଙ୍କ ପରାକାଷ୍ଠା ଅନନ୍ୟ । ରାଜ୍ୟର କ୍ରୀଡ଼ାବିତଙ୍କୁ ପ୍ରାଥମିକ ସ୍ତରରୁ ଦକ୍ଷ କରାଯାଉଥିବା କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ଶନିବାର ଶ୍ରୀ ସାଏ ନିଜ ଆବାସିକ କାର୍ଯ୍ୟାଳୟରେ ଅଲିମ୍ପିକ ସ୍ୱର୍ଣ୍ଣପଦକ ବିଜେତା ସୁଟର ଅଭିନବ ବିନ୍ଦ୍ରାଙ୍କୁ ସାକ୍ଷାତ କରିଥିଲେ । ଛତିଶଗଡ଼ରେ ଅଲିମ୍ପିକ୍ ନେଇ ଶିକ୍ଷା, କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ ଏବଂ କ୍ରୀଡ଼ା ବିଜ୍ଞାନ ବିକାଶ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଶ୍ରୀ ବିନ୍ଦ୍ରାଙ୍କୁ ପୁଷ୍ପଗୁଚ୍ଛ ସହ ପ୍ରତିକୃତି ପ୍ରଦାନ କରି ଆତ୍ମୀୟତାର ସହ ସ୍ୱାଗତ କରିଥିଲେ । ଛତିଶଗଡ଼ର କ୍ରୀଡ଼ା ବିକାଶ କ୍ଷେତ୍ରରେ ତଥା କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ଦେବା ନେଇ ଆଲୋଚନା କରାଯାଇଥିଲା । ଏହି ଅବସରରେ ଶ୍ରୀ ସାଏ କହିଥିଲେ ଯେ, ରାଜ୍ୟ ସରକାର ଛତିଶଗଡ଼ କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ । ଯୁବକଙ୍କୁ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହିତ କରିବା, ବିଶେଷକରି ଆଦିବାସୀ ଅଞ୍ଚଳର ଯୁବକଙ୍କୁ ଏ କ୍ଷେତ୍ରକୁ ଆଣିବା ଏବଂ ସେମାନଙ୍କୁ ସଠିକ୍ ଭାବେ ତାଲିମ ଦେବା ଅଲିମ୍ପିକ୍ ସମ୍ପର୍କରେ ଅବଗତ କରାଇବା ଇତ୍ୟାଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଅବସରରେ ଶ୍ରୀ ବିନ୍ଦ୍ରା ମଧ୍ୟ କହିଥିଲେ ଯେ, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ୍ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ କ୍ରୀଡ଼ାବିତଙ୍କୁ ଆଗକୁ ନେବା ପାଇଁ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି । କ୍ରୀଡ଼ା କ୍ଷେତ୍ରରେ ନୈପୁଣ୍ୟ ପ୍ରଦର୍ଶନ ପାଇଁ ଏହି ସଂସ୍ଥା ସମସ୍ତ କାର୍ଯ୍ୟକ୍ରମକୁ ନିଃଶୁଳ୍କ ଭାବେ ପ୍ରୋତ୍ସାହିତ କରୁଛି । ଛତିଶଗଡ଼ରେ ମଧ୍ୟ ଖୁବଶୀଘ୍ର ଏହି ଫାଉଣ୍ଡେସନ କାର୍ଯ୍ୟ କରିବ ବୋଲି ସେ କହିଥିଲେ ।

## ଲାକ୍ଷାଦ୍ୱୀପରେ ସ୍ଥାପନ ହେବ ସେନାଘାଟି



ନୂଆଦିଲ୍ଲୀ: ଭାରତର କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ଅଧିନରେ ଆସୁଥିବା ବିତ୍ରା ଦ୍ୱୀପରେ ଏକ ସାମରିକ ଘାଟି ସ୍ଥାପନ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି । ଏହି ଦ୍ୱୀପଟି ସାମରିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବାରୁ ସରକାର ଏଠାରେ ଏକ ଘାଟି ସ୍ଥାପନ ପାଇଁ ବିଚାର କରୁଛନ୍ତି । କିନ୍ତୁ ସରକାରଙ୍କ ଏହି ପ୍ରସ୍ତାବକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି । ବର୍ତ୍ତମାନ, ବିତ୍ରାରେ ପ୍ରାୟ ୧୦୫ ପରିବାର ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଏହି ଅଧିଗ୍ରହଣକୁ ବିରୋଧ କରିଛନ୍ତି । ତଥାପି, ଦ୍ୱୀପପୁଞ୍ଜର ରାଜସ୍ୱ ବିଭାଗ ବିତ୍ରା ଦ୍ୱୀପର ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (ଏସଆଇଏ) ପାଇଁ ଏକ ବିଜ୍ଞପ୍ତି ଜାରି କରିଛି । ନୋଟିସରେ କୁହାଯାଇଛି ଯେ ଏହି ମୂଲ୍ୟାଙ୍କନର ଉଦ୍ଦେଶ୍ୟ ହେଉଛି ଏହାର ରଣନୈତିକ ସ୍ଥିତି ଏବଂ ଜାତୀୟ ସୁରକ୍ଷା ପ୍ରାସଙ୍ଗିକତା ଯୋଗୁଁ ସମଗ୍ର ଦ୍ୱୀପକୁ ପ୍ରତିରକ୍ଷା ଏବଂ ରଣନୈତିକ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରିବା । ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ବିତ୍ରା ଦ୍ୱୀପ ସାମରିକ ଓ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏଠାରେ ବେସାମରିକ ଜନବସତି ଥିବାରୁ କେତେକ ପ୍ରଶାସନିକ ଓ ଲଜିଷ୍ଟିକ୍ସ ସମସ୍ୟା ସୃଷ୍ଟି ହେଉଛି । ତେବେ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଓ ଗ୍ରାମ ସଭା ଅନୁଷ୍ଠିତ ହେବ ।

# ବାଣିଜ୍ୟ



ମୁମ୍ବାଇ: ଚାରି ଦଶନ୍ଧି ଧରି ରେସିଂ ପରମ୍ପରାକୁ ନେଇ ଦୁଇଚକିଆ ଓ ତିନିଚକିଆ ଯାନର ଅଗ୍ରଣୀ ସଂସ୍ଥା ଟିଭିଏସ ମୋଟର କମ୍ପାନି ପକ୍ଷରୁ ୨୦୨୫ ଟିଭିଏସ୍ ଆପାଚି ଆରଟିଆର୍ ୩୧୦କୁ ଉନ୍ମୋଚନ କରାଯାଇଛି । ଚାଳକ-ପ୍ରଥମ ମାନସିକତା ଓ ପ୍ରଦର୍ଶନକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ମଡେଲ୍‌ରେ ବ୍ୟାପକ ଉନ୍ନତି ଓ ଷ୍ଟାଇଲ୍ ରହିଛି । ୨୦୨୫ ଟିଭିଏସ୍ ଆପାଚି ଆରଟିଆର୍ ୩୧୦ରେ ଷ୍ଟ୍ରିଟ୍‌କୁ ପ୍ରାଧାନ୍ୟ ଦେଉଥିବା ଡିଏନ୍‌ଏ ରହିଛି । ଏହି ମୋଟରସାଇକଲ୍ ହେଉଛି ଶକ୍ତି ଓ ସୂକ୍ଷ୍ମ ଗଠନ ଶୈଳୀର ମିଶ୍ରଣ ହୋଇଥିବା ବେଳେ ବିଶ୍ୱାସ, ନିୟନ୍ତ୍ରଣ ଓ ବୈଶିଷ୍ଟ୍ୟ ସହ ଚଲାଇବା ପାଇଁ ପ୍ରସ୍ତୁତ କରାଯାଇଛି । ଓବିଡି୨ବି ନିୟମ ପାଳନ କରୁଥିବା ୨୦୨୫ ଟିଭିଏସ୍ ଆପାଚୀ ଆରଟିଆର୍ ୩୧୦ ସ୍ମାର୍ଟ ପ୍ରଦର୍ଶକୁ ପୁନଃ କଳ୍ପିତ କରୁଛି । ପରବର୍ତ୍ତୀ ପିଢ଼ିର ବହୁଭାଷୀ ୟୁଆଇ/ୟୁଏକ୍ସ କ୍ଲଷ୍ଟର୍ ସହିତ ଏହା ଅଧିକ ବ୍ୟକ୍ତିଗତ ସୁହାଇବା ଭଳି ଆକର୍ଷଣୀୟ ଓ ଚମତ୍କାର ଗାଡ଼ି ଚାଳନା ସୁବିଧା ପ୍ରଦାନ କରୁଛି । ଏଥିରେ ସ୍ଥାୟିତ୍ୱ, ନବସୃଜନ ଓ ଗାଡ଼ି ଚାଳନା ସନ୍ତୋଷର ମିଶ୍ରଣ ରହିଛି । ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ ବିମଳ ସୁମ୍ବଲି କହିଛନ୍ତି ଯେ, ଉନ୍ମୋଚନ ହେବା ପରଠାରୁ ନେକେଡ୍ ସ୍ପୋର୍ଟ ବର୍ଗରେ ଟିଭିଏସ୍ ଆପାଚି ଆରଟିଆର୍ ୩୧୦ ଧାରା ନିର୍ଧାରଣକାରୀ ହୋଇଛି ।

## ରାଜ୍ୟସ୍ତରରେ ଓପିଜିସି ରେକର୍ଡ: ଦ୍ୱିତୀୟ ସ୍ଥାନକୁ ଉନ୍ନୀତ



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ୨୦୨୪-୨୫ ଆର୍ଥିକ ବର୍ଷରେ ୮୩.୮୦% ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର ହାସଲ କରି ଭାରତର ସମସ୍ତ ରାଜ୍ୟ ସରକାର ଅଧିନସ୍ଥ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନକୁ ହାସଲ କରିଛି । ଏହି ସଫଳତା ଦ୍ୱାରା ଓପିଜିସି ଭାରତର ସମସ୍ତ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟରେ ୧୯ତମ ସ୍ଥାନ ହାସଲ କରିଛି । ଓପିଜିସିର ପିଏଲ୍‌ଏଫ୍ ୮୩.୮୦% ଥିବାସ୍ଥଳେ ଏହି ବର୍ଷ ଜାତୀୟ ହାରାହାରି ଚଖର ୬୯.୪୭% ରହିଥିଲା ବୋଲି ଝାରସୁଗୁଡ଼ାରେ ଏକ ସାମ୍ବାଦିକ ସମ୍ମିଳନୀରେ ଓପିଜିସିର ସିନିୟର ଭାଇସ୍ ପ୍ରେସିଡେଣ୍ଟ ସୁକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି । ଏହି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ଉଲ୍ଲେଖନୀୟ ପ୍ରଦର୍ଶନ ଉପରେ ଆଲୋକପାତ କରି ଶ୍ରୀ ମହାପାତ୍ର କହିଥିଲେ ଯେ ଝାରସୁଗୁଡାର ବନହରପାଲିରେ ଥିବା କମ୍ପାନୀର ଇବ ଥର୍ମାଲ ପାୱାର ଷ୍ଟେସନ ନୂତନ ମାନଦଣ୍ଡ ସ୍ଥାପନ କରିଛି, ଯେଉଁଥିରେ ଦୁଇଟି ୨୧୦ ଗଡ ୟୁନିଟ୍ ଏବଂ ଦୁଇଟି ସୁପର କ୍ରିଟିକାଲ୍ ୬୬୦ ଗଡ ୟୁନିଟ୍ (ମୋଟ: ୧୭୪୦ ଗଡ) ଅନ୍ତର୍ଭୁକ୍ତ । ଶ୍ରୀ ମହାପାତ୍ର ଆଉ ମଧ୍ୟ ସୂଚନା ଦେଇଥିଲେ ଯେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଓପିଜିସି ନିକଟରେ ନିମ୍ନ ପ୍ରଦତ୍ତ ପୁରସ୍କାର ମଧ୍ୟ ପ୍ରାପ୍ତ କରିଛି । ସମ୍ମିଳନୀରେ ମ୍ୟାନେଜିଂ ଡାଇରେକ୍ଟର କେଦାର ରଞ୍ଜନ ପାଣ୍ଡୁ, ନିର୍ଦ୍ଦେଶକ-ଅପରେସନ୍ସ ଏ.ଆର. ଦାଶ, ସିନିୟର ଭାଇସ୍-ଅପରେସନ୍ସ ଶ୍ରୀ ମହାପାତ୍ର, ଏବଂ ସିନିୟର ଜିଏମ୍ (ଏଚ୍‌ଆର) ସୁବାଶିଷ ମୁଖାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଶ୍ରୀ ମହାପାତ୍ର ସୂଚନା ଦେଲେ ଯେ ଭବିଷ୍ୟତର ସମ୍ପ୍ରସାରଣ ସ୍ୱରୂପ, ୟୁନିଟ୍ ୫ ଏବଂ ୬, ଜୁନ୍ ୨୦୩୧ ସୁଦ୍ଧା କାର୍ଯ୍ୟକ୍ଷମ ହେବା ପାଇଁ ସବୁ କାର୍ଯ୍ୟ ସମୟ ଅନୁସାରେ ଆଗେଇ ଚାଲିଛି । ଜୁଲାଇ ୨୦୨୫ରେ ଟେଣ୍ଡର ଜାରି କରାଯିବ, ଡିସେମ୍ବର ୨୦୨୫ ସୁଦ୍ଧା ନିର୍ମାଣ କାର୍ଯ୍ୟର ଅର୍ଡ଼ର ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଓପିଜିସି ଦ୍ୱାରା ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ନିଆଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ବର୍ଣ୍ଣନା କରିବା ସହ ନିର୍ଦ୍ଦେଶକ-ଅପରେସନ ଏ.ଆର. ଦାଶ ଗୁରୁତ୍ୱାରୋପ କରିଥିଲେ ଯେ କମ୍ପାନୀର ଆଗାମୀ ପ୍ରକଳ୍ପଗୁଡ଼ିକ କେବଳ ରାଜ୍ୟ ଗ୍ରୀଡକୁ ଶକ୍ତି ପ୍ରଦାନ କରିବ ନାହିଁ ବରଂ ସିଏସ୍‌ଆର ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବିକାଶକୁ ତ୍ୱରାନ୍ୱିତ କରିବା ସହ ପ୍ଲାଣ୍ଟରେ ହେବା ଦ୍ୱାରା ସ୍ଥାନୀୟ ନିଯୁକ୍ତି ମଧ୍ୟ ବହୁ ମାତ୍ରାରେ ବୃଦ୍ଧି ପାଇବ ।

## ଆରଏସପି ପ୍ଲେଟ୍ ମିଲ୍ ବିଭାଗ କର୍ମଚାରୀ ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ପ୍ଲେଟ୍ ମିଲ୍ ବିଭାଗର ସମ୍ମିଳନୀ କକ୍ଷରେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ପ୍ଲେଟ୍ ମିଲ୍ ବିଭାଗର ସିଜିଏମ୍ ଏତୁଆ ଓରାଓଁ ଅଧ୍ୟକ୍ଷତା କରିଥିଲେ ଏବଂ ସେଲ୍ ସାବାସ ଯୋଜନା ଅଧୀନରେ ପ୍ଲେଟ୍ ମିଲ୍ ବିଭାଗରର ୩୨ ଜଣ କାର୍ମିକଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଭାଗର ଜିଏମ୍ ଯଶୋବନ୍ତ କୁମାର ରାୟ, ଡିଜିଏମ୍ ଏସ କେ ନାହାକ, ଏଜିଏମ୍ ସତ୍ୟଦେବ ଶର୍ମାଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମାର୍ଚ୍ଚ ମାସରେ ସର୍ବାଧିକ ୯,୫୦୨ଟନ୍ ରୋଡ୍ ପ୍ରେରଣ ହାସଲ କରିବା ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା, ଯାହା ସିପିଙ୍ଗ କର୍ମଚାରୀଙ୍କ ଅନୁକରଣୀୟ ଦଳଗତ କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇପାରିଥିଲା । ପୁରସ୍କାର ପ୍ରାପ୍ତକାରୀଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଓରାଓଁ ସେମାନଙ୍କୁ ଆଗକୁ ଏହିଭଳି ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ପ୍ରତ୍ୟେକ ପ୍ରୟାସରେ ଉତ୍କର୍ଷତା ହାସଲ କରିବାକୁ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ । ଉକ୍ତ ପୁରସ୍କାର ସମାରୋହକୁ ପ୍ଲେଟ୍ ମିଲ୍ ବିଭାଗର ପ୍ରବନ୍ଧକ ଶକ୍ତି ଶେଖର ଷଡଙ୍ଗୀ ସଂଯୋଜନା କରିଥିଲେ ।

## ଭାରତରେ ନୂଆ ବିଏମଡବ୍ଲୁ ୨ ସିରିଜ ଗ୍ରାନ କୁପ୍‌ର ବଜାର ପ୍ରବେଶ




ମୁମ୍ବାଇ: ଭାରତରେ ନୂଆ ବିଏମ୍‌ଡବ୍ଲୁ ୨ ସିରିଜ ଗ୍ରାନ କୁପ୍‌ର ଶୁଭାରମ୍ଭ ହୋଇଛି । ସ୍ଥାନୀୟ ରୂପେ ବିଏମଡବ୍ଲୁ ଗ୍ରୁପ ପ୍ଲାଣ୍ଟ ଚେନ୍ନାଇରେ ଉତ୍ପାଦିତ ୨ୟ ପିଢିର ବିଏମଡବ୍ଲୁ ୨ ସିରିଜ ଗ୍ରାନ କୁପ୍ ଦେଶବ୍ୟାପୀ ସ୍ୱତନ୍ତ୍ର ଭାବେ ପେଟ୍ରୋଲ ପାୱାରଟ୍ରେନରେ ଉପଲବ୍ଧ ହେଉଛି । ଏହି କାର୍‌କୁ ସମସ୍ତ ବିଏମଡବ୍ଲୁ ଇଣ୍ଡିଆ ଡିଲରସିପଗୁଡିକରେ ବୁକ୍ କରାଯାଇପାରିବ ଏବଂ ଏହାର ଡେଲିଭରି ଆରମ୍ଭ ହୋଇଯାଇଛି । ବିଏମଡବ୍ଲୁ ୨ ସିରିଜ ଗ୍ରାନ କୁପ ଏହାର ଆକର୍ଷଣୀୟ ଡିଜାଇନ ଓ ସ୍ପୋର୍ଟି ଡ୍ରାଇଭିଂ କ୍ୟାରେକ୍ଟର ସହିତ ନିଜର ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିଛି । ନୂଆ ବିଏମଡବ୍ଲୁ ୨୧୮ ଏମ ସ୍ପୋର୍ଟ ୪୬,୯୦,୦୦୦ଟଙ୍କା ଏବଂ ନୂଆ ବିଏମଡବ୍ଲୁ ୨୧୮ ଏମ ସ୍ପୋର୍ଟ ପ୍ରୋ ୪୮,୯୦,୦୦୦ଟଙ୍କାର ଏକ୍ସଶୋ' ରୁମ ମୂଲ୍ୟରେ ଉପଲବ୍ଧ ହେଉଛି । ନୂଆ ବିଏମଡବ୍ଲୁ ୨ ସିରିଜ ଗ୍ରାନ କୁପ୍‌ର ୧.୫- ଲିଟର ଥ୍ରୀ-ସିଲିଣ୍ଡର ପେଟ୍ରୋଲ ଇଞ୍ଜିନ ୧୧୫କେଡବ୍ଲୁ/୧୫୬ଏଚପିର ଏକ ଆଉଟପୁଟ ଏବଂ ୧୫୦୦-୪୬୦୦ଆରପିଏମରେ ୨୩୦ଏନଏମର ଏକ ମ୍ୟାକ୍ସିମମ ଟର୍କ ସୃଷ୍ଟି କରିଥାଏ । ଏହି କାର୍ ଘଂଟା ପ୍ରତି ୨୩୦କିମିର ଟପ୍ ସ୍ପିଡ ସହିତ ୮.୬ ସେକେଣ୍ଡରେ ୦-୧୦୦କିମି ଘଂଟା ପ୍ରତି ବେଗରେ ଆକ୍ସିଲରେଟ କରିଥାଏ । ଏସମ୍ପର୍କରେ ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆର ପ୍ରେସିଡେଂଟ ଓ ସିଇଓ ଶ୍ରୀଯୁକ୍ତ ବିକ୍ରମ ପାୱା କହିଛନ୍ତି, ନୂଆ ବିଏମଡବ୍ଲୁ ୨ ସିରିଜ ଗ୍ରାନ କୁପ ନିଜର ସ୍ପୋର୍ଟି ସିଲହୋଟେ ଓ ଆକର୍ଷଣୀୟ ଡିଜାଇନ ସହିତ ପ୍ରତ୍ୟେକ ସ୍ଥାନରେ ଲୋକଙ୍କ ଧ୍ୟାନ ଆକର୍ଷିତ କରୁଛି । ଭିତରେ ଓ ବାହାରେ ବିଳାସପୂର୍ଣ୍ଣ ସ୍ପର୍ଶ ଓ ମନୋଭାବ ସହ ସୁସଜ୍ଜିତ ଏହି କାର ଆପଣଙ୍କ ଷ୍ଟାଇଲ ସହ ଉପଯୁକ୍ତ ଭାବେ ମେଳ ଖାଉଛି । ଗ୍ରାହକମାନେ ସମୟ ଓ ମାଇଲେଜ ଅନୁଯାୟୀ ଏକାଧିକ ସର୍ଭିସ ପ୍ଲାନ ମଧ୍ୟରୁ ଚୟନ କରିପାରିବେ । ବିଏମଡବ୍ଲୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସକୁ ସହିତ ଗ୍ରାହକମାନେ ବିଏମଡବ୍ଲୁ ସ୍ମାର୍ଟ ଫାଇନାନ୍ସ ପ୍ଲାନ ସହ ଅତୁଳନୀୟ ସୁବିଧା ଓ ସଞ୍ଚୟର ଅନୁଭୂତି ପାଇପାରିବେ ।

## ଓରିଏଣ୍ଟ କେବୁଲସ ପକ୍ଷରୁ ୭୦୦ କୋଟି ଟଙ୍କାର ଆଇପିଓ ଦାଖଲ

ମୁମ୍ବାଇ: ନେଟୱର୍କିଂ କେବୁଲ ଓ ପରୋକ୍ଷ ନେଟୱର୍କିଂ ଉପକରଣ ନିର୍ମାଣ ଉପରେ ପ୍ରାଥମିକତା ଦେଉଥିବା ଓରିଏଣ୍ଟ କେବୁଲସ (ଇଣ୍ଡିଆ) ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ୭୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି । ଏହି ଅଫରରେ କମ୍ପାନି ୩୨୦ କୋଟି ଟଙ୍କାର ନୂଆ ସେୟାର ଜାରି କରିବ ଏବଂ ଅଂଶଧନକାରୀମାନେ ୩୮୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ । ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୯୧.୫୦ କୋଟି ଟଙ୍କାକୁ କମ୍ପାନି ମେସିନ, ଉପକରଣ ଏବଂ ଉତ୍ପାଦନ କାରଖାନାର ସିଭିଲ କାମ ପାଇଁ ଦରକାର କାର୍ଯ୍ୟକାରୀ ପୁଁ ଆବଶ୍ୟକତା ପୂରଣ କରିବାରେ ଏବଂ ୧୫୫.୫୦ କୋଟି ଟଙ୍କାର କମ୍ପାନି ହାସଲ କରିଥିବା କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧନୁ କରିବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବା ପ୍ରସ୍ତାବ ରଖିଛି । କମ୍ପାନୀ ଏହାର ଇକ୍ୱିଟି ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ଦେଇଛି । ଏହି ଇସ୍ୟୁର ବୁକ ରନିଂ ଲିଡ ମ୍ୟାନେଜର ହେଉଛନ୍ତି ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ ଜେଏମ ଫାଇନାନ୍ସିଆଲ ଲିମିଟେଡ ।

## ପ୍ରଥମ ତ୍ରୈମାସିକରେ ନୁଭୋକୋ ଭିସ୍ତାସର ଉଲ୍ଲେଖନୀୟ ବୃଦ୍ଧି

ନୂଆଦିଲ୍ଲୀ: ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ, ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗତ ଜୁନ ୩୦ ତାରିଖରେ ଶେଷ ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି । ବଦରାଜ ସିମେଣ୍ଟ ଲିମିଟେଡ (ଭିସିଏଲ)ର ସଫଳ ଅଧିଗ୍ରହଣ ପରେ ୨୫ ଏମଏମଟିପିଏର ମିଳିତ ସ୍ଥାପିତ କ୍ଷମତା ସହ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ହାରାହାରି ୩୧ ଏମଏମଟିପିଏ ସିମେଣ୍ଟ କ୍ଷମତା ହାସଲ କରିବା ପାଇଁ ପ୍ରସ୍ତୁତ ରହିଛି, ଯାହା ଦୀର୍ଘାବଧି ପାଇଁ ଭାରତରେ ଏହାର ୫ମ ସର୍ବବୃହତ ସିମେଣ୍ଟ ଗ୍ରୁପ ସ୍ଥିତିକୁ ବଜାୟ ରଖିଛି । କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୫.୧ ଏମ୍‌ଏମ୍‌ଟିର ମୋଟ ସିମେଣ୍ଟ ବିକ୍ରି ହାସଲ କରିଛି । ଏହି ତ୍ରୈମାସିକରେ ପରିଚାଳନାରୁ ମିଳିଥିବା ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୯% ବୃଦ୍ଧି ହୋଇ ୨୮୭୩ କୋଟି ଟଙ୍କା ରହିଛି । କମ୍ପାନୀ ଏହି ଅବଧିରେ ୫୩୩ କୋଟି ଟଙ୍କାର ସର୍ବକାଳିନ ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡା ହାସଲ କରିଛି । କମ୍ପାନୀ ଏହାର ଡିଲାଭରେଜିଂ ଏଜେଣ୍ଡା ପ୍ରତି ପ୍ରତିବଦ୍ଧ ରହିଛି, ଯାହା ଶୁଦ୍ଧ ଋଣକୁ ବାର୍ଷିକ ଆଧାରରେ ୮୮୪ କୋଟି ଟଙ୍କା ହ୍ରାସ କରି ୩୪୭୪ କୋଟି ଟଙ୍କାରେ ପହଞ୍ଚାଇଛି । କମ୍ପାନୀର ସଫଳତା ସମ୍ପର୍କରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, କମ୍ପାନୀ ୧ମ ତ୍ରୈମାସିକ ସମୟରେ ଉଲ୍ଲେଖନୀୟ ବିକ୍ରି ଅଭିବୃଦ୍ଧି ପରିଲକ୍ଷିତ କରିଛି । ଏହା ପ୍ରିମିୟମାଇଜେଶନ ଓ ଟ୍ରେଡ ମିକ୍ସ ଉପରେ ଏକ ସ୍ପଷ୍ଟ ମହତ୍ୱ ବଜାୟ ରଖିଛି, ଯାହା ବର୍ଦ୍ଧିତ ଫଳାଫଳରେ ଯୋଗଦାନ ଦେଇଛି ଏବଂ କମ୍ପାନୀ ଇତିହାସରେ ପ୍ରଥମ ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡାର ନେତୃତ୍ୱ ନେଇଛି । ବଦରାଜ ସିମେଣ୍ଟର ସଫଳ ଅଧିଗ୍ରହଣ ସହିତ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା କଚ୍ଛ ଓ ସୁରଟରେ ପ୍ଲାଟଗୁଡିକୁ କାର୍ଯ୍ୟକ୍ଷମ କରିବା ଏବଂ ଏହା ସଙ୍ଗେ ସଙ୍ଗେ ପଶ୍ଚିମାଞ୍ଚଳରେ ନିଜର ବଜାର ଉପସ୍ଥିତି ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି । ଏହାବ୍ୟତୀତ କମ୍ପାନୀ ନିଜର ପ୍ରତିଦ୍ୱନ୍ଦିତାକୁ ଆହୁରି ସୁଦୃଢ କରିବା ପାଇଁ ପ୍ରିମିୟମାଇଜେଶନ, ଜିଓ-ଅପ୍ଟିମାଇଜେଶନ ଓ ମୂଲ୍ୟ ଦକ୍ଷତା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଦେବା ଜାରି ରଖିବ ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର






ନୂଆଦିଲ୍ଲୀ: ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ୨୦୨୫: ୱେଷ୍ଟଇଣ୍ଡିଜ୍ ଚାମ୍ପିଅନସ୍ ପିନ୍ଧିବେ କ୍ରିକେଟ୍ ଇତିହାସର ସବୁଠୁ ମହଙ୍ଗା ଜର୍ସିୱାର୍ଲ୍ଡ । ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ୨୦୨୫ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଇଣ୍ଡିଆ ଚାମ୍ପିଅନସ୍, ୱେଷ୍ଟଇଣ୍ଡିଜ୍ ଚାମ୍ପିଅନସ୍, ଦକ୍ଷିଣ ଆଫ୍ରିକା ଚାମ୍ପିଅନସ୍, ପାକିସ୍ତାନ ଚାମ୍ପିଅନସ୍, ଅଷ୍ଟ୍ରେଲିଆ ଚାମ୍ପିଅନସ୍ ଏବଂ ଇଂଲଣ୍ଡ ଚାମ୍ପିଅନସ୍ ପରସ୍ପରକୁ କଡ଼ା ଟକ୍କର ଦେବେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ୱେଷ୍ଟଇଣ୍ଡିଜ୍ ଚାମ୍ପିଅନସ୍ କ୍ରିକେଟ୍ ଇତିହାସର ସବୁଠୁ ମହଙ୍ଗା ଜର୍ସି ପିନ୍ଧିବେ। ଏହି ଜର୍ସି ୩୦ ଗ୍ରାମ ସୁନାରେ ନିର୍ମିତ। ୱେଷ୍ଟଇଣ୍ଡିଜ୍‌ର ମହଙ୍ଗା ଜର୍ସିର ମୂଲ୍ୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ, କିନ୍ତୁ ଏହାକୁ ଦୁବାଇର ଲରେନ୍ସ ଗ୍ରୁପ୍ ଚ୍ୟାନେଲ୍୨ ଗ୍ରୁପ୍ ସହ ମିଳିତ ଭାବେ ତିଆରି କରିଛି। ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜ୍ ଟିମ୍‌ର ଅନେକ ଦମଦାର ଖେଳାଳି ଏହି ଜର୍ସି ପିନ୍ଧି ମୈଦାନକୁ ଓହ୍ଲାଇବେ। ଜର୍ସିକୁ କ୍ରିସ୍ ଗେଲ୍, କାୟରନ୍ ପୋଲାର୍ଡ ଏବଂ ଡ୍ୱେନ୍ ବ୍ରାଭୋ ଲଞ୍ଚ କରିଛନ୍ତି। ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ୨୦୨୫ରେ ଅନେକ ଦିଗ୍ଗଜ ଖେଳାଳିଙ୍କଠାରୁ ଦମଦାର ପ୍ରଦର୍ଶନର ଆଶା ରହିଛି। କେବଳ ସେହି ଖେଳାଳି ଅଂଶଗ୍ରହଣ କରୁଛନ୍ତି, ଯେଉଁମାନେ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ୱେଷ୍ଟଇଣ୍ଡିଜ୍ ଟିମ୍‌ର ଅଧିନାୟକତ୍ୱ କ୍ରିସ୍ ଗେଲଙ୍କୁ ଦିଆଯାଇଛି। ଟିମ୍‌ରେ ଅନେକ ଆକ୍ରମଣାତ୍ମକ ବ୍ୟାଟସମ୍ୟାନ୍ ଏବଂ ଘାତକ ବୋଲର ମଧ୍ୟ ସାମିଲ ଅଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଜୁଲାଇ ୧୮ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଇଂଲଣ୍ଡର ବର୍ମିଂହାମ, ନର୍ଥାମ୍ପଟନ, ଲେଷ୍ଟର ଓ ଲିଡ୍ସରେ ଆୟୋଜିତ ହେବ।

# ନୂଆ ରେକର୍ଡର ନିକଟତର ରବିନ୍ଦ୍ର ଜାଡେଜା




ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବ୍ୟାଟ୍ ସହିତ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଭାରତୀୟ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା। ଜାଡେଜା ଲଗାତାର ୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଏବେ ଜାଡେଜା ଟେଷ୍ଟ କ୍ରିକେଟରେ ଆଉ ଏକ ରେକର୍ଡ ସୃଷ୍ଟି କରିବାର ଅତି ନିକଟତର। ଯଦି ଜାଡେଜା ଚଳିତ ସିରିଜରେ ଆଉ ୫୮ ରନ କରନ୍ତି, ତେବେ ସେ ଇଂଲଣ୍ଡରେ ୬ ନମ୍ବର କିମ୍ବା ତା'ଠାରୁ ଲୋ ଅର୍ଡରରେ ବ୍ୟାଟିଂ କରି ୧୦୦୦ ଟେଷ୍ଟ ରନ ସ୍କୋର କରିବାରେ ଦ୍ୱିତୀୟ ବ୍ୟାଟର୍ ହେବେ। ଏବେ ପର୍ଯ୍ୟନ୍ତ, କେବଳ ୱେଷ୍ଟଇଣ୍ଡିଜର ଗ୍ୟାରି ସୋବର୍ସ ଏହି ସଫଳତା ହାସଲ କରିପାରିଛନ୍ତି। ଇଂଲଣ୍ଡରେ ୬ ନମ୍ବର କିମ୍ବା ତା'ଠାରୁ ଲୋ ଅର୍ଡରରେ ବ୍ୟାଟିଂ କରି ଟେଷ୍ଟ କ୍ରିକେଟରେ ୧୦୯୭ ରନ କରିଥିଲେ। ରବିନ୍ଦ୍ର ଜାଡେଜା ବର୍ତ୍ତମାନ ପର୍ଯ୍ୟନ୍ତ ତିନୋଟି ମ୍ୟାଚରେ ୧୦୯ ଆଭରେଜ୍ ?ରେ ୩୨୭ ରନ କରିଛନ୍ତି। ସୌରଭ ଗାଙ୍ଗୁଲି ଏବଂ ରିଷଭ ପନ୍ତଙ୍କ ପରେ ସେ ଇଂଲଣ୍ଡରେ କ୍ରମାଗତ ଚାରି ଇନିଂସରେ ୫୦ କିମ୍ବା ତା'ଠାରୁ ଅଧିକ ରନ ସ୍କୋର କରିବାରେ ତୃତୀୟ ଭାରତୀୟ ବ୍ୟାଟର୍। ବାମହାତୀ ବ୍ୟାଟର୍ ରବିନ୍ଦ୍ର ଜାଡେଜା ଏପର୍ଯ୍ୟନ୍ତ ୮୩ଟି ଟେଷ୍ଟ ମ୍ୟାଚରେ ୩୬.୯୭ ହାରରେ ୩୬୯୭ ରନ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୪ଟି ଶତକ ଏବଂ ୨୬ଟି ଅର୍ଦ୍ଧଶତକ ଆସିଛି। ଜାଡେଜା ଟେଷ୍ଟ କ୍ରିକେଟରେ ତାଙ୍କର ବାମହାତୀ ସ୍ପିନ୍ ବୋଲିଂ ମଧ୍ୟ ଦେଖାଇଛନ୍ତି। ଜାଡେଜା ୨୪.୯୩ ହାରରେ ୩୨୬ ୱିକେଟ୍ ନେଇଛନ୍ତି। ଲର୍ଡସ୍ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ

## ଭାଙ୍ଗିବେ ଗ୍ୟାରି ସୋବର୍ସଙ୍କ ରେକର୍ଡ

ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟିଂ ଶୈଳୀକୁ ପ୍ରଶଂସକ କେବେବି ଭୁଲିପାରିବ ନାହିଁ। ଜାଡେଜା ୧୮୧ ବଲରୁ ଅପରାଜିତ ୬୧ ରନ କରିଥିଲେ। ଜାଡେଜା, ଜସପ୍ରିତ ବୁମରାହ ଏବଂ ମହମ୍ମଦ ସିରାଜଙ୍କ ସହିତ ମିଶି ଭାରତୀୟ ଦଳକୁ ମ୍ୟାଚ୍ ଜିତିବା ପାଇଁ ସର୍ବୋତ୍ତମ ଚେଷ୍ଟା କରିଥିଲେ। ଜାଡେଜା ବୁମରାହଙ୍କ ସହିତ ମିଶି ନବମ ୱିକେଟ ପାଇଁ ୩୫ ରନ ଯୋଡିଥିଲେ। ତା'ପରେ ଦଶମ ୱିକେଟ ପାଇଁ ସିରାଜଙ୍କ ସହିତ ତାଙ୍କର ୨୩ ରନର ଭାଗୀଦାରି ହୋଇଥିଲା। ଭାରତୀୟ ଦଳ ଲର୍ଡସ୍ ଟେଷ୍ଟ ମ୍ୟାଚ୍ ୨୨ ରନରେ ହାରିଥିଲା। ଏହି କାରଣରୁ ସେମାନେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୨ରେ ପଛରେ ଅଛନ୍ତି। ସିରିଜର ପ୍ରଥମ ଟେଷ୍ଟ ଲିଡ୍ସର ହେଡିଙ୍ଗଲି କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିଲା। ଯେଉଁଥିରେ ଭାରତୀୟ ଦଳକୁ ୫ ୱିକେଟରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ତା'ପରେ ବର୍ମିଂହାମର ଏଜବାଷ୍ଟନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଟିମ୍ ଇଣ୍ଡିଆ ୩୩୬ ରନରେ ବିଜୟୀ ହୋଇଥିଲା। ସିରିଜର ଚତୁର୍ଥ ମ୍ୟାଚ୍ ୨୩ ଜୁଲାଇରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯିବାକୁ ଅଛି।

# ଏସିଆ କପ୍ ୨୦୨୫ ବୟକଟ୍ କରିବ ବିସିସିଆଇ




ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ ଆୟୋଜନକୁ ନେଇ ସମସ୍ୟା ଦେଖାଦେଇଛି। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଏସୀୟ କ୍ରିକେଟ ପରିଷଦର ବାର୍ଷିକ ବୈଠକ ସମ୍ପର୍କରେ ଏକ ବଡ଼ ମତ ରଖିଛି। ଏହି ବୈଠକ ଜୁଲାଇ ୨୪ରେ ବାଂଲାଦେଶର ରାଜଧାନୀ ଢାକାରେ ଅନୁଷ୍ଠିତ ହେବାକୁ ଯାଉଛି, କିନ୍ତୁ ଭାରତ ସ୍ପଷ୍ଟ କରିଛି ଯେ ଯଦି ବୈଠକର ସ୍ଥାନ ପରିବର୍ତ୍ତନ କରା ନ ଯାଏ, ତେବେ ବୈଠକରେ ନିଆଯାଇଥିବା ଯେକୌଣସି ନିଷ୍ପତ୍ତିକୁ ବର୍ଜନ କରିବ। ରିପୋର୍ଟ ଅନୁଯାୟୀ, ବାଂଲାଦେଶରେ ବର୍ତ୍ତମାନର ପରିସ୍ଥିତି ଏବଂ ବଢୁଥିବା ରାଜନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି, ବିସିସିଆଇ ପୂର୍ବରୁ ଏସୀୟ କ୍ରିକେଟ ପରିଷଦକୁ ବୈଠକର ସ୍ଥାନ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲା। ତଥାପି, ଏସୀୟ କ୍ରିକେଟ୍ ପରିଷଦ ସଭାପତି ମୋହସିନ ନକଭିଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ। ମୋହସିନ ବର୍ତ୍ତମାନ ପାକିସ୍ତାନ କ୍ରିକେଟ ବୋର୍ଡ ଏବଂ ଏସୀୟ କ୍ରିକେଟ୍ ପରିଷଦର ଅଧ୍ୟକ୍ଷ ଅଛନ୍ତି। ସୂତ୍ର କହୁଛି ଯେ, ଏସୀୟ କ୍ରିକେଟ୍ ପରିଷଦ ଅଧ୍ୟକ୍ଷ ମୋହସିନ ଭାରତ ଉପରେ ଅନାବଶ୍ୟକ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି। ବିସିସିଆଇ ତାଙ୍କୁ ବୈଠକର ସ୍ଥାନ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ। ଏହା ପରେ ବିସିସିଆଇ ଏବେ ଏକ ବଡ଼ ନିଷ୍ପତ୍ତି ନେଇଛି। ସୂତ୍ର ଅନୁସାରେ, ବିସିସିଆଇ କହିଛି, ଏସିଆ କପ କେବଳ ସେତେବେଳେ ହୋଇପାରିବ ଯଦି ବୈଠକର ସ୍ଥାନ ଢାକାରୁ ପରିବର୍ତ୍ତନ କରାଯାଏ। ଏସିସି ସଭାପତି ମୋହସିନ ବୈଠକ ପାଇଁ ଭାରତ ଉପରେ ଅନାବଶ୍ୟକ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି। ଆମେ ପୂର୍ବରୁ ତାଙ୍କୁ ସ୍ଥାନ ପରିବର୍ତ୍ତନ କରିବାକୁ କହିଥିଲୁ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ। ଯଦି ମୋହସିନ ଢାକାରେ ବୈଠକ ପାଇଁ ଆଗକୁ ବଢ଼ନ୍ତି, ତେବେ ବିସିସିଆଇ ଯେକୌଣସି ନିଷ୍ପତ୍ତିକୁ ବର୍ଜନ କରିବ। ଭାରତ ପାଖରେ ଏସିଆ କପ ଆୟୋଜନ ଅଧିକାର ଅଛି। କିନ୍ତୁ ଏସିଆ କପ ସମ୍ପର୍କରେ ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଟୁର୍ନାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ ଏବଂ ଏଥିରେ ୬ଟି ଦଳ ଅଂଶଗ୍ରହଣ କରିବେ।

# ମହମ୍ମଦ ଶାମିଙ୍କ ପାଇଁ ଖୋଲିଲା ପ୍ରତ୍ୟାବର୍ତ୍ତନର ଦ୍ୱାର

ନୂଆଦିଲ୍ଲୀ: ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ଆଗାମୀ ଘରୋଇ ସିଜିନ ପାଇଁ ପଶ୍ଚିମବଙ୍ଗର ୫୦ ସମ୍ଭାବିତ ଖେଳାଳିଙ୍କ ତାଲିକାରେ ସାମିଲ କରାଯାଇଛି। ଅଗଷ୍ଟ ୨୮ରୁ ଆରମ୍ଭ ହେଉଥିବା ଦୁଲୀପ ଟ୍ରଫିର ପୂର୍ବ ଜୋନ ପକ୍ଷରୁ ଶାମି ଖେଳି ପାରନ୍ତି। ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ପାଇଁ ମହମ୍ମଦ ଶାମିଙ୍କ




ପାଇଁ ଦ୍ୱାର ଖୋଲି ଯାଇଛି। ଆଣ୍ଠୁ ସର୍ଜରୀରୁ ସୁସ୍ଥ ହେବା ପରେ ଲମ୍ବା ଅନ୍ତରାଳ ପରେ ଶାମି ଅନ୍ତର୍ଜାତୀୟ କ୍ରିକେଟ୍ ?କୁ ଫେରିଥିଲେ। ସେ ଭାରତ ପାଇଁ ଶେଷ ଥର ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଖେଳିଥିଲେ। ଚାମ୍ପିଅନ୍ସ ଟ୍ରଫିରେ ଭାରତ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିଅନ ହୋଇଥିଲା। ଶାମି ୫ଟି ମ୍ୟାଚ୍ ?ରୁ ୯ ୱିକେଟ୍ ନେଇ ବରୁଣ ଚକ୍ରବର୍ତ୍ତୀଙ୍କ ସହ ଯୁଗ୍ମ ଭାବେ ଭାରତ ପାଇଁ ସର୍ବାଧିକ ୱିକେଟ୍ ଅକ୍ତିକାର କରିଥିଲେ। ହେଲେ ଟୁର୍ଣ୍ଣାମେଣ୍ଟରେ ସେ ସବୁଠୁ ମହଙ୍ଗା ବୋଲର ସାବ୍ୟସ୍ତ ହୋଇଥିଲେ। ତାଙ୍କର ଇକୋନୋମି ଥିଲା ୫.୬୮ ପ୍ରତିଶତ। ଏହା ପରେ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ରେ ଶାମି ନୂଆ ଦଳ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ। ତାଙ୍କ ପ୍ରଦର୍ଶନ ସେତେ ଉତ୍ସାହଜନକ ନ ଥିଲା। ସେ ୯ଟି ମ୍ୟାଚ୍ ?ରେ କେବଳ ୬ ୱିକେଟ୍ ନେଇଥିଲେ। ବୋଲିଂ ଇକୋନୋମି ୧୧.୨୩ ରହିଥିଲା। ତେବେ ଆଇପିଏଲ୍ ମଧ୍ୟ ଭାଗରେ ପୁଣି ଥରେ ତାଙ୍କର ଆହତ ସମସ୍ୟା ଦେଖା ଦେଇଥିଲା। ଫଳରେ ଶାମି ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ।

## ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା

# ଓଡ଼ିଶା ପୋଲିସ ଖେଳାଳିଙ୍କୁ ସମ୍ମାନିତ କଲେ ଡିଜିପି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ରେ ଓଡ଼ିଶା ପୋଲିସର ପଦକ ବିଜେତା କ୍ରୀଡ଼ାବିତମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ଫେରିଛନ୍ତି। ଏହି ଅବସରରେ ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତମାନେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଡିଜିପି ଭୂୟସୀ ପ୍ରଶଂସା କରିଛନ୍ତି। ଏହି ପଦକ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ତଥା ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାର ବର୍ମିଂହାମରେ ଜୁନ୍ ୨୭ରୁ ଜୁଲାଇ ୬, ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ରେ ୭ ଜଣ ଓଡ଼ିଶା ପୋଲିସ କର୍ମଚାରୀ (୫ ପୁରୁଷ ଏବଂ ୨ ମହିଳା)ଙ୍କ ଏକ ଦଳ ଭାରତୀୟ ପୋଲିସ ଦଳର ପ୍ରତିନିଧିତ୍ୱ କରି ୨୦ ପଦକ ବିଜୟୀ ହୋଇ ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖିଛନ୍ତି। ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସହ ମୋଟ ୨୦ ପଦକ ହାସଲ କରିଛନ୍ତି। ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ କେବଳ ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିନାହିଁ ବରଂ ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଭୁବନେଶ୍ୱର-କଟକ ପୋଲିସ କମିଶନର ଡ଼. ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଆଇଜି, ଗୁଇନ୍ଦା, ଜୟ ନାରାୟଣ ପଙ୍କଜ, ରେଳବାଇ ଏସପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପଦକ ବିଜେତା କ୍ରୀଡ଼ାବିତ ମାନେ ପୂର୍ବାହ୍ନରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ହାଇଦ୍ରାବାଦରେ ହେବ ମହିଳା କବାଡି ବିଶ୍ୱକପ୍

ନୂଆଦିଲ୍ଲୀ: ମହିଳା କବାଡି ବିଶ୍ୱକପର ଦ୍ୱିତୀୟ ସଂସ୍କରଣ ହାଇଦ୍ରାବାଦରେ ଆୟୋଜନ ହେବ। ଆସନ୍ତା ଅଗଷ୍ଟ ୩ରୁ ୧୦ ତାରିଖ ଯାଏ ଗାଚିବୋୱଲି ଇଣ୍ଡୋର ଷ୍ଟାଡିୟମରେ ମହିଳା କବାଡି ବିଶ୍ୱକପ ଖେଳାଯିବ। ବାସ୍ତବରେ କବାଡିର ଏହି ବଡ଼ ମହାକୁମ୍ଭ ବିହାରରେ ଜୁନ ମାସରୁ ଖେଳାଯିବାର ଥିଲା। କିନ୍ତୁ ଏବେ ଭେନ୍ୟୁ ବଦଳିଛି। ବିହାର ବଦଳରେ ହାଇଦ୍ରାବାଦରେ ଆୟୋଜନ ହେବ ମହିଳା କବାଡି ବିଶ୍ୱକପ। ତେଲଙ୍ଗାନା କବାଡି ଆସୋସିଏସନର ସଭାପତି କେ ବୀରେଶ କହିଛନ୍ତି, "ବିହାର ଯେତେବେଳେ ଆୟୋଜନରୁ ଓହରି ଗଲା ଆମେ ସେତେବେଳେ ଭାରତୀୟ କବାଡି ମହାସଂଘକୁ ବିଶ୍ୱକପ ତେଲଙ୍ଗାନାରେ କରିବାକୁ ଅନୁରୋଧ କରିଥିଲୁ। ସେମାନେ ମଧ୍ୟ କୃତଜ୍ଞତା ପ୍ରକାଶ କରିଥିଲେ। ଆମେ ମହିଳା କବାଡିକୁ ଉତ୍ସାହିତ କରିବାକୁ ଚାହୁଁଛୁ।



ଯଦିଓ ଏହାକୁ ଅଧିକ ପ୍ରାୟୋଜକ ମିଳୁ ନାହାନ୍ତି, ତଥାପି ଆମେ ବିଶ୍ୱକପ ଆୟୋଜନ କରିବୁ। ୨୦୦୫ରେ ହାଇଦ୍ରାବାଦ ଏସିଆନ କବାଡି ଚାମ୍ପିୟନଶିପ ଆୟୋଜନ କରିଥିଲା। ଏବେ ୨୦ ବର୍ଷ ପରେ ହାଇଦ୍ରାବାଦ ପୁଣି ଅନ୍ତର୍ଜାତୀୟ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଭାରତ ବ୍ୟତୀତ ମହିଳା କବାଡି ବିଶ୍ୱକପରେ ଆର୍ଜେଣ୍ଟିନା, ବାଂଲାଦେଶ, ଚାଇନିଜ ତାଇପେଇ, ଜର୍ମାନୀ, ହଲାଣ୍ଡ, ଇରାନ, ଜାପାନ, କେନିୟା, ନେପାଳ, ଥାଇଲ୍ୟାଣ୍ଡ, ଉଗାଣ୍ଡା ଓ ଜାଞ୍ଜିବର ଭାଗ ନେବେ। ଏହି ଦେଶଗୁଡ଼ିକ ବିଶ୍ୱକପ ଖେଳିବେ ବୋଲି ସହମତି ପ୍ରକାଶ କରି ସାରିଛନ୍ତି। କେବଳ ପୋଲାଣ୍ଡ ବିଶ୍ୱକପରେ ଭାଗ ନେବ କି ନାହିଁ, ସେ'କଥା ନିଶ୍ଚିତ କରିନାହିଁ। ୨୦୧୨ରେ ମହିଳା କବାଡି ବିଶ୍ୱକପର ପ୍ରଥମ ସଂସ୍କରଣ ବିହାରର ପାଟନାରେ ଅନୁଷ୍ଠିତ ହୋଇଥିଲା। ଏବେ ୧୩ ବର୍ଷରେ ପୁଣି ଭାରତରେ ମହିଳା କବାଡି ବିଶ୍ୱକପ ଆୟୋଜନ ହେବାକୁ ଯାଉଛି। ୨୦୧୨ରେ ଭାରତ ଚାମ୍ପିୟନ ହୋଇଥିଲା। ଇରାନ, ଜାପାନ ଓ ଥାଇଲ୍ୟାଣ୍ଡ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିଲେ।

# ଫେରିବେ ବିରାଟ କୋହଲି !

ନୂଆଦିଲ୍ଲୀ: ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସ୍ଥାନ ନେବା କଷ୍ଟକର, ଏହାକୁ ମାନିବାକୁ ପଡିବ। କିନ୍ତୁ ଏବେ ଏହି ଦୁଇ ମହାନ ଖେଳାଳିଙ୍କଠାରୁ ଆଗକୁ ବଢ଼ିବାର ସମୟ ଆସିଛି। ଯୁବ ପିଢ଼ି ସହିତ ଆଗକୁ ବଢ଼ିବାର ସମୟ ଆସିଛି। ଏହା ପୂର୍ବତନ କ୍ରିକେଟର ଶରଣଦୀପ ସିଂହଙ୍କ ବକ୍ତବ୍ୟ, ଯିଏ ବିରାଟ କୋହଲିଙ୍କ ଖେଳକୁ ବହୁତ ନିକଟରୁ ଦେଖିଛନ୍ତି। ଶରଣଦୀପ ସିଂହ ଦିଲ୍ଲୀର ପ୍ରଶିକ୍ଷକ, ଯାହା ପାଇଁ ବିରାଟ କୋହଲି ଏହି ବର୍ଷ ତାଙ୍କର ଶେଷ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିଲେ। ରୋହିତ ଶର୍ମା ଏବଂ ବିରାଟ କୋହଲି ଚଳିତ ବର୍ଷ ମେ ମାସରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେତେବେଳେ ଶରଣଦୀପ ସିଂହ କହିଥିଲେ ଯେ ସେ କୋହଲିଙ୍କୁ ଭେଟିବା ପର୍ଯ୍ୟନ୍ତ ଟେଷ୍ଟ କ୍ରିକେଟ ଖେଳିବାକୁ ଚାହାଁନ୍ତି। ତା'ପରେ ସେ କାହିଁକି ଅବସର ନେଲେ ତାହା ଜଣାନାହିଁ। ପୂର୍ବତନ କ୍ରିକେଟର ମଦନ ଲାଲ ଏବଂ ଯୋଗରାଜ ସିଂହ ବିରାଟଙ୍କୁ ଅବସରରୁ ଫେରିବାକୁ ଅନୁରୋଧ କରିଥିଲେ। ତଥାପି, ଶରଣଦୀପ ସିଂହ ଚାହାଁନ୍ତି ନାହିଁ ଯେ ବିରାଟ ତାଙ୍କର ଅବସର ଭାଙ୍ଗି ପୁଣି ଥରେ ଟେଷ୍ଟ ମ୍ୟାଚ ଖେଳିବେ। ବିରାଟ-ରୋହିତଙ୍କ ଅବସର ପରେ, ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଅଛି, ଯେଉଁଠାରେ ଏହା ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜରେ ତିନୋଟି ଟେଷ୍ଟ ପରେ ୧-୨ ରେ ପଛୁଆ ଅଛି। ବିରାଟ-ରୋହିତଙ୍କ ଅବସର ପରେ ଫେରିବା ପ୍ରଶ୍ନରେ ସରଣଦୀପ କହିଛନ୍ତି, 'ରୋହିତ ଏବଂ କୋହଲି ବହୁ ବର୍ଷ ଧରି ଦଳକୁ ସେବା ଦେଇଛନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର କିନ୍ତୁ ଭାରତୀୟ ଦଳ ଭଲ ପ୍ରଦର୍ଶନ କରୁଛି। ରୋହିତଙ୍କ ଅବସର ପରେ ଶୁବମନ ଗିଲ ଦଳର ଅଧିନାୟକତ୍ୱ କରୁଛନ୍ତି। ସେ କୋହଲିଙ୍କ ଛାଡିଯାଇଥିବା ନମ୍ବର ୪ ସ୍ଥାନକୁ ବହୁତ ଭଲ ଭାବରେ ଗ୍ରହଣ କରିଛନ୍ତି। ସେ ଏପର୍ଯ୍ୟନ୍ତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ତିନୋଟି ଶତକ ସହିତ ୬୦୭ ରନ କରିଛନ୍ତି। ଏହା ଏକ ଚମତ୍କାର ପ୍ରଦର୍ଶନ।'

## ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ସୁନ୍ଦରଗଡ଼ ଓ ବାଲେଶ୍ୱର ଟିମ୍ ବିଜୟୀ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଶନିବାର ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ସୁବର୍ଣ୍ଣପୁର ବିପକ୍ଷରେ ୨-୦ ଗୋଲରେ ଏକ ସହଜସାଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମ ଖେଳ ଆରମ୍ଭ ହେବା ପରେ ଉଭୟ ଦଳ ପଡିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ସୁନ୍ଦରଗଡ଼ର ରାଇଟ ଉଇଙ୍ଗର ଜମିର ଓରାମ ପ୍ରଥମାର୍ଦ୍ଧର ଦ୍ୱିତୀୟ ମିନିଟରେ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ କରିବା ସହ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ପୁନଶ୍ଚ ୧୮ତମ ମିନିଟରେ ସୁନ୍ଦରଗଡ଼ର ଷ୍ଟ୍ରାଇକର ମହେଶ ପ୍ରଧାନ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ଖେଳରେ ସୁନ୍ଦରଗଡ଼ ୨-୦ ଗୋଲରେ ଅଗ୍ରଣୀ ରହିବା ସତ୍ୱେ ଦ୍ୱିତୀୟାର୍ଦ୍ଧରେ ସୁବର୍ଣ୍ଣପୁର ପରସ୍ପର ମଧ୍ୟରେ ବୁଝାମଣା ରକ୍ଷା କରି କେତୋଟି ଉଲ୍ଲେଖନୀୟ ଆକ୍ରମଣ କରିଥିଲେ ମାତ୍ର ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରିନଥିଲେ। ଶନିବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ବାଲେଶ୍ୱର ଢେଙ୍କାନାଳ ବିପକ୍ଷରେ ୪-୦ ଗୋଲରେ ଏକ ତରଫା ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ଦ୍ୱିତୀୟ ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ସମାପ୍ତ ହେବାପରେ ଦ୍ୱିତୀୟର୍ଦ୍ଧରେ ବାଲେଶ୍ୱର ଦଳ ଯୋଜନାବଦ୍ଧ ଭାବେ ଆକ୍ରମଣ ରଚନା କରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୯ ତମ ମିନିଟରେ ଜଗନ୍ନାଥ ସୋରେନ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ କରିଥିବା ବେଳେ ୬୨ ତମ ଏବଂ ୬୯ତମ ମିନିଟରେ ରାଜୁ ସିଂହ ଦୁଇଟି ଗୋଲ ସ୍କୋର କରିଥିଲେ ଏବଂ ୮୦+୧ ମିନିଟରେ ବାଲେଶ୍ୱର ପକ୍ଷରୁ ୧୦ ନମ୍ବର ଖେଳାଳି ମଧୁ ସୋରେନ ଦଳ ପକ୍ଷରୁ ଆଉ ଏକ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୪-୦ କୁ ବୃଦ୍ଧି କରିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି କେନ୍ଦୁଝର ପୌରପାଳିକାର ନଗରପାଳ ଶ୍ରୀମତୀ ନିକୁ ସାହୁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ ଏବଂ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା, ବୀରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଉତ୍କଳମଣି ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଅରୁଣ ନାୟକ। ସେହିପରି ଦ୍ୱିତୀୟ ଖେଳରେ ଚକ୍ରଧର ଚାଟାର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇ ମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ।

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
**NirupanBhawan, 3rdFloor,Room No. 401,56-Set, Doranda,Ranchi-834002**

**e-Procurement ( Short Tender Notice )**
**Letter of Invitation (LOI) No.-12/2025-26, 2nd Call**
**e-Tender Ref No:–RCD/PID/RANCHI/12/2025-26 Date:-18.07.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Land Acquisition Proposal, Detailed Resettlement and Rehabilitation Proposal & Detailed Forest Diversion Proposal for widening and strengthening/reconstruction of Road from Kating More to Hurumbil via Samarjobra Dandudih Road(Tentative length-19.135Km) in the State of Jharkhand. *Only Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 19.135 Km |
| 3 | Period of Completion of Work | 30 Days |
| 4 | Cost of Tender documents& Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,05:30 PM |
| 7 | Online Last Date/Time of Bid Submission | 06.08.2025, 12:00 NOON |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division,RCD, Ranchi, Mob No.-9471650883 |
| 11 | Advertisement no. | PR 355574Road(25-26):D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

**Executive Engineer,**
**Planning & Investigation Division,**
**PR 357769 Road(25-26)#D Road Construction Department, Ranchi.**



## ବର୍ଷା ଗୀତି

✶ ସୁଜିତ କୁମାର ମିଶ୍ର

ତମେ ଗାଅ ଯେବେ ମିଠା ମିଠା ଗୀତ
ତାପିତ ପରାଣ ତୀରେ,
ଖୋଜେ ଏ ହୃଦୟ ତମ ପଣତକୁ
ଟୋପା ଟୋପା ବର୍ଷାଧାରେ ।
ବରଷା ରାଣୀ ଗୋ ବଧୂ ସାଜିବ କି
ବନ୍ଧୁ ସାଜିବ କୁହ ?
ଆଖିର ଲୁହକୁ ଦୁହେଁ ବାଣ୍ଟିନେବା
ବରଷିକି ମିଠା ମୋହ ।
ବର୍ଷା ଗୋ ତୁମେ ଦରଦୀ ଓଠର
ଭିଜାଭିଜା ହସଫୁଲ,
ଯାହାର ପରଶେ ହୁଏ ମୁଁ ହରଷେ
ସପନରେ ଝଲମଲ ।
ବରଷାରେ ସିନା ତମେ ଭିଜୁଥିଲ
ଅଧା ରହିଗଲି ମୁହିଁ,
କେମିତି କୁହତ କହିବି ଶ୍ରାବଣୀ
ତମେ ମୋର ପ୍ରୀତିନଈ ?
ମୁକୁଳା କରିଛି କେଶକୁ ମୋହର
ବରଷାରେ ଭିଜିଭିଜି,
ମାନ କି ନମାନ ତାହା ହିଁ ମୋହର
ପ୍ରତୀକ୍ଷାର ଚେରାପୁଞ୍ଜି ।
ଭାବରେ ଭିଜୁଛି ନିଜକୁ ହଜାଇ
ସାରାରାତି ବରଷାରେ,
ତମେ ଅଛି ବୋଲି ତୃଷା ତଟିନୀ
ମୁଁ ଛୁଇଁବାକୁ ସିନ୍ଧୁନୀରେ ।
ବରଷାରେ ଯେବେ ତମେ
ଭିଜୁଥାଅ
ମୋ ଦେହରେ ଶିହରଣ,
ବୋଧେ ସେଥିପାଇଁ ବସନ୍ତ ଋତୁର
ଅଦିନରେ ଆଗମନ ।

*ଜନାର୍ଦ୍ଦନପୁର ଶାସନ,କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ନିମନ୍ତ୍ରଣ

ସୁଦର୍ଶନ ମହାପାତ୍ର

ହ୍ୱାଟସ୍ ଆପରେ ଦେଖିଲି ଅସିତ୍ ର ମେସେଜ।

'ଶୁଭ ସନ୍ଧ୍ୟା। ତୁମେ ଜାଣିଛ ଯେ ପବିତ୍ର ରଥଯାତ୍ରା ଦିନ କଟକରେ ଆମର ନୂତନ ଗୃହ ପ୍ରତିଷ୍ଠା ଅନୁଷ୍ଠିତ ହେବାକୁ ଯାଉଛି। ସମସ୍ତଙ୍କୁ ସାଦର ନିମନ୍ତ୍ରଣ।' ମେସେଜ ତଳକୁ ଯଥାକ୍ରମେ ନମସ୍କାର, ଗୋଲାପ ଫୁଲ,ହସ ମୁହଁ ଏବଂ ଶେଷକୁ ଆଉ ଗୋଟିଏ ନମସ୍କାରର ଚିହ୍ନ। ଏଇ ମେସେଜଟି ଅସିତ୍‌ର କପି ଟୁ ଅଲ୍ ବୋଲି ବୁଝିଲି।

ଦୀର୍ଘଦିନ ପରେ, ଅନ୍ତତଃ ଦଶବର୍ଷ ପରେ ଏମିତି ଏକ ମେସେଜ ଅସିତ୍ ଠାରୁ ପାଇ ମୁଁ ଯେତିକି ଚକିତ ହେଲି ସେତିକି ଦ୍ୱନ୍ଦରେ ପଡିଲି।

ମୋର କ'ଣ କରାଯିବା ଉଚିତ୍ ଅସିତ୍‌ର ନିମନ୍ତ୍ରଣ ରକ୍ଷା କରାଯିବା ଠିକ୍ ହେବ କି ନାହିଁ ? ମୁଁ ସଂଶୟରେ ପଡ଼ିଲି। ସେ କଟକରେ ଜାଗା କିଣି, ଘର ତିଆରି କରି, ଗୃହ ପ୍ରତିଷ୍ଠା ଉତ୍ସବ କରିବାକୁ ବସିଲାଣି ଅଥଚ ମୁଁ ତା'ର ବିନ୍ଦୁ ବିସର୍ଗ ବି ଜାଣେ ନାହିଁ।

ଏଇ କଟକରେ ମୁଁ ଘର ତିଆରି କରି ରହିବା ଆଜକୁ ଦଶ ବର୍ଷ ହେବ ପ୍ରାୟ। ମୋ ଘର ଆରମ୍ଭ କରିବା ବେଳକୁ ଏଇ କଟକକୁ ତାଚ୍ଛଲ୍ୟ କରୁଥିବା ଅସିତ୍ ପୁଣି ଏବେ ନିଜେ ଏଇଠି ଘର ତିଆରି କରିବାଟା ମୋତେ ଆଚମ୍ବିତ କରିବା ସ୍ୱାଭାବିକ।

ଅସିତ୍ ମୋ ସହିତ ଭଲ ସଂପର୍କ ରଖିବାକୁ ଚାହୁଁ ଥିଲା ବୋଲି ମୁଁ ବେଶ ବୁଝିପାରିଥିଲି। ସମୟ ସମୟରେ ଆମ ହାଇସ୍କୁଲ ବ୍ୟାଚର ଗ୍ରୁପରେ ମୁଁ ପୋଷ୍ଟ କରିଥିବା କବିତାକୁ ତାଚ୍ଛଲ୍ୟ କରି ମନ୍ତବ୍ୟ ଦେବା ଯେମିତି ତା'ର ଗୋଟିଏ ସଉକରେ ପରିଣତ ହୋଇଯାଇଥିଲା। ଅଥଚ ଆଜି ତା'ର ଗୃହ ପ୍ରତିଷ୍ଠା ଉତ୍ସବ କୁ ମୋତେ ନିମନ୍ତ୍ରଣ କରି ମେସେଜ ପଠେଇବା କ'ଣ ଚମତ୍କାର କଥା ନୁହେଁ କି ?

ମନେ ପଡିଲା ଅତୀତ। ମଧ୍ୟବିତ୍ତ ଶ୍ରେଣୀର ପରିବାରରେ ବାପାଙ୍କ ସୀମିତ ଆୟରେ କିଛି ସହଯୋଗ ନକଲେ ଘରର ପରିସ୍ଥିତି ଆହୁରି ଖରାପ ହୋଇଯିବ ବୋଲି ଭାବି ମୁଁ ବ୍ୟତିବ୍ୟସ୍ତ ହୋଇ ପଡୁଥିଲି। ହେଲେ ମୋ ବେରୋଜଗାରୀ ପାଇଁ ବାପା ବୋଉଙ୍କ ମନର ଅଶାନ୍ତି କେବେ ମୁଁ ଉପଲବ୍ଧି କରିନଥିଲି।

ମୋର ସାଙ୍ଗମାନଙ୍କ ମଧ୍ୟରୁ ଅନେକ କିନ୍ତୁ ଭଲ ପୋଜିସନରେ ନିଜକୁ ଅବସ୍ଥାପିତ କରିସାରିଥିଲେ। ସେମାନଙ୍କ ମଧ୍ୟରୁ ମୋ ଠାରୁ ଖରାପ କ୍ୟାରିୟର ଥିବା ପିଲା ବି ଚାକିରି ପାଇ ସାରିଥିଲେ। ହେଲେ ବିଭିନ୍ନ ଚାକିରି ପାଇଁ ସବୁ ପ୍ରକାର ଚେଷ୍ଟା କରି ମୁଁ ଅସଫଳ ହୋଇଥିଲି ଏବଂ ଶେଷରେ ମାର୍କେଟିଂ ଜବ୍‌ରେ ପ୍ରବେଶ କରିଥିଲି ଅନନ୍ୟୋପାୟ ହୋଇ। ସେତେବେଳେ ଏଇ ଅସିତ୍ ହିଁ ମନ୍ତବ୍ୟ ଦେଇଥିଲା ନକରାତ୍ମକ ଢ଼ଙ୍ଗରେ।

ମୋର ପ୍ରଥମ ହେଡ କ୍ୱାର୍ଟର ରାଉରକେଲା। ବର୍ଷେ ପରେ ସମ୍ବଲପୁର। ସମ୍ବଲପୁରରେ ରହଣି ସାତବର୍ଷ ଭିତରେ ମୋର ଉପାଧି ଏରିଆ ମ୍ୟାନେଜରକୁ ଉନ୍ନତ ଏବଂ ତା'ପରେ କଟକକୁ ବଦଳି ହୋଇଥିଲା ରିଜିଓନାଲ ମ୍ୟାନେଜର ପଦବୀରେ। ଏଇ ସମୟ ମଧ୍ୟରେ ମୁଁ ମୋଟାମୋଟି ସାତଥର ଭଡାଘର ବଦଳାଇ ସାରିଥିଲି।

ବାପାଙ୍କ ସହିତ ପରାମର୍ଶ କରି କଟକରେ ଜାଗାଟିଏ କିଣିବାକୁ ମନସ୍ଥ କଲି। ଶେଷରେ କଟକ ସହର ନୁହେଁ ସଦର କଟକରେ ସ୍ୱଳ୍ପ ମୂଲ୍ୟରେ ଜାଗାଟିଏ କିଣିଲି। ସେଇ ଜାଗା ବଦଳରେ ବ୍ୟାଙ୍କରୁ କିଛି ଲୋନ ପାଇଲି ଏବଂ କୌଣସି ମତେ ଘର ଖଣ୍ଡିଏ କରିବାର ସ୍ୱପ୍ନ ପୂରଣ କଲି। ପୁଅ କଟକରେ ଘର କରିଛି ବୋଲି ବାପା ଯଚେଇ ହୋଇ ଗାଆଁରେ କହି ବୁଲୁଥିଲେ ଉତ୍‌ଫୁଲ୍ଲିତ ହୋଇ।

ଘର ତିଆରି ସରିଲା ପରେ ଘର ପ୍ରତିଷ୍ଠା ପାଇଁ ବାସ୍ତୁ ପୂଜା ବିଧି ପୂର୍ବକ କରାଇଥିଲି ଏବଂ ଏଇ ଶୁଭ ଅବସରରେ ପ୍ରସାଦ ସେବନ ପାଇଁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିଥିଲି।

ମୋ ନିମନ୍ତ୍ରଣ ରକ୍ଷା କରି କେତେଜଣ ବନ୍ଧୁ ଆସିଥିଲେ ତ ମନେ ନାହିଁ କିନ୍ତୁ ମନେଅଛି ଅସିତ୍‌ର ମେସେଜ।

' ଏକାଦଶାହ କିମ୍ବା ଗୃହ ପ୍ରବେଶ ଭୋଜିରେ କାହାର ନିମନ୍ତ୍ରଣ ରକ୍ଷା କରିବା ମୋର ପସନ୍ଦ ନୁହେଁ। କାରଣ ମୁଁ ମାଗଣା ଖିଆ ନୁହେଁ।'

ମୁଁ ଅସିତ୍ ଭଳି ସବୁ ବନ୍ଧୁଙ୍କୁ ଫୋନ୍ କରି ସାଦର ଆମନ୍ତ୍ରଣ ଜଣାଇଥିଲି । ସେତେବେଳେ ଅସିତ୍ ' ମୁଁ ବ୍ୟସ୍ତ ଅଛି,ପରେ କଥା ହେବା' କହି ଫୋନ୍ କାଟିଥିଲା ଏବଂ ଟିକିଏ ପରେ ଏମିତି ଏକ ମେସେଜ ପଠାଇଥିଲା।

ଏଇ ମେସେଜ ପାଇ ମୁଁ ସ୍ତବ୍ଧ ହୋଇ ଯାଇଥିଲି।ପାଠପଢା ତାରତମ୍ୟ ରେ ସାମାନ୍ୟ ଉପରକୁ ରହିଥିବା ମୋ ସ୍ଥାନକୁ ଅସିତ୍ ସେତେବେଳେ ସହି ପାରୁନଥିଲା ମୁଁ ଜାଣେ। ହେଲେ ଛାତ୍ର ଜୀବନର ସମୟ ବହୁ ଦିନରୁ ଅତିକ୍ରାନ୍ତ ହୋଇ ସାରିଥିଲା ଏବଂ ସେ ମୋ ଠାରୁ ଖୁବ୍ ଭଲରେ ଥିଲା। ତଥାପି ଏମିତି ଏକ ମେସେଜ ପଠାଇଥିଲା ଯାହା ମୋ ପାଇଁ ଦୁଃଖଦାୟକ ଥିଲା।

ମୁଁ କିନ୍ତୁ କୌଣସି ଉତ୍ତର ନଦେଇ ସେତେବେଳେ ମଧ୍ୟ ଚୁପ୍ ରହିଥିଲି।

ଏବେ ବରିଷ୍ଠ ନାଗରିକକୁ ଉତ୍ତୀର୍ଣ୍ଣ ହେବାର ପାଖାପାଖି ବୟସରେ ଆମ ବ୍ୟାଚ ପହଞ୍ଚିବାକୁ ଯାଉଛୁ। ଆଗରୁ ଥରେ ପଢିଥିଲେ ବି ଆଉଥରେ ନିମନ୍ତ୍ରଣ ର ମେସେଜଟିକୁ ପଢିଲି।

ଏତିକି ବେଳକୁ ମନକୁ ଆସିଲା ମେସେଜଟି ଠିକଣା ବିହୀନ ଘରର ପ୍ରତିଷ୍ଠା ଉତ୍ସବ। ଔପଚାରିକତା ଦୃଷ୍ଟିରୁ ମଧ୍ୟ ଅନୁପଯୁକ୍ତ। ସବୁଠୁ ବଡ କଥା ହେଲା ସେ ଫୋନ୍ କରି ଥରେ ନିମନ୍ତ୍ରଣ ରକ୍ଷା କରିବାକୁ ଉଚିତ୍ ମଣିନାହିଁ ।

ମୋତେ ମଉକାଟିଏ ମିଳିଗଲା ଯେମିତି। ଏମିତି ବି ମନେ ମନେ ଉପାୟଟିଏ ଖୋଜୁଥିଲି ଏ ନିମନ୍ତ୍ରଣକୁ ଅଗ୍ରାହ୍ୟ କରିବାପାଇଁ। ଅତଏବ ଚୁପ୍ ରହିଲି। ବିଶ୍ୱାସ ନହେଲେ ବି ନିମନ୍ତ୍ରଣ ରକ୍ଷା ନକରିଥିବାରୁ ଅସିତ୍ ଯଦି ଫୋନ୍ କରି ପଛରେ ପଚାରେ କ'ଣ ଉତ୍ତର ରଖିଲେ ଠିକ୍ ହେବ ବୋଲି ଭାବୁଥିଲି। ହେଲେ ଏମିତି କିଛି ଘଟଣା ଘଟିଲା ନାହିଁ।

ଦୁଇ ଦିନ ପରେ ଦେଖିଲି ଆମ ହାଇସ୍କୁଲ ବ୍ୟାଚର ଗ୍ରୁପରେ ଅସିତ୍‌ର ପୋଷ୍ଟ।

'ମୋର ନୂଆଘର ପ୍ରବେଶ ଖୁବ୍ ଭଲରେ ହୋଇଗଲା।'

ଜଣେ ସାଙ୍ଗ ତା ତଳକୁ ପୋଷ୍ଟ କଲା ' ମୋତେ ନିମନ୍ତ୍ରଣ କଲୁ ନାହିଁ ତ ?'

ଆଉଜଣେ ସାଙ୍ଗ ପୋଷ୍ଟ କଲା – 'କୃପଣତାର ଶେଷ ସୀମାରେ ପହଞ୍ଚି ସାରିଛୁ ତୁ । ଭୋଜିକୁ ନିମନ୍ତ୍ରଣ କରିବା ତୋ ଠାରୁ ଆଶା କରିବା ବୃଥା।'

ତା ତଳକୁ ମୋର ପୋଷ୍ଟ।

'ରିଟର୍ଣ୍ଣ ଗିଫ୍ଟ ନଥିବା ଭୋଜିକୁ କାହାକୁ ସାଦରେ ନିମନ୍ତ୍ରଣ କରାଯାଏ ନାହିଁ। ଯିଏ ନିଜ ତରଫରୁ ନୂଆ ଘରର ଠିକଣା ଖୋଜି ପହଞ୍ଚି ପାରିଲା, ସେ ନିଶ୍ଚିତ ଭାଗ୍ୟବାନ।'

ଆଉଥରେ ହ୍ୱାଟସ ଆପ୍ ମେସେଜ ବକ୍ସ ଖୋଜିଲା ବେଳକୁ ଅସିତ୍ ତା ପୋଷ୍ଟ କୁ ' ଡିଲିଟ ଫର୍ ଅଲ' କରିଦେଇଥିଲା।

*କୁଞ୍ଜବିହାରୀ ଲେନ କଟକ*
*ମୋ-୯୪୩୮୧୭୫୫୪୨*

## କବିତା ଗୁଚ୍ଛ

### କାଉଡ଼ି ମୁଁ କାନ୍ଧେ ନେଉଛି...

✶ ନଳିନୀ ଦାଶ

ଶ୍ରାବଣ ଆକାଶୁ ଝରୁଛି ବରଷା
କାଉଡ଼ିମୁଁ କାନ୍ଧେ ନେଉଛି
ହେ ଶିବ ଶଙ୍କର ନିଦ ଭାଙ୍ଗି ଉଠ
ଭକ୍ତି ଭାବ ମନେ ଜାଗିଛି ।
ଥରକୁ ଥରଯେ ବିଜୁଳି ମାରୁଛି
ଘଡଘଡି ବାଜା ବାଜୁଛି
କଳସୀରେ ଭରି ପୁଣ୍ୟ ଗଙ୍ଗାଜଳ
ବରଷା ଜଳରେ ଭିଜୁଛି ।
ଅରଖ ଗୟସ ଚମ୍ପା କନିଆର
କେତକୀ ଫୁଲ ମୁଁ ଆଣିଛି
ବଉଳ ଫୁଲରେ ମାଳ ଶହେଆଠ
ବେଲପତ୍ର ଗୁନ୍ଥି ଗଣିଛି ।
ଦୁଇ କଳସୀରେ ଶ୍ରୀଫଳ ରଖିଛି
ଗେରୁଆ ବସନ ପିନ୍ଧିଛି
ଶିବ ପଞ୍ଚାକ୍ଷର ତୁଣ୍ଡରେ ଜପୁଛି
ବାହାଙ୍ଗିରେ ଘଣ୍ଟି ବାନ୍ଧିଛି ।
ଗାଈ କ୍ଷୀର ଟଭା ନୈବେଦ୍ୟ ଆଣିଛି
ଦୁଃଖ ଜଣାଇବି ଆସିଛି
ଧ୍ୟାନ ଭାଙ୍ଗି ଉଠ ହେ ଭୋଳାଶଙ୍କର
ତୁମର ମନ୍ଦିରେ ବସିଛି ।
ପାଣି ଢାଳିଦେବି ମଥାରେ ତୁମର
କାଉଡି ଯାତରା ଲାଗିଛି
ମାନସିକ ମୋର ପୂରଣ କରହେ
ତୁମର ଆଶିଷ ମାଗୁଛି ।
ପାରିକର ମୋତେ ପ୍ରଭୁ ମହେଶ୍ୱର
ଦୂରୁ ଚାଲି ପାଦେ ଆସିଛି
କାଉଡିଆଙ୍କର ନୃତ୍ୟ ଗୀତ ସ୍ୱରେ
ତୁମର ମନ୍ଦିର ହସୁଛି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ -୯୨୩୮୯୯୬୬୪୯

### ନାଆଁଟି ମୋର ଫୁଲ

✶ ଧୀରେନ୍ଦ୍ର ମଲ୍ଲିକ

ନାଆଁ ଟି ମୋର ଫୁଲ
ହେଲେ ମୁଁ ଅଟେ ନାନା ଜାତିର
ଭାରି ଶସ୍ତା ମୋ ମୂଲ,

କଢ଼ରୁ ଯେବେ ଫୁଟେ
ସକାଳ ହେଲେ ମୋଗଛ ପାଖେ
ବାସନା ଭାରି ଛୁଟେ,,

ନାହିଁ ଆପଣା ପର
ସମସ୍ତେ ମତେ ତୋଳି ନିଅନ୍ତି
ଦେଇ ସେନେହ ଝର,,

ମନ୍ଦିର ଯାଏ ନିତି
ପ୍ରଭୁଙ୍କ ସେବା ଧରମେ ମୋର
ଜୀବନ ଯାଏ ବିତି।

ପଡ଼େ ସବୁଠି ଖୋଜା
ପୂଜା ହେଉକି ପରବ ହେଉ
ହେଉବା ଘର ସଜା,,

ଗରବ ଟିକେ ନାହିଁ
ଦିଶଇ ବୋଲି କେଡ଼େ ସୁନ୍ଦର
ଥାଆନ୍ତି ସବୁ ଚାହିଁ...

*ନୀଳକଣ୍ଠପୁର, ମଙ୍ଗଳପୁର*
*ଯାଜପୁର*
*ମୋ-୭୯୦୪୩୯୨୬୮୬*

### ଭୁଲ୍

✶ ଡ଼. ଦୀପକ କୁମାର ମିଶ୍ର

କ'ଣ ବା ଭୁଲ୍ ଥାଇପାରେ
ହୃଦୟକୁ ହାତରେ ଧରି ସିଧା ଚାଲିବାରେ
ଘୋର ଅବିଶ୍ୱାସରେ ଅଣନିଶ୍ୱାସୀ
ହୋଇ ପଡ଼ିଥିବା
ଗୁମସୁମ ଗହନ ରାସ୍ତାରେ।

ସ୍ଫଟିକ ହୃଦୟଟିତ ସ୍ୱଚ୍ଛ କାଚ ପରି
ନିର୍ମଳତାର ଆବରଣରେ ମୁରୁକି ହିଁ ହସେ
ଉଭୟ ଆଲୁଅ ଓ ଅନ୍ଧାରକୁ କୋଳେଇନେଇ
ନିଃସର୍ତ୍ତରେ କାରାବରଣ କରେ
ଯୁକ୍ତିହୀନ ତମିସ୍ରାର କଠୋର ହାତରେ
ଭେଦଭାବର ତାରତମ୍ୟକୁ ତରଳେଇ
ଗେଲକରେ ନିର୍ଭୁଲ୍ ଭଲପାଇବାର
ଆଦ୍ୟ ଓ ଶେଷ ଅକ୍ଷରକୁ ।

ମଣିଷକୁ ବିଶ୍ୱାସ କରିବା ଯଦି ଭୁଲ୍
ପ୍ରେମକୁ ସହଜ ମାନିନେବା ଯଦି ଭୁଲ୍
ସତର ଆଡ଼ିବନ୍ଧରେ ଛିଡ଼ା ହୋଇ
ସମୟର ନିର୍ଦ୍ଦୟତାକୁ ପ୍ରତିପାଦନ କରୁଥିବା
ବୁଦବୁଦମାନଙ୍କୁ ଲକ୍ଷ୍ୟ କରି
ଟେକାଟିଏ ଫୋପାଡ଼ିବା ଯଦି ଭୁଲ୍
ସେ ଭୁଲ୍ ଗୁଡ଼ିକୁ ମୁଁ ବାରବାର କରିବି
ତୀର୍ଯ୍ୟକ୍ ତର୍ଯ୍ୟମାର ତଲୱାର ସମ୍ମୁଖରେ
ନିଜ ବେକକୁ ଦେଖାଇ ।

ଭାବୁଚି କ'ଣ ଅବା ଭୁଲ୍ ରହିଗଲା
ନିଥର ପଥରକୁ ଈଶ୍ୱର ଭାବିବାରେ
ଯଦିଓ ସଂଶୋଧନ କରିପାରିନି ନିଜକୁ
ମସୁଧାପୂର୍ଣ୍ଣ ଜୀବନ ସୌଦାରେ
ଶେଷରେ ସମସ୍ୟା ଓ ସମାଧାନ ଭିତରେ
ଛିଡ଼ା ହୋଇ ହାତ ଟେକିଦେଲି
ଶୂନ୍ୟତାର ଗମ୍ଭିରି ଘରକୁ
ସମର୍ପଣର ଉଦାର ମନରେ।

ଅବଶ୍ୟ ଭୁଲ୍ ଥିଲା ମୋର
ତମକୁ ତନଖି ନକରି ହୃଦୟ ଦେବାରେ
ତେଣୁ ତ
ମୁଁ ଏବେ ଅଣବସରରେ
କିଳିଦେଇ ଆପଣାକୁ ଆପଣା ଭିତରେ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

### ଶିକ୍ଷାୟତନକୁ ଶନିଦଶା

✶ ପ୍ରସନ୍ନ କୁମାର ଶତପଥୀ

ଶିକ୍ଷାୟତନରେ ଧ୍ୱଜା ଉଡୁଅଛି
ଆମ୍ଭେ ସବୁ ସୁଶିକ୍ଷିତ
ଶନିଦଶା ଆଜି ଘୋଟିଛି ତାହାକୁ
ସଭ୍ୟ ସମାଜର ମଥାନତ।
ଭବିଷ୍ୟତ ଗଢା ମନ୍ଦିର ଟି ଆଜି
ପିନ୍ଧିଛି କଳଙ୍କ ଟୀକା
ପବିତ୍ର ସମ୍ପର୍କେ କଳଙ୍କର ଛିଟା
ସହି ହୁଏ ନାହିଁ ଜମା।
ଭୂଲୁଣ୍ଠିତ ଆଜି ଶିକ୍ଷା ବ୍ୟବସ୍ଥାଟି
ବ୍ୟବସାୟ ଏଠି ଚାଲେ
ଭବିଷ୍ୟତ ଆଜି ଅନ୍ଧକାର ସାଜେ
ସଂସ୍କାରିତ ଶିକ୍ଷା ଅବହେଳେ।
ସ୍ୱର୍ଣକାତର ଏ ଅବୋଧ୍ୟ ସଂକେତ
ଲଙ୍ଘିଯାଏ ଅକ୍ଷାଂଶ ଓ ଦ୍ରାଘିମା
ଗୁରୁ ପୂଜନରେ କମ୍ପୁଛି ଏ ଦେଶ
ଗୁରୁଙ୍କ ଲୋଲୁପ ଦୃଷ୍ଟି
ଛାତ୍ରୀଙ୍କ ସାନ୍ନିଧ୍ୟ ପାଇବା ପାଇଁକି
କି ବ୍ୟାକୁଳ ତାଙ୍କ ଆଖି।
ଶୃଙ୍ଖଳାର ଜ୍ଞାନ ହଜିତ ଗଲାଣି
ସଭିଏଁ ଅମଡା ବାଟେ
ବିପରୀତ ଦିଗେ ସଭିଙ୍କର ଗତି
ସ୍ରଷ୍ଟାଙ୍କୁ ପ୍ରତ୍ୟେକ୍ଷେ ବାଧେ।
ଛି ଛି ବୋଲି ଥରେ କହିଦେଲେ
କୁକୁର ପିଏନା ଜଳ
କେଉଁ ଉପାଦାନେ ଗଢା ତୁମ ମନ
ତୁମେ ଏତେ ଉଚ୍ଛୃଙ୍ଖଳ
ଜୀବନ ହାରିଲା ନିରୀହ ଛାତ୍ରୀଟି
ଅକାଳରେ ଗଲା ଚାଲି
ସବୁ ସ୍ୱପ୍ନ ତାର ଅଧା ରହିଗଲା
ନପାରିବେ କେହି ଭୁଲି।
ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
ଇତିହାସ ହେବ କାଲି।
ବେଳ ହୁଁ ସଭିଏଁ ସାବଧାନ ହୁଅ
ଭବିଷ୍ୟତ ପିଢି ପାଇଁ
ଅରାଜକତା ଟି ନିଶ୍ଚୟ ବ୍ୟାପିବ
ଅଥୟ ହୋଇବ ମହୀ।

ବଲାଙ୍ଗୀ, ମୋ-୯୯୩୮୪୩୩୦୪୮

### ପ୍ରେମ ବାଣ୍ଟ

✶ ଦୀପକ କୁମାର ନାୟକ

ଦୁଇଦିନ ପାଇଁ ଆସି ସଂସାରକୁ
କାହିଁ ଏତେ ଗର୍ବ କର
ଏଇ ଗର୍ବ ଦିନେ ତୁମକୁ କରିବ
ଏ ସଂସାରେ ଛାରଖାର ।।
ରାବଣ ବି ଦିନେ ତୁମ ପରି ଗର୍ବ
କରୁଥିଲା କେତେ କଣ
ରାବଣର ଗର୍ବ ପାଇଁ ରହିଲେ ତା
ପରିବାରେ କେତେ ଜଣ ।।
ଏଇଥିରୁ କିଛି ପାଇଲ ନାହିଁରେ
ଶିକ୍ଷା ତୁମେ ମୂର୍ଖ ଗଣ
ଭଲ ମନ୍ଦ କିଛି ବିଚାର ନକରି
ଗର୍ବ କର କେତେ କଣ ।।
ଦୁଇ ଦିନ ପାଇଁ ଆସି ସଂସାରକୁ
ଗର୍ବ କରିବି ମୁଁ କାହିଁ
ଆଜି ମରିଗଲେ କାଲିକି ଦିଦିନ
ଗର୍ବ କରି ଲାଭ ନାହିଁ ।।
ରହିନାହିଁ କେହି ରହିବେ ନାହିଁରେ
ଏ ସଂସାରେ ଚିରଦିନ
ଗର୍ବ ଛାଡ଼ି ପ୍ରେମ ବାଣ୍ଟ ଦୁନିଆଁକୁ
ବଞ୍ଚିଥିବ ଯେତେଦିନ
ବଞ୍ଚିଥିବ ଯେତେଦିନ ।।
ଗଣ୍ଡାନାଳୀ ,ହିନ୍ଦୋଳ,ଢ଼େଙ୍କାନାଳ
ମୋବାଇଲ୍ -୮୬୩୭୨୬୧୮୨୮

### ତୁମ କଥା ମନେ ପଡିଲେ

✶ ଗୋଲୋକ ବିହାରୀ ବେହେରା

ତୁମ କଥା ସଖୀ ମନେ ପଡିଗଲେ
ଗୋଧୂଳି ସଞ୍ଜ ଆସେ,
ଆଷାଢ଼ ଅନ୍ଧାରେ ମେଘ ଗରଜନେ
ତୁମ ସ୍ମୃତି ହୃଦେ ଭାସେ ।

ତୁମ ବକ୍ଷୋଜର ନିବିଡ଼ତା ମାପି
ନାଭି ଗଭୀରତା ଦେଖେ,
ନିଟୋଳ ଜାନୁର ଶଙ୍ଖ ଶୁଭ୍ରତା
କାମଦେବ ଶର ଯୋଖେ ।

ତୁମକୁ ଦେଖିଲେ ସ୍ମୃତିଶକ୍ତି ମୋର
କିମ୍ବା ଲୋପ ପାଇଯାଏ,
ମାସ ଓ ତାରିଖ ମନେ ପଡ଼େନାହିଁ
ଟଙ୍କା ଗଣେ ଭୁଲ ହୁଏ ।

ଅସୁନ୍ଦର ବସ୍ତୁ ମନୋରମ ଦିଶେ
ତୁମେ ପାଶେ ଯଦି ଥାଅ,
ଭରା ଆଷାଢର କଦମ୍ବ କୁସୁମ
ମଥାରେ ଝରାଇ ଦିଅ ।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ*
*ଷଡ଼ଙ୍ଗୀ, ଢେଙ୍କାନାଳ*
*ମୋ : ୯୯୩୮୩୦୩୦୪୬*

### ତୁମକଥା ମନେପଡେ

✶ ରମାକାନ୍ତ ଦାସ

ତୁମକଥା ମନେପଡେ.....
ଅନ୍ଧାର ରାତ୍ରିର ନିଶବ୍ଦ ପ୍ରହରରେ
ଝରା ଶେଫାଳୀର ବାସ୍ନାରେ
ତରାମାନଙ୍କ ଚିକିମିକି ଆଲୋକରେ ।।

ତୁମକଥା ମନେପଡେ......
ମୋ ସ୍ୱପ୍ନର ଅଧାଦେଖା ହାଇରେ
ସରିଯାଉଥିବା ପାହାନ୍ତିଆ ପ୍ରହରରେ
ଆଖିର ଅଛପା ଲୁହର ବର୍ଷାରେ ।।

ତୁମକଥା ମନେପଡେ.......
ଚଳଚଞ୍ଚଳ ମନର ଅଜବ ନିଶ୍ୱାସରେ
କାକାର ଭିଜା ଭିଜା ଶୀତ ସକାଳରେ
ଶରତ ସନ୍ଧ୍ୟାର ଗୋଧୂଳି ଲଗନରେ ।

ତୁମକଥା ମନେପଡେ.......
ଭିନ୍ନ ଭିନ୍ନ ଭାବନାରେ
ଛାତିର ଅକୁହା ଯନ୍ତ୍ରଣା ଭିତରେ
ଆଖିରୁ ଝରୁଥିବା ଅମାନିଆ ଲୁହରେ ।।

ତୁମକଥା ମନେପଡେ......
ତୁମ ସ୍ମୃତିର ମହକରେ
ଅଚିହ୍ନା ଅବୋଧ ମୁହୂର୍ତ୍ତରେ
କେବେ ଏକାନ୍ତରେ ତ
ପୁଣିକେବେ ଅଜସ୍ର ଭିଡ଼ ଭିତରେ ।।

ନନ୍ଦିଗ୍ରାମ ,ନାଉଗାଁ ,ଜଗତସିଂହପୁର
ମୋ-୯୬୬୮୮୧୫୩୬୯

### ଏହି ଅଳି ଶ୍ରୀଚରଣେ......

✶ ରାମଚନ୍ଦ୍ର ବେହେରା

ତୁମେ ମୋର ଆଶା ତୁମେ ମୋର ଭାଷା
ତୁମେ ମୋର ଅନ୍ତଃଜ୍ଞାନ
ତୁମେ ମୋର ଧନ ତୁମେ ମୋର ମାନ
ପ୍ରଭୁ ମଦନମୋହନ।

ତୁମେ କୋଟିହୃଦ ମଉଡମଣି ହେ
ଦୁଃଖହାରୀ ଦାରୁବ୍ରହ୍ମ
ଗର୍ବ ଅହଂକାର ଲୀନ କର ପ୍ରଭୁ
ହସିଉଠୁ ଧରା ଧାମ।

ଅସୀମ ଅନନ୍ତ ଅନ୍ତର୍ଯ୍ୟାମୀ ନାଥ
ଭକତ ବତ୍ସଳ ହରି
ଦୁଃଖୀଂକ ଆରତ କର କର୍ଣ୍ଣପାତ
ଢାଳି କରୁଣାର ବାରି।

ବିନମ୍ର ପ୍ରଣତି ଘେନିବ ଶ୍ରୀପତି
ନଜାଣଇ ପୂଜାବିଧି
ତବ ନାମ ସ୍ମରି ଦୁଃଖ ହେଉ ଦୂର
ସର୍ବେ ମିଳୁ ସର୍ବସିଦ୍ଧି।

ନୀଳ କନ୍ଦରର ହେ ପରମେଶ୍ୱର
ବିରାଜି ସର୍ବ ସର୍ବତ୍ର
ଦୋଷ ଦୂର କର ସାଜି ଆପଣାର
ଆତ୍ମାକୁ କର ପବିତ୍ର।

ହେ ପୁରୁଷୋତ୍ତମ ପ୍ରଭୁ ତ୍ରିବିକ୍ରମ
ଏହି ଅଳି ଶ୍ରୀଚରଣେ
ଝରିପଡୁ ତୁମ ଆଶିଷର ଧାରା
ଶାନ୍ତି ମିଳୁ ଦୀନଜନେ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

### ଶ୍ରାବଣ ଆସିଛି

✶ରାଧାରାଣୀ ପଟ୍ଟନାୟକ

ଶ୍ରାବଣ ତୁ ଆସିଛୁ ରିମ୍ ଝିମ୍ ନାଚରେ
ଅବୁଝା ମନଟି ମୋର ଝୁରେ ତୋର ସ୍ମୃତିରେ
ସୁନ୍ଦରୀ ଶ୍ରାବଣ ଲୋ ତୋ ମନ ଲୋଭା ରୂପେ
ଚୋରାଇ ନେଲୁ ଲୋ ମତେ ତୋ ପ୍ରେମ ର ସ୍ତୁପେ ।

ବରଷୁ ବରଷୁ ଯେବେ ଚମକେ ବିଜୁଳି
ତୋ କୋଳରେ ପଶେ ମୁହିଁ ହୋଇ ଲୋ ବାଉଳି ।

ଧାରା ଶ୍ରାବଣ ଟି ମତେ ନୁଆଁ ନୁଆଁ ଲାଗେ
କଲମଟି ଚାଲେ ମୋର କେତେ ନୁଆଁ ଢଙ୍ଗେ ।

ଚମକାଇ ଦେଇ ତୁହି ଆସିବ ଛଟକେ
ଫୁଲେଇ ଶ୍ରାବଣ ତୁଲୋ ନାଚୁ ମୋ ନିକଟେ ।

ପାଗଳ ହେଲିଣି ମୁଁ ଯେ ତୋ ରିମ୍ ଝିମ୍ ଚାଲିରେ
କବିତା ଲେଖୁଛି ବସି ତୋ ସ୍ୱପ୍ନ ସାଥିରେ
ରିମ୍ ଝିମ୍ ତାଳ ଦେଇ ତୁ ମାଟିରେ ନାଚିଲେ
ମନ ଉଲୁସି ଉଠେ ମୋର କଲମ ଯେ ଚାଲେ ।।

*ଚନ୍ଦନ ନଗର, ବରଗଡ଼*
*ମୋ- ୮୯୧୭୨୩୭୧୩୭*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ଉମରକୋଟ, (ଭାସ୍କର ନ୍ୟୁଜ୍): ଜଣେ ଗୁରୁତର ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି ଉମରକୋଟ ପୌର ଅଧ୍ୟକ୍ଷଙ୍କ ସ୍ୱାମୀ। ମିଳିଥିବା ସୂଚନା ଅନୁସାରେ ଉମରକୋଟ ସହରର ଭିତର ଗଡ଼ ସାହିର ଭୁବନେଶ୍ୱର ପାଇକ ଦୁଇଦିନ ତଳେ ଗୁରୁତର ଅବସ୍ଥାରେ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଉକ୍ତ ରୋଗୀଙ୍କ ହିମୋଗ୍ଲୋବିନ କମ ଥିବା ଦେଖି ଡକ୍ଟର ରକ୍ତର ଆବଶ୍ୟକତା ଥିବା ନେଇ ରୋଗୀଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ରୋଗୀଙ୍କୁ ଖ ପଜେଟିଭ ରକ୍ତ ଆବଶ୍ୟକତା ରହିଥିଲା ସ୍ଥାନୀୟ ରକ୍ତଭଣ୍ଡାର ଠାରେ ଏହି ଗ୍ରୁପର ରକ୍ତ ଉପଲବ୍ଧ ନଥିବାରୁ ଅନେକ ଖୋଜାଖୋଜି କରିବା ପରେ ଉମରକୋଟ ପୌରାଧ୍ୟକ୍ଷଙ୍କ ସ୍ୱାମୀ ଲୟୋଦର ମାଝୀଙ୍କ ରକ୍ତ ଖ ପଜିଟିଭ ହୋଇଥିବାରୁ ସମାଜସେବୀ ଲୟୋଦର ମାଝୀ ସ୍ୱଇଚ୍ଛାରେ ପୌରାଧ୍ୟକ୍ଷ ରାଧା ଭତ୍ରା ଓ ୱାର୍ଡ ମେମ୍ବର ମନୋଜ କୁମାର ନାୟକ, ଯୁବ ସମାଜ ସେବୀ ଅଭିଷେକ ବେହେରାଙ୍କ ସହ ଚିକିତ୍ସାଳୟ ଆସି ରକ୍ତଦାନ କରିଥିଲେ। ରକ୍ତ ପାଇବା ପରେ ଭୁବନେଶ୍ୱରଙ୍କ ସ୍ୱାସ୍ଥ୍ୟ ବସ୍ଥା ଉନ୍ନତି ଘଟିଛି ଓ ପରିବାର ଆଶ୍ୱସ୍ତି ଅନୁଭବ କରିଛନ୍ତି। ସମାଜସେବୀ ଲୟୋଦର ମାଝୀଙ୍କ ଏହିଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



# ଐତିହ୍ୟ ସମ୍ପନ୍ନ ବାରୁଣୀ ପୋଖରୀ ଦଳ ପରିପୂର୍ଣ୍ଣ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଗାପେଡ଼ା ପଞ୍ଚାୟତ ଅଧୀନ ରହିଛି ଗ୍ରାମର ଶେଷଭାଗକୁ ଗଙ୍ଗାମାତା ମନ୍ଦିର ରହିଛି। ଏହି ମନ୍ଦିର ସମ୍ମୁଖରେ ରହିଛି ଏତିହ୍ୟ ସମ୍ପନ୍ନ ଏକ ବାରୁଣି ପୋଖରୀ। ଏହି ବାରୁଣି ପୋଖରୀକୁ ନେଇ ରହିଛି କିଛି କିମ୍ବଦନ୍ତୀ। ତିହିଡ଼ି ଗ୍ରାମ ମେତ ଆଖପାଖ ଅଂଚଳର ଲୋକମାନେ ବିବାହ, ବ୍ରତ ବେଳେ ପୋଖରୀ ନିକଟକୁ ଆସି ଶୁଭକାର୍ଯ୍ୟ ପାଇଁ ମଂଗଳ କାମନା କରିଥାନ୍ତି। ସେତେବେଳେ ପୋଖରୀରୁ ଅଲୌକିକ ଭାବେ କିଛି ବାସନ କୁସନ ପୋଖରୀରେ ଭାସିଉଠେ। ଏହି ବାସନକୁସନକୁ ନେଇ ଲୋକମାନେ ବିବାହ ଓ ବ୍ରତ କାର୍ଯ୍ୟରେ ଲଗାଇ ପୁଣି ପୋଖରୀରେ ଭସାଇ ଦିଅନ୍ତି ବୋଲି ଲୋକକଥା ରହିଛି। ଏହି ପୋଖରୀରେ ଏବେ ଦଳ ପରିପୂର୍ଣ୍ଣ ହୋଇଯାଇଛି। ଯାହାଫଳରେ ପୋଖରୀର ପାଣି ବ୍ୟବହାର ଉପଯୋଗୀ ହୋଇ ପାରୁନଥିବା ବେଳେ ବିବାହ ବ୍ରତ ସମୟରେ ଲୋକମାନଙ୍କର ମଙ୍ଗଳ କାମନା ପାଇଁ ମଧ୍ୟ ଆଗପରି ବାସନକୁନସ ଭାସିବା ହୋଇପାରୁ ନାହିଁ। ଏଠାରେ ହରିପୁର ଗ୍ରାମର ସ୍ୱର୍ଗତ ଗୋଲକ ଜେନା (କେଲା) ନାମକ ଜଣେ ବ୍ୟକ୍ତି ଗଂଗାମାତା ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ଗଂଗାମାତା ମନ୍ଦିରଥିବା ସ୍ଥଳଟି କେଳାବାରୁଣି ନାମରେ ପ୍ରସିଦ୍ଧ ହୋଇଛି। ଦୀର୍ଘ ଶହେବର୍ଷ ଧରି ଏଠାରେ ମାର୍ଚ୍ଚ ମାସରେ ବାରୁଣି ଯାତ୍ରା ଅନୁଷ୍ଠିତ ହୋଇଥାଏ। ସ୍ଥାନୀୟ ଆଖପାଖ ଅଂଚଳରୁ ବାରୁଣିମେଳା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଯାତ୍ରୀମାନେ ପୋଖରୀ ପାଣିକୁ ବ୍ୟବହାର କରିଥାନ୍ତି। ଗତ କିଛିବର୍ଷ ପୂର୍ବେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ ଗଂଗାମାତାଙ୍କ ପକ୍କା ମନ୍ଦିର ନିର୍ମାଣ କରିଥିବା ବେଳେ ତାଙ୍କ ସୁପୁତ୍ର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପୋଖରୀର ପୁନରୁଦ୍ଧାର କରି ଘାଟ ନିର୍ମାଣ କରିବା ସଙ୍ଗେସଙ୍ଗେ ମନ୍ଦିର ନିକଟରେ ବିଜୟଶ୍ରୀ କଲ୍ୟାଣ ମଣ୍ଡପ ଓ ଏକ ଶିଶୁ ଉଦ୍ୟାନ ମଧ୍ୟ କରିଛନ୍ତି। ଏହିସବୁ କାର୍ଯ୍ୟ ରାଜନେତା ତଥା କମିଟି ସଦସ୍ୟ ବାପୁଜୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। କଲ୍ୟାଣ ମଣ୍ଡପରେ ଅଧିକାଂଶ ସମୟରେ ଶୁଭକାର୍ଯ୍ୟ ସହିତ ବିଭିନ୍ନ ସମୟରେ ସଭା ସମିତି କରାଯାଉଛି। ବାରୁଣି ପୋଖରୀଟି ଦଳପରିପୂର୍ଣ୍ଣ ହୋଇଥିବାରୁ ମନ୍ଦିର ପରିବେଶ ଦୃଷିତ ହୋଇପଡୁଛି। ଏଥିସହିତ ପୋଖରୀ ଦଳପୂର୍ଣ୍ଣ ହୋଇଥିବାରୁ ପଥଚାରୀ ମାନଙ୍କର ଆବଶ୍ୟକ ବ୍ୟବହାରରେ ଲାଗି ପାରୁନାହିଁ। ଗଙ୍ଗାମାତାଙ୍କ ମନ୍ଦିର ପରିସରରେ ଥିବା ଶିଶୁ ଉଦ୍ୟାନଟିଅଧାପରିଆ ହୋଇ ପଡ଼ିରହିଛି। ଏହି ଶିଶୁ ଉଦ୍ୟାନଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଞ୍ଚଳର ପିଲାମାନେ ଉପକୃତ ହୋଇପାରନ୍ତେ। ଏହି ଐତିହ୍ୟ ବୈଦିକ ପୌରାଣିକ ସହିତ ବାରୁଣି ପୋଖରୀର ଉନ୍ନତି ନିମନ୍ତେ ପ୍ରଶାସନ ତୁରନ୍ତ ଦେବାକୁ ଗଂଗାମାତା ପୂଜା କମିଟି ସଭାପତି ପ୍ରଭାତ କୁମାର ରାଉଳ, ସମ୍ପାଦକ ବିଷ୍ଣୁ ଚନ୍ଦ୍ର ଦାଶ, ସଦସ୍ୟ ପାର୍ଥସାରଥୀ ନାୟକ, ଗଣେଶ ଚନ୍ଦ୍ର ଜେନା, ସର୍ବେଶ୍ୱର ନାୟକ, ମନୋରଞ୍ଜନ ବେହେରା ପ୍ରମୁଖ ଦାବି କରିଛନ୍ତି।

## କଳା ପଲସର ଲୁଟେରା ଆତଙ୍କ

# କେନ୍ଦୁଝରରେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଡହଲରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଛି। ବାମଦେବ ଦାଶଙ୍କ ପତ୍ନୀ ମୋହିନୀ ଦାଶ(୬୦) ଶୁକ୍ରବାର ସକାଳ ୮ଟା ସମୟରେ ଘର ଅଗଣାରେ ବସିଥିବାବେଳେ ଏକ ନମ୍ବର ବିହୀନ ପଲସର ଗାଡିରେ ଦୁଇଜଣ ଲୋକ ଆସି ତାଙ୍କ ବେକରୁ ସୁନା ଚେନ ଲୁଟ କରି ଫେରାର ହୋଇଯାଇ ଥିଲେ। ପୋଲିସ ସୂଚନା ପାଇ ବିଭିନ୍ନ ସ୍ଥାନରେ ରାସ୍ତାରେ ଯାଂଚ କରିଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ସୂଚନା ଯୋଗ୍ୟ ଯେ, ଗତ ବୁଧବାର ସନ୍ଧ୍ୟାରେ କେନ୍ଦୁଝର ସହରରେ କଳା ପଲସର ଲୁଟେରାମାନେ ସହରର ଏକାଧିକ ସ୍ଥାନରୁ ମହିଳାଙ୍କ ବେକରୁ ସୁନାହାର ଲୁଟି ନେଇଛନ୍ତି। ଲୁଟେରା ଗ୍ୟାଙ୍ଗ ଗତ ୩ ଦିନ ମଧ୍ୟରେ ସିରିଜ୍ ଲୁଟ୍ କରି ପୁଲିସ ପାଇଁ ଚିନ୍ତାର କାରଣ ହୋଇଛନ୍ତି। ବୁଧବାର ଦିନ କେନ୍ଦୁଝର ସହରର ଡିଏନ୍ ହାଇସ୍କୁଲ, କାଶୀପୁର, ମଣ୍ଡୁଆ, ମାଇନିଂ ରୋଡ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ବାଇକ୍‌ରେ ଆସି ଅପରାଧୀମାନେ ମହିଳାଙ୍କ ବେକକୁ ଟାର୍ଗେଟ କରି ହାର ଲୁଟି ନେଇଥିବାବେଳେ ପୁଣି ଆଜି ବଡହଲରୁ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟିବା ପରେ ସହରରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଗତ ତିନିଦିନରେ ଏକାଧିକ ଲୁଟ କୁ ନେଇ ସମଗ୍ର ସହରରେ ଆତଙ୍କ ଖେଳି ଯାଇଥିବା ବେଳେ ଲୋକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କେନ୍ଦୁଝର ସହର ଏବଂ ଏହାର ନିକଟବର୍ତ୍ତୀ ଅଂଚଳ, ସାର୍ବଜନୀନ ସ୍ଥାନ, ରାସ୍ତା, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସ୍ଥାନରେ ସିସିଟିଭି ବ୍ୟବସ୍ଥା କରିବାକୁ ଦାବୀ ହେଉଛି। ବିଶେଷ କରି କେନ୍ଦୁଝର ସହର ନିକଟବର୍ତ୍ତୀ ନରସପୁର, ମଣ୍ଡୁଆ, ଡିମ୍ବୋ, ଗୋବିନ୍ଦପୁର, ମାଇନିଂ ରୋଡ, ବଡ଼ବଳ, ଗୁମୁରା, ମାଧପୁର ଛକ, ବେଲଦା, ଶଙ୍କରପୁର, ଘୁଟୁରୁ, କୁଡିଆ, ଧାଙ୍ଗରପଡା, ଧୂପଦା, ବାଲିଆଗୋଡା, ରାଇସୁଆଁର ମୁଖ୍ୟ ରାସ୍ତାରେ ସିସି କ୍ୟାମେରା ଲଗାଯିବା ଆବଶ୍ୟକ ହୋଇପଡିଛି। ଲୋକଙ୍କ ସୁରକ୍ଷା ଏବଂ ନିରାପତ୍ତା ବୃଦ୍ଧି ପାଇଁ ସିସିଟିଭି ବ୍ୟବସ୍ଥା ସହରର ପ୍ରମୁଖ ସ୍ଥାନରେ ଲଗାଇବାକୁ ଦାବି ହୋଇଛି।

## ମଦ୍ୟପ ସ୍ୱାମୀ ଦ୍ୱାରା ସ୍ତ୍ରୀକୁ ହତ୍ୟା



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଘରୋଇ କଳିକୁ କେନ୍ଦ୍ର କରି ନିଜ ସ୍ତ୍ରୀକୁ ପିଟି ପିଟି ମାରିଦେଲା ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ଯଶିପୁର ଥାନା ମଣଦା ଗାଁ ନାଏକ ସାହିରେ। ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନିଶା ଶକ୍ତ ଅବସ୍ଥାରେ ଥିବା ସ୍ୱାମୀ ମୁକ୍ତିଆରି ନାଏକ ନିଜ ସ୍ତ୍ରୀ ବିଳାସୀ ନାଏକକୁ ପିଟି ପିଟି ହତ୍ୟା କରିଛି। ଘଟଣା ସ୍ଥଳରେ ଯଶିପୁର ପୋଲିସ ପହଞ୍ଚି ଅଭିଯୁକ୍ତ ପତ୍ନୀହନ୍ତା ସ୍ୱାମୀକୁ ଗିରଫ କରି ପ୍ରାଥମିକ ତଦନ୍ତ ଜାରି ରଖିଛି। ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଅଧିକ ତଦନ୍ତ କରିବ ସୂଚନା ଦେଇଛନ୍ତି ଯଶିପୁର ପୋଲିସ।

# ‘ଜଗବନ୍ଧୁ ଜରାଶ୍ରମ’ର ପ୍ରତିଷ୍ଠା ଦିବସ ପାଳିତ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନର ଅନନ୍ୟ ତଥା ନିଆରା ସେବା ପ୍ରତିଷ୍ଠାନ ‘ଜଗବନ୍ଧୁ ଜରାଶ୍ରମ’ର ୧୮ ତମ ପ୍ରତିଷ୍ଠା ଦିବସ ପିଏମଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତୀ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନା କୌଣସି ସରକାରୀ, ବେସରକାରୀ ସହାୟତାରେ ଦୀର୍ଘ ୧୮ବର୍ଷ ହେଲା ଅବହେଳିତ, ନିଷ୍ପେସିତ, ଗରିବ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ଜଗବନ୍ଧୁ ଜରାଶ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ନିଜର ଲକ୍ଷ୍ୟ ସ୍ଥିର କରି କଠିନ ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ତଥା ସମାଜସେବୀ ଶ୍ରୀଯୁକ୍ତ ଭୁବନାନନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ଛୋଟ ହେଉ ଅବା ବଡ, ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଇ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ ବୋଲି ମତବ୍ୟକ୍ତ କରିବା ସହ




‘ଜରାଶ୍ରମ’ର ଏତାଦୃଶ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ଇଂ ଦେବେନ୍ଦ୍ର ପୃଷ୍ଟି, ଶାସନ ସରକାରୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଣତୀ ମହାପାତ୍ର, ବାଜି ରାଉତ କଲେଜ ଇଂରାଜୀ ଅଧ୍ୟାପକ ସୁବାଷଚନ୍ଦ୍ର ପତି, ସମାଜସେବୀ କୈଳାସ ଚନ୍ଦ୍ର ରଥ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପିଏମ୍‌ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟ ଓ ଶାସନ ଉପ୍ରା ବିଦ୍ୟାଳୟର ଶ୍ରେଷ୍ଠ ତିନିଜଣ ଲେଖାଏଁ ବିଦ୍ୟାର୍ଥୀଙ୍କୁ ଶରତ ଚନ୍ଦ୍ର ମିଶ୍ର ଶିକ୍ଷା ସମ୍ମାନ ରେ ସମ୍ମାନିତ କରାଯିବା ସହିତ ଶତାଧିକ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା। ‘ଜଗବନ୍ଧୁ ଜରାଶ୍ରମ’ତରଫରୁ ଅତିଥି ମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତୈଳଚିତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ଶିକ୍ଷକ ସାଗର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜଗବନ୍ଧୁ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଘ୍ନରାଜ ଦାସଙ୍କ ସମେତ ଜରାଶ୍ରମର କର୍ମକର୍ତ୍ତା ଏବଂ ହାଇସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ସରପଞ୍ଚ ସଂଘ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାରେ ସରପଞ୍ଚଙ୍କ ବିଭିନ୍ନ ସମସ୍ୟା ନେଇ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ଜାଗାରେ ୱାର୍ଡ ମେମ୍ବର ମାନେ ମିଥ୍ୟା ଆରୋପ ଲଗାଇ ରାଜନୈତିକ ଉଦ୍ଦେଶ୍ୟରେ ଘୋଡା ବେପାର କରି ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ ସରପଞ୍ଚ ମାନଙ୍କୁ ହଇରାଣ କରୁଛନ୍ତି। ପୋଇସରା ବ୍ଲକ୍ ବାଲିଛାଇ ଗ୍ରାମପଞ୍ଚାୟତର ସରପଞ୍ଚ ସିଲୁ ବେହେରାଙ୍କୁ ତାଙ୍କର ଉତ୍ତମ କାର୍ଯ୍ୟ ପାଇଁ ଜିଲ୍ଲା ପଶାସନ ତରଫରୁ ଜୁନ୍ ୧୬ ତାରିଖରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଭାଗ୍ୟର ବିଷୟ ସେହି ସରପଞ୍ଚଙ୍କୁ ଜୁଲାଇ ୧୧ ଦିନ ୱାର୍ଡ ମେମ୍ବର ମାନେ ମିଥ୍ୟା ଦୁର୍ନିତି ଅଭିଯୋଗ ଆଣି ଅନାସ୍ଥା କରାଇଥିଲେ। ଯଦି ଏହିପରି ଭାବରେ ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗ ଆସେ ତାହେଲେ ଉପଯୁକ୍ତ ତଦନ୍ତ କରାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ। ସରପଞ୍ଚମାନେ ଜନସାଧାରଣଙ୍କ ଦ୍ୱାରା ସିଧାସଳଖ ଭାବେ ନିର୍ବାଚିତ ହୋଇଥିବା ସ୍ଥଳେ ୱାର୍ଡମେମ୍ବର ମିଥ୍ୟା ଆରୋପ ଲଗାଇ ଅନାସ୍ଥା ଆଣିବା ଦୁଃର୍ଭାଗ୍ୟଜନକ ବୋଲି କୁହାଯାଇଛି। ୱାର୍ଡ ମେମ୍ବର ମାନଙ୍କର ମାସିକ ବୈଠକରେ ଉପସ୍ଥାପନ ସଂଖ୍ୟା ଲଗାତାର ୩ଟିରେ ଅନୁପସ୍ଥିତ ଥିଲେ ସଭ୍ୟପଦ ରଦ୍ଦ ହୋଇଥାଏ। ଅନାସ୍ଥା ଆଣିବା ପୂର୍ବରୁ ଏହାକୁ ଠିକ୍ ଭାବେ ପାଳନ କରାଯାଇଛି ନା ନାହିଁ ତର୍ଜମା କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ। ଯାହାକି ବାଲିଛାଇ ଗ୍ରାମପଞ୍ଚାୟତର ସରପଞ୍ଚ ସିଲୁ ବେହେରାଙ୍କ ଅନାସ୍ଥା କ୍ଷେତ୍ରରେ ପାଳନ କାରାଯାଇଛି କି ନାହିଁ ତଦନ୍ତ କରାଯାଉ।

# ନୂଆଗଡରେ ହାତୀ ଉପଦ୍ରବ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡରେ ହାତୀ ପାଚେରୀ ଭାଙ୍ଗି ଲଗାଯାଇଥିବା ଚାରା ଗୁଡିକ ନଷ୍ଟ କରିଦେଇଛି। ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକର ଷଡ଼ଙ୍ଗୀ ବନାଞ୍ଚଳ ଅଧିନ ଦିଗାମ୍ବରପୁର ଗ୍ରାମ ପଞ୍ଚାୟତର ନୂଆଗଡରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡରେ ଚଳିତମାସ ସତର ତାରିଖ ରାତିରେ ଗୋଟିଏ ବଣୁଆ ହାତୀ ପଶି ପୂର୍ବ ଦିଗ ପାଚେରୀ ପ୍ରାୟ ସମ୍ପୂର୍ଣ ଭାବରେ ଭାଙ୍ଗି ଦେଇଛି। ଯାହାଫଳରେ ଉକ୍ତ ବିଦ୍ୟାଳୟ ପରିସରରେ ପୂର୍ବରୁ ଲଗାଯାଇଥିବା ଚାରା ଗୁଡିକ ଖାଇ ଦଳି ସମ୍ପୂର୍ଣ ଭାବରେ ନଷ୍ଟ କରିଦେଇଛି। ଉକ୍ତ ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ପାଣି ଓ ପରିବେଶ କ୍ଲବର ମାର୍ଗଦର୍ଶକ ଅଭୟ କୁମାର ଶତପଥି ଷଡ଼ଙ୍ଗୀ ରେଞ୍ଜ ଅଧିକାରୀଙ୍କ ଠାରେ ଉକ୍ତ ଘଟଣାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଲିଖିତ ଭାବରେ ଜଣାଇବା ସହିତ କ୍ଷତିପୂରଣ ପାଇଁ ଦାବି ଜଣାଇଛନ୍ତି।

## ଜଣେ ଛାତ୍ରୀ ଏବଂ ଜଣେ ଯୁବକର ଆତ୍ମହତ୍ୟା

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାରରେ ପୃଥକ୍ ଭାବେ ୨ଟି ଆତ୍ମହତ୍ୟା ଘଟଣା ଘଟିଛି। ପ୍ରଥମ ଘଟଣାରେ କପାଳେଶ୍ୱର ଅଞ୍ଚଳରେ ରହୁଥିବା ଜନୈକା ଛାତ୍ରୀ ଶନିବାର ସକାଳେ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ବେଳେ ଦ୍ୱିତୀୟଟି ଚୌଦ୍ୱାର ଗ୍ରାମରେ ଜନୈକ ଯୁବକ ମଧ୍ୟ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶଯେ ଚୌଦ୍ୱାର କଲେଜରେ ଯୁକ୍ତ ୩କଳା ବିଭାଗରେ ପାଠ ପଢୁଥିବା ଜଣେ ଛାତ୍ରୀ ଘରେ କେହିନଥିବାର ସୁଯୋଗ ନେଇ ବେକରେ ଓଢ଼ଣୀ ବାନ୍ଧି ଛାତରେ ଝୁଲି ପଡିଥିଲେ। ସେ ମୃତ ଅବସ୍ଥାରେ ଝୁଲୁଥିବା ଦେଖି ପରିବାର ଲୋକେ ସ୍ଥାନୀୟ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ଘଟଣାସ୍ଥଳରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛନ୍ତି। ସେହିପରି ଚୌଦ୍ୱାର ଖର୍ଦ୍ଦାସାହିରେ ଏକ ଭଡ଼ାଘରେ ରହୁଥିବା ଟାଙ୍ଗୀ- ଚୌଦ୍ୱାର ବ୍ଲକ୍ କୟଳପଡ଼ା ଗ୍ରାମର ବିବାହିତ ଯୁବକ ସୁବାସ ଚନ୍ଦ୍ର ବେହେରା (୩୬) ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ନିଜ ସ୍ତ୍ରୀର ଓଢ଼ଣୀକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ଶବବ୍ୟଚ୍ଛେଦ ନିମନ୍ତେ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରୀ ରଖିଛି। ଉଭୟ ଘଟଣାରେ ଆତ୍ମହତ୍ୟାର ସଠିକ କାରଣ ଜଣା ପଡ଼ିନାହିଁ।

## ‘ଭକ୍ତି ପଥେ’ ଜରିଆରେ ରୂପାନ୍ତରଣକାରୀ ଆଧ୍ୟାତ୍ମିକ ଅନୁଭୂତି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କର ପବିତ୍ର ରଥଗୁଡିକ ପୁରୀ ବଡଦାଣ୍ଡରେ ଐତିହ୍ୟସମ୍ପନ୍ନ ରଥଯାତ୍ରା ସମୟରେ ଭାରତର ୧ ନମ୍ବର ପ୍ୟାକେଜଡ୍ ଅଟା ବ୍ରାଣ୍ଡ୍ ଆଶୀର୍ବାଦ ଭକ୍ତଗଣଙ୍କ ନିମନ୍ତେ ତାହାର ନବୋନ୍ମେଷୀ ଅଭିଯାନ ‘ଭକ୍ତି ପଥେ’ (ଭକ୍ତିର ମାର୍ଗ) ଜରିଆରେ ଏକ ରୂପାନ୍ତରଣକାରୀ ଆଧ୍ୟାତ୍ମିକ ଅନୁଭୂତି ଆଣିଦେଇଥିଲା। ଜୁନ୍ ୨୭ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଅନୁଷ୍ଠିତ ଏହି ଯାତ୍ରାରେ ବାସ୍ତବ କ୍ଷେତ୍ରସ୍ତରରେ ସକ୍ରିୟକରଣ ଅନ୍ୟତମ ସର୍ବାଧିକ ନିୟୋଜନକାରୀ ବିଷୟବସ୍ତୁ ହୋଇଥିଲା, ଯାହା ୧ ଲକ୍ଷରୁ ଅଧିକ ଭକ୍ତଙ୍କୁ ଆକୃଷ୍ଟ କରିଥିଲା ଏବଂ ସେମାନେ ନିଜକୁ ଏକ ମର୍ମସ୍ପର୍ଶୀ, ପ୍ରଯୁକ୍ତି ପରିଚାଳିତ ଆଧ୍ୟାତ୍ମିକ ଯାତ୍ରାରେ ତଲ୍ଲୀନ କରାଇଥିଲେ। ଏହି ଧରଣର ପ୍ରଥମ ପ୍ରୟାସ ଭାବରେ ଆଶୀର୍ବାଦର ‘ଭକ୍ତି ପଥେ’ ରଥ ଯାତ୍ରାର ସାଂସ୍କୃତିକ ପବିତ୍ରତା ସହିତ ସର୍ବାଧୁନିକ ସମୟର ଡିଜିଟାଲ ନବସୃଜନର ସମ୍ମିଶ୍ରଣ ଘଟାଇ ଆଧ୍ୟାତ୍ମିକ ନିୟୋଜନତାର ପୁନଃପରିକଳ୍ପନା କରିଥିଲା। ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟାକୁ ବ୍ୟବହାର କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଭର୍ଚୁଆଲ ପଦ୍ଧତିରେ ପ୍ରସ୍ତୁତ ପ୍ରସାଦକୁ ନେଇ ଭକ୍ତମାନଙ୍କ ସହିତ ଏକ ଆନ୍ତଃ କ୍ରିୟାଶୀଳ ଡିଜିଟାଲ ଜୋନ୍‌ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଏହି ଭକ୍ତିଭାବପୂର୍ଣ୍ଣ କାର୍ଯ୍ୟ ସହିତ ବ୍ୟକ୍ତିଆଧାରିତ ଏକ ଏଆଇ-ସୃଷ୍ଟ ରଥ ଯାତ୍ରା ଅଭିନନ୍ଦନ ଆୟୋଜନ କରାଯାଇଥିଲା ଯାହା ଦର୍ଶକମାନଙ୍କୁ ସେମାନଙ୍କ ଆଧ୍ୟାତ୍ମିକ ମୁହୂର୍ତ୍ତଗୁଡିକର କିଛି ଅଂଶ ନିଜ ଘରକୁ ନେଇଯିବାକୁ ସୁଯୋଗ ପ୍ରଦାନ କରିଥିଲା। ୩୦,୦୦୦ରୁ ଅଧିକ ଡିଜିଟାଲ ପ୍ରସାଦ ଯୋଗାଣ ସୃଷ୍ଟି କରାଯାଇଥିଲା ଯାହା ଏହି ପାର୍ବଣକୁ ଉଭୟ ଅନ୍ତରଙ୍ଗ ଏବଂ ସହଭାଗୀତାପୂର୍ଣ୍ଣ କରି ଗଢି ତୋଳିଥିଲା।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବିଂଝାରପୁର, (ଭାସ୍କର ନ୍ୟୁଜ୍): ବିଂଝାରପୁର ଶିକ୍ଷା ମଣ୍ଡଳ ଅଧୀନ ସୟଦପୁର ପଞ୍ଚାୟତ ମୀରମହଲ୍ଲା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶାଦୁଲ୍ଲା ଖାନ ଗତମାସ ଚାକିରୀ ଜୀବନରୁ ଅବସର ନେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ ଉଦ୍ଦେଶ୍ୟରେ ଆୟୋଜିତ ଉତ୍ସବରେ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ ବିଧାୟିକା ପ୍ରମିଳା ମଲିକ, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟାକ୍ଷା ରଞ୍ଜିତା ଦାସ, ସରପଞ୍ଚ ସେକ ସବୀର, ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ସଂଘ ଉପଦେଷ୍ଟା ବିଜୟ କୁମାର ନାୟକ, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ପୂର୍ବତନ ବିଇଓ ଅର୍ଣ୍ଣଦା ପ୍ରସାଦ ରାଣା, ପୂର୍ବତନ ବିଆରସିସି ପ୍ରମୋଦ କୁମାର ସାମଲ, ବଡ଼ଚଣା ବ୍ଲକ ସମ୍ପାଦକ ଆର୍ତ୍ତତ୍ରାଣ ସେଠୀ, ଏସଏମସି ଅଧ୍ୟକ୍ଷ ତାହେର ଅଲ୍ଲୀ ଖାନଙ୍କ ସମେତ ବହୁ ଅତିଥି ଯୋଗଦେଇ ପ୍ରଧାନ ଶିକ୍ଷକ ଶ୍ରୀ ଖାନଙ୍କ ଗୁଣଗାନ କରିଥିଲେ। ବହୁଦିନ ଧରି ଖାନ ଶିକ୍ଷକ ସଂଘର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିବାସହ ସେ ଜଣେ ଛାତ୍ର ବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ ବୋଲି କହିବାସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମୟାନୁବର୍ତ୍ତିତା ଓ ପରିମାର୍ଜିତ ଆଚରଣ ଉଚ୍ଚାରଣ ପାଇଁ ଆଶାଦୂଲ୍ଲା ସାର୍ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ତାଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘ ଜୀବନ କାମନା କରାଯାଇଥିଲା। ବହୁ ଯୋଗ୍ୟ ସୁନାଗରିକ ଗଢି ଥିବା ଆଶା ଦୁଲ୍ଲାସାର୍ ଅବସର ପରେ ମଧ୍ୟ ସମାଜରେ ସଂସ୍କାର ଓ ପରିବର୍ତ୍ତନ ପାଇଁ ଉଦ୍ୟମ କରିବେ ବୋଲି ବିଧାୟିକା ଆଶା ବ୍ୟକ୍ତ କରିଥିଲେ। ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍କୁଲର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ, ଏସଏମସିର ସଦସ୍ୟ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ସାମସୁଦ୍ଦିନ ସେକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅଭୟ ଚରଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସେକ ହବିବୁଲ ମୋଇନ, କଳାମୁଲ୍ଲା ଖାନ, ହିଫଜୁର ରହେମାନ, ସେକ ଆଜିବୁଲ ମୁକ୍ତାର, ସଂଗ୍ରାମ କେଶରୀ ସାମଲ, ଅରୁଣ କୁମାର ନାୟକଙ୍କ ସମେତ ବହୁ ଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା

## କାଳବୈଶାଖୀରେ ଉଡିଗଲା ସ୍କୁଲ ଛାତ

# ମରାମତି ନହେବାରୁ ବାରଣ୍ଡାରେ ଚାଲିଛି ପାଠପଢା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କାଳବୈଶାଖୀର ତାଣ୍ଡବରେ ସ୍କୁଲ ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନଷ୍ଟହେବାର ଦୁଇମାସ ବିତି ଯାଇଥିଲେ ମଧ୍ୟ ହୋଇପାରୁନି ଶ୍ରେଣୀ ଗୃହର ମରାମତି। ମିଳିଛି କେବଳ ପ୍ରତିଶ୍ରୁତି। ହେଲେ ବର୍ତ୍ତମାନ ବର୍ଷା ଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢୁଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ। ଏ ହେଉଛି କରଞ୍ଜିଆ ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା ବାଟପଳସା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଟପଳସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୂରାବସ୍ଥା। ଚଳିତ ବର୍ଷ ମେ ମାସ ୧୩ ତାରିଖରେ ହୋଇଥିବା କାଳ ବୈଶାଖୀ ତାଣ୍ଡବ ରୋଚିଥିଲ। ଏଥିରେ ଗ୍ରାମ ରେ ୧୯୪୮ ମସିହା ରେ ସ୍ଥାପିତ ହୋଇଥିବା ଦୀର୍ଘ ୭୬ ବର୍ଷର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଟପଳସା ସ୍କୁଲର ଅବସ୍ଥା ଶୋଚନୀୟ ହୋଇ ପଡିଲା। ଏହି ବିଦ୍ୟାଳୟରେ ପ୍ରଥମଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଏ। ହେଲେ କାଳ ବୈଶାଖୀର ତାଣ୍ଡବରେ ଶ୍ରେଣୀଗୃହ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇ ଯାଇଥିଲା। ଯାହାଫଳରେ ଶିକ୍ଷାଦାନରେ ବହୁ ଅସୁବିଧା ହେଉଥିବାର ଚିତ୍ର ସାମ୍ନାକୁ ଆସିଛି। ଛାତ୍ରଛାତ୍ରୀ ମାନେ ସ୍କୁଲ



ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଓ ସ୍କୁଲ୍ ମ୍ୟାନେଜିଂ କମିଟି ତଥା ଗ୍ରାମବାସୀଙ୍କ ତରଫରୁ ଅବଗତ କରାଯାଇଥିଲେ ମଧ୍ୟ ଖାଲି ମିଳିଛି ପ୍ରତିଶୃତି। ଏଥି ମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରାଯିବା କଥା ଅତି ଦୁର୍ଭାଗ୍ୟର ବିଷୟ ପାଲଟିଛି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଟପଳସା ସ୍କୁଲରେ ସମୁଦାୟ ୧୭୬ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଛାତ୍ର ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ସ୍କୁଲ୍ ପକ୍ଷରୁ ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ ଭାଙ୍ଗିବା ଘଟଣା ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ ହୋଇ ଥିଲେ ମଧ୍ୟ ଫଳ ଶୂନ। ତେବେ ଏଠାରେ ପ୍ରଶ୍ନ ଉଠେ ସରକାର ବଦଳି ଗଲେ ହେଲେ ସରକାରୀ ବାବୁ ମାନଙ୍କ ଢାଞ୍ଚା ବଦଳି ପାରିଲା ନାହିଁ। ଗ୍ରୀଷ୍ମ ବିକାଶ ଛୁଟିରେ କାଳବୈଶାଖୀରେ ସ୍କୁଲ ଛପର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା, ହେଲେ ବର୍ତ୍ତମାନ ସ୍କୁଲ୍ ଛୁଟି ଯାଇ ସ୍କୁଲ ଖୋଲା ହେବା ପରେ ମଧ୍ୟ ସ୍କୁଲ୍‌ର ଶ୍ରେଣୀ ଗୃହର ମରାମତି ହୋଇପାରିଲା ନାହିଁ। ଯେଉଁଭଳି ଭାବେ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଗୃହର ଆଜବେଷ୍ଟାର ଭାଙ୍ଗି ପଡ଼ିଛି ସେହି ଅବସ୍ଥାରେ ବର୍ତ୍ତମାନ ମଧ୍ୟ ପଡିରହିଛି। ଏ ବାବଦରେ ଆମେ ବ୍ଲକ ଶିକ୍ଷାଧିକାରୀ ତରୁ ନାଏକଙ୍କୁ ପଚାରିବାରୁ ସେ କିଛି କରିପାରିବେନି ଆମର ଏସବୁ କାମ ନୁହେଁ ବୋଲି ରୋକଠୋକ ଶୁଣିଥିବା ବେଳେ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଭେଟିବାରୁ ସେ ପ୍ରକାଶ କରିଛନ୍ତି, ଗୃହନିର୍ମାଣ ପାଇଁ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ସହଯୋଗ ମିଳୁନଥିବାରୁ କାମ ଆଗେଇ ପାରୁନାହିଁ ବୋଲି ପ୍ରକାଶ କରିଛନ୍ତି। ଏପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଡାଳିମ୍ବ ପାତ୍ର କହନ୍ତି ଆମେ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ବିଦ୍ୟାଳୟ ସମ୍ପର୍କରେ ଅବଗତ କରିଛୁ ହେଲେ ପ୍ରଶାସନ ପକ୍ଷରୁ କାର୍ଯ୍ୟ ହେଉନି। ବିଦ୍ୟାଳୟ ପରିଚାଳନା କମିଟି ର ଗୀତାଞ୍ଜଳି ସେଠୀ କହନ୍ତି ପିଲାମାନେ ପାଠ ପଢ଼ି ପାରୁନାହାଁନ୍ତି କି ଠିକ୍ ଭାବେ ମଧ୍ୟାହ୍ନ ଭୋଜନ ମଧ୍ୟ ଖାଇ ପାରୁ ନାହାଁନ୍ତି। ବିଦ୍ୟାଳୟ ସମ୍ପର୍କରେ ସମସ୍ତ ବିଭାଗୀୟ ଅଧିକାରୀ ତଥା ସରପଞ୍ଚଙ୍କୁ ଲିଖିତ ଜଣାଯାଇଛି। ତେବେ ପ୍ରଶାନ ପକ୍ଷରୁ ଗୃହ ନିର୍ମାଣ କେବେ ଆରମ୍ଭ ହେଉଛି ଏବଂ କେବେ ବିଦ୍ୟାଳୟ ଠିକ ଭାବେ ଚାଲୁଛି ତାହା ଦେଖିବାକୁ ବାକି ରହିଲା।

## ବିପଦ ସୃଷ୍ଟି କରୁଛି ଟ୍ରାକ୍ଟର

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାରେ ଥିବା ୮ଟି ବ୍ଲକର ୧୯୮ ପଞ୍ଚାୟତ ଅଧୀନରେ ଥିବା ୧୨ଶହ ୨୩ ରାଜସ୍ୱ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଚଳପ୍ରଚଳ ହେଉଛନ୍ତି। ମାତ୍ର ଜିଲ୍ଲାରେ ଚଳପ୍ରଚଳ ହେଉଥିବା ଟ୍ରାକ୍ଟର ମାନଙ୍କ ମଧ୍ୟରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ ଟ୍ରାକ୍ଟର ବିନା କାଗଜପତ୍ରରେ ଚଳପ୍ରଚଳ ହେଉଛନ୍ତି। କେତେକ ଟ୍ରାକ୍ଟର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇନଥିବା ସମୟରେ ହଜାର ହଜାର ଟ୍ରାକ୍ଟରଙ୍କର ଫିଟିନେସ ନାହିଁ, ବିମା କାଗଜପତ୍ର, ଟିକସ ମଧ୍ୟ ଦେଉନାହାନ୍ତି ଏପରିକି ବିନା ଡ୍ରାଇଭିଂ ଲାଇସେନ୍ସରେ ୮୦ ଭାଗ ଗାଡି ଗାଁ ଗହଳିରେ ଚଳପ୍ରଚଳ ହେଉଛନ୍ତି। ଚାଷ କାମ ବ୍ୟତୀତ ବେଆଇନ ମାଟି ଉଠାଣ, ବାଲି ଉଠାଣ, ସିମେଣ୍ଟ, ରଡ ଓ ଗୋଡି ଭୋଇବା ଠାରୁ ଆରମ୍ଭ କରି ଚୋରା କାଠ ବେପାରୀ ଓ ଇଟା ଭାଟିରେ ମଧ୍ୟ କାର୍ଯ୍ୟରତ ଥିବାର ମଧ୍ୟ ଦେଖିବାକୁ ମିଳୁଛି। ଏଠାରେ ପ୍ରକାଶ ଥାଉକି କୃଷି ବିଭାଗ ପକ୍ଷରୁ ସବ୍‌ସିଡିରେ ପ୍ରଦାନ କରାଯାଉଥିବା ଟ୍ରାକ୍ଟରକୁ ନେଇ କିଛି ମାଫିଆ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲଗାଇଥିବା ଦେଖିବାକୁ ମିଳିଛି। ବିଡମ୍ବନାର ବିଷୟ ଯେ କେତେକ ଟ୍ରାକ୍ଟରର ଇଞ୍ଜିନ ପଞ୍ଜିକୃତ ହୋଇଥିବା ସମୟରେ ଟ୍ରାକ୍ଟର ଡାଲା ପଞ୍ଜିକୃତ ହୋଇନଥିବା ଦେଖାଦେଇଛି। କେତେକ ସ୍ଥାନରେ ସ୍କୁଟର ଓ ଦୁଇ ଚକିଆ ଯାନର ପଞ୍ଜିକୃତ ନମ୍ବର ଲଗାଇ ଟ୍ରାକ୍ଟର ଗୁଡିକ ଚଳପ୍ରଚଳ ହେଉଛନ୍ତି। ବିଡମ୍ବନାର ବିଷୟ ଯେ ଜାଲ କାଗଜପତ୍ର ଓ ବିନା କାଗଜପତ୍ରରେ ଚଳପ୍ରଚଳ ହେଉଥିବା ଟ୍ରାକ୍ଟର ଗୁଡିକର ଚାଳକମାନେ ଡ୍ରାଇଭିଂ ଲାଇସେନ୍ସ ପାଇନାହାନ୍ତି। ଏଭଳି ସ୍ଥିତିରେ ଗାଁ ଗହଳିରେ ଦୁର୍ଘଟଣା ଘଟାଉଥିବା ଟ୍ରାକ୍ଟର ମାନଙ୍କ ଦ୍ୱାରା ଅଙ୍ଗ ହାନି ଓ ମୃତ୍ୟୁ ଘଟୁଥିବା ବ୍ୟକ୍ତି ବିଶେଷ ମାନେ ବିମାରାଶି ପାଇପାରୁନାହାନ୍ତି। ଏପରିକି ଟ୍ରାକ୍ଟରରେ କାମ କରୁଥିବା ଶ୍ରମିକମାନେ ମଧ୍ୟ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହେଲେ ମଧ୍ୟ କ୍ଷତି ପୂରଣ ପାଉନାହାନ୍ତି। ଏଭଳି ଅବ୍ୟବସ୍ଥା ପ୍ରସଙ୍ଗରେ ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦାଇତ୍ୱ ହୀନତା ଚର୍ଚ୍ଚାକୁ ଆସୁଛି। ବେଆଇନ ଟ୍ରାକ୍ଟର ଚଳାଚଳ ପ୍ରସଙ୍ଗରେ ଆଞ୍ଚଳିକ ପରିବହନ ଅଧିକାରୀ କୁହନ୍ତି ଯେ ତାଙ୍କ ଅଧୀନରେ କର୍ମଚାରୀ ଅଭାବ ଥିବାରୁ ଗାଁ ଗହଳିରେ ଟ୍ରାକ୍ଟର ଯାଞ୍ଚ କରିପାରୁନାହାନ୍ତି।

## ମାରୱାଡ଼ୀ ସମାଜ ଓ ମାତୃଶକ୍ତି ପକ୍ଷରୁ ଶ୍ରାବଣ ସିନ୍ଧାରା ଉତ୍ସବ

କଟକ, (ଭାସ୍କର ନ୍ୟୁଜ୍): କଟକ ମାରୱାଡ଼ୀ ସମାଜ ଓ ମାତୃଶକ୍ତି କଟକ ମାରୱାଡ଼ୀ ସମାଜ ପକ୍ଷରୁ ଆୟୋଜିତ ଶ୍ରାବଣ ସିନ୍ଧାରା ଉତ୍ସବ ଉଦ୍‌ଘାଟିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗଦେଇଥିଲା ବେଳେ ଉଦଘାଟକ ଭାବେ ବାରବାଟି-କଟକ ବିଧାୟିକା ସୋଫିଆ ଫିରଦୋସ ଯୋଗ ଦେଇଥିଲେ। ମାତୃଶକ୍ତି ଅଧ୍ୟକ୍ଷା ସମ୍ପତି ମୋଡ଼ା, ସଚିବ ସଙ୍ଗୀତା କରଣାନୀ, ସମନ୍ୱୟକ ନୀଳମ ଶାହ ଓ ଅଲକା ସିଂଘୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ମାରୱାଡ଼ୀ ସମାଜର ଅଧ୍ୟକ୍ଷ ସଂଜୟ ଶର୍ମା, ଚେୟାରପର୍ସନ ଗଣେଶ କନ୍ଦୋଇ, ଉପାଧ୍ୟକ୍ଷ ସୁରେଶ ପୋଦ୍ଦାର, ବିନୋଦ ସରାଓଗୀ ଓ ସତୀଶ ଗୋଏଙ୍କା ମଧ୍ୟ ଉପସ୍ଥିତ ଥିଲେ।

# ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଆଳି ଗସ୍ତ

ଆଳି, (ଭାସ୍କର ନ୍ୟୂଜ): କେନ୍ଦ୍ରାପଡ଼ା ସାଂସଦ ଆଜି ଆଳି ଗସ୍ତ ରେ ଆସି ମେଗା ପାନୀୟ ଜଳ ପ୍ରକଳ୍ପ ସହ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ଶନିବାର ପୂର୍ବାହ୍ନ ୯ ଘଟିକା ସମୟରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ପ୍ରଥମେ ଆଳି ବିଧାନସଭା ଅନ୍ତର୍ଗତ ଆଳି ବ୍ଲକ ନିଆଳ ସ୍ଥିତ ଜାଭିଅର ସ୍କୁଲ ଠାରେ ପହଁଞ୍ଚି ଥିଲେ। ପରେ ପ୍ରାୟ ୧୦ ଘଟିକା ସମୟରେ କଳସପୁର ସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପର ପହଞ୍ଚି ସେଠାରେ ପ୍ରକଳ୍ପର କାର୍ଯ୍ୟ ସମୀକ୍ଷା କରିଥିଲେ। ସେଠାରେ ସେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ହେତୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସାଂସଦ ପଣ୍ଡା ଏହି ପ୍ରକଳ୍ପ ଟିକୁ ଯଥାଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଏହାକୁ ଡିସେମ୍ବର ମାସ ସୁଦ୍ଧା ସାରିବାକୁ ପ୍ରତିଶୃତି ଦେଇଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସଙ୍ଗେସଙ୍ଗେ ମାନପୁର ଘୋସରା ଠାରେ ପହଞ୍ଚି କିଛି ସମୟ ସେଠାରେ ଉପସ୍ଥିତ ରହି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଳି ଧୋୟାଞ୍ଚଳ ୧୦ ପଞ୍ଚାୟତ ବିକାଶ ପରିଷଦଙ୍କ ତରଫରୁ ସୁରେନ୍ଦ୍ର କୁମାର ପରିଡ଼ା ଓ ସରୋଜ କରଙ୍କ ନେତୃତ୍ୱ ରେ ପ୍ରତିବର୍ଷେ ସାମାନ୍ୟ ବନ୍ୟାରେ ବୁଡ଼ି ଯାଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମାନପୁର-ଗୋବିନ୍ଦପୁର ଘୋସରା ଡ଼ିମିରିପାଳ ମଠ ପର୍ଯ୍ୟନ୍ତ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ସାଂସଦଙ୍କୁ ଲିଖିତ ପତ୍ର ମାଧ୍ୟମରେ ଜଣାଇଥିଲେ। ଏହାପରେ ମଧ୍ୟାହ୍ନ ୧୨ ଘଟିକା ସମୟରେ ଆଳି ବଜାର ସ୍ଥିତ ଡାକବଙ୍ଗଳାସ୍ଥିତ ଠାରେ ପହଞ୍ଚି ଆଳି ପ୍ରଶାସନ ସହ ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ଆଜିର ଏହି ଗସ୍ତ ରେ ସାଂସଦ ପଣ୍ଡାଙ୍କ ସହ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠି, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠି, ଆଳି ବିଜେପି ବିଧାୟକ ପାର୍ଥ କୃଷ୍ଣ ଚନ୍ଦ୍ର ପଣ୍ଡା, ରାଜନଗର ବିଜେପି ବିଧାୟକ ପାର୍ଥ ଲଳିତ ବେହେରା, ଜିଲ୍ଲା ସମ୍ପାଦକ ଅନୁରାଧା ସାମଲ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖଙ୍କ ସହ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ।



# ଆମ କଳାହାଣ୍ଡି





## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୌନ ଉତ୍ପୀଡନ ଉପରେ କର୍ମଶାଳା

ଭବାନୀପାଟଣା, (ଭାସ୍କର ନ୍ୟୁଜ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆନ୍ତଃ ଅଭିଯୋଗ କମିଟି ଓ ଆଇକ୍ୟୁଏସିର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ 'ପ୍ରିଭେନସନ, ପ୍ରୋହିବିସନ ଆଣ୍ଡ ରିଡ୍ରେସାଲ ଅଫ୍ ସେକ୍ସୁଆଲ ହାରାସମେଣ୍ଟ ଅଫ୍ ଓ୍ୱିମେନ ଏମପ୍ଲୟିଜ୍ ଆଣ୍ଡ ଷ୍ଟୁଡେଣ୍ଟସ ଇନ୍ ହାଇଅର ଏଜୁକେସନାଲ ଇନଷ୍ଟିଚ୍ୟୁସନସ୍' ଶୀର୍ଷକ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରରେ କଳାହାଣ୍ଡିର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସଚିନ ପାଓ୍ୱାର ଉପସ୍ଥିତ ହୋଇ ଯୌନ ଉତ୍ପୀଡନ ରୋକିବା ପାଇଁ ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ସହିତ




ପ୍ରଶ୍ନୋତ୍ତର ମାଧ୍ୟମରେ ପଦକ୍ଷେପମୂଳକ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ ଦରଓ୍ୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଆଇଏଏସ୍ ପ୍ରୋବେସନ ଅନିମେଶ ପ୍ରଧାନ, ଓକିଲ ନିବେଦିତା ମିଶ୍ର ପ୍ରଭୃତି ଉପସ୍ଥିତ ହୋଇ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କୁଳସଚିବ ଡକ୍ଟର ଗୁଣନିଧି ନାଏକ ଯୌନ ଉତ୍ପୀଡନର ମୂଳୋତ୍ପାଟନ ପାଇଁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଭିତରେ ସଚେତନ ରହିବା ଜରୁରୀ ବୋଲି କହିଥିଲେ । ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଛାତ୍ରଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟି ତଥା ଆନୁଷ୍ଠାନିକ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ନିଜର ଅଭିମତ ପ୍ରକାଶ କରିଥିଲେ । ଆନ୍ତଃ ଅଭିଯୋଗ କମିଟିର ପିଜାଇଡିଂ ଅଫିସର ଡକ୍ଟର ସୁମନା ରାୟ ଯୌନ ଉତ୍ପୀଡନର ନିୟମ ଶୃଙ୍ଖଳା ଉପରେ ପାଓ୍ୱାର ପଏଣ୍ଟ ମାଧ୍ୟମରେ ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡକ୍ଟର ମଧୁଲିକା ସାହୁ ଉକ୍ତ କର୍ମଶାଳାର ମଞ୍ଚ ପରିଚାଳନା କରିଥିବାବେଳେ ଆନ୍ତଃ ଅଭିଯୋଗ କମିଟୀର ସଦସ୍ୟା ରୋଜମେରୀ ଏକା ଆନୁଷ୍ଠାନିକଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ , ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଜାତିଆଣ ଆକ୍ଷେପ ଓ ଗାଳିଗୁଲଜ ନେଇ ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କିଛି ଦିନ ତଳେ ସୋସିଆଲ ମେଡିଆରେ ଜଣେ ଯୁବକ ଜାତିଆଣ ଆକ୍ଷେପ ଓ ଗାଳି ଗୁଳଜ କରିଥିବା ଭିଡିଓ ଭାଇରାଲ ହୋଇଛି । ଏହାକୁ ବିରୋଧ କରି ଧର୍ମଗଡ଼ ବ୍ଲକ ଅଳ ଓଡିଶା ସିଡୁଲ କାଷ୍ଟ ଫେଡରେସନ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବ୍ଲକ ସଭାପତି ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ମିଳିତ ଭାବେ ଅଭିଯୋଗ ଦେଇଛନ୍ତି । ସୂଚନା ଅନୁଯାୟୀ ଧର୍ମଗଡ଼ ବ୍ଲକ ଖଇରପଦର ଗ୍ରାମର ଦେବ କୁମାର ଆଚାର୍ଯ୍ୟ ନାମକ ଯୁବକ-ୟୁଟ୍ୟୁବ, ହ୍ୱାଟସ୍ଆପ୍ ଓ ଫେସବୁକମାନଙ୍କରେ କ୍ରେଜି ବଏ ଦେବ ଅଫିସିଆଲ ୟୁଟୁବରେ ପୋଷ୍ଟ କରିଥିବା ଜଣାପଡିଛି । ଯେଉଁଥିରେ ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ରୁକୁ ସୁନା ବିରୋଧରେ ଅଶାଳୀନ ମତବ୍ୟ ଦେବା ଓ ଗାଳିଗୁଳଜ କରିଥିବା ଜଣାପଡ଼ିଛି । ଏପରିକି ସିଧାସଳଖ ଭାବେ ଏସ ସି,ଏସଟି ସମ୍ପ୍ରଦାୟକୁ ନିମ୍ନ ଓ ନିଚ୍ଚ ଦେଖାଇବା ଉଦେଶ୍ୟ ରେ ବିଭିନ୍ନ ପ୍ରକାର ଅସଭ୍ୟ ଶବ୍ଦ ବ୍ୟବହାର



କରିବା ସହ ଅଶାଳୀନ ମତବ୍ୟ ଦେଇ ଥିବା ଜଣାପଡିଛି । ଯାହା ସମ୍ମାନ କ୍ଷୁର୍ଣ୍ଣ ଓ ଜାତି ପ୍ରତି ଅସମ୍ମାନ ହେବା ସହ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବା ଢେର ସମ୍ଭାବନା ଥିବା କୁହାଯାଉଛି । ଯାହାକୁ ବିରୋଧ କରି ଧର୍ମଗଡ଼ ଅଳ ଓଡିଶା ସିଡୁଲ କାଷ୍ଟ ଫେଡରେସନ ସଭାପତିଙ୍କ ନେତୃତ୍ୱରେ ଉପଦେଷ୍ଟା ଦିଗାମ୍ବର ଦୁରିଆ, ଆଇନଜୀବୀ ବିନୋଦ ନାଏକ, ସଂଘ ସାଂଗଠନିକ ସମ୍ପାଦକ ଢଗ ନାଏକ,ଜିଲ୍ଲା ପରିଷଦ ସଭ୍ୟ ଗୋପୀ ନାଥ ମହାନନ୍ଦ, ସାମ୍ବାଦିକ ବିଘ୍ନେସ୍ୱର ନାଏକ, ଛାତ୍ର ସଂଯୋଜକ ମହେଶ୍ୱର ସୁନାନୀ, ଚନ୍ଦ୍ର ବିହାରୀ, ମନୋଜ ବାଗ ସମ୍ପାଦକ ଉମେଶ ଦୁରିଆ ପ୍ରମୁଖ ଧର୍ମଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ତୁରନ୍ତ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆନ୍ଦୋଳନ କରାଯିବ ବୋଲି ସଭାପତି ବିରଞ୍ଚି ନାରାୟଣ ଜାଲ ଚେତାବନୀ ଦେଇଛନ୍ତି ।

## ୧୪୩ ଛାତ୍ରଛାତ୍ରୀଙ୍କୁ ୩ ଶିକ୍ଷକ, ପାଠପଢ଼ା ବାଧାପ୍ରାପ୍ତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିନ ବିଦ୍ୟାଳୟ ଗୁଡିକ ଶିକ୍ଷା ବ୍ୟବସ୍ଥା କୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ପରିସରକୁ ଆସିଛି । ବିଶେଷ ଭାବେ ଦଣ୍ଡପାଟ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି । ଶିକ୍ଷା ଆଇନକୁ ଖୋଲମ ଖୋଲା ପ୍ରଶାସନିକ ସ୍ତରରେ ଫୁ କରାଯାଉଥିବା ନଜିର ରହିଛି । ନିୟମ ଅନୁଯାୟୀ ୨୦ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ନିଯୁକ୍ତି ଦେବା ବ୍ୟବସ୍ଥା ରହି ଥିଲେ ହିଁ ଅଞ୍ଚଳରେ ବ୍ୟତିକ୍ରମ ଦେଖା ଦେଇଛି ।ପୁଣି ତାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ।୧୪୩ଜଣ ଛାତ୍ରଛାତ୍ରୀ ରେ କେବଳ ୩ଶିକ୍ଷକ ଥିବା ତାର ଜ୍ୱଳନ୍ତ ପ୍ରାମାଣିକ ଉଦାହରଣ ସାମ୍ନାକୁ ଆସିଛି । ଧର୍ମଗଡ଼ ବ୍ଲକ ଅନ୍ତର୍ଗତ କଦଳିମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଗ୍ରାମବାସୀ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀଙ୍କ ଦ୍ୱାରସ୍ତ ହୋଇଥିବା ଜଣାଯାଇଛି । ଅଭିଯୋଗ ଅନୁଯାଇ କଦଳୀମୁଣ୍ଡା


ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ନେଇ ଅଧିକାରୀଙ୍କ ଦ୍ୱାରସ୍ଥ

ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୪୩ ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି ଫଳରେ ପାଠ ପଢାଇବାରେ ବ୍ୟାଘାତ ହେଉଥିବା ଅଭିଯୋଗ କରିଛନ୍ତି । ଏଥିସହ ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ପ୍ରାଥମିକ ବିଦ୍ୟାଳୟରେ ମିଶାଇ ଅପଗ୍ରେଡ଼ କରିବା ପାଇଁ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତ । ଅନୁଧ୍ୟାନ କରି ସମସ୍ୟାର ସମାଧାନ କରାଯିବ ବୋଲି ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ ପ୍ରକାଶ କରିଥିବା ସୂଚନା ମିଳିଛି । ଦାବିପତ୍ର ଦେବା ସମୟରେ କଦଳିମୁଣ୍ଡା ପଞ୍ଚାୟତ ନାଏବ ସରପଞ୍ଚ ସୁରେଶ ଚନ୍ଦ୍ର ବୋଡ଼କିଆ, ଓ୍ୱାର୍ଡ ମେମ୍ବର ଅଜିତ ବୋଡ଼କିଆ, ସୁଶାନ୍ତ ନାଏକ,ସେତୁରାମ ଭକ୍ତ, କୌଶିକ ଖମାରି, ତ୍ରିଲୋଚନ ବୋଡ଼କିଆ,ମଧୁସଦନ ଖମାରି, ରୁଗଧର ଖମାରି ପ୍ରମୁଖ ଉପସ୍ଥିତ ଥିବାବେଳେ ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ଦାବି ପୂରଣ କରାନଯାଏ ତେବେ ବିଦ୍ୟାଳୟକୁ ତାଲା ମାରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି । ଏଭଳି ସ୍ଥିତି ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଥିବା ବେଳେ ପ୍ରଶାସନ ନିରବ ସାଜିଛି । ଅନ୍ୟଅଟେ ସହରୀ ଓ ପାଖ ଆଖ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ସଂଖ୍ୟା ଅନୁଯାୟୀ ଶିକ୍ଷକ ଅଧିକ ରହିଥିବା ତାହା ସମସ୍ତ ଙ୍କୁ ଚକିତ କରିଛି । ଏ କ୍ଷେତ୍ରରେ ନା ବୁଝୁଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ନା ନେତା ମନ୍ତ୍ରୀ । ଅନେକ ଶିକ୍ଷକ ରାଜନୀତି ରେ ସକ୍ଲିଷ୍ଟ ରହି ପଡିଆର ଜାହିର କରିଥିବା ଆଲୋଚନା ହେଉଛି । ଶିକ୍ଷା ବିଭାଗର ଦୋମୁହାଁ ନୀତିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଏସ୍ଏ କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦିଲ୍ଲୀ କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ସାଧାରଣ ପେରେଡ଼ରେ ୫ ହଜାରରୁ ଉର୍ଦ୍ଧ୍ୱ ଫିଉଜନ ନୃତ୍ୟରେ ତାଲ ଖାଇ ନୃତ୍ୟ କରି ପ୍ରଶଂସିତ ହେବା ଓ ଗିନିଜ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ନୂତନ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ସଚିନ ପାଓ୍ୱାର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସମାଜସେବୀ ତଥା ସିଟିଜନ ଫୋରମ ଅଧ୍ୟକ୍ଷ ଡା ହେମ ସାଗର ସାହା, ଆଇଏଏସ ପ୍ରବେଶନର ଅନିମେଶ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ଜନ୍ମଜୟ ସ୍ୱାଇଁ ଉପସ୍ଥିତ ରହି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ ଗିନିଜ ବୁକ ଅଫ ରେକର୍ଡରେ ବିଏସଏର କଳାକାର ନା କରିବା ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି ଏବଂ ତାଙ୍କ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନାର କାର୍ଯ୍ୟ ନେଇ ପ୍ରଶଂସା କରିଥିଲେ । ଏହି ଉପଲକ୍ଷେ ନିକଟରେ ମସ୍କୋରେ ନୃତ୍ୟ ପରିବେଷଣ କରିଥିବା ପ୍ରତିଭା ଅନୁଷ୍ଠାନର ସଭାପତି ଧାନ ପଣ୍ଡା ଓ ଟିଣ୍ଟୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ଼ ଅଜୟ ମିଶ୍ର, ପୂର୍ବତନ ନଗରପାଳ ରାମ କୁମାର ଜୈନ, ସରିତା ସିନ୍ଧୁର, ସମାଜସେବୀ ଜଗଦୀଶ ମଣ୍ଡଳ,ଏମ୍ଏସଏର ପୂର୍ବତନ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଜୟନ୍ତ ବେହେରା,ବିଶିଷ୍ଟ କଳାକାର କୁମାର ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ସୁଶ୍ରୀ ରୁବି ଚୌଧୁରୀ,ପରିଚାଳନା କରିଥିଲେ କୋସାଦକ୍ଷ ବିକ୍ରମ ବାରିକ,କମ୍ଳୁ ପାଣି ବାଗ, କବିତା ପାଣିଗ୍ରାହୀ,ସୁକଦେବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଚିଲିଗୁଡା ଫାଣ୍ଡିରେ ନୂତନ ଏଏସଆଇଙ୍କ ଯୋଗଦାନ



ଜୁନାଗଡ଼, ( ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ମୀନକେତନ ଶବର ଯୋଗଦେଇଛନ୍ତି । ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଗ୍ରାମ ଏକ ମୁଖ୍ୟ ଗ୍ରାମ ଭାବରେ ଜଣାଶୁଣା । ଗ୍ରାମରେ ଥିବା ଫାଣ୍ଡିରେ ଅନେକ ଦୁର୍ଗମ ପଞ୍ଚାୟତର ଜନ ସାଧାରଣ ନିର୍ଭରଶୀଳ ଅଟନ୍ତି । ୫୬ ଗୋଟି ଗାଁକୁ ନେଇ ଚିଲିଗୁଡା ଫାଣ୍ଡି ରହିଛି । ଏଠି କାର୍ଯ୍ୟରତ ସୁବୋଧ କୁମାର ଫୁଲ ଙ୍କୁ ପଲମ ଫାଣ୍ଡିକୁ ବଦଳି ହୋଇଥିବା ବେଳେ ଚିଲିଗୁଡା ଫାଣ୍ଡିକୁ ନୂତନ ଭାବରେ ମିନିକେତନ ଶବର ଯୋଗଦାନ କରିଥିବା ଜଣା ପଡ଼ିଛି । ଆଇନ ଶୃଙ୍ଖଳା ସହ ବିଭିନ୍ନ ସମସ୍ୟା ଉପରେ ଶୀଘ୍ର ପଦକ୍ଷେପ ନିଆଯିବଓ ଜନସାଧାରଣଙ୍କ ସହ ମିଳିତଭାବେ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।

## ପର୍ଲା ପିଏମ ଶ୍ରୀ -ଏପି ଦାସ ଉଚ୍ଚ ବିଦ୍ୟାଳୟ ଏଫ ଗ୍ରେଡ ଯୁକ୍ତ -୨ ବିଜ୍ଞାନ ଉନ୍ନୀତ


ଧର୍ମଗଡ଼ (ଭାସ୍କର ନ୍ୟୁଜ): ବହୁଦିନ ର ପ୍ରତୀକ୍ଷା ପରେ ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ପି ଏମ ଶ୍ରୀ -ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ଶେଷରେ ସରକାର ଏଫ ଗ୍ରେଡ ହୋଇ ଯୁକ୍ତ ୨-ବିଜ୍ଞାନକୁ ଉନ୍ନୀତ ହୋଇଛି । ସରକାର ଜାରି କରିଥିବା ଏକ ଚିଠିରୁ ଜଣାପଡିଛି । ୧୯୭୫ମସହାରେ ବେସରକାରୀ ଭାବେ ଗଢି ଉଠିଥିବା ବିଦ୍ୟାଳୟ ଗତ ୧୯୮୪ରେ ଫୁଲ ଗ୍ରାଣ୍ଟ ଓ ୧୯୯୪ ମସିହାରେ ସରକାରୀ ମାନ୍ୟତା ପାଇଥିଲା ।ଏହାପରେ ବିଜେପି ସରକାର ଆସିବାପରେ ଗତ ,୨୦୨୪-୨୫ ମସିହାରେ ବିଦ୍ୟାଳୟକୁ ପିଏମ ଶ୍ରୀ ବିଦ୍ୟାଳୟ ରୂପେ ନିଆଯାଇଛି । ବିଦ୍ୟାଳୟକୁ ଯୁକ୍ତ୨-ଅପଗ୍ରେଡ ନିମନ୍ତେ ବିଭିନ୍ନ ସମୟରେ ସରକାର ନିକଟରେ ଦାବୀ ହୋଇ ଆସୁଥିଲା । ସ୍ଥାନୀୟ ବିଧାୟକ ସୁଧୀର ରଂଜନ ପଟ୍ଟଯୋଶୀ ଙ୍କ ଉଦ୍ୟମ ଯୋଗୁ ଶେଷରେ ଯୁକ୍ତ -୨ବିଜ୍ଞାନ ବିଦ୍ୟାଳୟକୁ ଉନ୍ନତ ହୋଇ ପାରିଛି ।ଖବର ଜାଣିବା ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସମେତ ବିଧାୟକ ଙ୍କୁ ପ୍ରସଂସା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଖୁବ ଶୀଘ୍ର ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବା ସମ୍ଭାବନା ଥିବା କୁହା ଯାଉଛି । ତେବେ ଧର୍ମଗଡ଼ ବ୍ଲକ ରେ କେବଳ ପର୍ଲା ଉଚ୍ଚ ବିଦ୍ୟାଳୟ ମନୋନୀତ କରିଥିବା ଖବର ମିଳିଛି । ବର୍ତ୍ତମାନ ବିଦ୍ୟାଳୟରେ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଯୁକ୍ତ-୨,ବିଜ୍ଞାନ ପାଇଁ ପ୍ରଥମ ବର୍ଷ ରେ ୧୦୪ଟି ସିଟ ପାଇଁ ନାମ ଲେଖା ବ୍ୟବସ୍ଥା ଥିବା ବେସରକାରୀ ଆଲୋଚନା ରୁ ଜଣାପଡିଛି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଓ କଳାହାଣ୍ଡି ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରା ଜଜ୍ ଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସହଜ ସମାଧାନ ନିମନ୍ତେ ଜୁଲାଇ ମାସ ଠାରୁ ଅକ୍ଟୋବର ମାସ ୦୬ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଆୟୋଜନ କରାଯାଇଛି । ଏଥିରେ ପାରିବାରିକ, ଦୁର୍ଘଟଣା ଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିଗ୍ରହଣ, ଚାକିରୀ ସଂକ୍ରାନ୍ତୀୟ, ଗ୍ରାହକ ସେବା ଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେମିତିକି ଚେକ ବାଉନ୍ସ, ଋଣ ଆଦାୟ ଇତ୍ୟାଦି ମାମଲା ଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ମଧ୍ୟସ୍ଥତା ଶିବିର ଆୟୋଜନ କରାଯାଉଛି । ଅଦାଲତରେ ବିଚାରଧୀନ ଥିବା ମୋକଦ୍ଦମା ଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ବିବାଦଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନର ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ । ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ପକ୍ଷ ମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ ହୋଇପାରିବ ବୋଲି କଳାହାଣ୍ଡି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବିକଳ୍ପ ସମାଧାନ ବ୍ୟବସ୍ଥାର ସହେଯାଗ ନେବା ପାଇଁ ସମସ୍ତଙ୍କୁ ଜଣାଇ ଦିଆଯାଉଛି ।

## ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ, ଚିନ୍ତାରେ ଚାଷୀ

ଧର୍ମଗଡ଼(ଭାସ୍କର ନ୍ୟୁଜ):ଧାନ ଚାଷ ପାଇଁ ସାରର ଚାହିଦା ଅଧିକ । ସାର ଚାହିଦାକୁ ଦେଖି ବ୍ୟବସାୟୀମାନେ ଚାଷୀଙ୍କୁ ଚଢା ଦରରେ ସାର ବିକ୍ରିକରୁଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଏହା ଦେଖି ନିରବ ରହିବା ଯୋଗୁଁ ଚାଷୀ ମାନେ ଲୁଟର ଶିକାର ହେଉଛନ୍ତି । ଏଭଳି ଏକ ଅଭିଯୋଗ ଆସିଛି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଗ୍ରା.ପ ଅନ୍ତର୍ଗତ ଲିମସେର ଗ୍ରାମରୁ । ଲିମସେର ରେ ଶିବଶକ୍ତି ଟ୍ରେଡ଼ର୍ସ,ଅମୃତ ଟ୍ରେଡ଼ର୍ସ,ମେହେର ଟ୍ରେଡ଼ର୍ସ ଏମିତି ତିନି ଗୋଟି ଲାଇସେନ୍ସ ପ୍ରାପ୍ତ ସାର ବିକ୍ରୟ କେନ୍ଦ୍ର ରହିଛି । ଏହି ସାର ଦୋକାନ ଗୁଡିକରେ ଦିନ ଦୁଇ ପ୍ରହରରେ ଧାର୍ଯ୍ୟ ମୂଲ୍ୟ ଠାରୁ ୨୦୦ରୁ ୩୦୦ଟଙ୍କା ପର୍ଯ୍ୟନ୍ତ ଅଧିକ ଦାମରେ ଡିଏପି ସାର ବିକ୍ରୟ କରୁଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁସାରେ ସାର ଦୋକାନ ଗୁଡିକରେ ଚାଷୀଙ୍କ ଅବଗତ




ନିମନ୍ତେ ଦର ଦାମ ତାଲିକା ବାଧ୍ୟତାମୂଳକ ରହିଛି । ହେଲେ ଏହି ଦୋକାନ ଗୁଡିକରେ ଦରଦାମ ତାଲିକା ଲଗାଯାଇନାହିଁ ଜାହାରିଫଳରେ ଚାଷୀ ମାନେ ସାରର ସଠିକ ମୂଲ୍ୟ ଜାଣିପାରୁନାହାନ୍ତି । ଏହାକୁ ଢାଲ କରି ଚାଷୀଙ୍କ ଠାରୁ ଅଧିକ ଦର ନେଇ ଚାଷୀଙ୍କୁ ଶୋଷଣ କରୁଛନ୍ତି ସାର ବ୍ୟବସାୟୀ । ବର୍ତ୍ତମାନ ଚାଷୀ ମାନଙ୍କ ତଳି ରୁଆ କାର୍ଯ୍ୟ ପାଇଁ ସାରର ବେଶ ଚାହିଦା ଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀ ମାନେ ଚଢା ଦରରେ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି । ଗୋଲାମୁଣ୍ଡା ବ୍ଲକରେ ଚାଷୀମାନେ ଏହି ସାର ପାଇଁ ସାର ବ୍ୟବସାୟୀଙ୍କ ସାର ଦୋକାନ ଆଗରେ ଲମ୍ବା ଧାଡି ଲଗାଉଛନ୍ତି । ଚାଷୀ ଯଦି ଦୋକାନୀ କୁ ଚଢା ଦରକୁ ବିରୋଧ କଲେ ଚାଷୀଙ୍କୁ ଫେରାଇ ଦେଉଛନ୍ତି ବ୍ୟବସାୟୀ ।ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁସାରେ ଡିଏପି ୧୨୫୦ଟଙ୍କା ଥିବା ବେଳେ ଲିମସେର ଗ୍ରାମର ଏହି ସାର ବ୍ୟବସାୟୀ ମାନେ ଚାଷୀଙ୍କୁ ୧୫୦୦ଟଙ୍କାରେ ବିକ୍ରି କରୁଛନ୍ତି । ତୁରନ୍ତ ଏହାର ତଦନ୍ତ କରାଯିବା ସହ ଚଢା ଦରରେ ବିକ୍ରି କୁ ରୋକିବାପାଇଁ ଚାଷୀମାନେ ଦାବୀ କରିଛନ୍ତି । ଏନେଇ ବ୍ଲକ କୃଷି ଅଧିକାରୀ ନୈାକେଶ୍ୱର ନାଗ ଙ୍କୁ ପଚାରିବାରୁ ସରକାରୀ ମୂଲ୍ୟ ଅନୁଯାୟୀ ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ରହିଛି , ଯଦି ଦୋକାନୀ ନିୟମ ର ଖିଲାପ କରିଛି ତାହେଲେ ଖୁବଶୀଘ୍ର ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଥିଲେ ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିବସ ଓ ସୌମଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜୁନାଗଡ଼ (ଭାସ୍କର ନ୍ୟୁଜ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ନୂଆବସଷ୍ଟାଣ୍ଡ ଠାରେ ଥିବା ବାବା ସାହେବ ଡ଼. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିବସ ନିରାଡ଼ମ୍ବର ସହକାରେ ପାଳନ କରାଯାଇ ଥିଲା ।ବହୁଜନ



ସଂଗ୍ରାମ ସମିତି ତରଫରୁ ସଭାପତି ରଞ୍ଜନ କୁମାର ଜାଲ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମସ୍ତ କର୍ମକର୍ତ୍ତା ବା ବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହାପରେ ସଭାପତି ଓ ଉପସ୍ଥିତ କର୍ମକର୍ତା ବାବାସାହେବଙ୍କ ଜୀବନୀ ଓ ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ ।ଏଥିସହ ଫକୀରମୋହନ କଲେଜ ଛାତ୍ରୀ ସୌମଶ୍ରୀ ବିଶି ଙ୍କ ଆତ୍ମାହୁତି ନେଇ ନିରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସଦସ୍ୟ ଶିବ ମହାନନ୍ଦ, ପୂର୍ନେନ୍ଦୁ ମାଝୀ, ରତନ ଧଙ୍ଗଡା ମାଝୀ, ଗୌରାଙ୍ଗ ସୁନା, ଅଞ୍ଜନ ଖିତି, ରବିଶଙ୍କର ସୁନାନୀ, ଘାସି ଖିତି, ଦୁର୍ଯୋଧନ ମାଝୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସଂଗଠନର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ଖିତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେସିଙ୍ଗା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ସଚେତନ କଲେ ଜିଲ୍ଲାପାଳ


କେସିଙ୍ଗା,(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣା ପରେ ରାଜ୍ୟ ସରକାରଙ୍କ ପଶିଛି ଚେତା । ଘଟଣାର ପୁନରାବୃତ୍ତି ଯେପରି ନହେବ ସେଥିପ୍ରତି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କମିଟି ଗଠନ କରାଯାଇ ନିଜେ ଜିଲ୍ଲା ମୁଖିଆ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପରିଦର୍ଶନରେ ଯାଇ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଏବଂ ଅଧ୍ୟାପକମାନଙ୍କୁ ସଚେତନ କରାଉଛନ୍ତି । ସେମିତି ଶୁକ୍ରବାର ଦିନ କେସିଙ୍ଗା ମହାବିଦ୍ୟାଳୟରେ ଏକ ସଚେତନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦାନ କରି ଉପସ୍ଥିତ ଛାତ୍ରୀ ମାନଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେବା ସହିତ ଏଣୁ ଏଣିକି ଜିଲ୍ଲାର ସମସ୍ତ ଛୋଟରୁ




ବଡ଼ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଷ୍ଟୁଡେଣ୍ଟ୍ ଗ୍ରୀଭେନ୍ସ ବକ୍ସ ରଖାଯିବ ଓ ଶିକ୍ଷାନୁଷ୍ଠାନରେ ଯାହାବି ସମସ୍ୟା ହେଉଛି ଛାତ୍ରଛାତ୍ରୀମାନେ ସେହି ବକ୍ସ ରେ ନିଜର ସମସ୍ୟା ଜଣାଇ ପାରିବେ ବୋଲି ଜିଲ୍ଲାପାଳ କହିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଆଇ ଏ ଏସ ପ୍ରବେଶନର ଅନିମେଶ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ , ବିଡ଼ିଓ ଜନ୍ମେଜୟ ସ୍ୱାଇଁ ,ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ମୋନାଲିସା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଶିଫଳ

ରବିବାର, ୨୦ ଜୁଲାଇ ୨୦୨୫



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ,, ଯାହା ସମାଜରେ ସମ୍ମାନ ବୃଦ୍ଧି କରିବ । ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢିବା କାରଣରୁ ଚାପରେ ରହିପାରେ । ବିବାହିତ ଜୀବନ ଭଲ ହେବ । ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ । ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ । କାର୍ଯ୍ୟରେ ଅଳ୍ପ ସମୟ ରହିପାରେ ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ । ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ ।




**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ । ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ । ପିକନିକ୍ କିମ୍ବା ଅନ୍ୟ କୌଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ । ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ । ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ । ବିବାହିତ ଜୀବନ ମଧ୍ୟ ସୁଖୀ ହେବ ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ । ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।



**ଧନୁ :** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ । ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ । ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଇଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ । ବୌଦ୍ଧିକ ଏବଂ ଲେଖା କାର୍ଯ୍ୟରେ ସକ୍ରିୟ ହୋଇପାରେ ।




**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ । ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ । ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ । ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ । ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର
ପୃଷ୍ଠା-୧୧
Page-11
ଭୁବନେଶ୍ୱର
Bhubaneswar
୨୦.୦୭.୨୦୨୫
20.07.2025



କେନ୍ଦୁଝର(ଭାସ୍କର ନ୍ୟୁଜ): ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତରେ ସହରାଞ୍ଚଳ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗତକାଲି ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷ, କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,କେନ୍ଦୁଝର ମୁଖ୍ୟ ଅତିଥି ଭାବେ ଯୋଜନା ଅଧିକାରୀ, ଶ୍ରୀ ଅନ୍ନ ଅଭିଯାନ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି କେନ୍ଦୁଝର ଅନ୍ୟାନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରରୁ ମୋଟ ୯ ଜଣ ଇଣ୍ଟର୍ଣ୍ଣସିପ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନେ ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ନିଜ ଇଣ୍ଟର୍ନସିପ୍ ସମୟରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ କୃଷି ଓ ପୋଷଣ ସଚେତନତା, ବଜାର ସମ୍ଭାବନା ବିଶ୍ଳେଷଣ, ଉପଭୋକ୍ତା ପସନ୍ଦ ଆଦି ବିଷୟରେ ଅନୁଷ୍ଠିତ କାର୍ଯ୍ୟରେ ସକ୍ରିୟ ଭାଗ ନେଇଥିଲେ। ସେମାନଙ୍କ ଶ୍ରମ, ଶିକ୍ଷା ଓ ନିଷ୍ଠାକୁ ସମ୍ମାନ ଦେବାପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିମାନେ ଇଣ୍ଟର୍ନସିପ୍ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇ ସେମାନଙ୍କର ଦ୍ୱାରା କୃଷି ଓ ଚାଷୀମାନଙ୍କ ଲାଭ ପାଇଁ କୃତ ସେବାକୁ ସ୍ୱୀକାର କରିଥିଲେ । ସେମାନେ ଭବିଷ୍ୟତରେ ଏହି ଅନୁଭବକୁ ଭଲ ଭାବରେ ବ୍ୟବହାର କରି ଜନସେବା ଓ ଗ୍ରାମୀଣ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଇଣ୍ଟର୍ଣ୍ଣସିପ୍ ଛାତ୍ରଛାତ୍ରୀମାନେ ସେମାନଙ୍କ ଅନୁଭବ,ଶିକ୍ଷା ଓ ଅନୁଷ୍ଠିତ କାର୍ଯ୍ୟ ବିଷୟରେ ସାଂଖ୍ୟିକ ତଥ୍ୟ ଓ ଅନୁଭୂତି ଅନୁପ୍ରେରଣାଦାୟୀ ଭାବରେ ଅଂଶୀଦାର ହୋଇଥିଲେ । କାର୍ଯ୍ୟକ୍ରମ ଶେଷରେ ସେମାନଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ଦ୍ୱାରା ଇଣ୍ଟର୍ଣ୍ଣସିପ୍ ଛାତ୍ରଛାତ୍ରୀଙ୍କ ଦେଖାଯାଇଥିବା ଦୃଢ଼ ପ୍ରତିବଦ୍ଧତା ଓ କାର୍ଯ୍ୟକୁଶଳତା ପ୍ରଶଂସନୀୟ ହୋଇଥିଲା ।

# ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତି ବୈଠକ




ବାରିପଦା(ଭାସ୍କର ନ୍ୟୁଜ୍): ଶାମାଖୁଣ୍ଟା ପଂଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ବିଧାୟିକା , ବାଙ୍ଗିରିପୋଷି ସୁଶ୍ରୀ ସଞ୍ଜଲୀ ମୁର୍ମୁଙ୍କ ଅଧକ୍ଷତାରେ ବାଙ୍ଗରିପୋଷୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ଓ ଅତିରିକ୍ତ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ସି ଡି ଏମ ଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ପି ଏ ଆଇ ଟି ଡିଏ ଶ୍ରୀ ପ୍ରଣୟ ବେହେରା ଓ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ମାନ୍ୟବର ବିଧାୟିକା ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବାସହ କହିଥିଲେଯେ ଆମେ ସମସ୍ତେ ଆମ ନିଜ ନିଜ କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ଯଦ୍ୱାରା ଲୋକମାନେ ଯୋଜନାର ସୁଫଳ ପାଇ ପାରିବେ ।ଉକ୍ତ ବୈଠକରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ମାନ୍ୟବର ବିଧାୟିକା ସମୀକ୍ଷା କରିଥିଲେ। ମୁଖ୍ୟତଃ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ,କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ,ସ୍ୱାସ୍ଥ୍ୟ,ଆଇନ ଶୃଙ୍ଖଳା, ଭୂମି ହୀନଙ୍କୁ ଜମି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗ୍ରାମ୍ୟ ଜଳ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ. ଲୋକଙ୍କ ଜୀବନ ଜୀବିକା ଉନ୍ନତି ପାଇଁ କିଛି ନୂତନ ପ୍ରସ୍ତାବ ଦେବା ପାଇଁ ବିଭିନ୍ନ ବିଭଗୀୟ ଅଧିକାରଙ୍କୁ ପରାମର୍ଶ ଦେଇଥିଲେ। ଏତଦ ବ୍ୟତୀତ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯେଉଁ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଚାଲିଛି ସେଥିରେ ଯଦି ନିମ୍ନମାନର କାର୍ଯ୍ୟ ନଜରକୁ ଆସୁଛି ତେବେ ତୁରନ୍ତ ସମ୍ପୃକ୍ତ କଂଟ୍ରାକଟରଙ୍କୁ କଳା ତାଲିକା ଭୁକ୍ତ କରିବା ପାଇଁ ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶାମାଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମୁନା ସେଠୀ, କୁଳିଅଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଜିତେନ୍ଦ୍ର ମୁର୍ମୁ ଏବଂ ବାଙ୍ଗିରିପୋଷି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରମାନନ୍ଦ ଖଣ୍ଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ବୈଠକ ପରିଚାଳନା ରେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

## ବଟକୃଷ୍ଣ ମଣ୍ଡପକୁ ନେଇ ହରଡ଼ଘଣାରେ ବିଡ଼ିଓ




କଣ୍ଟାପଡା(ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଂଚାୟତ ରେ ଥିବା ବଟକୃଷ୍ଣ ମଣ୍ଡପକୁ ନେଇ ଉପୁଜିଛି ବିବାଦ। ଅଦାଲତ ରେ ମାମଲା ବିଚାର ଚାଲିଥିବା ବେଳେ ସରକାରୀ କାର୍ଯ୍ୟକ୍ରମ କରିବାକୁ ବିଡ଼ିଓ କିଭଳି ଦେଇଛନ୍ତି ଅନୁମତି। ମଣ୍ଡପର ନା ବଟକୃଷ୍ଣ ମଣ୍ଡପ, ବିଡ଼ିଓ ଲେଖିଛନ୍ତି ଗୋବିନ୍ଦପୁର କଲ୍ୟାଣୀ ମଣ୍ଡପ। ମଣ୍ଡପ କୁ ଶାଗ ମାଛ ଦରରେ ଲିଜ ସୂତ୍ରରେ ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ସରପଞ୍ଚ। ସାମ୍ବାଦିକ ସମ୍ମଳନୀ କରି ଅନେକ ଅଭିଯୋଗ ଆଣିଛନ୍ତି ଗୋବିନ୍ଦ ପୁର ସରପଞ୍ଚ ସୁମିତ୍ରା ପାଢ଼ୀ ।ଏହିଭଳି ଅନେକ ଅଭିଯୋଗ ସାମ୍ବାଦିକ ସମ୍ମଳନୀ ରେ କରିଛନ୍ତି ସରପଞ୍ଚ। ଆଜି ବିଧାୟକ ଙ୍କ ସରକାରୀ କାର୍ଯ୍ୟକ୍ରମ ଥିବାବେଳେ କାର୍ଯ୍ୟକ୍ରମ ପୂର୍ବରୁ ସରପଞ୍ଚ ଙ୍କ ସାମ୍ବାଦିକ ସମ୍ମିଳନୀ ଅଡୁଆରେ ପକାଇଛି ପ୍ରଶାସନକୁ ।ଏହି ସାମ୍ବାଦିକ ସମ୍ମିଳନୀ ରେ ବିଜେଡି ନେତା ଅଭିମନ୍ୟୁ ମଲିକ, ନାଏବ ସରପଞ୍ଚ ସରିତା ନାୟକ ଉପସ୍ଥିତ ରହିଥିଲେ।

## ଉଡ଼ନ୍ତା ରେଳ ପୋଲରେ ସୋଲାର ଲାଇଟ୍ କାର୍ଯ୍ୟ ଆରମ୍ଭ

### ବରିଷ୍ଠ ନାଗରିକ ମଞ୍ଚର ଦାବି ପୂରଣ

ଜଳେଶ୍ୱର (ଭାସ୍କର ନ୍ୟୁଜ):ଦୀର୍ଘ ଦୁଇବର୍ଷ ଧରି ଜଳେଶ୍ୱର ସହର ମଧ୍ୟଦେଇ ନିର୍ମାଣ ହୋଇଥିବା ଉଡନ୍ତା ରେଳ ପୋଲରେ ଆଜି ସୋଲର ଲାଇଟ ରୋପଣ ଆରମ୍ଭ ହୋଇଛି । ଫଳରେ ଦୀର୍ଘଦିନ ଧରି ବରିଷ୍ଠ ନାଗରିକ ମଂଚର ଦାବୀ ପୂରଣ ହୋଇଛି । ପ୍ରକାଶଯୋଗ୍ୟ ଦୀର୍ଘ ଦେଡବର୍ଷ ଧରି ଉଡନ୍ତାପୋଲ ଉପରେ ଯାନ ଯାତାୟାତ ହେଉଥିଲେ ମଧ୍ୟ ଆଲୋକିକାରଣ ବ୍ୟବସ୍ଥା ନ ଥିବାରୁ ବହୁ ଦୁର୍ଘଟଣା ସହିତ ପୋଲ ଉପରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିଲା । ଜଳେଶ୍ୱର ପୌର ପରିଷଦ ଅଧିନ ନଷ୍ଟଆବଜାର ୪୫ନଂ ରେଳ ଲେଭେଲ କ୍ରସିଂ ଠାରେ ଉଡନ୍ତା ରେଳପୋଲ ଲାଗି ୨୦୧୮ରେ କାର୍ଯ୍ୟ ଆରମ୍ଭ ହୋଇଥିଲା।୨୦୨୪ ଏପ୍ରିଲ ମାସରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଏହା ଉଦ୍‌ଘାଟନ ହୋଇପାରିନଥିଲେ ମଧ୍ୟ ଆବଶ୍ୟକତାକୁ ଲକ୍ଷ୍ୟ ଜଳେଶ୍ୱର ବରିଷ୍ଠ ନାଗରିକ ମଂଚ ଯାନବାହନ ଚଳାଚଳ ଲାଗି ଉଦ୍‌ଘାଯନ କରିଥିଲେ । ପ୍ରକାଶଯୋଗ୍ୟ ଗତ ଜୁନ୍ ମାସ ୨ୟ ସପ୍ତାହରେ ପ୍ରଧାନମନ୍ତ୍ରୀ ଏହାକୁ ବିଧିବଦ୍ଧଭାବେ ଉଦ୍‌ଘାଟନ କରିଛନ୍ତି । କିନ୍ତୁ ପୋଲରେ ଆଲୋକୀକରଣ ନ ଥିବାରୁ ବରିଷ୍ଠ ନାଗରିକ ମଂଚ ବାରମ୍ବାର ଆନ୍ଦୋଳନ ପାଇଁ ପ୍ରସ୍ତୁତି ନେଇଥିଲେ ମଧ୍ୟ ପୁତ୍ତବିଭାଗର ଅନୁରୋଧକ୍ରମେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଶେଷରେ ପୌରପରିଦେ ଅଧ୍ୟକ୍ଷ ପ୍ରତୀପ ପ୍ରଧାନଙ୍କ ପ୍ରଚେଷ୍ଟାରେ ‘ସଂସ୍କୃତି ଏସୋସିଏଟ’ ନାମକ କମ୍ପାନୀ ପୋଲରେ ସୋଲାର ଲାଇଟ ଲଗାଇବାଲାଗି ଟେଣ୍ଡର ନେଇଥିଲା । କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଆସନ୍ତା ୨୩ତାରିଖରେ ବରିଷ୍ଠ ନାଗରିକ ମଂଚ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଲିଖିତଭାବେ ଜଣାଇଥିଲା । ଆଜି ଏହି ଲାଇଟପୋଷ୍ଟ ରୋପଣ କାର୍ଯ୍ୟକୁ ବିଧିବଦ୍ଧଭାବେ ଆରମ୍ଭ କରାଯାଇଛି । ୧କୋଟି ୧୭ଲକ୍ଷ ଟଙ୍କା ବ୍ୟୟରେ ୯୬ଟି ସୋଲର ଖୁଣ୍ଟି ଲଗା ଯିବ ବୋଲି ପୌରପାଳ ଶ୍ରୀ ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକୁ ପୌରପରିଷଦ ତଦାରଖ କରିବାର ଦାୟିତ୍ୱ ନେଇଥିବା ବେଳେ ବରିଷ୍ଠ ନାଗରିକ ମଂଚ ପ୍ରଚେଷ୍ଟା ଓ ଗଣମାଧ୍ୟମ ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ ଦ୍ୱାରା ସଫଳତା ମିଳିଥିବାରୁ ପୌରପାଳ ଧନ୍ୟବାଦ ଜଣାଇଛନ୍ତି ।

# ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ



କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ୯ ନମ୍ବର ଯୋନ ୮ ଗୋଟି ପଂଚାୟତରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । କଣ୍ଟାପଡା ଡାକ ବଙ୍ଗଳା ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ମୁଖ୍ୟ ଅତିଥିଭାବେ ନିଆଳି ବିଧାୟକ ଛବି ମଲିକ ଯୋଗ ଦେଇ ୮ ଗୋଟି ପଂଚାୟତ ର ୪୪ ଜଣ ଙ୍କୁ ନୂତନ ଭତ୍ତା, ୬୩ ପରିବାରକୁ ଅନ୍ତୋଦୟ ଯୋଜନା ରେ ଘର, ୭୦ ରୁ ଉର୍ଦ୍ଧ ଭତ୍ତା ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ, ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ବରାଳ,କଣ୍ଟାପଡା ଆତ୍ମା ଅଧ୍ୟକ୍ଷ ପ୍ରଦୀପ ପାତ୍ର, କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ, କଣ୍ଟାପଡା ଯୋଗାଣ ବିଭାଗ ଅଧିକାରୀ ମୋଚିରାମ ଦାଶ, ଦିଲୀପ ପ୍ରଧାନ ଉପସ୍ଥିତ ରହିଥିବା ବେଳେ ୮ ଗୋଟି ପଂଚାୟତରୁ ବ୍ରାହ୍ମଣ ବାଟି ସରପଞ୍ଚ ସଂଜୟ ରାଉତରାୟ, ଡ଼ିମିରି ସରପଞ୍ଚ ଅଭିଷେକ ମହାପାତ୍ର ଙ୍କ ସମେତ ବ୍ଲକ ର ଅନେକ ବିଭାଗ ର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ଝାମ୍ପିନେଲେ ୮୦ହଜାର ଟଙ୍କା

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ସହରର ହାଟଛକ ସମ୍ମୁଖ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଟଙ୍କା ଉଠାଣ କରି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଳିପାଳ ଗାଁର ପ୍ରଦୀପ କୁମାର ଘୋଷ ଘରକୁ ଫେରୁଥିବା ବେଳେ ଜଳେଶ୍ୱରର ବାସନ୍ତୀ ପଡିଆ ଠାରେ କିଛି ଦୁର୍ବୃତ୍ତ ତାଙ୍କର ୮୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି। ଘଟଣାରୁ ପ୍ରକାଶ ପ୍ରଦୀପ ଘୋଷ ସ୍ତ୍ରୀଙ୍କ ସହିତ ଜଳେଶ୍ୱର ଆସି ଦିନ ୧ଟାରେ ଟଙ୍କା ଧରି ଘରକୁ ଫେରୁଥିଲେ । ତାଙ୍କ ସ୍ତ୍ରୀ ଟଙ୍କା ବ୍ୟାଗ୍‌ଟି ଧରିଥିବା ବେଳେ ହେଲମେଟ ପିନ୍ଧିଥିବା ଦୁଇ ଯୁବକ ଏକ ପଲସରରେ ଆସି ବାଇକ୍‌ରେ ବସିଥିବା ପ୍ରଦୀପଙ୍କ ସ୍ତ୍ରୀଙ୍କ ହାତରୁ ବ୍ୟାଗ୍‌ଟି ଛଡାଇ ନେଇ ଦ୍ରୁତଗତିରେ ଅଗ୍ରୱାଲା ଛକଆଡକୁ ପଳାଇ ଯାଇଥିଲେ । ଏ ସଂପର୍କରେ ଏକ ମାମଲା ରୁଜୁ କରି କେତେକ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଥିବା ଜଳେଶ୍ୱର ଏଏସ୍‌ଆଇ ଦିଲ୍ଲିପ ମୁଖୀ କହିଛନ୍ତି । ପ୍ରକାଶଯୋଗ୍ୟ ଜଳେଶ୍ୱରରୁ ବାରମ୍ବାର ଛିନ୍‌ତାଇ, ଲୁଟ, ଚୋରୀ, ରାହାଜାନୀ ଭଳି ଘଟଣା ଘଟୁଥିଲେ ମଧ୍ୟ ପୋଲିସ୍ ଏହାର ଟେର ପାଉନାହିଁ । ଫଳରେ ଦିନ ଦ୍ୱିପ୍ରହରରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ।

# ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ସୋରଡ଼ା (ଭାସ୍କର ନ୍ୟୁଜ୍): ସୋରଡ଼ା ବ୍ଲକ ବୋରସିଂ ପଞ୍ଚାୟତ ବୋରସିଂ ଠାରେ ୧୯୮୧ ମସିହାରେ ପ୍ରତିଷ୍ଠିତ ଶ୍ରୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଗାତାର ତିନୋଟି ଶିକ୍ଷା ବର୍ଷ ଅର୍ଥାତ୍ ୨୦୨୨-୨୩, ୨୦୨୩-୨୪ଓ ୨୦୨୪-୨୫ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଶିକ୍ଷାର୍ଥୀ ସଫଳତା ହାସଲ କରି ସମଗ୍ର ଗଞ୍ଜାମ ଜିଲ୍ଲାରେ ଉଦାହରଣ ସୃଷ୍ଟି କରିଛି । ଏଥିପାଇଁ ସ୍ଥାନୀୟ ବାସିନ୍ଦା ଓ ଏସ. ଏମ. ସି ସଦସ୍ୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସମ୍ବୋଧିତ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ନିଜର ନିଆରା ଶିକ୍ଷା ଦାନ ଓ ସ୍ୱଚ୍ଛ ବିଦ୍ୟାଳୟ ପରିବେଶ ପାଇଁ ୨୦୨୨ ମସିହାରେ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ମଧ ହାସଲ କରି ବିଦ୍ୟାଳୟ ଗୌରବକୁ ବଜାୟ ରଖିଛି । ବିଗତ ତିନି ବର୍ଷର ରେକର୍ଡ଼ କହୁଛି ବିଦ୍ୟାଳୟର ଅନୁସୂଚିତ ଜାତି , ଜନଜାତି ଓ ପଛୁଆ ବର୍ଗର ସମସ୍ତ ଛାତ୍ର ଛାତ୍ରୀ ସରକାରଙ୍କ ପ୍ରଦତ୍ତ ସ୍କୋଲାରସିପ ପାଉଛନ୍ତି , ଯାହାକି ଗଞ୍ଜାମ ଜିଲ୍ଲାର ଅନ୍ୟାନ ବିଦ୍ୟାଳୟ ତୁଳନାରେ ଅଗ୍ରଣୀ ଭୂମିକା ହାସଲ କରିଛି । ୨୦୨୪-୨୫ ଶିକ୍ଷା ବର୍ଷରେ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ବିଦ୍ୟାଳୟରେ ଯୁକ୍ତ ଦୁଇ ଖୋଲିଛି । ବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ଓ ନିୟମିତ ଶିକ୍ଷାଦାନ ପ୍ରତି ଉତ୍ସାହିତ ହୋଇ ବିଗତ ବର୍ଷ ୮୫ ଜଣ ଶିକ୍ଷ୍ୟାର୍ଥି ଯୁକ୍ତ ଦୁଇରେ ନାମ ଲେଖିଛନ୍ତି ଓ ଚଳିତ ବର୍ଷ ନାମ ଲେଖା ପ୍ରକ୍ରିୟା ଚାଲୁରହିଛି । ଦୁଃଖର କଥା ଉପଯୁକ୍ତ କିରାଣୀ ଅଭାବରୁ ବିଦ୍ୟାଳୟର ଅଫିସ କାର୍ଯ୍ୟ ସମ୍ପାଦିନ କରିବା ପାଇଁ ନିଜେ ପ୍ରଧାନ ଶିକ୍ଷକ ବିଓ , ଡିଓ ଅଫିସ, ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସକୁ ଯିବାକୁ ପଡୁଛି ତତ୍ ସହିତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଅଫିସ କାର୍ଯ୍ୟ ସମ୍ପାଦନ କରିବାକୁ ହେଉଛି ,ତେଣୁ ସ୍କୁଲ କାର୍ଯ୍ୟ ଓ ଶିକ୍ଷାଦାନ ସମ୍ପାଦନ କ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେଉଛି । ଏଭଳି ସମସ୍ୟା ମଧ୍ୟରେ ବି ଏକ ସ୍ୱଚ୍ଛ , ଶୃଙ୍ଖଳିତ , ଆଦର୍ଶ , ସଫଳ ଶିକ୍ଷାନୁଷ୍ଠାନ ଗଠନ ପାଇଁ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଶତ ପ୍ରତିଶତ ଉଦ୍ୟମକୁ ସ୍ଥାନୀୟ ଅଭିଭାବକ , ବୁଦ୍ଧିଜୀବୀ , ଶିକ୍ଷାବିତ ଓ ଏସ. ଏମ. ସି ସଦସ୍ୟ ପ୍ରଶଂସା କରିଛନ୍ତି ଓ ବିଦ୍ୟାଳୟ ଭିତିଭୂମି ବିକାଶ ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସକାଶେ ସରକାରଙ୍କୁ ନିବେଦନ କରିଛନ୍ତି ।

# ଆତଙ୍କସୃଷ୍ଟିକାରୀ ପାଗଳ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍



ଗୋପ(ଭାସ୍କର ନ୍ୟୁଜ୍): ତିନି ଦିନ ଧରି ଗୋପ ବ୍ଲକ ଅନ୍ତର୍ଗତ ଦିହୁଡା ପୋଇତରା ଗ୍ରାମରେ ଆତଙ୍କ ସୃଷ୍ଟି କରିଥିବା ଏକ ପାଗଳ ମାଙ୍କଡକୁ ଟ୍ରାଙ୍କୁଲାଇଜ୍ କରିଛି ବନ ବିଭାଗ। ଶୁକ୍ରବାର ସକାଳ୬ ଟାରେ ନନ୍ଦନ କାନନ ରୁ ଆସିଥିବା କର୍ମଚାରୀ ମାନେ ଟ୍ରାଙ୍କୁଲାଇଜ କରି ମାଙ୍କଡ଼କୁ ଧରିଛନ୍ତି । ଦୀର୍ଘ ୭୫ ଘଣ୍ଟାର ଅପରେସନ ପରେ ଗୋପ ବନ କର୍ମଚାରୀ ମାନେ ସଫଳତା ପାଇଛନ୍ତି । ଫଳରେ ଦୁଇଟି ଗ୍ରାମର ଲୋକମାନେ ଏକରକମ ଆଶ୍ୱସ୍ତ ଲାଭ କରିଛନ୍ତି । ମାଙ୍କଡ଼ ଟିକୁ ଧରି ଗୋପ ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଛି, ମାଙ୍କଡ଼ ଟିର ଚିକିତ୍ସା ଚାଲିଛି, ସୁସ୍ଥ ହେବା ପରେ ତାକୁ ଜଙ୍ଗଲ ରେ ଛଡ଼ାଯିବ ବୋଲି ଫରେଷ୍ଟର ବିଜୟଲକ୍ଷ୍ମୀ ବଳ କହିଛନ୍ତି, ଗତ ତିନି ଦିନ ରେ ମାଙ୍କଡ଼ କାମୁଡ଼ାରେ ୨୫ ରୁ ଉର୍ଦ୍ଧ୍ୱ ଆହତ ହୋଇଥିବାବେଳେ ଦୁଇ ଜଣ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ଏପରିକି ମାଙ୍କଡକୁ ଧରିବାକୁ ଯାଇ ଗୋପ ବନ ବିଭାଗ ଦ୍ୱାରା ମାଙ୍କଡ଼ କୁ ଧରିବାକୁ ଯାଇ ବନବିଭାଗ କର୍ମଚାରୀ ସୁବ୍ରତ କୁମାର ସାହୁ ଗୁରୁତର ଭାବେ ଗୋପ ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି । ତିନିଦିନ ହେବ ଉକ୍ତ ଗ୍ରାମବାସୀଙ୍କ ଡାଟି କବାଟ ପଡ଼ିଯାଇଥିବା ବେଳେ ଲୋକମାନେ ଠେଙ୍ଗାବାଡି ଧରି ଘର ଜଗି ରହୁଥିଲେ । ଦୁଇଟି ଗ୍ରାମର ୩୦୦ ରୁ ଉର୍ଦ୍ଧ୍ୱ ପରିବାର ର ଲୋକମାନେ କବାଟ ବନ୍ଦ କରି ଘରେ ଲୁଚି ରହୁଥିବା ବେଳେ ବନବିଭାଗ ର ଅକ୍ଳାନ୍ତ ପରିଶ୍ରମ ଗ୍ରାମବାସୀଙ୍କ ନିମନ୍ତେ ଆଶ୍ୱସ୍ତି ଆଣିଛି । ଏହି ମାଙ୍କଡକୁ କାବୁ କରିବା ପାଇଁ ଗୋପ ବନ ଅଧିକାରୀଙ୍କ ସମେତ ବନରକ୍ଷୀ ବିଜୟ ଲକ୍ଷ୍ମୀ ବଳ,ବନପାଳ ପୁଷ୍ପାଞ୍ଜଳି ଦାଶ ସାମିଲ ହୋଇଥିଲେ।

# ପାନୀୟ ଜଳ ଅବ୍ୟବସ୍ଥା ଓ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଦାବିପତ୍ର



ତାଳଚେର(ଭାସ୍କର ନ୍ୟୁଜ୍): ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମ ପଂଚାୟତରେ ପାନୀୟ ଜଳ ସୁପରିଚାଳନା ବ୍ୟବସ୍ଥା ଓ ସିଏସଆର କାର୍ଯ୍ୟ ଅହେତୁକ ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପଂଚାୟତବାସୀଙ୍କ ତରଫରୁ ଆଜି ଏକ ଦାବୀପତ୍ର ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇ ଦାବୀଗୁଡ଼ିକ ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଜଣାଇ ଦିଆଯାଇଛି । ବର୍ତ୍ତମାନ ଘଣ୍ଟପଡା ପଂଚାୟତରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି । ସେହିପରି ପଂଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ମଧ ହୋଇପାରୁନାହିଁ । ଏହି ସମସ୍ତ ପ୍ରସଙ୍ଗକୁ ନେଇ ପଂଚାୟତବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବା ପାଇଁ ଗତ ତା୧୭.୦୯.୨୦୨୪ରିଖରେ ପତ୍ର ମାଧ୍ୟମରେ ପ୍ରଶାସନକୁ ଜଣାଯାଇଥିଲା । ସମସ୍ୟାର ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଏମ୍.ସି.ଏଲ କର୍ତ୍ତୃପକ୍ଷ, ଆରଡବ୍ଲ୍ୟୁଏସଏସ ବିଭାଗ ଏବଂ ପଂଚାୟତବାସୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଦ୍ୱାରା ସମାଧାନ “ଚୁକ୍ତିପତ୍ର” ସ୍ୱାକ୍ଷର ହୋଇ ୬ ରୁ ୭ ମାସ ଭିତରେ ପାନୀୟ ଜଳର ସମସ୍ୟା ସହିତ ଅନ୍ୟାନ୍ୟ କାର୍ଯ୍ୟଗୁଡିକ ସଂପୂର୍ଣ୍ଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା । ତେବେ ଉକ୍ତ ଦାବୀଗୁଡ଼ିକ ଉପରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟର ଅଗ୍ରଗତି ହୋଇପାରିନାହିଁ । ଏଠାରେ ଲୋକମାନେ ପ୍ରଦୁଷଣରେ ପ୍ରଭାବିତ ହୋଇ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରୁଛନ୍ତି । କିନ୍ତୁ ତାହାର ପ୍ରତିକାର ପାଇଁ କମ୍ପାନୀ କର୍ତ୍ତୃପକ୍ଷ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ ବୋଲି ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ପଂଚାୟତବାସୀଙ୍କୁ ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ,ଡ୍ରେନ ନିର୍ମାଣ,କଲ୍ୟାଣ ମଣ୍ଡପ ପ୍ରତିଷ୍ଠା, ଜଳସେଚନ ବ୍ୟବସ୍ଥା,ରାସ୍ତା ଆଲୋକୀକରଣ,ମାର୍କେଟ କମ୍ପ୍ଲେକ୍ସ ଓ ରାସ୍ତାଘାଟ ନିର୍ମାଣ ଏବଂ ପଂଚାୟତର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ସମ୍ପୃକ୍ତ କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରିଥିଲେ। କିନ୍ତୁ ଅଦ୍ୟାବଧି କିଛି ଦାବୀ ମଧ ପଣ୍ଟରଣ କରାଯାଇନାହିଁ । ଏଣୁ ଏହି ଦାବୀପତ୍ର ଦେବାର ୭ ଦିନ ମଧ୍ୟରେ କୌଣସି ସମାଧାନ ନହେଲେ ପଂଚାୟତବାସୀଙ୍କ ତରଫରୁ ରେଳରୋକ ସହିତ ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବାକୁ ଜଣାଇ ଦିଆଯାଇଛି । ଏଥିସହ ଏହାର ଏକାକିତ ନକଲ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ,ଅନୁଗୋଳ ଜିଲ୍ଲାପାଳ, ଜଗନ୍ନାଥ କ୍ଷେତ୍ରର ଜିଏମ୍ ଅଶୋକ କୁମାର ଧଳ,ଲିଙ୍ଗରାଜ ଜିଏମ୍ ସୁବ୍ରତ ବିଶ୍ୱାଳ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଓ କୋଲିୟରୀ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଘଣ୍ଟପଡ଼ା ଗ୍ରମା ପଂଚାୟତର ସରପଂଚ ଶସ୍ମିତା ବିଶ୍ୱାଳ,ନାଏବ ସରପଂଚ ରାଜୀବ ଦାସ,ଅମୀୟ ରନ୍ ସାହୁ, ହରେଶ ଦାସ,ପୂର୍ବତନ ସରପଂଚ ସୁନିଲ ବିଶ୍ୱାଳ, ଅବିନାଶ ସାହୁ,ଅଶୋକ କୁମାର ଦାସ,ଲିପୁ ଦେହୁରୀ,ଅନିଲ ପ୍ରଧାନ,ଆରବ ସାହୁ ଏବଂ ମଣ୍ଟୁ ସାହୁଙ୍କ ତରଫରୁ ଏହି ଦାବୀପତ୍ର ପ୍ରଦାନ କରାଯାଇ ବିହିତ ପଦକ୍ଷେପ ନେବା ପାଇଁ କୁହାଯାଇଛି ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




ଟାଙ୍ଗୀ(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ କୁହୁଡ଼ି ଗ୍ରାମରେ ଥିବା କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ହେମନ୍ତ କୁମାର ଜେନା ଙ୍କୁ ଚାକିରୀରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସ୍କୁଲ ପକ୍ଷରୁ ଦିଆଯାଇଛି । ଆଇନଜୀବୀ ତଥା ବରିଷ୍ଠ ସମାଜସେବୀ ମନୋଜ କୁମାର ମାନସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସିଂହ ଙ୍କ ସମେତ ଶେଷଦେବ ଦାସ, ଚନ୍ଦ୍ରଶେଖର କର, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭାଷିନୀ ଦେଇ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା , ସସ୍ମିତା ପାଇକରାୟ, ଭକ୍ତିଲତା ମହାପାତ୍ର ଓ କାହ୍ନୁ ଚରଣ ବେହେରା ପ୍ରମୁଖ ସାମିଲ ହୋଇ ଚାକିରୀରୁ ବିଦାୟ ନେଇଥିବା ଶିକ୍ଷକଙ୍କ କର୍ତ୍ତବ୍ୟ, ପ୍ରତିବଦ୍ଧତା ଓ ଛାତ୍ର ବତ୍ସଳତା ଆଦି ଗୁଣ ସମ୍ପର୍କରେ ମତବ୍ୟକ୍ତ ରଖିଥିଲେ ଏବଂ ତାଙ୍କର ଶାନ୍ତ, ସରଳ ସ୍ୱଭାବ ସାଙ୍ଗକୁ ପ୍ରଶିକ୍ଷଣ ଶୈଳୀ ସମ୍ପୂର୍ଣ୍ଣ ନିଆରା ଥିଲା ବୋଲି ବିଦ୍ୟାଳୟର ଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ । ପୁଷ୍ପମାଲ୍ୟ , ଉପଢୌକନ ପ୍ରଦାନ କରାଯାଇ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଜେନା ଙ୍କୁ ସ୍କୁଲରୁ ସହକର୍ମୀ ଓ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ବିଦାୟ ଦେଇଥିଲେ ।

## ସ୍ୱୟଂପ୍ରଭା ସାହିତ୍ୟ ସଂସଦର ଚାରାରୋପଣ



ବରଗଡ଼(ଭାସ୍କର ନ୍ୟୁଜ୍):ସ୍ୱୟଂପ୍ରଭା ସାହିତ୍ୟ ସଂସଦ ସଦସ୍ୟା ଜୟଶ୍ରୀ ଦାସ ସମସ୍ତ ବୃକ୍ଷ ଯୋଗାଇଥିଲେ, ଅନୁଷ୍ଠାନର ସଦସ୍ୟମାନେ ଏବଂ ରାଣା ପ୍ରତାପ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସହାୟତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବହୁତ୍ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଥିଲା ।

# ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ




ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ କଟକ-ବାରବାଟୀ ଓ ଚୌଦ୍ୱାର ସିମ୍ରକ ମେଗା କିଡ ପ୍ଲେ ସ୍କୁଲର ମିଳିତ ଆନୁକୂଲ୍ୟରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସହକାରୀ ନିର୍ଦ୍ଦେଶକ ତାପସ ରଞ୍ଜନ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ପ୍ରେସିଡେଣ୍ଟ ପ୍ରଣବ ଚୌଧୁରୀ, ରୋଟାରିଆନ ଭରତ ମହାନ୍ତି, ପରିବେଶବିତ୍ ତ୍ରିଗୁଣ ଦାସମହାପାତ୍ର, ଦେବାଶିଷ ମହାରଣା, ରଶ୍ମୀ ମହାରଣା, ରାଜେଶ ରଞ୍ଜନ କର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ପିଲା ମାନଙ୍କୁ ବୁଝାଇବା ସହିତ ସ୍କୁଲ ପରିସରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ । ସ୍କୁଲ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ପଣ୍ଡା, ବିକାଶ ଚନ୍ଦ୍ର ଗୋଛି, ଆଶୁତୋଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ତଳସାହି ବିଦ୍ୟାଳୟରେ ଶିକ୍ଷକ ଅଭାବ




ମାଥିଲି (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅନ୍ତର୍ଗତ ତଳସାହି ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ସମୟ ଧରି ଶିକ୍ଷକ ଅଭାବ ଦେଖାଯାଉଛି । ଏହି ବିଦ୍ୟାଳୟରେ ଶିକ୍ଷକ ନଥିବା କାରଣରୁ ପଢ଼ାଶୁଣାରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି । ଛାତ୍ରଛାତ୍ରୀମାନେ ଆବଶ୍ୟକ ମାନବ ସମ୍ପଦର ଅଭାବରେ ଶିକ୍ଷା ଠାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ କେତେବେଳେ ଅନୁରୋଧ ଜଣାଯାଇଛି, କିନ୍ତୁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନେକ ଛାତ୍ରଛାତ୍ରୀ ଥିବା ସତ୍ତ୍ୱେ ଅଳ୍ପ ଶିକ୍ଷକ ଥିବା ଯୋଗୁଁ ପାଠ୍ୟକ୍ରମ ଠିକ୍ ଭାବରେ ଅନୁଷ୍ଠିତ ହେଉନାହିଁ। ଏହି ସମସ୍ୟା ମାନବୀୟ ଏବଂ ଶିକ୍ଷା ଅଧିକାର ସମ୍ବନ୍ଧୀୟ ଦୃଷ୍ଟିରୁ ଅତ୍ୟନ୍ତ ଗମ୍ଭୀର। ଗ୍ରାମବାସୀ ଏହି ଅଭିଯୋଗକୁ ଗୁରୁତ୍ୱ ସହ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଛନ୍ତି ଓ ଶିଘ୍ର ଶିକ୍ଷକ ନିଯୁକ୍ତି ଦ୍ୱାରା ଏହି ଅଭାବକୁ ଦୂର କରିବା ପାଇଁ ଅନୁରୋଧ କରିଛନ୍ତି। ସମ୍ପୃକ୍ତ ଶିକ୍ଷା ଅଧିକାରୀମାନେ ଯଦି ଏହା ଉପରେ ଯଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ନେଇନଥିବେ, ତେବେ ଜିଲ୍ଲାପାଳ ଓ ରାଜ୍ୟ ଶିକ୍ଷା ବିଭାଗ ମଧ୍ୟରେ ଅନୁରୋଧ ରଖାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।